Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା

୩୩ ଅଙ୍କ ୩ | ୨୫ ସଂଖ୍ୟା

ତା ୧୮ ତଣ ମାହେ ଜୁନ ସନ ୧୮୯୮ ଖ୍ରିଷ୍ଟାବ୍ଦ । ମୁ। ତା ୭ ଅଷାଢ଼ ସନ ୧୩୦୫ ସାଲ ଶନିବାର ।

ଅଗ୍ରୀମ ଟ ୩ | ପଶ୍ଚାଦେୟ ଟ ୪

ଭାରତ ଗବର୍ଣ୍ଣମେଣ୍ଟ ବିଲାତଠାରେ ଏକ କୋଟୀ ପାଉଣ୍ଡ ଋଣ କରୁଥିବା ବିଷୟ ଗତ ମାସ ତା ୭ ରିଖର ପାର୍ଲିଆମେଣ୍ଟ ସଭାରେ ପ୍ରସ୍ତାବ ହୋଇ ଧାର୍ଯ୍ୟ ହୋଇଯାଇଥିବାର ସମ୍ବାଦ ମିଳଇ । ଭବିଷ୍ୟତର କାର୍ଯ୍ୟରେ ଏ ଟଙ୍କା ବ୍ୟୟ ହେବ ।

---

ମହାମାରୀ ପ୍ଲେଗ ଭୟରେ ବିଦେଶୀମାନଙ୍କୁ ଆପଣା ରାଜ୍ୟକୁ ଆସିବାକୁ ନ ଦେବା ପକ୍ଷରେ ନେପାଳର ଦରବାର ବିଶେଷ ସାବଧାନ ହୋଇ କଠିନ ନିୟମ ଜାରି କରିଅଛନ୍ତି । ସୁତରାଂ ସେ ଦେଶକୁ ବିଦେଶୀ ଲୋକ ଯିବାର ବିସ୍ତର ଊଣା ହୋଇଅଛି । ମାତ୍ର ଏବେ କଡ଼ାକଡ଼ିରେ କାଠମଣ୍ଡୁଠାରେ ଥରେ ମହାମାରୀ ଉପସ୍ଥିତ ହେଲେ ଯେ ତାହା ଭୟାନକ ହେବ ତହିଁରେ ସନ୍ଦେହ ନାହିଁ କାରଣ ସେଠାର ଅଧିକାଂଶ ସ୍ଥାନ ନିତାନ୍ତ ମଇଳା ଅଟେ ।

---

ଗତମାସ ତା ୫ ରିଖରେ ଲଣ୍ଡନ ନଗର କାଲଭର୍ଟପାର୍କଠାରେ ମୃତ ମହାତ୍ମା ଗ୍ଲାଡ୍‌ଷ୍ଟୋନ ସାହେବଙ୍କ ସ୍ମରଣାର୍ଥ ଏକ ବିରାଟ ସଭା ହୋଇଥିଲା । ତହିଁରେ ଅନେକ ସହସ୍ର ଲୋକେ ସମୁପସ୍ଥିତ ହୋଇଥିଲେ । ସେ ୬ ଟି ମଞ୍ଚରୁ କେତେକଜଣ ପାର୍ଲିଆମେଣ୍ଟର ମେମ୍ବର ଏବଂ ପାଦ୍ରୀ ସାହେବମାନେ ବକ୍ତୃତା କରିଥିଲେ । ପରିଶେଷରେ ମୃତ ମହାତ୍ମାଙ୍କ ପତ୍ନୀଙ୍କ ନିକଟକୁ ସମବେଦନାସୂଚକ ପତ୍ର ଲେଖା ଯିବାର ସ୍ଥିର ହୋଇ ସଭା ଭଙ୍ଗ ହେଲା ।

---

ଗତ ବୁଧବାରଠାରୁ ସାଧାରଣ ମୌସୁମୀ ବୃଷ୍ଟି ଆରମ୍ଭ ହୋଇଅଛି । ସୋମବାର ଦିନଠାରୁ ଆକାଶରେ ଅନେକ ମେଘମାଳା ବିଚରଣ କରି ଶେଷକୁ ଗମ୍ଭୀର ଗର୍ଜ୍ଜନ ଓ ବିଦ୍ୟୁଦାମ ସହିତରେ ବୁଧବାର ଦୁଇପ୍ରହର ସମୟରେ ଦୁଇଘଣ୍ଟା ଘୋର ବୃଷ୍ଟି ହୋଇଥିଲା । ସେଦିନ ସନ୍ଧ୍ୟା ସମୟରୁ ବର୍ଷାକାଳୋଚିତ ମେଘ ଘୋଟି ରହିଥିଲେହେଁ ଶେଷ ରାତ୍ରରେ ପୁଣି ଉତ୍ତମ ଅଶ୍ରାବ ବୃଷ୍ଟି ହେଲା । ଏ ବୃଷ୍ଟି ଫସଲପକ୍ଷେ ନିତାନ୍ତ ଉପକାରୀ ହୋଇଅଛି ଏବଂ ନଦୀମାନ ଶୀଘ୍ର ବୃଦ୍ଧି ହେବାର ଆଶା ଜନ୍ମାଇଅଛି ।

---

ମୌସୁମୀ ବୃଷ୍ଟି ପ୍ରବେଶ ହେବା ସଙ୍ଗେ ୨ ଗତ ବୁଧବାରଦିନ ସନ୍ଧ୍ୟାରେ ମେକେଞ୍ଜିର ସାହେବ କଲିକତାରୁ ତୋଫାନର ସମ୍ବାଦ ପାଇ ଥିବାର ନିଶାନ ଏ ନଗରରେ ଉଠାଯାଇ ଲୋକମାନଙ୍କୁ ସାବଧାନ କରାଇ ଦିଆ ଯାଇଥିଲା । ତୋଫାନ ଗୋପାଳପୁର ଓ ପୁରୀ ମଧ୍ୟବର୍ତ୍ତି ସ୍ଥାନରେ ଉତ୍ତରକୁ ଗତି ବିସ୍ତାର କରୁଥିବାର ସମ୍ବାଦ ଆସିଥିଲା । ଗତ ଗୁରୁବାର ପ୍ରତ୍ୟୁଷରେ ସାମାନ୍ୟ ତୋଫାନର ଚିହ୍ନ ଏ ନଗରରେ ଦେଖା ଯାଇଥିବାରୁ ଅନୁମାନ ହୁଅଇ ସମୁଦ୍ର କୂଳରେ ତୋଫାନ ଚାଲିଗଲା । ସବିଶେଷ ସମ୍ବାଦ ଅଦ୍ୟାପି ମିଳ ନାହିଁ ।

---

କରଦା ଷ୍ଟେଟାନ୍ତର୍ଗତ ପିଲଭାଇ ଗ୍ରାମର ରାଜପୁତ ଜାତୀୟ ଲୋକେ ଜରିବ କାର୍ଯ୍ୟରେ ନିଯୁକ୍ତ ହୋଇଥିବା ଲୋକଙ୍କୁ ଆକ୍ରମଣ କରିଥିବାର ସମ୍ବାଦ ମିଳଇ । ବିଦ୍ରୋହ ନିବାରଣ କରଣାର୍ଥ କରଦାଠାରୁ ସେନା ପଠା ଯାଇଥିଲା ମାତ୍ର ଲୋକେ ନ ମାନିବାରୁ ରୀତିମତ ଲଢ଼ାଇ ହେଲା । ଅତି ଅଳ୍ପ ସମୟ ମଧ୍ୟରେ ସୈନିକମାନେ ସେମାନଙ୍କୁ ପରାସ୍ତ କରି ତାଙ୍କର ସରଦାର ସହିତରେ ଅନେକ ଲୋକଙ୍କୁ ବନ୍ଦୀ କରିଅଛନ୍ତି । ଏଥିରେ ଜ ୪ ଣ ରାଜପୁତ ହତ ଏବଂ ଅନେକ ଆହତ ହୋଇଅଛନ୍ତି । ସିପାହୀଙ୍କ ମଧ୍ୟରୁ ଜ ୨ ଣ ସାମାନ୍ୟ ଆଘାତ ପାଇଥିବାର କଥିତ ହୁଏ ।

---

ଗତ ବର୍ଷର ବର୍ଷାକାଳର ସରଦାରୀ ଆଗମ ଗଣନା ବାହାରିଅଛି । ତହିଁର ସଂକ୍ଷେପ ମର୍ମ ଏହିକି କେତେକ ବର୍ଷର ହୀନ ବୃଷ୍ଟିର କାଳ ସନ ୧୮୯୭ ସାଲରେ ଶେଷ ହେଲା । ଏଣିକି କେତେକ

Digitized by srujanika@gmail.com

Split by PDF Splitter



ବର୍ଷ ନିୟମିତ ବୃଷ୍ଟି ହେବ । ମଧ୍ୟଭାରତ ଏବଂ ବେରାର ଖାନ୍ଦେସ ଓ ପଶ୍ଚିମ ଦକ୍ଷିଣ ପ୍ରଦେଶ ଛଡ଼ା ଭାରତର ଦକ୍ଷିଣଭାଗରେ ନିୟମିତ ବୃଷ୍ଟି ହେବ । ଉତ୍ତର ପଶ୍ଚିମ ବିହାର ମଧ୍ୟ ପ୍ରଦେଶ ଏବଂ ମଧ୍ୟ ଭାରତର ପୂର୍ବଭାଗରେ କିଛି ଅଧିକ ବୃଷ୍ଟି ହେବ । ବ୍ରହ୍ମା, ଆସାମ, ପୂର୍ବ ଏବଂ ଉତ୍ତର ବଙ୍ଗରେ ଅନ୍ୟାନ୍ୟ ବର୍ଷପରି ସମାନ ବା କିଞ୍ଚିତ ଅଧିକ ବୃଷ୍ଟି ହେବ । ପଶ୍ଚିମ ବଙ୍ଗଳା ଏବଂ ଓଡ଼ିଶାରେ ଇତରାପେକ୍ଷା କିଞ୍ଚିତ ଊଣା ହୋଇପାରେ । ଜୁଲାଇ ବା ଅଗଷ୍ଟମାସରେ ଅଧିକ ଦିନ ବୃଷ୍ଟି ଥମିଯିବ କି ନାହିଁ ବର୍ତ୍ତମାନ ତାହା ସ୍ଥିର ହୋଇ ନ ପାରେ । ଫଳତଃ ଋତୁପରୀକ୍ଷକଙ୍କ ବିବେଚନାରେ ଏ ବର୍ଷ ସୁବୃଷ୍ଟିର କାଳ ପଡ଼ିଅଛି ଏବଂ ସୁପାଳକର ଆଶା କରି ଲୋକେ ଦ୍ୱିଗୁଣ ଉତ୍ସାହରେ କୃଷିକାର୍ଯ୍ୟରେ ପରିଶ୍ରମ କଲେ ଅବଶ୍ୟ ସୁଫଳ ପାଇବେ ।

— ※ —

ବଙ୍ଗପ୍ରଦେଶରେ ୭ ବମ୍ବାଇରେ ୪ ମାନ୍ଦ୍ରାଜରେ ୩ ବ୍ରହ୍ମାରେ ୨ ଏବଂ ଉତ୍ତର ପଶ୍ଚିମରେ ୧ ଏପରି ସମସ୍ତ ଭାରତବର୍ଷରେ ବର୍ତ୍ତମାନ ମୋଟ ୧୭ ଟା ଲୁହା କାରଖାନା ଅଛି । ସରକାରୀ କାର୍ଯ୍ୟ ନିମନ୍ତେ ବିଲାତର ଆମଦାନି ହେବା ଲୁହା ଏବଂ ଇସପାତ ନିର୍ମିତ କୌଣସି ଦ୍ରବ୍ୟର ପ୍ରୟୋଜନ ହେଲେ ଏହି ୧୭ ଟା କାରଖାନାର ଅଧିକାରୀମାନେ ସେ ସବୁ ଯୋଗାଇବାର ଅଧିକାର ପାଇଅଛନ୍ତି । ମାତ୍ର ଅଧିକାଂଶ ଦ୍ରବ୍ୟ ବିଲାତରୁ ଖରିଦ ହୋଇ ଆସେ ଏବଂ ଏମାନେ ଅଳ୍ପ ଦ୍ରବ୍ୟ ଯୋଗାଇବାର ଫରମାସ ପାନ୍ତି । ଏଥିପାଇଁ ଭାରତର ଲୁହାକାର ଖାନାର ମହାଜନମାନେ ଅନେକଦିନରୁ ଗବର୍ଣ୍ଣମେଣ୍ଟରେ ପୁନଃ ପୁନଃ ଆବେଦନ କରି ଏ ଦେଶ ଏବଂ ବିଲାତରେ ଭାରି ଆନ୍ଦୋଳନ କରିଥିଲେ । ସମ୍ପ୍ରତି ଆନନ୍ଦ ସହିତ ଅବଗତ ହେଲୁଁ ଯେ ଭାରତ ଗବର୍ଣ୍ଣମେଣ୍ଟ ସେମାନଙ୍କ ପ୍ରତି ସୁବିଚାର କରି ଆଦେଶ ଦେଇଅଛନ୍ତି କି ବଡ଼ ବଡ଼ ଇଞ୍ଜିନିୟରିଂ କାର୍ଯ୍ୟ ନିମନ୍ତେ ପ୍ରୟୋଜନୀୟ ଲୁହା ଓ ଇସପାତ ନିର୍ମିତ ଦ୍ରବ୍ୟମାନ କାର୍ଯ୍ୟାରମ୍ଭ ସମୟରେ ଯାହା ବିଲାତରୁ ଅଣାଇବାକୁ ହେବ ତାହା ଛଡ଼ା ଆଉ ସମସ୍ତ ଦ୍ରବ୍ୟ ଭାରତରେ ଖରିଦ କରିବାକୁ ହେବ । ଆଶା ହୁଏ ଭାରତର ଲୁହାକାରଖାନାମାନେ ଏଣିକି ଅନେକ ସରକାରୀ କାର୍ଯ୍ୟର ଫରମାସ ପାଇବେ ।

———

ବୋମ୍ବାଇଠାରୁ ଏକ ପାର୍ଶି ଥିଏଟର ଦଳ ଏଠାକୁ ପ୍ରାୟ ଏକମାସ ହେବ ଆସି ଅତି ସୁନ୍ଦର ଅଭିନୟ ଦେଖାଉଅଛନ୍ତି । ବେଙ୍ଗଲ ଥିଏଟର ଓ ସୁନାର ଥିଏଟର ଦଳ ଅଳ୍ପଦିନ ହେଲା ଏଠାରୁ ଆସି ପ୍ରତ୍ୟାଗତ ହୋଇଥିବା ଓ ବହୁତ ଅବସ୍ଥା କ୍ରମାଗତ ମନ୍ଦ ହୋଇ ଆସୁଥିଲେହେଁ ଏମାନେ ଯେ ଅନେକ ଦର୍ଶକ ପାଇ ଏତେ ଦୀର୍ଘକାଳ ଏଠାରେ ଅବସ୍ଥିତ କରୁଅଛନ୍ତି ଏଥିଁ ବଳି ଆଉ ପ୍ରଶଂସାପତ୍ର ଏମାନଙ୍କୁ ଦିଆଯାଇ ନ ପାରେ । ବାସ୍ତବରେ ଏମାନଙ୍କର ଅଭିନୟ ଯେରୂପ ପରିପାଟୀ, ଦୃଶ୍ୟମାନ ସେହିରୂପ ମନୋହର ଏବଂ ସାଜସଜ୍ଜା ଚକ୍ଷୁଁ ବଡ଼ ରମଣୀୟ ଅଟଇ । ସର୍ବୋପରି ଏମାନଙ୍କର ସଙ୍ଗୀତ ଏତେ ମନୋମୁଗ୍ଧକର ଯେ ତାହା ବର୍ଣ୍ଣନାତୀତ । ନାନା ପ୍ରକାର ରାଗରାଗିଣୀର ଗୀତମାନ ନୂତନ ଇଂରାଜୀ ଗୀତାନୁକରଣରେ ବସାଇ ପିଲ୍ଲମାନଙ୍କୁ ଏମନ୍ତ ସୁନ୍ଦର ଭାବରେ ଶିକ୍ଷା ଦିଆଯାଇଅଛି ଯେ କେତେବେଳେ ସୁଦ୍ଧା କହିଁରେ ବ୍ୟତିକ୍ରମ ଦେଖାଯାଇ ନାହିଁ । ଅନେକ ଗୁଡ଼ିଏ ସାନ ସାନ ପିଲ୍ଲଙ୍କୁ ନୃତ୍ୟ ଗୀତରେ ଏମନ୍ତ ସୁନ୍ଦର ଶିକ୍ଷା ପ୍ରଦାନ କେବଳ ସେହି ଥିଏଟରର ଭାରପ୍ରାପ୍ତ କର୍ମଚାରୀଙ୍କ ବାହାଦୁରୀ ଭିନ୍ନ ଅନ୍ୟ କିଛି ନୁହେ । ଦେଶୀୟ ଲୋକଙ୍କ କଥା ପଛକୁ ଥାଉ ସାହେବ ବାବୁମାନେ ମଧ୍ୟ ବର୍ଷା ତ ମାନ କାଳରେ ଛତା ଦେଇ ଅଭିନୟ ଦେଖିବାକୁ ଯିବା ସାମାନ୍ୟ ପ୍ରଶଂସାର କଥା ନୁହଇ । ଏମାନଙ୍କ ମଧ୍ୟରେ କେବଳ ଜଣେ ଅଭିନେତ୍ରୀ ଅଛି ଏବଂ ସେ ଅଭିନୟ କାର୍ଯ୍ୟରେ ଯେମନ୍ତ ନିପୁଣ ତାହାର ସ୍ୱର ଲାଳିତ୍ୟ ମଧ୍ୟ ତତୋଧିକ । ତଥାପି ସବୁ ଅଭିନୟରେ ଏ ତାହାରେ ନାହିଁ ଏବଂ ସେ ନ ଥିଲେ ମଧ୍ୟ ଅଭିନୟ ସୁନ୍ଦର ହୁଅଇ । ଏହା ଦେଖି ଯେଉଁମାନେ ସ୍ତ୍ରୀଲୋକ ବିନା ନାଟ୍ୟାଭିନୟ ପୂର୍ଣ୍ଣରୂପେ ହୋଇ ନ ପାରେ ବୋଲି ମତ ଦେଇଅଛନ୍ତି ସେମାନେ ଆପଣା ଭ୍ରମ ବିଶେଷରୂପେ ବୁଝି ପାରିବେ । ଫଳତଃ ବଙ୍ଗଳାର ନାଟ୍ୟଶାଳାରେ ସ୍ତ୍ରୀଲୋକ ମିଶି ଚରିତ୍ର ନାଶରେ ବିପର୍ଯ୍ୟୟ ଘଟାଇ ଯେ ନାନା ପ୍ରକାର କଳଙ୍କ ଓ ସର୍ବନାଶ ଘଟାଉଅଛି ଏହା କହିବା ଅଧିକ । ଭରସା କରୁଁ ଏ ଥିଏଟର ଦଳର ଗୀତ ସର୍ବତ୍ର ପ୍ରବେଶ କରି ଦେଶର ପ୍ରଭୂତ ମଙ୍ଗଳ ସାଧନ କରିବ । ଆମ୍ଭେମାନେ ଏମାନଙ୍କର ଆଗମନ ହେବା ସଙ୍ଗେ ସଙ୍ଗେ ଏମାନଙ୍କର ଲାଭ ପ୍ରତି ବିଶେଷ ସନ୍ଦେହ କରିଥିଲୁଁ । ବର୍ତ୍ତମାନ ଦେଖୁଅଛୁଁ ଯେ ଏମାନଙ୍କର ଦିନକୁ ଦିନ ଶ୍ରୀବୃଦ୍ଧି ହେଉଅଛି ଏବଂ ଏବେ ଏବେ ଦିନ ଏମନ୍ତ ଭିଡ଼ ହେଉଅଛି ଯେ ଲୋକେ ଟିକଟ ନ ପାଇ ଫେରି ଆସୁଅଛନ୍ତି । ଅଭିନୟକାର୍ଯ୍ୟ ସୁନ୍ଦର ଉର୍ଦ୍ଦୁ ଓ ହିନ୍ଦୀ ଭାଷାରେ ହେଉଅଛି ।

———

### ଭାରତରେ ସ୍ୱର୍ଣ୍ଣମୁଦ୍ରା ।

ଭାରତରେ ରୌପ୍ୟ ମୁଦ୍ରା ବା ଟଙ୍କା ପ୍ରଚଳିତ । ବିଲାତରେ ସୁବର୍ଣ୍ଣ ମୁଦ୍ରା ପ୍ରଚଳିତ । ସେହି ସୁବର୍ଣ୍ଣ ମୁଦ୍ରାର ନାମ ସବରନ । ବ ୨୦।୨୫ ବର୍ଷ ପୂର୍ବେ ରୂପା ଓ ସୁନାର ଦର ଗୋଟିଏ ସ୍ଥିର ଅନୁପାତରେ ଚଳୁଥିଲା ଯେମନ୍ତ କି ସୁନା ମୋହରଟା ଠିକ ୧୬୯ ଟଙ୍କା ଅର୍ଥାତ ୧୬ ଭରି ରୂପାର ଦାମ ଏକଭରି ସୁନାସଙ୍ଗେ ସମାନ ଥିଲା । ବର୍ତ୍ତମାନ ସେପରି ନାହିଁ । ରୂପାର ଦର ଊଣା ଏବଂ ସୁନାର ଦର ବୃଦ୍ଧି ହୋଇଅଛି । ବିଲାତ ସଙ୍ଗେ ଭାରତର ବିଶେଷ କାରବାର ଏବଂ ରାଜକୀୟ ଖରଚ ନିମନ୍ତେ ଭାରତ ପ୍ରତିବର୍ଷ ଅନ୍ତତଃ ୧୪ କୋଟି ଟଙ୍କା ବିଲାତକୁ ପଠାଇବାକୁ ବାଧ୍ୟ । କିନ୍ତୁ ସୁନାର ଦର ବଢ଼ିଯିବା ଅଥବା ରୂପାର ଦର ଖସିଯିବାରୁ ପୂର୍ବେ ସେହି ୧୪ କୋଟି ଟଙ୍କାରେ ଯେତେ ସୁନା ମିଳୁଥିଲା ବର୍ତ୍ତମାନ ସେତେ ମିଳୁ ନାହିଁ କିନ୍ତୁ ସେତିକି ସୁନା ନ ଦେଲେ କାର୍ଯ୍ୟ ଚଳିବ ନାହିଁ । ଏଥିପାଇଁ ଅଧିକା ପ୍ରାୟ ୧୦ କୋଟି ଟଙ୍କା ବଟ୍ଟା ସ୍ୱରୂପ ଭାରତକୁ ଦେଇ ପଡ଼ୁଛି । ପୁଣି ରୂପାର ଦର କ୍ରମଶଃ ଖସିବାରୁ ତାହା ନିବାରଣ ନିମନ୍ତେ ଗତ ଦୁଇବର୍ଷରୁ ସରକାର ରୂପା ଟଙ୍କା ତିଆରି କରିବା ବନ୍ଦ କରିଦେଲେ । ଏଥିରେ ଟଙ୍କାର ଦର ବଢ଼ିବାର ନିବାରଣ ହୋଇଅଛି ଏବଂ ଏକଭରି ରୂପା ବାରଅଣାରୁ ଊଣା ମୂଲ୍ୟରେ ବିକ୍ରୟ ହେଉଥିଲେହେଁ ଏକଭରି ରୂପା ନିର୍ମିତ ଟଙ୍କାର ମୂଲ୍ୟ ଷୋଳଅଣା ରହିଅଛି । ଏହି ଫଳ ଦେଖି ଭାରତ ଗବର୍ଣ୍ଣମେଣ୍ଟ ଏ ଦେଶରେ ସୁବର୍ଣ୍ଣ ମୁଦ୍ରା ଚଳାଇବାର ଚେଷ୍ଟା କରୁଅଛନ୍ତି । ଭାରତ ଏବଂ ବିଲାତରେ ଏକପ୍ରକାର ଟଙ୍କା ଚଳିଲେ ବଟ୍ଟା ଦେବାକୁ ଆଉ ପଡ଼ିବ ନାହିଁ ଏବଂ କାରବାରର ସମସ୍ତ ସୁବିଧା ହେବ ।

ସୁନାଟଙ୍କା ଚଳାଇବା ସମ୍ବନ୍ଧରେ ଭାରତ ଗବର୍ଣ୍ଣମେଣ୍ଟ ଏହି ପ୍ରସ୍ତାବ କରୁଅଛନ୍ତି କି "ସର୍ବପ୍ରଥମେ କିଛି ସ୍ୱର୍ଣ୍ଣ ମୁଦ୍ରା ସରକାର ସଞ୍ଚିତ କରିବେ ଏବଂ ତାହା ଦରକାର ହେଲେ ବିଲାତଠାରୁ ଋଣ କରିବାକୁ ହେବ । ଏଥିପାଇଁ ଭାରତ ସେକ୍ରେଟେରୀଙ୍କୁ ଦୁଇକୋଟି ସ୍ୱର୍ଣ୍ଣମୁଦ୍ରା ଭାରତରେ ପ୍ରଚଳ ହେବା ନିମନ୍ତେ ଋଣ କରିବାକୁ ଦେବ

Digitized by srujanika@gmail.com

ଆଇନଅନୁସାରେ ଦେବାର ଆବଶ୍ୟକ । ଏତେ ଟଙ୍କା ଦରକାର ହୋଇ ନ ପାରେ ମାତ୍ର ହାତରେ କିଛି ରଖିବା ଭଲ ଏବଂ ଭବିଷ୍ୟତରେ ଆଉ ଆଇନର ପ୍ରୟୋଜନ ହେବ ନାହିଁ । ଏଠାର ଏକ ଟଙ୍କାର ଦର ବଜାରରେ ଏକସିଲିଂ ଓ ଚାରିପେନସରେ ରହିବାପାଇଁ ଯେତେକ ଆବଶ୍ୟକ ତେତେକ ସେକ୍ରେଟେରୀ ଋଣ କରିବେ । ଆଇନ ପାସ ହେବା ମାତ୍ରେ ସେକ୍ରେଟେରୀ ୫୦ ଲକ୍ଷ ସ୍ୱର୍ଣ୍ଣମୁଦ୍ରା ଭାରତକୁ ପଠାଇଦେବେ । ଏଣେ ଭାରତ ଗବର୍ଣ୍ଣମେଣ୍ଟ ୧୦ କୋଟି ଟଙ୍କା ଆଉଟିଦେଇ ରୂପାର ଦରରେ ୬କୋଟି ଟଙ୍କାରେ ବିକ୍ରୟ କରିଦେବେ। ଏଥିରେ ଯେଉଁ ଚାରିକୋଟି ଟଙ୍କା କ୍ଷତି ହେବ ତାହା ସୁନା ମୁଦ୍ରା ପ୍ରଚଳ ହେବାଦ୍ୱାରା ପୂରଣ ହେବ ।

ବିଲାତସ୍ଥ ଭାରତୀୟ ଷ୍ଟେଟ ସେକ୍ରେଟେରୀ ଭାରତ ଗବର୍ଣ୍ଣମେଣ୍ଟଙ୍କର ଉପରଲିଖିତ ପ୍ରସ୍ତାବ ପ୍ରାପ୍ତ ହୋଇ ତହିଁର ଆଲୋଚନାପୂର୍ବକ କର୍ତ୍ତବ୍ୟ ଅବଧାରଣ ନିମନ୍ତେ ଗୋଟିଏ କମିଟି ନିଯୁକ୍ତ କରି ଅଛନ୍ତି । ସେହି କମିଟିର ସଭାପତି ଭାରତର ଭୂତପୂର୍ବ ଷ୍ଟେଟ ସେକ୍ରେଟେରୀ ସର ହେନରୀ ଫାଉଲର ଏବଂ ସଭ୍ୟସ୍ୱରୂପ ସର ଡେଭିଡ ବାରବର ଲର୍ଡ ବେଲଫୋର ପ୍ରଭୃତି ଅର୍ଥଶାସ୍ତ୍ରବିଦମାନେ ମନୋନୀତ ହୋଇଅଛନ୍ତି । ଏଥିମଧ୍ୟରେ କମିଟି କାର୍ଯ୍ୟାରମ୍ଭ କରିଅଛନ୍ତି । ସେମାନେ ସାକ୍ଷ୍ୟ ଗ୍ରହଣ ଓ କାଗଜପତ୍ର ପାଠ ଉତ୍ତାରୁ ରିପୋର୍ଟ ଦେଲେ ଭାରତୀୟ ଷ୍ଟେଟ ସେକ୍ରେଟେରୀଙ୍କ ସଭାରେ ବିବେଚିତ ହେବ ଏବଂ ତହିଁଉତ୍ତାରୁ ଆଇନ ଜାରି କରିବାର ହେଲେ ପାରଲିୟାମେଣ୍ଟ ସଭାରେ ଉପସ୍ଥିତ ହେବ ।

---

## ପୁସ୍ତକ ପ୍ରାପ୍ତି ।

ନିମ୍ନଲିଖିତ ପୁସ୍ତକମାନ ଉପହାର ପାଇବାର ଆମ୍ଭେମାନେ କୃତଜ୍ଞତା ସହିତ ସ୍ୱୀକାର କରୁଅଛୁ । ଯଥା—

ଭର୍ତ୍ତୃହରି ପ୍ରଣୀତ ନୀତିଶତକ—ଶ୍ରୀ ସୂର୍ଯ୍ୟନାରାୟଣ ତ୍ରିବେଦୀଙ୍କଦ୍ୱାରା ଗଦ୍ୟ ପଦ୍ୟାନୁବାଦ ସହିତ ପ୍ରଥମବାର ପ୍ରକାଶିତ ଏବଂ ଗଞ୍ଜାମଜିଲ୍ଲା ପାରଳାଖେମଣ୍ଡି ନଗରସ୍ଥ ଗଜପତି ଯନ୍ତ୍ରାଳୟରେ ମୁଦ୍ରିତ । ଭର୍ତ୍ତୃହରିଙ୍କର ଏହି ସଂସ୍କୃତ ନୀତି ଗ୍ରନ୍ଥ ଗୁଣନିଧି ନୀତି ପର ଅମୂଲ୍ୟ ନୀତିରତ୍ନର ଆକର ଅଟେ ଓ ଯାହା ହୃଦୟରେ ସଞ୍ଚୟ କରି ରଖିଲେ ମୂର୍ଖାନ୍ଧକାର ଦୂରୀଭୂତ ହୁଏ ଏବଂ ତଦୁଚିତ ସହିତ ବ୍ୟବହାର କଲେ ସର୍ବଦା ସୁଖପ୍ରାପ୍ତି ଲାଭ ହୁଏ । ସୂର୍ଯ୍ୟନାରାୟଣବିଦ୍ୟାର୍ଥୀ ମହାଶୟ ଏହାକୁ ଟୀକା ଓ ଗଦ୍ୟ ପଦ୍ୟ ଅନୁବାଦ ସହିତ ଉତ୍କଳଭାଷାରେ ପ୍ରକାଶ କରି ଉତ୍କଳବାସିଙ୍କର କୃତଜ୍ଞତା ଭାଜନ ହୋଇଅଛନ୍ତି ସନ୍ଦେହ ନାହିଁ । ଅନୁବାଦ ସାଧାରଣତଃ ଉତ୍ତମ ହୋଇଥିଲେହେଁ ଠାବେ୨ କ୍ଳିଷ୍ଟତା ରହିଅଛି ବୋଧକରୁଁ କେବଳ ଗଦ୍ୟାନୁବାଦ ସହିତ ପ୍ରକାଶ ହୋଇଥିଲେ ଅଧିକ ସରଳ ଏବଂ ସୁଲଭ ହୋଇଥାନ୍ତା ।

ମାଲସାଙ୍କସାର ୨ୟ ସଂସ୍କରଣ—ଏ ନଗରର ଟ୍ରେଣିଂସ୍କୁଲର ହେଡ୍ ମାଷ୍ଟର ଶ୍ରୀଯୁକ୍ତ ଆର୍ତ୍ତତ୍ରାଣ ସତପଥି ଏହାର ଗ୍ରନ୍ଥକାର ଏବଂ ଯନ୍ତ୍ରାଳୟ ମୁଦ୍ରାକାର ଅଟନ୍ତି । ପ୍ରଥମ ସଂସ୍କରଣରେ ଏହାର ଆଦର ଦେଖି ଗ୍ରନ୍ଥକାର ଉତ୍ସାହିତ ହୋଇ ୨ୟ ସଂସ୍କରଣ ଅଧିକ ଯତ୍ନ ଓ ପରିଶ୍ରମ ସହକାରେ ବାହାର କରିଅଛନ୍ତି ଏବଂ ମୂଲ୍ୟ ଟ ୦।/ ସ୍ଥଳେ ଟ ୦। କରି ଅଛନ୍ତି ସୁତରାଂ ସମ୍ପ୍ରତି ଅଧିକ ଆଦରଣୀୟ ହେବ ସନ୍ଦେହ ନାହିଁ । ସ୍କୁଲରେ ଯାହା ଶିକ୍ଷା ଦେବା ଏ ପୁସ୍ତକର ଉଦ୍ଦେଶ୍ୟ ତହିଁପାଇଁ ଏହା ଉତ୍କୃଷ୍ଟରୂପେ ଉପଯୋଗୀ ହୋଇଅଛି । କେତେକ ପରିମାଣରେ ବାହୁଲ୍ୟତା ପରିହାର ପୂର୍ବକ ପୁସ୍ତକର ଆକାର ଛୋଟ ଏବଂ ମୂଲ୍ୟ ଆହୁରି ସୁଲଭ ହୋଇପାରେ ।

ଚଣ୍ଡୀଲୀଳା—ଅଳର ରାଜା ଶ୍ରୀ ଯଦୁନାଥଦେବଙ୍କଦ୍ୱାରା ରଚିତ ଏବଂ ଏ ନଗରର ସ୍ୱଦେଶପ୍ରେସରେ ମୁଦ୍ରିତ । ଏ ପୁସ୍ତକର କଲେବର ପୃ ୧୯୮ ଷ୍ଠା । ଗ୍ରନ୍ଥକାର କୌଣସି ଭୂମିକା ବା ବିଜ୍ଞାପନ ପ୍ରକାଶ କରି ନ ଥିଲେହେଁ ଶ୍ରୀଚଣ୍ଡୀପୁରାଣୋକ୍ତ ଚଣ୍ଡୀଲୀଳା ଜନସାଧାରଣରେ ପ୍ରଚାର କରିବା ଅଭିପ୍ରାୟରେ ଉତ୍କଳ ପଦ୍ୟରେ ଯଥାସାଧ୍ୟ ସରଳ ଭାଷାରେ ରଚନା କରି ଏ ପୁସ୍ତକ ପ୍ରକାଶ କରିଅଛନ୍ତି ଏବଂ ଏ ପୁସ୍ତକ ମୂଲ୍ୟ କିଛି ଲେଖା ନ ଥିବାରୁ ବିତରଣାର୍ଥ ପ୍ରକାଶିତ ହୋଇଥିବାର ଜଣା ଯାଉଅଛି । ଚଣ୍ଡୀବିଷୟକ ଗ୍ରନ୍ଥ ଏଥିପୂର୍ବେ ଉତ୍କଳଭାଷାରେ ପ୍ରକାଶିତ ହୋଇଥିଲେହେଁ ଉତ୍କଳବାସିଙ୍କ ହିତାର୍ଥେ ଅଳର ରାଜା ଅନେକ ପରିଶ୍ରମ ଓ ବ୍ୟୟ ସ୍ୱୀକାର ପୂର୍ବକ ଏ ପୁସ୍ତକ ଜନସାଧାରଣଙ୍କୁ ପ୍ରଦାନ କରୁଥିବାରୁ ସେ ଅଶେଷ ଧନ୍ୟବାଦର ପାତ୍ର ହୋଇଅଛନ୍ତି । ଆଶା କରୁଁ ତାହାଙ୍କର ସାହିତ୍ୟାନୁରାଗ କ୍ରମଶଃ ବୃଦ୍ଧି ପାଇବ ।

ସ୍କୁଲ ଡ୍ରିଲଶିକ୍ଷା ୧ମ ଭାଗ—ଏ ନଗର ନିବାସୀ ଶ୍ରୀ ବାବୁ ଭଗବାନଚନ୍ଦ୍ର ହିଁଦଲଦ୍ୱାରା ପ୍ରଣୀତ ଏବଂ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ । ପୁସ୍ତକର କଲେବର ପୃଷ୍ଠା ୭୨ ଓ ମୂଲ୍ୟ ଟ ୦/ ଅଟେ । ଉତ୍କଳଭାଷାରେ ଏହା ନୂତନ ଗ୍ରନ୍ଥ ଅଟେ । ବିଦ୍ୟାଳୟର ଛାତ୍ରମାନଙ୍କର ବ୍ୟାୟାମସାଧନ ଗୋଟିଏ ଶିକ୍ଷାର ପ୍ରଧାନ ଏବଂ ଆବଶ୍ୟକୀୟ ଅଙ୍ଗ ହୋଇଅଛି ଏବଂ ସେହି ଶିକ୍ଷାର ସାହାଯ୍ୟ ନିମନ୍ତେ ଏ ପୁସ୍ତକ ପ୍ରକାଶିତ ହୋଇଅଛି । ପୁସ୍ତକର ଆକାର ଛୋଟ ହେଲେହେଁ ବହୁତର ଚିତ୍ର ସନ୍ନିବେଷ୍ଟ ହେତୁ ଏଥିର ବିସ୍ତର ବ୍ୟୟ ହୋଇଅଛି ଏବଂ ତଦୃଷ୍ଟେରେ ଯେଉଁ ମୂଲ୍ୟ ଧାର୍ଯ୍ୟ ହୋଇଅଛି ତାହା ଅତ୍ୟନ୍ତ ସୁଲଭ ବୋଲିବାକୁ ହେବ । ବିନା ଉପକରଣ ସୁତରାଂ ବିନା ବ୍ୟୟରେ ଯେ ସବୁ ଅଙ୍ଗ ସାଧନ ହୋଇପାରିବ କେବଳ ସେହି ସମସ୍ତ ପୁସ୍ତକରେ ପ୍ରଦତ୍ତ ହୋଇଥିବାରୁ ଏହା ସକଳ ଶ୍ରେଣୀର ବିଦ୍ୟାଳୟର ଉପଯୋଗୀ ହୋଇଅଛି ବିଶେଷତଃ ମୋଫସଲର ବିଦ୍ୟାଳୟମାନଙ୍କ ପକ୍ଷରେ ଏ ପୁସ୍ତକ ଅମୂଲ୍ୟ ଅଟେ । କାରଣ ସେ ସବୁ ସ୍ଥାନରେ ଉପଯୁକ୍ତ ଶିକ୍ଷକ ଓ ଦ୍ରବ୍ୟର ଅଭାବ ହେତୁ ଉତ୍ତମ ବ୍ୟାୟାମ ଶିକ୍ଷାର ଉପାୟ ନାହିଁ । ଏ ପୁସ୍ତକ ଅବଲମ୍ବନ ପୂର୍ବକ ସ୍କୁଲଶିକ୍ଷକମାନେ ଅନାୟାସରେ ଛାତ୍ରମାନଙ୍କୁ ଅବକାଶସମୟରେ ଏଥିର ଶିକ୍ଷା ଦେଇପାରିବେ । ଆମ୍ଭେମାନେ ଏକାନ୍ତ ଆଶା କରୁଁ କି ସର୍ବସାଧାରଣ ବିଶେଷତଃ ସ୍କୁଲର କର୍ତ୍ତୃପକ୍ଷମାନେ ଗ୍ରନ୍ଥକାରଙ୍କୁ ଉତ୍ସାହ ଦେବା ପ୍ରତି ମୁକ୍ତହସ୍ତ ହେବେ । ତାହାହେଲେ ଅଚିରମେ ଏହାର ୨ୟ ଭାଗ ପ୍ରକାଶିତ ହେବ ।

ଭଜନସାରସଂଗ୍ରହ— ଶ୍ରୀ ବାଲକୃଷ୍ଣଦାସଙ୍କ ଦ୍ୱାରା ପ୍ରକାଶିତ ଏବଂ କଟକପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ମୁଦ୍ରିତ ଗ୍ରନ୍ଥକାର କେତେଗୁଡିଏ ଓଡ଼ିଆ ହିନ୍ଦି ବଙ୍ଗଳା ଓ ତେଲିଙ୍ଗି ଭଜନ ଅର୍ଥାତ ଭକ୍ତିରସାତ୍ମକ ଗୀତ ସଂଗ୍ରହ କରି ପ୍ରକାଶ କରିଅଛନ୍ତି । ଆଦିରସାତ୍ମକ ଅନେକ ଗୀତ ପୁସ୍ତକ ପ୍ରକାଶ ହୋଇଥିବାସ୍ଥଳେ ଏପରି ଶାନ୍ତି ଏ ପୁସ୍ତକ ବାହାରିବା ଆନନ୍ଦର ବିଷୟ ଅଟେ ।

ଶ୍ରୀ ବୈକୁଣ୍ଠସହସ୍ରନାମ—ଶ୍ରୀ ଧାରେଶ୍ୱରସେନାପତିଙ୍କଦ୍ୱାରା ବିରଚିତ ଏବଂ ଓଡ଼ିଶା ଦର୍ପଣ ଯନ୍ତ୍ରାଳୟରେ ମୁଦ୍ରିତ । ଗ୍ରନ୍ଥକାର ଜଣେ ଅନ୍ଧ ସ୍ୱରୂପ ଏ ଜିଲ୍ଲାରେ ପରିଚିତ ଏବଂ ଏହି ସହସ୍ରନାମ ଗ୍ରନ୍ଥ ଉତ୍କଳଭାଷାରେ ବର୍ଣ୍ଣନା କରି ସେ ଖ୍ୟାତି ଲାଭ କରିବାକୁ ସମର୍ଥ ହୋଇଅଛନ୍ତି ।

---

## ସାପ୍ତାହିକ ସମ୍ବାଦ ।

ଏ ସପ୍ତାହରେ ପୂର୍ଣ୍ଣ ବର୍ଷାକାଳ ଉପନୀତ ହୋଇଅଛି ଏବଂ ପ୍ରଚୁର ବୃଷ୍ଟି ହୋଇ ବାଟଘାଟ କାଦୁଅ ହୋଇ ଯାଇଅଛି ।

ପାଦନଂ ଅସ୍ମଦ୍ଦେଶପ୍ରଚଳିତସ୍ମୃତିକାରୈଃ ନାଙ୍ଗୀକୃତଂ, ଅନ୍ୟଥା ମହାନବମୀପ୍ରକରଣୋକ୍ତ ଶ୍ରାବଣୀ ଦୁର୍ଗନବମୀତି ବାକ୍ୟାନ୍ତରସ୍ୟ ନିରବକାଶାପତ୍ତେଃ । ଅତଃ ଏତଦ୍ବିଷୟେ ପ୍ରୋକ୍ତକା ଶିବୋଡ଼ାଦିନାଂ ତତ୍ସ୍ମୃତ୍ୟୋକ୍ତାନାଂ ଲୟନ୍ନମୀସୂତେ ଅନ୍ୟତ୍ର ମହାନବମ୍ୟାଃ ବିଧେୟେ ଶ୍ରାବଣୀ ଦୁର୍ଗନବମୀତି ବାକ୍ୟବଳାତ୍ ପୂର୍ବବତ୍ ସାଦ୍ଦେୟତି ଯତ୍ ଶ୍ରୀରାଜଗୁରୁଣୋକ୍ତମପିତଂ ତସ୍ୟାପ୍ୟମତପ୍ରାୟଃ ଯଥା--ଉଷ୍ଟତ୍ର୍ୟବସରେ ଯଦା ମହାଷ୍ଟମ୍ୟାଃ ବୃଦ୍ଧିବଶାତ୍ ଉଭୟଦିନ ନିଶୀଥବ୍ୟାପ୍ତି ସମ୍ଭବେ ବଚନବାହୁଲ୍ୟପ୍ରମାଣତଃ ପୂର୍ବେଦ୍ୟୁଃ ମହାଷ୍ଟମ୍ୟାଃ ବଳିଦାନାନ୍ତପୂଜା ସମାପ୍ତୌ ଦ୍ୱୟୋର୍ନିରନ୍ତର୍ଯନିଯମେନ ନବମ୍ୟାଃ ଉଭୟଦିନ ବ୍ୟାପ୍ତୌ ପୂର୍ବେଦ୍ୟୁଃ ନବମୀବହୁତ ବଳିଦାନାନ୍ତ ପୂଜାଦିକଂ ବିଧେୟମିତି । ନୋଚେତ୍ ସ୍ୱବଚନବିରୋଧ ପ୍ରସଙ୍ଗଏବ, ଯଥା ମହାଷ୍ଟମୀ କାଳନିର୍ଣ୍ଣୟାବସରେ ଉଭୟଦିନ ନିଶୀଥବ୍ୟାପ୍ତୌ ବଳିଦାନାନ୍ତପୂଜା ନିର୍ବାହଣାନନ୍ତରଂ, ତଦାତତ୍ କ୍ଷୟବଶାତ୍ ଉଭୟଦିନ ନିଶୀଥବ୍ୟାପ୍ତ୍ୟଭାବେ ମୋକ୍ଷଭାବେ ଗୌଣତ୍ୱସ୍ୟାପାଦକତ୍ୱମିତି ନ୍ୟାୟେନ ଗୌଣକାଳରୂପସଙ୍କଳ୍ପକାଳାନୁରୋଧେନ ପରେଦ୍ୟୁଃ, ଅଷ୍ଟମୀ ତଦୈବ ବଳିଦାନାନ୍ତ ପୂଜାଦି ସକଳକର୍ମାନୁଷ୍ଠାନସ୍ୟ ପ୍ରବଳଃ ପ୍ରତିପାଦିତତ୍ୱାତ୍, ଅପରଂଚ, ଯସ୍ମେ କସ୍ୟା ମଥାଷ୍ଟମ୍ୟା ମିତି ପ୍ରାମାଣ୍ୟେନ ଉକ୍ତ୍ୟଦସ୍ୟେ କେବଳାଷ୍ଟମ୍ୟାଂ ପୂଜେତି ଚୂର୍ଣ୍ଣିକୋଲ୍ଲେଖନାତ୍ ସ୍ମୃତିକର୍ତ୍ତୁଃ ଅଷ୍ଟମ୍ୟାଃ ପ୍ରାଧାନ୍ୟ ପ୍ରତିପାଦିତତ୍ୱେନ କର୍ମକାଳେ ଉଭୟଦିନବ୍ୟାପ୍ତୌ ତୁ ସ୍ୱମତେ ଅଷ୍ଟମୀବହୁତବଳିଦାନାନ୍ତ ପୂଜା ପ୍ରଭୃତି କର୍ମଣୋଽନୁଷ୍ଠେୟତ୍ୱାତ୍ ନବମ୍ୟାଃ ପୂର୍ବେଦ୍ୟୁଃ କର୍ମକାଳବ୍ୟାପ୍ତ ମପହାୟ ସ୍ୱମତେ କାଳମପ୍ରାପ୍ୟାପି ନବମୀବହୁତ ବଳିଦାନାଦିକଂ ବିଧାତବ୍ୟଂ, ଦ୍ୱୟୋର୍ନିରନ୍ତର୍ଯାତ୍, ଅଷ୍ଟମ୍ୟପେକ୍ଷୟା ଅସ୍ୟାଃ ଅପ୍ରାଧାନ୍ୟାତ୍; ଉତ୍କଳଦେଶପ୍ରଚଳିତ କାଳଦୀପ ଦୁର୍ଗୋତ୍ସବତତ୍ତ୍ୱ ପ୍ରଭୃତି ଗ୍ରନ୍ଥେଷୁ ବଳିଦାନାନ୍ତ ପୂଜାଦିବିଷୟେ ନବମ୍ୟାଃ ସମ୍ପୂର୍ଣ୍ଣ ତତ୍ତ୍ୱ ପ୍ରତିପାଦନାତ, ଅନ୍ୟଥା ପୂର୍ବାପରବିରୋଧସମ୍ଭାବନାୟା ସ୍ମାର୍ତ୍ତଶିରୋମଣେର୍ଗଦାଧରସ୍ୟ କିଂ ହାବସ୍ଥେନ ବ୍ୟାଦୃଷ୍ଟାନଶୂନ୍ୟତା ପ୍ରସଙ୍ଗାପତ୍ତିଃ । ଏତଦ୍ଭତପ୍ରାୟଂ ପଣ୍ଡିତସର୍ବସ୍ୱକାରେଣ ସ୍ୱପଦତୟା କୃତଂ, ଯଥା ମହାଷ୍ଟମୀ ବିଷୟେ-ବଳକାଳଂ ଜନୋ ଯଦ୍ୟା ଦର୍ଶୟନ୍ତଂ ନ ସଂଶୟ ଇତି ବଳପ୍ରାଶସ୍ତ୍ୟେନ ନୂଥା ଯଣ୍ଡଦ୍ଭତାଂ ଯାତି ନବମୀବାସରାଣିକା; ଅଷ୍ଟମୀକଣେ ସନ୍ନିଷ୍ଠା ପୂଜାଂ ଗୃହାତି ପାର୍ବତୀତି ବଚନେନ ବଳିକାଳେନ ବ୍ୟବସ୍ଥା, ଅତୋଽସ୍ମତ୍ ବଳକାଳାବ୍ୟାପ୍ତୌ ।

ପରେଦ୍ୟୁରେବାନୁଷ୍ଠାନଂ; ସଂକଳ୍ପକାଳାଭାବାତ୍ ପକ୍ଷଦ୍ୱୟେଽସ୍ମିନ୍ କଦାଚିନ୍ନିଶୀଥବ୍ୟାପ୍ତ୍ୟଭାବେଽପି ନବମୀଯୁକ୍ତଂ ନ କର୍ମ୍ୟାମେବ, ନବମ୍ୟାଂ ଶକ୍ତି ତତ୍ତ୍ୱ କାମିତ୍ୱାଦନା ନଶାମାଦୋପାଦାନାତ୍, ପୂଜୟିତ୍ୱା ତତୋ ଦେବୀ ମର୍ଦ୍ଧରାତ୍ରେଽଷ୍ଟମୀଷୁ ଚେତ୍ୟାଦନା ଅଷ୍ଟମ୍ୟାମେବ ଅର୍ଦ୍ଧରାତ୍ରୋପାଦାନାତ ଯତ୍ତୁ କୈଶ୍ଚିତ୍ ସର୍ବ ସ୍ମୃତିକର୍ତ୍ତୃଭିଃ ମହାଷ୍ଟମ୍ୟାଃ ଉଭୟଦିନେ ନିଶୀଥକାଳବ୍ୟାପ୍ତୌ ଅଷ୍ଟମୀ ନବମୀ ଇତ୍ୟେତି ବାକ୍ୟସ୍ୟ ପ୍ରତିପାଦ୍ୟତାବକାଶତ୍ୱେନ ତତ୍ରାନ୍ୟା ନ୍ୟନୁଲକ୍ଷ୍ୟ ଯତ୍ କାଳଦୀପେ ଏତଦ୍ବୃଦ୍ଧି ଭମିତ ସ୍ୱମତସମର୍ଥନେ ଉଭାବତଂ, ତତ୍ତ୍ୱ ସ୍ୱମତ ମୂଳୋଲ୍ଲିଷ୍ଟକମିତ ନ କ୍ଷାନ୍ତିମନ୍ତ୍ରୀପୁନେ, ଅପରଞ୍ଚ କାଳଦୀପୋକ୍ତମେତଦତ ସ୍ୱୋତ୍ରରେ ଉତ୍କ୍ଷିପ୍ତଂ ପ୍ରବୃତ୍ତେ ନ ସ୍ୟାତ୍, କଥମିତିଚେତ୍ ଉଚ୍ୟତେ, କାଳଦୀପକର୍ତ୍ତୁଃ ଷୋଡ଼ଶଦଳାଦ ଷଷ୍ଠ୍ୟେଷୁ ମୂଳାଷ୍ଟମୀ ପ୍ରଭୃତିଥୀନାଂ ବହୁବଧ ପ୍ରମାଣବଳେନ ଅସ୍ତ୍ରମନତଥିତ୍ୱ ସମ୍ପୂର୍ଣ୍ଣତଥିତ୍ୱ ଛିନ୍ନିୟ ପ୍ରତିପାଦନଦ୍ୱାରା ବଳଦାନାନ୍ତପୂଜାପକ୍ଷେଽପି ଅସ୍ତମନସାୟାହ୍ନବ୍ୟାପ୍ତୌ ତଦଙ୍ଗକର୍ମାନୁଷ୍ଠାନଯୋଗ୍ୟତାଂ ପ୍ରତିପାଦୟନ୍ତି; ଉଭୟଦିନାସ୍ତମନବ୍ୟାପ୍ତୌ ତଦ୍ବାକ୍ୟସ୍ୟ ସାବକାଶତ୍ୱଂ ଚ ବ୍ୟବସ୍ଥାପୟନ୍ତି ଅତଃ କୋବା ଉତ୍ତମପକ୍ଷଃ ଗତିସରଣୈଃ ଉଦ୍ଭାବ୍ୟଃ, ଏତଦ୍ଦିନ ଷଷ୍ଠ୍ୟନ୍ତ ଦ୍ୱିବିଧ ଇତ କୈଶ୍ଚିତ ସ୍ମୃତିକାରୈଃ ସ୍ୱୀଗ୍ରନ୍ଥେନ ପ୍ରକାଶିତଃ, କିନ୍ତୁ ଷଣ୍ଣାଂ ଦୁର୍ଗା ସମ୍ଭବେ ଉକ୍ତ୍ୟଦସ୍ୟେ କେବଳାଷ୍ଟମ୍ୟାମେବ ପୂଜା ବିଧେୟେତି ସନ୍ନିବେଶନେନ ମହାଷ୍ଟମୀ ପୂଜାନୁଷ୍ଠାନେନୈବ ସମସ୍ତ ପକ୍ଷବହୁତ ପୂଜାଜନ୍ୟ ଫଳଲାଭାତ୍ କେବଳ ମହାଷ୍ଟମୀପୂଜା ପ୍ରତିପାଦିତା ଶ୍ରୀ ଗଦାଧରେଣ, କିନ୍ତୁ ଏକଦିନ ପୂଜାୟାଃ ଦ୍ୱିବିଧତ୍ୱଂ ପ୍ରତିପାଦନଂ, ମହାଷ୍ଟମ୍ୟାଃ ଅନେକ ଦିନପକ୍ଷତ୍ୱସ୍ୟ ସକଳ ସ୍ମୃତିକର୍ତ୍ତୃଭିଃ ଅନଙ୍ଗୀକୃତତ୍ୱେଽପି ଯତ୍ତୁ କେବଳ ଷଷ୍ଠ୍ୟମ୍ୟାଃ ଏକଦିନପକ୍ଷମଙ୍ଗୀକୃତ୍ୟ କାଳସାରକର୍ତ୍ତ୍ରାଭିପ୍ରାୟଂ ଅନ୍ୟଥା ପ୍ରତିପାଦୟନ୍ତି ତନ୍ନ; ପୂର୍ବାପରବିରୋଧାତ୍, ଅବଗୀତଶିଷ୍ଟାଚାର ବିଗର୍ହିତତ୍ୱାଚ, ତତ୍ତୁଚ୍ୟତେ ଯଥା ଏକାଷ୍ଟମ୍ୟାଃ ଉଭୟଦିନ ନିଶୀଥବ୍ୟାପ୍ତି ପକ୍ଷଂ ଷୋଡ଼ଶଦିନ ଦୁର୍ଗୋତ୍ସବୋପଯୋଗିତ୍ୱମାଦାୟ ଉଭୟଦିନବ୍ୟାପ୍ତିଂ ସ୍ୱକପକ୍ଷସ୍ତ୍ରଦିନୋପଯୋଗିତ୍ୱଂ ଦେଶୀୟ ଇତି ପକ୍ଷାପରସଙ୍ଗତଃ, ଷୋଡ଼ଶଦିନାଦି ଦୁର୍ଗୋତ୍ସବସ୍ୟ ମହାଷ୍ଟମ୍ୟେକା, ଏକଦିନପକ୍ଷ ଦୁର୍ଗୋତ୍ସବସ୍ୟ ମହାଷ୍ଟମ୍ୟପରେତି ଶିଷ୍ଟାଚାରବିରୋଧଃ ପାମରୈରପି ବେଦିତବ୍ୟଃ ସକଳତିଥୀନାଂ ବୃଦ୍ଧିବଶାତ୍ ଉଭୟଦିନବ୍ୟାପ୍ତିଃ, କ୍ଷୟବଶାତ ଉଭୟଦିନାବ୍ୟାପ୍ତିଃ, ଏତଦ୍ଦ୍ୱୟଂ ବ୍ୟାପ୍ତିମାଦାୟ ସ୍ମୃତିକର୍ତ୍ତୃଭିଃ

ବ୍ୟବସ୍ଥାପ୍ୟତେ, କିନ୍ତୁ ଏତାଦୃଶୀ ବ୍ୟବସ୍ଥା ନ ଶ୍ରଦ୍ଧା ନ ଶ୍ରୋତବ୍ୟା ଚ, ଅତୋ ମୂଳଚ୍ଛେଦ ପାଣ୍ଡିତ୍ୟ ପ୍ରକର୍ଷଃ, ଅତଃ ଶ୍ରୀ ଗଦାଧରଚୂର୍ଣ୍ଣିକାୟାଃ ଉଦ୍ଦେଶାର୍ଥକରଣେନ ଶିଷ୍ଟାଚାରବିରୋଧଃ ନାପି ପୂର୍ବାପରସଙ୍ଗତଃ; ଯଥା, ମହାଷ୍ଟମୀବିଚାରପ୍ରକରଣେ ପ୍ରଥମତଃ ଉଭୟଦିନବ୍ୟାପ୍ତୌ ପୂର୍ବେଦ୍ୟୁଃ ବଳଦାନାନ୍ତପୂଜାଂ ପରେଦ୍ୟୁଃ ଉପବାସାଦିକଂ ଚ ନିର୍ଣ୍ଣୀୟ ଅବ୍ୟାପ୍ତୌ ମୁଖ୍ୟାଭାବେ ଗୌଣସ୍ୟୋପାଦେୟତ୍ୱମିତିନ୍ୟାୟେନ ଅଷ୍ଟମ୍ୟାଃ ନିଶୀଥଗୁଣପ୍ରାଶସ୍ତ୍ୟକାଲେ ଅଭାବାତ୍ ତଥୋଃ ଅତ୍ରୋପଯୋଗିତ୍ୱା ପଣ୍ଡିତସର୍ବସ୍ୱକାରେଣୋକ୍ତସ୍ୟ ଅଷ୍ଟମ୍ୟନ୍ତପ୍ରତିପାଦକସ୍ୟ ଅସାମ୍ପ୍ରତଂ ବର୍ତ୍ତତେ ଯା ଚ ସାତଥିଃ ସର୍ବକର୍ମସ୍ୱିତି ବାକ୍ୟସ୍ୟ ପ୍ରାମାଣ୍ୟେନ ଗୌଣରୂପସଙ୍କଳ୍ପକାଳୋଦୟକାଳବର୍ତ୍ତୀ ତଥୋ ଅଷ୍ଟମୀବହୁତବଳଦାନାନ୍ତ ପୂଜାଦିକଂ ସର୍ବଂ ବିଧେୟମିତି, ସର୍ବାନ୍ତଃ, କିନ୍ତୁ କେବଳଂ ଅଷ୍ଟମୀରୂପୈକଦିନପକ୍ଷବିଷୟେ ପରନ୍ତେଭି ତେଷାମଭିପ୍ରାୟଃ, ଅନ୍ୟଥା କୁତ୍ରାପି ତେଷାଂ ଗ୍ରନ୍ଥେ ଉଭୟଦିନାବ୍ୟାପ୍ତିପକ୍ଷେ ଅଷ୍ଟମୀଦିନସ୍ୟ ନିର୍ଣ୍ଣୟାଭାବାତ୍; ମୂଳାଷ୍ଟମ୍ୟାଂ ସଙ୍କଳ୍ପିତ ଦୁର୍ଗୋତ୍ସବସ୍ୟ କ୍ରମତଃ ସ୍ୱକପୋଲକଳ୍ପିତୈକଦିନପକ୍ଷରୂପମହାଷ୍ଟମ୍ୟାଃ ଉଭୟଦିନବ୍ୟାପ୍ତିରୂପ ଭେଦାନୁସାରେଣ ମହାଷ୍ଟମୀବିହିତ ବଳିଦାନାଦିକମନୁଷ୍ଠେୟଂ, ତଦଷ୍ଟମ୍ୟାସ୍ତୁ ଉଭୟଦିନାବ୍ୟାପ୍ତିପକ୍ଷେ ତଦୁତ୍ସବେ ସଙ୍କଳ୍ପସ୍ୟାନାବଶ୍ୟକତ୍ୱାତ୍ ବାଧ୍ୟସଦନ୍ୟାନୁସନ୍ଧାନନ୍ୟାୟେନ ଏକଦିନ ରୂପମହାଷ୍ଟମୀ କରଣୀୟେତ୍ୟର୍ଥକଲ୍ପନେ ବହୁଦୋଷାକ୍ରାନ୍ତତ୍ୱଂ ଶ୍ରୀ ମହତ୍ତ୍ୱକସ୍ୟ, କଥମିତିଚେତ୍ ଉଚ୍ୟତେ ଯଥା ମହାଷ୍ଟମୀରୂପୈକଦିନପକ୍ଷଦୁର୍ଗୋତ୍ସବସ୍ୟ ସଙ୍କଳ୍ପାଙ୍ଗତ୍ୱାତ୍ କର୍ମକାଳେ ଉଭୟତ୍ର ବ୍ୟାପ୍ତିପକ୍ଷେ କଥଂ ପୂର୍ବେଦ୍ୟୁଃ ମହାଷ୍ଟମୀପୂଜାଦିକଂ ବିଧାତବ୍ୟଂ ? ସଙ୍କଳ୍ପକାଳାଲାଭାତ୍, ଆରମ୍ଭସମାପ୍ତ୍ୟୋଃ ମୁଖ୍ୟକାଳାପେକ୍ଷତ୍ୱାତ୍, ଅଥବା ଷୋଡ଼ଶଦିନାଦିପକ୍ଷାଣାଂ ମୂଳାଷ୍ଟମ୍ୟାଦ୍ୟାରମ୍ଭତିଥିଷୁ ପୂର୍ବେଦ୍ୟୁଃ ଅସ୍ତମନସାୟାହ୍ନକାଳବର୍ତ୍ତିନୀଷୁ ସତୀଷୁ ନ ଷୋଡ଼ଶଦିନାଦି ପୂଜାରମ୍ଭଃ, ତତ୍ର ସଙ୍କଳ୍ପ କାଳେତିଥେରଭାବାତ୍, ଅପରଂ ଚ ଏକତିଥିବିଷୟାନ୍ତର୍ଗତୈକ ପକ୍ଷଃ — ଅନ୍ୟତ୍ର ନିଯୋଜ୍ୟଃ, ଅନ୍ୟପକ୍ଷସ୍ତୁ ସ୍ୱପକ୍ଷେ ବ୍ୟବସ୍ଥାପିତବ୍ୟଃ ଇତି ଲୁପ୍ତୋବ୍ୟବସ୍ଥାପକେନାବଲୋକିତମିତି ଅଦ୍ୟାଭର୍ଜନୀୟବଶୀପୂତେ, ମହାଷ୍ଟମୀ ପରଦିନଏବ ମହାନବମ୍ୟାଃ ନିଶୀଥାଦ୍ୟାଭିବ୍ୟ ପୂଜାୟାଃ କୁତଃ ପ୍ରାପ୍ତିଃ ତଚ୍ଚୂର୍ଣ୍ଣିକାୟାଃ ଗଦାଧରେଣାଭିହିତା ତସ୍ୟାୟମଭିପ୍ରାୟଃ, ଯଥା, ବାଣ ବୃଦ୍ଧିରସକ୍ଷୟ ଇତି ସ୍ମୃତ୍ୟୁକ୍ତ

Split by PDF Splitter
Digitized by srujanika@gmail.com

Split by PDF Splitter



କ୍ଷୟ ବୃଦ୍ଧି ବ୍ୟବସ୍ଥୟା ଉକ୍ତବ୍ୟାବପି ଯଥା ତନ୍ତ୍ରାନ୍ତରେ । ଗୈଢଲ୍ୟାଦପ୍ରଚୁରପ୍ରମାଣକେଳେନ ପୂର୍ବେଦ୍ୟୁଃ ମହାଷ୍ଟମୀ ବଳଦାନାନ୍ତ ପୂଜା ଅବଶ୍ୟଂ ବିଧେୟଃ; ଦ୍ୱୟୋର୍ନୈରନ୍ତର୍ଯସ୍ୟ ନିଷ୍ପାଦକତ୍ୱାତ୍ ଅତଃ ସ୍ୱଳସୀ ପୂଜା ଉକ୍ତକୃତ୍ୟାବପି ଚ୍ଛିଦ୍ରନାମ୍ନିକା; ସାଦ୍ଧି କା; ପୂଜା ଚତୁର୍ଦ୍ଦିନାସ୍ନିବେଢ ପଗ୍ରମର୍ଦ୍ଦଃ, ଉକ୍ତସ୍ୟେହ୍ୟପି ପୂର୍ବଦିବା ସ୍ଥାତବ୍ୟଭ୍ୟାସ୍ୟଃ ନାସ୍ୟାସ୍ତୁମ୍ଭିକାଯ୍ୟଃ; କୋଽର୍ଥଃ ସାଧୂ ଉପ୍ତ ଭଗଣମବ ଲୋକ୍ୟ ସ୍ଥୀଭିରବଶେଷଂ, ଅତଃ ଶ୍ରୀ ଗଦାଧରସ୍ୟ ନ ସ୍ୱମଳବରୋଧଃ, । ବସ୍ତୁତନ୍ତ୍ରସ୍ୟୋଭ୍ର ବାକ୍ୟସ୍ୟ ନାତ୍ରାବକାଶଃ ଶ୍ରୀ ଗଦାଧରେଣ ଏତସ୍ୟ ଉପବାସ ବିଷୟକତ୍ୱେନ ଦୂଢପାଦରତ୍ୱାତ୍ ବଳଦାନାନ୍ତ ପୂଜାସ୍ୱକସ୍ୟ ଷୋଡ଼ଶଦଳାନ୍ତ୍ୟସ୍ୱକସ୍ୟ ବଳିଦାନାନ୍ତୁଷ୍ଠାନେ ପ୍ରତ୍ୟେକ ତିଥୀନାଂ ବଶେଷତଃ ଅଭ୍ରମୃତଥେସ୍ୱ ବଳକାଳକ୍ୟ ପ୍ରି ବଗୃତଃ ଅବଶ୍ୟକ୍ୟଃ ନତୁ କାର୍ତ୍ତିକଦୂଷ୍ଟିମାଦର୍ ଅନ୍ତଭଥେବେଦ କର୍ମକାଳବ୍ୟାପ୍ତି ଇତି, ଏତତ୍ର ନ ସ୍ୱକଯୋଲକଳ୍ପି ତମେବ ଅସ୍ମଦେଶପ୍ରଚଳନସ୍ତୁ ଉଦର୍ପଣେ ଏତକି ଗୁରସ୍ୟ ତ୍ୟୁକ୍ତତ୍ୱାତ୍ ଯଥା, ଅତ୍ରୈବ ବଶେଷମାହୁଃ ଯଦା ସପ୍ତମୀ ବଳକାଳଗାମିନୀ ତଦା ସପ୍ତମୀବଳେଃ ସ୍ୱଦଳେ କାର୍ଯତ୍ୱେ ନ ଉପୂରସ୍ୟୋଃ ସ୍ୱଦଳେ କାଳମପ୍ରାପ୍ୟାପି ବଳଦାନଂ କାର୍ଯଂ ଅଗଭକତ୍ୱାଦର । ଅନ୍ତଭଥୁବସ୍ତୁରସ୍ୟ ମୁଖ୍ୟତସ୍ୱା ବଥମନ୍ତ୍ର ସପ୍ତମୀ ବଳକାଳପସ୍ମର୍ଶାନ୍ତୁଧାବନେ ମୁଢକର୍ତ୍ତୁଃ ପ୍ରସ୍ୟାସଃ । ଅତୋ ଉଶୀଥ କାଲଗାମୀ ନବମୀତଥେଃ ପୂର୍ବଦଳେ ମହାଷ୍ଟମୀର ଶମସ୍ତୁଶଶିଷ୍ଟାଗ୍ରରତ୍ୱସ୍ୟଃ ନତୁ ଅବଶୀତଶିଷ୍ଟାସ୍ୱରତ୍ୱସ୍ୟଃ । ନାପି ଧର୍ମଶାସ୍ତ୍ରେଷୁତଃ ସଦଳ ସ୍ତୁଷ୍ଟଦାରୈକିକାଦୂଡତ୍ୱାତ୍ । ନବମ୍ୟାଂ ଷଷ୍ଠ ବକୁଳରତ୍ୟାଦେ୍ୟ ଭବେଦଳା ରବନ୍ତୁ ନିତ୍ୟାନ୍ତ ଯଷ୍ଟିଢେବୋତ୍ତସ୍ୟ ସୂତଃ ଭିଷ୍ୟୋତକତ୍ୱେନାଣ ପ୍ରକାଶନ ଇତି । ଦୁର୍ଗୋତ୍ସବ ତନ୍ତ୍ରାବସ୍ତ୍ରୁତଃ ଦୁର୍ଗୋତ୍ସବେ ଷୋଡ଼ଶଦଳାଦ ପୂଜାସ୍ୟ ଅସ୍ତମନ ସନ୍ତୁଷ୍ଟୀ ତଥୀନାଂ ଅଦୁଢତ୍ୱାତ୍ ଏତନ୍ତ୍ରଦ୍ରବା ଅସ୍ତମନନ୍ତରଂ ଶ୍ରୀଭଥବସ୍ୱିଣୀ, ସ୍ୱଳା, ନବା ଉଦୟ୍ୟବନେ ଉଶାୟେ ଅସ୍ତମାନିକଃ, ତଦା ତତ୍ରାରକାନ୍ତାରେଣ ପୂର୍ବଦତ୍ତଦଥେଃ ପ୍ରବଳଅଭ ପସ୍କର୍ଷଃ ସକଳ ସୁ ଉଦୟନତଃ ନତୁ ଉଦୟସ୍ୱାବ୍ୟାପ୍ତି ପକ୍ଷେ ତଳ୍ଳାଭବୋପପରୋଗୀ । ସୁଦସାର ସଙ୍ଗ୍ରହେ କଥିତଃ ; ଏତେନ ଯଦି ମହାନବମ୍ୟା ମହାନବମୀ ପ୍ରାପ୍ତା ତତଃ ପୂର୍ବା ମହାଷ୍ଟମୀ ବ୍ୟାପ୍ତା ତତ୍ର ପୂଜା କର୍ତ୍ତବ୍ୟେତ ଚୁଷ୍ଟିବା ଷମ୍ପାଦାବନେବିବ ଯତ୍ ସ୍ୱମଳଷ୍ୟାଳବଦ୍ୟତ୍ୱଂ ପ୍ରତିପାଦନଂ ତତ୍ର ସ୍ୱମଳଦୋଷାଧାଯକ ମେବ କଥମିଚ ଚେତ୍ ବଣଦ୍ୟତେତ୍ୟର୍ଥଃ ଯଥା,

ଅଷ୍ଟମୀ ନବମୀ ସଂଯୁକ୍ତେନ ବାକ୍ୟେନେନ ସପ୍ତମ୍ୟ ଦବସେ ପୂର୍ବାପରବଶ୍ୟତ୍ୱଦ୍ୟୋଯେତ ଉଶାୟେ ଅଷ୍ଟମୀ ଉପସ୍ଥିତା, ତଦେବୋଃ ଉଦୟଦନବ୍ୟାପ୍ତୌ ପୂର୍ବାଷ୍ଟମୀ ମହାଷ୍ଟମୀ ଶବବାଚ୍ୟେତ ଅବଧେୟଂ ତତ୍ ବଳଦାନାନ୍ତ ପୂଜା କଥେସ୍ୟା, ଅପରଥା ପରେଦ୍ୟୁରଭ୍ୟାଶଯ୍ୟଃ ଅସ୍ୟାସ୍ତୁମ୍ଭିକାସ୍ୟଃ ଅତଃ ଗଜଷମ୍ପ୍ରରେ ଉଶାୟେ ମହାନବମ୍ୟାଃ ଅଗ୍ରିବାତ୍ ସକଳୁକାଳବର୍ତ୍ତିତଥିମବଳମ୍ୟ ପ୍ରୋକ୍ତ ପୂଜାଦଳଂ ଅନୁଷ୍ଠେୟମିଡ । ମହାନବମୀ ନବାଷ୍ଟମୀଭ୍ୟାସକ୍ତାସ୍ୱଂ, ସା ମହାନବମୀ ପ୍ରୋକ୍ତ୍ରେଭ୍ୟାଦବାକ୍ୟେନେନ ଅଷ୍ଟମ୍ୟାଃ ମହାନବମ୍ୟଭଥେସ୍ୱକ୍ୱସ୍ୟ ପ୍ରତିଅଦତତ୍ୱାତ୍ ତତ୍ ସ୍ୱୁଭକର୍ତ୍ତଭଃ । ଅତଃ ସମସ୍ତତ୍ତ୍ୱପାଠ ନବାଷ୍ଟମ୍ୟାଃ ଉଦୟଦିନ ଉଶାୟେ ବ୍ୟାପ୍ତ୍ୟଭାବାତ୍ ପରଦିନପକ୍ଷାବଲମ୍ବନେ ଏତଦ୍ଦେଶୀୟସ୍ମାର୍ତ୍ତ ସ୍ତୁଷ୍ଟଦର୍ଶିବଦାଦଃ ମୂଳ ଏବ ଅତଃ ପଞ୍ଚିକାସ୍ୱଂ ପୂର୍ବେଦ୍ୟୁଃ ଯତ୍ ମହାଷ୍ଟମ୍ୟନୁଷ୍ଠାନଂ ତତ୍ ଭ୍ରମମୂଳକଂ ନବେତି ସଦସଦ୍ବିଚାରଧୁରୀଣୈଃ ବନ୍ଦ ନରୈଃ ନଷ୍ଟୈବ ଦ୍ୟାମିତ ପ୍ରାର୍ଥୟେ ଶମସ୍ତୁ ସବଧେୟ । ପ୍ରଥମାଷ୍ଟମୀ ଋଷଭସ୍ୱ ଗୋଷ୍ଠୀ ଭକ୍ତ୍ୟାଦା, ଏକାଦଶୀ ପୂର୍ବାହ୍ନ ଗଶ୍ମାଦି, ଏତଦ୍ଦେଶଦ୍ରବ୍ୟମବଲମ୍ବ୍ୟ ଯତ୍ ସ୍ୱମତଂ ସମର୍ଥିତଂ, ତଦନନ୍ତରଂ ମଧ୍ୟାହ୍ନବ୍ୟାପକଂ ବଂଶଦୀକ୍ଷାଦି ବଚନବତ୍ ଅମୂଳକମିତ ପ୍ରଗଣ୍ୟତେ କାପି ଅସ୍ମଦ୍ଦେଶୀୟସ୍ମୃତି ଷ୍ଟ୍ରେତ୍ରିବଡଳନ୍ଧୁତ୍ୱସ୍ୟ ଉକ୍ଷେଶାତ୍ୱକତ୍ । ଅଥବା ପ୍ରୋକ୍ତବଡନଦ୍ୱୟସ୍ୟ ସମ୍ପଳତ୍ୱାଜତେ, ଶୋଢା ବେଦାନ୍ତର୍ଗତେ ପରେଦ୍ୟୁରେବୋଦୟକାଳ ବ୍ୟାପ୍ତି ପକ୍ଷେତ୍ ତକାଲେ ବଚନଦ୍ୱୟସ୍ୟ ବଳବେଦ ପ୍ରଜାସ୍ତୁଳବତ୍, ନତୁ ଉଦୟଦିନବ୍ୟାପ୍ତ୍ୟାଦିପକ୍ଷେଷୁ କୃଷ୍ଣପକ୍ଷେ ସପ୍ତମୀ ଚୈତ୍ର କୃଷ୍ଣପକ୍ଷେ ଚତୁର୍ଦ୍ଦଶୀ ପୂର୍ବାହ୍ନେ ବେଦ କର୍ତ୍ତବ୍ୟା ପରହତା ନବହିତତ୍ ଇତ୍ୟାଦିବାକ୍ୟେନ ପରଦିନତ୍ୱଅନୁଷ୍ଠାନ ଉପଶେଷସ୍ୟ ଜାଗରୂକତ୍ୱାତ୍ । ଏତଦର୍ଥଃ ସତିଶୀନୋ ନବେତି ଅଥଃସ୍ପ୍ରଥମାଷ୍ଟମୀତ୍ୟସ୍ୟ କାଲଷାଲକିତଂକ୍ତିତ୍ୱମବଗନ୍ତବ୍ୟ ଇବେ ତନ୍ନମ୍ ସ୍ତୁତିଃ । ପ୍ରଥମାଷ୍ଟମୀ ଇତ୍ୟେ କାଲଷାଳର ଯଥା— ମାର୍ଗଶୀର୍ଷକୃଷ୍ଣପକ୍ଷେ ପ୍ରଥମାଷ୍ଟମୀ, ତତ୍ର ପୂର୍ବଦେଷେ ପ୍ରଥମଗର୍ଭୋତ୍ପନ୍ନସ୍ୟାୟୁ ବିନ୍ତୃଦ୍ଧ୍ୟର୍ଥଂ ଗଣେଶାଦି ଦେବଗଣପୂଜାପୂର୍ବକଂ ନୀରାଜନଂ କୁର୍ଯ୍ୟାତ୍, ସମାଗ୍ରେବ ପ୍ରମାଣଂ । ଉକ୍ତ ସୋଦୟସ୍ୱିମୁହୂର୍ତ୍ତବ୍ୟାପ୍ତ୍ୟାଦ୍ୟବସ୍ଥା । ତସ୍ୟ ଦ୍ୱୈଧେ ପୂର୍ବେଦ୍ୟୁକତ୍ୱଜାପନା । କୃଷ୍ଣପକ୍ଷାଷ୍ଟମୀତ୍ୱାତ୍ ଯତ୍ ମଧ୍ୟାହ୍ନବ୍ୟାପକଂ ବଂଶଦୀକ୍ଷନ ପ୍ରଥମାଷ୍ଟମୀ ଇତି ପୂଜାଦିକଂ କାର୍ଯଂ ନୂନା—

ତେତ୍ ପ୍ରକାଶ୍ୟର ଇତି ଭବନ୍ମୂଳକମିତ ନିବେଦୟତଃ ।

| | |
|---|---|
| | ଅଳମତିପ୍ରପଞ୍ଚେନ |
| ୧୧।୬।୯୮ | ବନମ୍ଭାବନଗର |
| ସବର୍ଣ୍ଣପ୍ରଭାଗିଶିଥ୍ରୀ | ଶ୍ରୀମାଳଗୋବିନ୍ଦପଟ୍ଟ |
| ଷାସନବ୍ରାମୋଦରପ୍ରରଥା | ସଦକାଷ୍ଟି ଶର୍ମ୍ମାଦର |

ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ବଳାଢନ ପାଳାବ୍ୟିକ ସର୍ଭେୟର | ବଣପଦ | ୫ ୦ |
| „ ଗୋବିନ୍ଦଚନ୍ଦ୍ର ଦାସ | ପିପିଲି | ୫ ୧ |
| „ ସନ୍ଧ୍ୟମଣି ହରି | ଦନ୍ତଗଣ | ୫ ୨ |
| „ ଯୋଗିନ୍ଦ୍ରନାରସ୍ | ଭଦ୍ରେଇନ୍ଦ୍ରା | ୫ ୦ |
| „ ଗୋଲକଚନ୍ଦ୍ର ଘୋଷ | କଟକ | ୫ ୦ |
| ଚୌଧୁରୀ ପଦ୍ମଚରଣ ବାରହୋଲ | ଖୁଲର୍ଣ୍ଣା | ୫ ୦ |
| ବାବୁ ବାଞ୍ଛାନିଧି ସେନା | ମାର୍ଶାଘାଇ | ୫ ୦ |
| „ ଗଣପତି ଦାସ | ଚାନ୍ଦସୀ | ୫ ୦ |
| ମୁନ୍ସି ମହମ୍ମଦ ଅଲି | କଟକ | ୫ ୧ |
| ବାବୁ ପୂର୍ଣ୍ଣଶିବ ପାଲ | ଅନନ୍ତପୁର | ୫ ୦ |
| „ ହରେକୃଷ୍ଣ ଦାସ | ସଦାଶିବପୁର | ୫ ୧ |
| „ ଲୋକନାଥ ପଣ୍ଡା | ମାର୍ଶାଘାଇ | ୫ ୦ |
| „ ଲକ୍ଷ୍ମଣ ପଣ୍ଡା ମହିନ୍ଦ୍ର ସ୍କୁଲ୍ ଅଡିଶନ ମିର୍ଜାପୁର | | ୫ ୦ |

# ବିଜ୍ଞାପନ ।


## CUTTACK CO-OPERATIVE STORE.

At a public meeting held on 11th June 1898 at the residence of M. S. Das which meeting was attended by a large number of pleaders, Mooktars and amlahs it was decided to start a Co-operative Store for the supply of articles of necessary consumption such as rice, dal, ghee, oil, cloth, firewood, &c. to the shareholders and to the general public.

The business is to be commenced with capital of Rs. 10,000 which is to be divided into 2000 shares of Rs. 5 each. The allotment of shares will be open till the 26th instant within which time all applications must be made to the Hony. Secretary, Madhu Sudan Das, Cuttackchundi, Cuttack. The application must specify the number of shares wanted.

At least half the value of the shares alloted must be paid on or before the 5th of July next and the balance must be paid before the 5th of August next.

The following gentlemen have been appointed Directors:—

Babu Hari Charan Banerjee pleader
„ Madhu Sudan Das „


Digitized by srujanika@gmail.com

Split by PDF Splitter



„ Janki Nath Bose „
„ Bunmali Das mooktar
„ Rajkishore Mahanty „
„ Jadu Nandan Muzoomdar Nazir, Collectorate
„ Juggut Ballab Ghose Sherestader, Judge's Court
„ Moonshee Mohamed Ali Translator, Judge's Court

Babu Madhu Sudan Das was appointed Secretary and Babu Janki Nath Bose Treasurer

There will be meeting of share-holders every six months,

M. S. Das,
*Hony. Secretary.*

## କଟକ ଯୌଥ ଭଣ୍ଡାର ।

ମଧୁସୂଦନ ଦାସଙ୍କ ଘରଠାରେ ସନ୧୮୯୮ ମସିହା ଜୁନମାସ ତା ୧୧ ଋଖରେ ହୋଇଥିବା ଏକ ସର୍ବସାଧାରଣଙ୍କ ସଭା କି ଯହିଁରେ ଅନେକ ସଂଖ୍ୟକ ଓକିଲ ମୁକ୍ତାର ଏବଂ ଅମଲାମାନେ ଉପସ୍ଥିତ ଥିଲେ ତହିଁରେ ଅଂଶୀଦାର ଓ ସର୍ବସାଧାରଣଙ୍କୁ ଚାଉଳ, ଡାଲି, ଘିଅ, ତେଲ, ଲୁଗା, ଜାଳେଣି କାଠ ଇତ୍ୟାଦି ନିତ୍ୟ ବ୍ୟବହାରୀୟ ଦ୍ରବ୍ୟମାନ ଯୋଗାଇବା କାରଣ ଗୋଟିଏ ଯୌଥ ଭଣ୍ଡାର ସ୍ଥାପନ କରିବାର ସ୍ଥିର ହେଲା ।

ଏଥିର କାର୍ଯ୍ୟ ଦଶହଜାର ଟ ୧୦,୦୦୦ଙ୍କା ମୂଳ ଧନରେ ଆରମ୍ଭ ହେବ ଏବଂ ତାହା ୨୦୦୦ ଅଂଶରେ ବିଭକ୍ତ ହେବ । ପ୍ରତି ଅଂଶର ମୂଲ୍ୟ ଟ ୫୲ ଙ୍କା ଚଳନ୍ତ ମାସ ତା ୨୭ ଋଖ ପର୍ଯ୍ୟନ୍ତ ଉକ୍ତ ଅଂଶମାନ ବଣ୍ଟାଯିବ ଏବଂ ଯାହାଙ୍କର ଯେତେ ଅଂଶ ନେବାର ଇଚ୍ଛା ହେବ ସେ ତାହା ଲେଖି ସହର କଟକ କଟକଚଣ୍ଡୀ ନିବାସୀ ମଧୁସୂଦନ ଦାସ ସମ୍ପାଦକଙ୍କ ସମୀପକୁ ଉକ୍ତ ତାରିଖ ମଧ୍ୟରେ ଆବେଦନ କରିବେ ।

ଯେ ଯେତେ ଅଂଶ ନେବେ ତହିଁର ଅର୍ଦ୍ଧେକ ମୂଲ୍ୟ ଆଗାମୀ ଜୁଲାଇମାସ ତା ୫ ଋଖ କିମ୍ବା ତହିଁ ପୂର୍ବେ ଦେବାକୁ ହେବ ଏବଂ ଅବଶିଷ୍ଟ ଟଙ୍କା ଆଗାମୀ ଅଗଷ୍ଟ ମାସ ତା ୫ ଋଖ ଆଗରୁ ଦେବାକୁ ହେବ ।

ନିମ୍ନ ଲିଖିତ ଭଦ୍ରଲୋକମାନେ ଡାଇରେକ୍ଟର ପଦରେ ନିଯୁକ୍ତ ହୋଇଅଛନ୍ତି ।

ବାବୁ ହରିଚରଣ ବାନର୍ଜ୍ଜୀ ଓକିଲ
„ ମଧୁସୂଦନ ଦାସ „
„ ଜାନକୀନାଥ ବସୁ „
„ ବନମାଲୀ ଦାସ ମୁକ୍ତାର
„ ରାଜକିଶୋର ମହାନ୍ତି „
„ ଯଦୁନନ୍ଦନ ମଜୁମଦାର କଲେକ୍ଟରୀ ନାଜର
„ ଜଗତ୍‌ବଲ୍ଲଭ ଘୋଷ ଜଜ ଅଦାଲତ ସିରସ୍ତାଦାର
ମୁନସି ମହମ୍ମଦ ଅଲି ଜଜ ଅଦାଲତର ମୁତରଜମ

ବାବୁ ମଧୁସୂଦନ ଦାସ ଉକ୍ତ ଯୌଥଭଣ୍ଡାରର ସମ୍ପାଦକ ଏବଂ ବାବୁ ଜାନକୀନାଥ ବସୁ କୋଷାଧ୍ୟକ୍ଷ ନିଯୁକ୍ତ ହେଲେ ।

ପ୍ରତ୍ୟେକ ମା ୬ ପରେ ଅଂଶିଦାରମାନଙ୍କର ସଭା ହେବ ।

ଶ୍ରୀ ମଧୁସୂଦନ ଦାସ
ଅବୈତନିକ ସମ୍ପାଦକ ।

## ବିଜ୍ଞାପନ ।

ଶାରଳାଦାସଙ୍କର ଅଷ୍ଟାଦଶପର୍ବ
ସଚିତ୍ର
### ମହାଭାରତ ।

ଏହା ଓଡ଼ିଶାବାସୀଙ୍କର ଅପରିଚିତ ଗ୍ରନ୍ଥ ନୁହେ । ଏହାକୁ ଭକ୍ତିପୂର୍ବକ ଶ୍ରବଣ ଓ ପାଠ କରି ଲୋକେ ଅଭିଳଷିତ ସୁଫଳ ପ୍ରାପ୍ତ ହେଉଥିବାରୁ ଏହାର ଆଦର ଯେମନ୍ତ ଅଧିକ ଗ୍ରନ୍ଥପ୍ରାପ୍ତିର ଅଭାବ ତଦୋଧିକ ଅତଏବ ସୁବର୍ଣ୍ଣପ୍ରକାଶକ କମ୍ପାନୀ ଏଥିର ମୁଦ୍ରାଙ୍କନ ବିଷୟରେ ଦୃଢ଼ସଙ୍କଳ୍ପ ହୋଇଅଛନ୍ତି ଅଚିରେ ଉକ୍ତ ଅଭାବ ପୂରଣ ହେବାର ସମ୍ଭବ ।

ଏହା ଅତିଶୟ ବୃହତ୍ ଗ୍ରନ୍ଥ ଏଥିର ମୂଲ୍ୟ ସୁଲଭ କରିବାରେ ତ୍ରୁଟି ହେବ ନାହିଁ । ସୁନ୍ଦର ସୁନ୍ଦର ଚିତ୍ର ମଧ୍ୟ ଦିଆଯାଇଅଛି ଓ ପ୍ରତ୍ୟେକ ଖଣ୍ଡରେ ସ୍ଥାନବିଶେଷରେ ଦିଆଯିବ । ସାଧାରଣଙ୍କ ସୁବିଧା ନିମନ୍ତେ ଏକ ଏକ ପର୍ବ ବିକ୍ରୟ ହେବ । କ୍ରମେ୨ କ୍ରୟ କଲେ ମୂଲ୍ୟ ବିଶେଷ କାହାରକୁ ବାଧିବ ନାହିଁ । ବର୍ତ୍ତମାନ ସଚିତ୍ର କର୍ଣ୍ଣ, ଶଲ୍ୟ, ଓ ଗଦାପର୍ବ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

କର୍ଣ୍ଣପର୍ବ ଟ ୦।୵ ଡାକମାସୁଲ ଟ ୦୵୬
ଶଲ୍ୟପର୍ବ ଟ ୦।୵ „ ଟ ୦୵୬
ଗଦାପର୍ବ ଟ ୦। ଡାକମାସୁଲ ଟ ୦୵୬

ଅମୃତ ଗୋଟିଏ ସଦାବର୍ତ୍ତ ଅଛି ସେଠାରେ ଯେଉଁ ଦୁଃଖୀ ଦରିଦ୍ର ପଥିକ ଓ ସାଧୁ ବୈଷ୍ଣବ ମାନେ ଉପସ୍ଥିତ ହୁଅନ୍ତି ସେମାନଙ୍କୁ ଭୋଜନ-ସାମଗ୍ରୀ ଏବଂ ସ୍ୱସ୍ତ୍ରାର୍ଥେ ବିବେଚନା ମତେ ଦିଆ-ଯାଏ । ବର୍ତ୍ତମାନ କେତେଦିନ ହେଲା ଏହି ସଦାବର୍ତ୍ତକୁ ବିଶେଷ ଅଭ୍ୟାଗତ ଅସ୍ପ ନ ଥିବାରୁ ଆମ୍ଭେ ନିତାନ୍ତ ଚିନ୍ତିତ ଅଛୁଁ । ଏତଦ୍ୱାରା ତୀର୍ଥବାସି ସାଧୁ ବୈଷ୍ଣବମାନଙ୍କ ପାଦପଦ୍ମରେ ଜଣାଉଁଅଛୁ କି ସେମାନେ ତୀର୍ଥକୁ ଯିବା ସମୟରେ ଆମ୍ଭର ଏହି ସଦାବର୍ତ୍ତକୁ ଆଗମନ କଲେ ଆମ୍ଭର ସାଧ୍ୟ ଅନୁସାରେ ସେମାନଙ୍କର ଚର୍ଚ୍ଚା କରି ଆପଣାର ଜୀବନକୁ ଚରିତାର୍ଥ କରିବୁ । ଇତି ୧୦।୬।୯୮

ଶ୍ରୀ ମହାଜନ ଦାସ ସାହୁ
। ଗ୍ରା । ଜଳସର ବ୍ରହ୍ମପୁର । ପ୍ର । ବରୁଅ-
ଯାଜପୁର ସଃ ଓଦଳନ
ଜିଲ୍ଲା କଟକ ।

ଦ୍ୱିତୀୟ ସଂସ୍କରଣ ।

## ସରଳ-ଶରୀର ରକ୍ଷା ।

ପରିବର୍ତ୍ତିତ ଓ ନୂତନ ଚିତ୍ରପ୍ରବନ୍ଧ ।

ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆମ୍ଭ କୃତ ଉପରୋକ୍ତ ପୁସ୍ତକ ବେଙ୍ଗଲଗଭର୍ଣ୍ଣମେଣ୍ଟ ପ୍ରମୁଖ ଶିକ୍ଷାବିଭାଗୀୟ ଡାଇରେକ୍ଟର ସାହେବଙ୍କ କର୍ତ୍ତୃକ ଅନୁମୋଦିତ ହୋଇ ଓଡ଼ିଶା ବିଭାଗୀୟ ଇନ୍ସପେକ୍ଟର ମହୋଦୟଙ୍କ କର୍ତ୍ତୃକ ସମସ୍ତ ଓଡ଼ିଶାର ଅପର ପ୍ରାଇମେରୀ ଏବଂ ଲୋଅର ପ୍ରାଇମେରୀ ବିଦ୍ୟାଳୟ ସମୂହରେ ପାଠ୍ୟ ପୁସ୍ତକରୂପେ ନିର୍ଦ୍ଦିଷ୍ଟ ହୋଇ ପ୍ରଚଳିତ ହେଉଅଛି । ଏହି ପୁସ୍ତକ ବର୍ତ୍ତମାନ୍ କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ୧୫୦୦୦ ଖଣ୍ଡ ଛପା ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ପ୍ରତିଖଣ୍ଡର ମୂଲ୍ୟ ଦୁଇଅଣା ।

ସରଳ ସ୍ୱାସ୍ଥ୍ୟରକ୍ଷାର ପ୍ରଶ୍ନୋତ୍ତର ପ୍ରତିଖଣ୍ଡକୁ ଆଠପଇସା

ଓଡ଼ିଶା ସେଣ୍ଟ୍ରାଲ
ମେଡିକେଲ ହଲ
କାଲୁବଜାର କଟକ
} ଡାକ୍ତର ଶ୍ରୀ ରାମକୃଷ୍ଣ ସାହୁ

## ଧ୍ରୁବଲୀଳା ।

ଆଜିପର୍ଯ୍ୟନ୍ତ ଯେତେ ପୁଥିଙ୍କବହି ବାହାରି ଅଛି ତନ୍ମଧ୍ୟରେ ଏମନ୍ତ ବହି ଦେଖାଯାଇ ନାହିଁ

Digitized by srujanika@gmail.com

ଏହା ସର୍ବୋତ୍କୃଷ୍ଟ ବୋଲିଲେ ଅତ୍ୟୁକ୍ତି ହେବ ନାହିଁ ୧୦୬ ପୃଷ୍ଠାରେ ଧ୍ରୁବ ଜନ୍ମଠାରୁ ଧ୍ରୁବଲୋକ ଗମନପର୍ଯ୍ୟନ୍ତ ନାନାବିଧ ସୁଅଙ୍ଗ ସୁଲଳିତଗୀତରେ ଲିଖିଲେ ପୂର୍ଣ୍ଣ, ପାଠକେ ଥରେ ପାଠ କଲେ ଏଥି-ର ମର୍ମ ଜାଣିପାରିବେ ବିଶେଷ ଲେଖିବା ବାହୁଲ୍ୟ।

କଟକପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ଏଥିର ମୂଲ୍ୟ ଟ ୦ ।୵ ମଫସଲ ଗ୍ରାହକଙ୍କୁ ମୂଲ୍ୟଛଡ଼ା ~ ୦ ୧ ୬ ଡାକମାସୁଲ ପଡ଼ିବ।

ବାମନଦ୍ୱିବେଦ।


## ବିଜ୍ଞାପନ।

ଏହି କଟକ ପ୍ରିଣ୍ଟିଂକମ୍ପାନୀ ଦ୍ୱାରାରେ କଟକଟାଇପ ଫାଉଣ୍ଡ୍ରି କମ୍ପାନୀଦ୍ୱାରା ଅକ୍ଷରଢାଳିବା କାର୍ଯ୍ୟ ହେଉଅଛି। ଇଂରେଜୀ ଓ ସ୍ମଲପାଇକା ସାଇଜର ଓଡ଼ିଆଅକ୍ଷର ଓ ଇଂରେଜୀ ସ୍ମଲପାଇକା ଅକ୍ଷର ଏବଂ ନାନାପ୍ରକାର ଷ୍ଟାଇଷ୍ଟେଲନକ୍ସା କୌଣସି ଛାପାଖାନା ପାଇଁ କାହାର ପ୍ରୟୋଜନ ହେଲେ ସେ ଅମ୍ଭଙ୍କୁ ଖବର ଦେଲେ ଅମ୍ଭେ ଯୋଗାଇ ପାରିବୁଁ। ଆବେଦନ କଲେ ଅକ୍ଷରର ନମୁନା ଦେଖି ଦର ଜାଣି ପାରିବେ।

ଦରଗାବଜାର } ଶ୍ରୀ ଗୌରୀଶଙ୍କର ରାୟ
କଟକ } ମାନେଜର



ଅଠଦିନିଆ ଘଣ୍ଟାର ଉପର ଲିଖିତ ନକ୍ସାର ଓ୍ୱାଚ ରୂପା କେସର ଷ୍ଟୋଟ ଖଣ୍ଡ ଛଅ ଦିନ କଷର ବନ୍ଦ ଯାଉଛି।

ରୂପା କେସର ଓପନଫେସ ଓ୍ୱାଚର ମୂଲ୍ୟ ଟ ୪୦୲
" ହାଣ୍ଟିଙ୍ଗୀବାଲାର " ଟ ୪୫୲
ସୁନା କେସ୍‌ର ଓପନଫେସ ଓ୍ୱାଚର " ଟ ୧୬୦୲
" ହାଣ୍ଟିଙ୍ଗୀ ବାଲା " ଟ ୨୦୦୲

ଗ୍ରାହକେ କହିଲେ ସ୍ୱରୂପ ଏଠାରେ ଆଣି ପାଇବେ ଏହାଛଡ଼ା ନାନାପ୍ରକାର ଓ୍ୱାଚ ଅମ୍ଭ ଦୋକାନରେ ବିକ୍ରୀପାଇଁ ମହଜୁଦ ଅଛି। ଯାହାଙ୍କର ଯେ ପ୍ରକାର ପ୍ରୟୋଜନ ହେବ ଅମ୍ଭ ଦୋକାନରେ ତତ୍ତ୍ୱ କଲେ ସମସ୍ତ ବିଷୟ ବୁଝି ପାରିବେ ମୋଫସଲ ଗ୍ରାହକ ଇଚ୍ଛାକଲେ କେଟ-ଲଗ ପାଇ ପାରିବେ।

ଚୌଧୁରୀବଜାର } ସେଖ ଅବଦୁଲଅଜିଜ
କଟକ } ଓ୍ୱାଚ ମେକର ଓ ଜୁଏଲର


କଟକ କଲେକ୍ଟରୀ ଅଫିସ ସକାଶେ ମାସିକ ଟ ୭୲ ରା ବେତନରେ ଏକଜଣ ଉମେଦବାର ଆବଶ୍ୟକ। ଯେଉଁ ବ୍ୟକ୍ତି ହିନ୍ଦୁ, ସୁସ୍ଥ ଓ ସବଳକାୟ, ଏବଂ ସଚ୍ଚରିତ୍ର ହୋଇଥିବ ସେହି ବ୍ୟକ୍ତି କୌଣସି ଉଚିତ ଭଦ୍ରବ୍ୟକ୍ତିଠାରୁ ତାହାର ଚରିତ୍ର ସମ୍ବନ୍ଧେ ସାର୍ଟିଫିକେଟ ସହିତ ଚଳିତମାସ ତା ୨୭ ରିଖ କଟକ ତୁଳସୀପୁର କଚେରୀ ନଅରରେ ଉପସ୍ଥିତ ହେଲେ ତାହାର ନିଯୋଗ ବିଷୟରେ ବିଚାର କରାଯିବ।

କଟକ ୧୩।୬।୯୮ } ଶ୍ରୀ ରାଣୀ ଭୃଷ୍ଣପ୍ରିୟା ପାଟମହାଦେଇ ମାତା ଓ ମହାଫିଜ ନାବାଲଗ ରାଜା। ବ। କନିକା।


### ବନାରସ ମାଲ।

ବନାରସରେ ଅମ୍ଭର ଗୋଟିଏ ବାଣିଜ୍ୟ କୋଠି ଅଛି। ଉଚିତ ମୂଲ୍ୟରେ ସର୍ବସାଧାରଣଙ୍କୁ ବନାରସୀ ମାଲ ଯୋଗାଇବା ଅମ୍ଭର କାର୍ଯ୍ୟ ଅମ୍ଭେ ଭାରତର ନାନାସ୍ଥାନବାସୀ ରାଜା, ଜମି-ଦାରମାନଙ୍କୁ ବହୁସ୍ଥଳରେ ବନ୍ଧୁଭାବେ ମାଲ ଯୋଗାଇ ଆସୁଅଛୁଁ। ଅମ୍ଭ ସହିତ କାରବାର କଲେ କେହି କୌଣସି ପ୍ରକାରେ ପ୍ରତାରିତ ହେବାର ଲେଶମାତ୍ର ଆଶଙ୍କା ନାହିଁ। ବାମଣ୍ଡା, କେନ୍ଦୁଝର, ପାଟଣା, ଅଠମଲ୍ଲିକ, ଖଣ୍ଡପଡ଼ା, ସରାଇକଲା ପ୍ରଭୃତି ରାଜ୍ୟର ମହାରାଜା ବାହାଦୂରମାନଙ୍କ ନିକଟରେ ତତ୍ତ୍ୱ କଲେ ଅମ୍ଭର କଥା ଯଥାର୍ଥ ବୋଲି ଜଣା ପଡ଼ିବ ଯାହାଙ୍କର ଯେ ବସ୍ତୁ ଦ୍ରବ୍ୟ ଆବଶ୍ୟକ ହେବ ଲେଖି ପଠାଇଲେ ଅବିଳମ୍ବେ ଭେଲ୍ୟୁପେବଲ ପାର୍ଶଲରେ ପଠାଇ ଦିଆଯିବ। ମାଲ ମନୋମତ ନ ହେଲେ ବା ମୂଲ୍ୟ ଅଧିକ ବୋଧ ହେଲେ ଅନ୍ୟ ମାଲ ବଦଳାଇ ଦିଆଯିବ ବା ଟଙ୍କା ଫେରି ଦିଆଯିବ କେବଳ ମାଲର ମାସୁଲ ଗ୍ରାହକଙ୍କୁ ଦେବାକୁ ପଡ଼ିବ ଅମ୍ଭର ବାଣିଜ୍ୟ କୋଠିରେ ନିମ୍ନଲିଖିତ ପଦାର୍ଥମାନ ବିକ୍ରୟ ନିମନ୍ତେ ସର୍ବଦା ପ୍ରସ୍ତୁତ ଥାଏ। ଯଥା ବନାରସୀ କିଂଖାପ ଶାଢ଼ୀ, ଯୋଡ଼ ଚଦର, ଟୋପି, କୋଟ, ଚୋଗା, ଇଂଲିସ ଚାପ୍ପା, ସଙ୍ଗୀ ଦୋପଟ୍ଟା ମଣ୍ଡଳ, ଧୋତିରେ ବାନ୍ଧି ବାଇ ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ଇତ୍ୟାଦି ଖଚିତ ଅଙ୍ଗବସ୍ତ୍ର ପ୍ରଭୃତି।

ଏହା ଛଡ଼ା ସୁନା ରୂପାର ବାସନ, ସୁନା, ରୂପାର ଗିଲିଟ କରା ନାନା ବାହାରି ପ୍ରଭୃତି ପଦାର୍ଥ ବରାତ ଅନୁସାରେ ତିଆରି କରାଇ ଦେଉଁ। ବରାତ ଦେବାବେଳେ ଫରମାସିତ ମୂଲ୍ୟର ଚତୁର୍ଥାଂଶ ଅଗ୍ରିମ ଦେବାକୁ ହେବ। କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଅମ୍ଭର କର୍ମଚାରୀ ବା ଅମ୍ଭେ ସ୍ୱୟଂ ଯାଇ ପାରିବୁଁ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ କେଉଁ ଠିକଣାରେ କି ଉପାୟରେ (ଅର୍ଥାତ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ। ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ତଦନୁସାରେ କାର୍ଯ୍ୟ କରି ପାରିବୁଁ ପତ୍ରର ଲଫାଫା (ବହିରାବରଣ) ଉପରେ ଅମ୍ଭର ନାମ ଓ ଠିକଣା ହିନ୍ଦୀ ବା ଇଂରାଜୀରେ ଲେଖିଲେ ଶୀଘ୍ର ଅଥଚ ନିରାପଦରେ ଅମ୍ଭ ହସ୍ତଗତ ହେବ।

ଶ୍ରୀ ଧାନ୍ଦୁମାଲ ଭୋଲାନାଥ
ଭୁତ୍ତଇଡ ଫାଟକ ବନାରସ ସିଟି



ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ। ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, [illegible]
ପ୍ରଥମଥର ସକାଶେ
[illegible] ଟ [illegible]
[illegible] ଟ ୵
[illegible] ଏକ ସମୁଦ୍ରରୁ ଟ [illegible]

ମାତ୍ର କୌଣସି ବିଜ୍ଞାପନ [illegible] ଟ ୦ ୲ ରୁ ଊଣା ହେବ ନାହିଁ।

ଦ୍ୱିତୀୟ ଓ ତୃତୀୟଥର ସକାଶେ [illegible] ଦେବା [illegible]

ଅଧିକ ଥର [illegible] ସକାଶେ [illegible] ବନ୍ଦୋବସ୍ତ ହୋଇପାରିବ

ବିଜ୍ଞାପନର ମୂଲ୍ୟ [illegible] ପଠାଇବାକୁ ହେବ।

ଏହି ଉତ୍କଳଦୀପିକା [illegible]
[illegible]


Split by PDF Splitter
Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

୨୩ ଭାଗ
୨୫ ସଂଖ୍ୟା

ତା ୨୪ ଏଣ ମାହେ ଜୁନ ସନ ୧୮୮୮ ମସିହା । ମୁ। ଶ୍ରା ୧୭ ଶ ଅଷାଢ ସନ ୧୨୯୫ ସାଲ ଶନିବାର ।

ଅଗ୍ରୀମ ଟ ୨
ପଶ୍ଚାଦେୟ ଟ ୨।୰

ମହାମାନ୍ୟ ବଡ଼ଲାଟ ଏବଂ ତାହାଙ୍କର ସେକ୍ରେଟେରୀମାନେ ଗତ କାଲି ଦାର୍ଜିଲିଂଠାରୁ କଲିକତାକୁ ଫେରି ଆସିଅଛନ୍ତି ।

ବମ୍ବେଇ ଓ କରାଚିରେ ମହାମାରୀର ପ୍ରକୋପ ଜଣା ପଡ଼ୁଅଛି ହେଁ କୌଣସିଠାରୁ ଏହାବେଳେ ବନ୍ଦ ହୋଇ ଯାଇ ନାହିଁ । ପଞ୍ଜାବରେ ଅଦୃଶ୍ୟ ଥିଲା । ପୁଣି ଏକଜଣଙ୍କୁ ରୋଗ ଧରିବାର ପ୍ରକାଶ ପାଉଅଛି ।

ଆସନ୍ତା ଜୁଲାଇମାସ ପ୍ରଥମଦିନଠାରୁ ଇଷ୍ଟ କୋଷ୍ଟରେଲୱେର ଖୁର୍ଦ୍ଦାରୋଡ଼ ଓ ଧାମା ଷ୍ଟେସନମାନଙ୍କ ମଧ୍ୟରେ ଗଞ୍ଜାମଠାରେ ଗୋଟିଏ ଷ୍ଟେସନ ଫିଟିବ । ରେଲଗାଡ଼ି ଯାତାୟାତସମୟରେ ସେଠାରେ ଅଳ୍ପକ୍ଷଣ ଅଟକି ଯାତ୍ରୀ ଏବଂ ମ୧୦୦ଜଣ ପର୍ଯ୍ୟନ୍ତ ମାଲ ପାର୍ସେଲ ଇତ୍ୟାଦି ବୋହାଇନେବା ହେବା ହେବ ।

ପୋ ରେଭେନସା କଲେଜ ସ୍କୁଲଗୁ ଛାତ୍ରାବାସର କାମ୍ପ ନିର୍ମାଣର ଉପଯୁକ୍ତ ବନ୍ଦୋବସ୍ତ କରିବା ଉଦ୍ଦେଶ୍ୟରେ ଗତ ମଙ୍ଗଳବାର ଅପରାହ୍ନ ଘଣ୍ଟା ସମୟରେ ରେଭେନସା କଲେଜ ଗୃହରେ ଗୋଟିଏ ସଭା ହୋଇଥିଲା । ଆମ୍ଭେମାନେ ତହିଁର କାର୍ଯ୍ୟ ବିବରଣ ଅସମୟରେ ପାଇବାରୁ ଏଥର ପ୍ରକାଶ କରିପାରିଲୁ ନାହିଁ । ଅନନ୍ତର ବିଷୟ ସେ ସଭାଟି ସଫଳ ହୋଇଥିଲା ।

ଲେମାଲ ଜାତିରବାଲି ମୃତ ଭେଙ୍କଟ ରାଓଙ୍କ ସ୍ତ୍ରୀ ରାଣୀ ଲକ୍ଷ୍ମୀବାଇ ଦ୍ୱିତୀୟ ଶ୍ରେଣୀର ମାଜିଷ୍ଟ୍ରେଟୀ ଏବଂ ଦେବାଛ ଏଲକାର ଟ ୧୦୦ ଙ୍କା ପର୍ଯ୍ୟନ୍ତ ଦାବାଦ ମୋକଦମାମାନ ବିଚାର କରିବାର ଅଧିକାର ପାଇଅଛନ୍ତି । ଦେଶୀୟ ଯୋଗ୍ୟ ସମ୍ଭ୍ରାନ୍ତ ପୁରୁଷପର ଯୋଗ୍ୟତା ଦେଖି ସମ୍ଭ୍ରାନ୍ତ ଦେଶୀୟ ମହିଳାଙ୍କୁ ମାଜିଷ୍ଟ୍ରେଟୀ ଓ ମୁନସଫି କ୍ଷମତାମାନ ଦେବା ଉଚିତ ଅଟେ । ମାତ୍ର ଯେଉଁଠାରେ ପରଦା ବା ଅବରୋଧ ପ୍ରଥା ବର୍ତ୍ତମାନ ସେଠାର ସ୍ତ୍ରୀମାନଙ୍କ ପକ୍ଷରେ ସେ ସବୁ କ୍ଷମତା ନିର୍ବାହ କରିବା ବଡ଼ ସୁବିଧାଜନକ ନୁହେ ।

ଏଠା କଲେକ୍ଟରୀ ସେରସ୍ତାଦାର ବାବୁ ଦୁର୍ଗାଚରଣ ଦାସ କନକାର ମାନେଜର ନିଯୁକ୍ତ ହେବାରୁ କଲେକ୍ଟରର ହେଡ କିରାଣୀ ବାବୁ ଗୋପୀମୋହନ ସେନ ସେରସ୍ତାଦାରୀ ପଦରେ ନିଯୁକ୍ତ ହେଲେ ଏବଂ ଯାଜପୁର ସବଡିଭିଜନର ହେଡ କିରାଣୀ ସେରସ୍ତାଦାର ବାବୁ ସୀତାନାଥ ରାୟ କଟକ କଲେକ୍ଟରର ହେଡ କିରାଣୀ ନିଯୁକ୍ତ ହେଲେ । ବାବୁ ଗୋପୀମୋହନ ସେନଙ୍କ ପ୍ରତି ଏତଦ୍ଦେଶ ପୁରସ୍କାର ହେଲା ଏଥିରେ ସର୍ବସାଧାରଣ ଅତ୍ୟନ୍ତ ଆନନ୍ଦିତ ହୋଇଅଛନ୍ତି । ସୀତାନାଥ ବାବୁ ବାଙ୍କିକୁ ବଦଳି ହେବାର ଅବେଶ ଅଳ୍ପଦିନ ହେଲା ହୋଇଥିଲା । ଏଥିମଧ୍ୟରେ ତାହାଙ୍କର ପଦୋନ୍ନତି ହେବା ବଡ଼ ଆନନ୍ଦର ବିଷୟ ହୋଇବାକୁ ହେବ ।

ଗତ ସପ୍ତାହରେ ପ୍ରାୟ ପ୍ରତିଦିନ ବୃଷ୍ଟି ଓ ପବନ ଏବଂ ତହିଁ ମଧ୍ୟରେ ଦୁଇ ଏକଥର ଟାଣ ବୃଷ୍ଟି ଯୋଗେ ବାୟୁ ଅତ୍ୟନ୍ତ ଶୀତଳ ହୋଇଥିଲା । ଏବଂ ବର୍ଷାକାଳ ଆରମ୍ଭ ହେଲା ପରି ଜଣା ଯାଇଥିଲା । ବଙ୍ଗୋପସାଗରରେ ଗୋଟିଏ ବାତ୍ୟାବର୍ତ୍ତ ଜାତ ହୋଇ ଓଡ଼ିଶା ଉପକୂଳ ବାଟେ ସ୍ଥଳକୁ ବାହାରି ଯିବା ତହିଁର କାରଣ ଅଟେ । ସେହି ତୋଫାନ ହେତୁ କଲିକତାରୁ ବିଶାଖପଟ୍ଟନ ପର୍ଯ୍ୟନ୍ତ ସମସ୍ତ ଉପକୂଳରେ ପ୍ରଚୁର ବୃଷ୍ଟି ହୋଇଥିଲା ଏବଂ ତଦ୍ୱାରା ଗ୍ରୀଷ୍ମର ବିଶେଷ ସୁବିଧା ହୋଇଥିଲେହେଁ କୃଷିମାନେ ତହିଁ ଦ୍ୱାରା କିଛିଦିନ ଖରାପାଗ ଭୋଗୁଥିଲେ ଏ ସପ୍ତାହରେ ତାହାର ଶୋଧ ହୋଇଅଛି ଅର୍ଥାତ୍ ଗତ ରବିବାର ଠାରୁ କାଲି ପର୍ଯ୍ୟନ୍ତ ଅତ୍ୟନ୍ତ ଟାଣ ଖରା ଏବଂ ଅସହ୍ୟ ଗ୍ରୀଷ୍ମ ହୋଇଥିଲା । ଏ ପର୍ଯ୍ୟନ୍ତ କ୍ଷେତ ପ୍ରତି ପାଗ ବଡ଼ ସୁନ୍ଦର ହୋଇଅଛି । ଏଣିକି ବୃଷ୍ଟି ହେଲେ ସମସ୍ତେ ଆନନ୍ଦିତ ହେବେ ।

—0✻0—

Digitized by srujanika@gmail.com

Split by PDF Splitter



ଗଞ୍ଜାମ ନ୍ୟୁଜରେ ପାଠ କଲୁଁ ଯେ ଗତ ମାସ ତା ୭ ରିଖରେ ଜଣେ ମାରୱାଡ଼ି ପଥିକ ନୂଆପଡ଼ା ରେଲ ଷ୍ଟେସନ ନିକଟରେ ପ୍ରସ୍ରାବ କରିବା ଅପରାଧରେ ପୁଲିସଦ୍ୱାରା ଧୃତ ହୋଇ ଷ୍ଟେସନର ସବମାଜିଷ୍ଟ୍ରେଟଙ୍କ ନିକଟକୁ ବିଚାର ନିମନ୍ତେ ଚାଲାନ ହେଲା । ମାତ୍ର ତାହାଙ୍କର ୨ୟ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ନ ଥିବାରୁ ପାରଲାଖେମଣ୍ଡିର ସବ୍‌ମାଜିଷ୍ଟ୍ରେଟଙ୍କ ନିକଟକୁ ପଠାଗଲା ଓ ସେଠାରେ ତା ୧୬ ରିଖରେ ବିଚାର ହୋଇ ଟ ୧୮ ଙ୍କା ଜରିମାନା ହେଲା । ମାରୱାଡ଼ି ନିସମ୍ବଳ ବ୍ୟକ୍ତି ଥିବାରୁ ତାହାକୁ ଧରି ଯାଇଥିବା କନଷ୍ଟବଲ ଦୟାରୁ ବହୁ ଆପଣା ହାତରୁ ଟ ୧୮ ଙ୍କା ଦେଇ ତାହାକୁ ମୁକୁଳାଇ ଦେଲେ । ରାସ୍ତାର ପଥିକ ବିଚାର ଭ୍ରମରେ ଅଥବା ପୀଡ଼ା ବଶତଃ ଟିକିଏ ଦୂର ଗଲେ ବୋଲି ଯେ ୫ ଦିନ କାଳ କଷ୍ଟ ପାଇଲା ଏହା ଆଇନର ସୌନ୍ଦର୍ଯ୍ୟ ବୋଲିବାକୁ ହେବ । ଏପରି ସାମାନ୍ୟ ମୋକଦ୍ଦମାର ବିଚାର ଘଟଣା ସ୍ଥଳରେ ତତ୍‌କ୍ଷଣାତ୍‌ ହେବାର ବନ୍ଦୋବସ୍ତ କରିବା ଉଚିତ ।

—o※o—

ଏ ଜିଲ୍ଲାର ଅସୁରେଶ୍ୱର ଥାନାର ଝିଙ୍କିଡ଼ିପଡ଼ା ଗ୍ରାମରେ ଜଣେ କରଣ ଜାତୀୟ ଯୁବା ସ୍ତ୍ରୀ ଏକବୟସ ହେବ ବାତୁଳ ହୋଇଅଛି । ଆମ୍ଭେମାନେ ଅବଗତ ହେଲୁଁ ଯେ ମୁକ୍ତାରୀ ପରୀକ୍ଷା ଦେବା କାରଣ ପ୍ରସ୍ତୁତ ହେଉଥିଲା । ମାତ୍ର ଏଣିକି ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷା ପାସ କର ନ ଥିବା ବ୍ୟକ୍ତିମାନେ ମୁକ୍ତାରୀ ପରୀକ୍ଷା ଦେଇ ନ ପାରିବାର ନିୟମ ହାଇକୋର୍ଟରୁ ଜାରି ହେବାରୁ ତାହାର ମନକୁ ଏମନ୍ତ ବାଧିଲା ଯେ ସେହି କାରଣରୁ ତାହାର ମତି ଭ୍ରମ ହେଲା । ମହାମାନ୍ୟ ହାଇକୋର୍ଟ ହଠାତ୍ ଏପରି ନିୟମ ପରିବର୍ତ୍ତନ କରିବାରୁ ଯେ ଅନିଷ୍ଟ ଜାତ ହୋଇଅଛି ଏଥିରୁ ପାଠକମାନେ ବୁଝି ପାରିବେ । ପରୀକ୍ଷା ନିମନ୍ତେ ପ୍ରସ୍ତୁତ ହେଉଥିବା ବ୍ୟକ୍ତିମାନଙ୍କ ନିମନ୍ତେ ଅନ୍ତତଃ ଦୁଇବର୍ଷ ଉପରଲିଖିତ ନିୟମ ସ୍ଥଗିତ ରଖିବା ନିତାନ୍ତ ପ୍ରୟୋଜନ । ଏମନ୍ତ ଗୁରୁତର ପରିବର୍ତ୍ତନ ଏତେ ଶୀଘ୍ର ହେବା ଉଚିତ ନୁହେ । ଆମ୍ଭେମାନେ ଏହି ପରିବର୍ତ୍ତନର ପୁନର୍ବିଚାର ନିମନ୍ତେ ମହାମାନ୍ୟ ହାଇକୋର୍ଟଙ୍କୁ ଏକାନ୍ତ ଅନୁରୋଧ କରୁଅଛୁଁ ।

———

ଭାରତର ନୂତନ ସୈନ୍ୟାଧ୍ୟକ୍ଷ ମହାମାନ୍ୟ ସର ୱିଲିଅମ୍ସ ଲକହାର୍ଟ ଗୋରା ସିପାହିଙ୍କ ଶିକାର ସମ୍ବନ୍ଧରେ କଠିନ ଆଦେଶ ପ୍ରଚାର କରି ସମସ୍ତ ଭାରତବାସୀଙ୍କର ବିଶେଷ କୃତଜ୍ଞତାର ଭାଜନ ହୋଇ ଅଛନ୍ତି । ଗୋରା ସିପାହୀମାନେ ବସ୍ତୀ ପାଖରେ ଶିକାର କରିବାକୁ ଗଲେ କେମ୍ପ ପାସର କୌଣସି ନିୟମ ଲଙ୍ଘନ କଲେ କୋର୍ଟମାର୍ଶଲଦ୍ୱାରା ସେମାନଙ୍କର ବିଚାର ହୋଇ ଦଣ୍ଡ ହେବ । ମାତ୍ର ଅନେକସ୍ଥଳେ ଏ ପ୍ରକାର ଅପରାଧ ନିମନ୍ତେ ଦୁଇ ଏକ ଦିନ ସାମାନ୍ୟ କଏଦ କିମ୍ବା କେତେକ ମାସ ସକାଶେ ଶିକାର କରିବାର ଅଧିକାର ରହିତ ଦଣ୍ଡ ଦିଆଯାଏ । ମହାମାନ୍ୟ ସେନାଧ୍ୟକ୍ଷଙ୍କ ବିବେଚନାରେ ଏହା ଯଥେଷ୍ଟ ନୁହେ । ଅତଏବ ସେ ଦୃଢ଼ରୂପେ ଆଦେଶ ପ୍ରଚାର କରିଅଛନ୍ତି ଯେ ଏପରି ପ୍ରତ୍ୟେକ ଅପରାଧ ଯଥାମତ ବିଚାର ହୋଇ ଉଚିତ ଦଣ୍ଡ ଦିଆଯିବ । କେବଳ ବିଭାଗୀୟ ସାମାନ୍ୟ ଦଣ୍ଡରେ ତାହା ଛାଡ଼ି ଦିଆଯିବ ନାହିଁ । ଗୋରା ସିପାହୀମାନେ ବସ୍ତୀ ପାଖରେ ଶିକାର କରିବାକୁ ଯାଇ ବେଳେ୨ ଦେଶୀୟ ଲୋକଙ୍କୁ ହତ୍ୟା କରିବାର ଘଟଣା ନିତାନ୍ତ ବିରଳ ନୁହେ । ଏହି ଆଦେଶ ଦୃଢ଼ରୂପେ ପ୍ରତିପାଳିତ ହେଲେ ଭରସା କରୁଅଛୁ ସେ ପ୍ରକାର ଦୁର୍ଘଟଣା ଅନେକ ପରିମାଣରେ ନିବାରିତ ହେବ ।

———

କଲିକତା ନିବାସୀ ରାଜା ସର ସୌରୀନ୍ଦ୍ରମୋହନ ଠାକୁର କେ, ଟି, ସି, ଆଇ, ଇ ଆପଣା ପ୍ରତିବାସୀ ଏବଂ ନୂତନ ବଜାରସ୍ଥ ଲୋକଙ୍କ ସକାଶେ ବୁଦ୍ଧୁଲାଲ ସଡ଼କରେ ଥିବା ଆପଣାର ନ ୧୦ ମ୍ବର ବୋଠଘର ପ୍ଲେଗ ହାସପାତାଲ ସ୍ୱରୂପ ବ୍ୟବହାର ହେବା କାରଣ ପ୍ଲେଗ କମିଶନଙ୍କ ହସ୍ତରେ ଅର୍ପଣ କରିଅଛନ୍ତି । ଯେବେ ଏହା ପ୍ରଚୁର ନ ହେବ କମିଶନ ବିବେଚନା କଲେ ତହିଁରେ ହାସପାତାଲ କରିବେ ଏବଂ ସେହି ହାସପାତାଲର ବ୍ୟୟ ନିମନ୍ତେ ଟ ୧୦୦୦୦ ଙ୍କା ଦାନ କରୁଅଛନ୍ତି । ସେ ଅଦ୍ୟାପି ଦମଦମା ସଡ଼କ ବାଗ ବିଦ୍ରିଠାରେ ଥିବା ଆପଣାର ବଗିଚା ଘର ଏବଂ ତହିଁର ବସ୍ତୁ ହେଲା ଗଭର୍ଣ୍ଣମେଣ୍ଟଙ୍କୁ ଜଣାଇଅଛନ୍ତି ଯେ ଆବଶ୍ୟକ ହେଲେ ତାହାକୁ ପ୍ଲେଗ ହାସପାତାଲ ଅଥବା ପୃଥକ ନିବାସ ସ୍ୱରୂପ ସରକାର ବ୍ୟବହାର କରିବେ । ଏପରି ଯେ ସମସ୍ତ ଜିଲ୍ଲାରେ ତାହାଙ୍କର ଜମିଦାରୀ ଅଛି ସେ ସମସ୍ତ ଜିଲ୍ଲାର କଲେକ୍ଟର ସାହେବମାନଙ୍କୁ ଏହି ମର୍ମରେ ପତ୍ର ଲେଖିଅଛନ୍ତି ଯେ ପ୍ଲେଗ ନିବାରଣ ନିମନ୍ତେ ଯେ ସବୁ ଉପାୟ ଅବଲମ୍ବିତ ହେବ ତହିଁରେ ସେ ସାହାଯ୍ୟ ଏବଂ ଯୋଗଦାନ କରିବେ । ବଙ୍ଗେଶ୍ୱର ବାହାଦୂର ଏଥିପାଇଁ ତାହାଙ୍କୁ ଧନ୍ୟବାଦ ଦେଇ କଲିକତା ଗେଜେଟରେ ଏ ବିଷୟ ପ୍ରକାଶ କରି ଦେଇ ଅଛନ୍ତି ଯେ ଅପର ଧନାଢ୍ୟ ବ୍ୟକ୍ତିମାନେ ଏହାଙ୍କର ବଦାନ୍ୟତାର ଅନୁକରଣ କରିବେ ।

———

ବ୍ରହ୍ମଦେଶର ମୌଲମିନ ନଗରରେ ଶ୍ରୀମତୀ ମହାରାଣୀଙ୍କର ଗୋଟିଏ ପ୍ରସ୍ତରମୂର୍ତ୍ତି ସ୍ଥାପିତ ହୋଇଅଛି । କର୍ଣ୍ଣେଲ ବରନ ସାହେବ ସେହି ମୂର୍ତ୍ତିର ସ୍ଥାପନ କ୍ରିୟା ସମ୍ପାଦନ ସମୟରେ ବ୍ୟକ୍ତ କଲେ ଯେ ବ୍ରହ୍ମଦେଶର ଜଣେ କାରିଗର କେବଳ ମହାରାଣୀଙ୍କର ଫଟୋଗ୍ରାଫ ଛବି ଦେଖି ଏମନ୍ତ ସୁନ୍ଦର ମୂର୍ତ୍ତି ଗଢ଼ିଅଛି ଏହା ଅତ୍ୟନ୍ତ ପ୍ରଶଂସାର ବିଷୟ ଅଟେ ଏବଂ ଏହା ଏ ନଗରର ଗୋଟିଏ ଭୂଷଣ ବୋଲାଯିବ । ପଥରରେ କାରୁକାର୍ଯ୍ୟ କରିବାର ବିଚକ୍ଷଣ ଶିଳ୍ପୀ ପୂର୍ବକାଳରେ ଭାରତରେ ଅନେକ ଥିବାର ପ୍ରଚୁର ପ୍ରମାଣ ରହିଅଛି ଏବଂ ବର୍ତ୍ତମାନ ସମୟରେ ମଧ୍ୟ ଜଣେ୨ ଏକ୨ ସ୍ଥାନରେ ଅଛନ୍ତି । କେବଳ ଉତ୍ସାହ ଓ ଗ୍ରାହକ ଅଭାବରୁ କ୍ରମଶଃ ଏ ବ୍ୟବସାୟ ଲୋପ ପ୍ରାପ୍ତ ହୋଇ ଆସୁଅଛି । ବ୍ରହ୍ମର ଲୋକମାନେ ସ୍ୱଦେଶୀୟ ଏକ କାରିଗରଦ୍ୱାରା ମୂର୍ତ୍ତି ନିର୍ମାଣ କରାଇ ତାହାର ଖ୍ୟାତି ସହିତ ସ୍ୱଦେଶର ଗୌରବ ବଢ଼ାଇଲେ ବଡ଼ ଆନନ୍ଦର ବିଷୟ ଅଟେ । ଆମ୍ଭମାନଙ୍କର ଏ ଦେଶରେ ଏପରି କାର୍ଯ୍ୟର ଇଚ୍ଛା ହୋଇଥିଲେ କଳିଙ୍ଗ କାରିଗରଙ୍କ ଆଗେ ଖୋଜା ପଡ଼ିଥାନ୍ତା । ବାସ୍ତବରେ କଲିକତାରେ ଯେତେ ପଥର ମୂର୍ତ୍ତି ଉଦ୍ୟାନ ସ୍ଥାପିତ ହୋଇଅଛି ସମସ୍ତ ବିଲାତ କାରିଗରଙ୍କଦ୍ୱାରା ଗଢ଼ା ହୋଇଅଛି ।

———

ଏକ ସମ୍ବାଦପତ୍ରରେ ପାଠ କଲୁଁ ଯେ ଗୋଦାବରୀ ଜିଲ୍ଲାର କଲେକ୍ଟର ଶ୍ରୀଯୁକ୍ତ ବ୍ରାଉନ୍ ସାହେବ ଗତ ମାସର ପ୍ରଥମ ସପ୍ତାହରେ ଏକଦିନ ଏଲୋର ଦିଗକୁ ଜନ୍ତର ଯାଉଥିଲେ । ସଙ୍ଗରେ ତାହାଙ୍କର ଆରଦଲି ଏବଂ ଏକଜଣ ପିଆଦା ଥିଲେ । ସେଦିନ ଅତ୍ୟନ୍ତ ଖରା ହୋଇଥିଲା । ଅତ୍ୟନ୍ତ ଗ୍ରୀଷ୍ମ ହେତୁ ପିଆଦା ହଠାତ୍ ଅଚେତନ ହୋଇ ପଡ଼ିଲେ । ଆରଦଲି ଏହା ଦେଖି ସାହେବଙ୍କୁ ଜଣାଇଲା । ସାହେବ ପାଲିକିରେ ଖଣ୍ଡେ ଦୂର ବାହାରୁ ଯାଉଥିଲେ । ଏ

Digitized by srujanika@gmail.com

Split by PDF Splitter



ସମ୍ବାଦ ଶୁଣିବା ମାତ୍ରେ ପିଥୁଆଡ଼ା ଜଙ୍କଟକୁ ଯାଇ ଷ୍ଟରେ ଫେଉ ଅସି ସେହି ସାଲୁନରେ ପିଥୁଆଡ଼ାକୁ ଯଚାଇ ଏବଂ ଅପେ ପଦବ୍ରଜରେ ପ୍ରାୟ ଦୁଇ ମାଇଲ ବାଟ ଜଙ୍ଗଲସ୍ଥ ଗ୍ରାମକୁ ଯେଉଁ ଅଛି ଭଲ ସେଉଳ ଇତ୍ୟାଦି ଦ୍ରବ୍ୟୋପହାର ତାହାକୁ ସଙ୍ଗେ ଲଗାଇ ଏକଖଣ୍ଡ ଶକଟରେ ଏଣ୍ଟରେ ହାସପାତାଲକୁ ପଠାଇ ଦେଲେ । ତହିଁ ଉତ୍ତାରୁ ସେ ସାଲୁନରେ ବସି ଗନ୍ତବ୍ୟ ସ୍ଥାନକୁ ଯାତ୍ରା କଲେ । ଜଣେ ପିଥୁଆଡ଼ାର ପ୍ରାଣ ରକ୍ଷା ସକାଶେ ଷ୍ଟବେଲେ ଏତେ କଷ୍ଟ ପାଇବା ସାମାନ୍ୟ କଥା ନୁହେ । ଯେଉଁ କଲେକ୍ଟରଙ୍କର ଏପରି ଦୟା ଧର୍ମ ତାହାଙ୍କ ଅଧୀନରେ ବାସ କରିବା ମହା ଭାଗ୍ୟର ବିଷୟ ଅଟେ । ଏହିପରି ସ୍ୱଜ କର୍ମଚାରୀଙ୍କଦ୍ୱାରା ଇଂରାଜ ଜାତିର ଗୌରବ ବୃଦ୍ଧି ହେଉଅଛି ।

---

କଲିକତାରେ ଗତ ମାସ ତା ୧୫ରଖ ସୁଦ୍ଧା ମହାମାରୀ ପ୍ଲେଗରେ ଜ ୧୧୬ ଣ ପୀଡ଼ିତ ଏବଂ ଜ ୮୭ ଣ ମରିଥିଲେ ଏଥିରୁ ଦେଖାଯାଏ ଯେ ପ୍ଲେଗିଙ୍କ ମଧ୍ୟରେ ଶତକଡ଼ା ଜ ୭୫ ଣ ଅଥବା ତାହାଠାରୁ ଅଧିକ ମରୁଅଛନ୍ତି । ବମ୍ବେରେ ଶତକଡ଼ା ୮୦ ରୁ ଅଧିକ ପଡ଼ିବାର ଦେଖାଯାଏ । କଲିକତାରେ ଆରମ୍ଭଠାରୁ ଏପର୍ଯ୍ୟନ୍ତ ପ୍ଲେଗ ସମସ୍ତ ଭାବରେ ରହିଅଛି ଅର୍ଥାତ୍ ପ୍ଲେଗର ଆକ୍ରମଣ ବା ତଦ୍ୱାରା ମୃତ୍ୟୁସଂଖ୍ୟା ପୂର୍ବଠାରୁ ବୃଦ୍ଧି ହୋଇ ନାହିଁ । ମାତ୍ର ସାର୍ବଜନିକ ଏଥିରୁ ରହିବାରୁ ଲୋକଙ୍କର ମନ ସ୍ଥିର ହୋଇ ଯାଉ ନାହିଁ ଏବଂ ସରକାର ମଧ୍ୟ କୌଣସି ନିୟମ ଶିଥିଳ କରିବାକୁ ସାହସୀ ହେଉ ନାହାନ୍ତି । ଅଳ୍ପଦିନ ହେଲା ଜନରବ ଉଠିଥିଲା ଯେ ଗତ ତା ୧୫ ରଖରେ କଲିକତାରେ କ୍ୱାରେଣ୍ଟିନ ଆଇନ ଜାରି ହେବ ଏବଂ ସେଥିପାଇଁ କଲିକତାର ମାଡ଼ୁଆଡ଼ି ଅଡ୍ଡତଦାର ଏ ନଗରର ମାଡ଼ୁଆଡ଼ିମାନଙ୍କ ଜଗଟକୁ ତାର ସମ୍ବାଦ ଦେଇଥିଲେ ଯେ ତା ୧୫ ରଖରୁ ଅନ୍ତ ସ୍ଥାନକାଳ ବାଟେ ତାହାଙ୍କ ଓ ମାଲ ଯିବା ଆସିବା କରିବ ନାହିଁ ସୁତରାଂ ତାହାଲେ ସେଠେ ମାଲ ଥିବ ଉଚ୍ଚା ଦାମରେ ବିକ୍ରୀ କରିବ । କଲିକତାର ବଣିକ ସଭା ବଙ୍ଗଳା ଗବର୍ଣ୍ଣମେଣ୍ଟକୁ ପତ୍ର ଲେଖି ବୁଝିଲେ ଯେ ସେପରି ଆଇନ ଜାରି କରିବାର କଳ୍ପନା ଆଦୌ ହୋଇ ନାହିଁ । ଏହା ଶୁଣି ଲୋକଙ୍କର ମନ ସ୍ଥିର ହେଲା । ବର୍ତ୍ତମାନ କଲିକତାବାସିମାନେ ପୂର୍ବ ପରି ବ୍ୟସ୍ତ ନାହାନ୍ତି । ମାତ୍ର ଏବାବେଳେ କଷ୍ଟେନ୍ତ ନାହାନ୍ତି । ଯେଉଁମାନେ କଲିକତାରୁ ପଳାଇ ଯାଇଥିଲେ ସେମାନଙ୍କ ମଧ୍ୟରୁ ଅନେକ ଲୋକ ଫେରି ଆସୁଅଛନ୍ତି । ମାଡ ସ୍ତ୍ରୀ ଲୁଣ୍ଠମ୍ବାଦ ମୋଷଣଲରେ ଛାଉ ଅସିଅଛନ୍ତି । ମିଉନିସିପାଲିଟୀ ଏବଂ ତତ୍ ସଉଦାଗରମାନେ ଅନ୍ୟାନ୍ୟ ଜଲରୁ କୁଲି ନାଉସାଙ୍ଗା ଇତ୍ୟାଦି ଆଣାଇବାରୁ ସହରର କୁଲି ଓ ନାଉସାମ୍ଭାଙ୍କର ମେଳ ଅନେକ ପରିମାଣରେ ଭାଙ୍ଗି ଯାଇଅଛି ଏବଂ ଦଙ୍ଗା ହଙ୍ଗାମା ଏଥି ମଧ୍ୟରେ ଆଉ ଘଟି ନାହିଁ । ଗୃହ ଶୋଧନ କାର୍ଯ୍ୟ ଯଥା ନିୟମରେ ଚାଲିଅଛି ଏବଂ ଏଥିରେ ମିଉନିସିପାଲିଟୀର ଅନେକ ଖର୍ଚ୍ଚ ହେଉଥିବାରୁ ସର୍ବସାଧାରଣ ବ୍ୟକ୍ତିଙ୍କଠାରୁ ସେମାନଙ୍କ ଘର ଶୋଧନ କରିବାର ବ୍ୟୟ ଆଦାୟ କରିବାର ପ୍ରସ୍ତାବ ହୋଇଅଛି । ଟୀକା ସ୍ୱିଜ ମଧ୍ୟ ଭିଣ୍ଡି ପଡ଼ୁଅଛି ଏବଂ କ୍ରମେ ଲୋକେ ଅଗ୍ରହ ସହିତ ଟୀକା ନେଉଅଛନ୍ତି । ସ୍ୱଇଛାରେ ଟୀକ ନେବାର ନିୟମରେ ଗତ ମାସ ତା ୧୫ ରିଖ ପର୍ଯ୍ୟନ୍ତ ସର୍ବମୁଦ୍ଧା ଜ ୧୩୮୨ ଣ ଟୀକା ନେଇଥିଲେ ଶେଷ ଦିନରେ ମିଉନିସିପାଲିଟୀର ସ୍ୱାସ୍ଥ୍ୟ କର୍ମଚାରୀ ଜ ୮୫ ଣଙ୍କୁ ଟୀକା ଦେଇଥିଲେ ଯେ ସେମାନଙ୍କ ମଧ୍ୟରେ ଜ ୨ ଣ ଇଉରୋପୀୟ ଏକଜଣ ମାଡ଼ୁଆଡ଼ି ଏବଂ ଏକଜଣ ଓଡ଼ିଆ ଥିଲେ । ଏଥିପୂର୍ବେ କଲିକତାରେ କେହି ଓଡ଼ିଆ ଟୀକା ନେଇ ନ ଥିଲା । ଟୀକା ନେଇବା ଲୋକଙ୍କ ମଧ୍ୟରେ ପ୍ରାୟ ସକଳ ଜାତି ଏବଂ ସମ୍ପ୍ରଦାୟର ପୁରୁଷ ସ୍ତ୍ରୀ ଏବଂ ପିଲାମାନେ ଥିଲେ । ସୁତରାଂ ଟୀକାର ପ୍ରଧାନ ପ୍ରାଣରକ୍ଷା ଜମନ୍ତ୍ରେ ହୋଇଅଛି । ଅଜ୍ଞ ଲୋକଙ୍କ ବୁଝିବା ମତେ ପ୍ରାଣନାଶ ଜମନ୍ତ୍ରେ ନୁହେ ଏହା ଅନେକ ଲୋକ ଅନୁଭବଦ୍ୱାରା ଜାଣି ପାରିଅଛନ୍ତି ।

---

## ପୁରୀ ରଥଯାତ୍ରା ।

ସ୍ନାନପୂର୍ଣ୍ଣିମାଠାରୁ ଦ ୩୫ ନ ଦଇତାମାନଙ୍କର ଗୋଳମାଳ ଯୋଗୁଁ ପଣା ଭୋଗ ପ୍ରଭୃତ ଠାକୁରମାନଙ୍କର ନୀତ ହେବାରୁ ସେବକ ଓ ଦଇତାମାନଙ୍କ ମଧ୍ୟରେ ବିବାଦ ହୋଇ ଶେଷରୁ ଅଧାଲତ ଉପସ୍ଥିତ ହେବାର ସୂଚନା ଦେଖି ପୁଲିସ ମୂତଏନ ହେବାରୁ ଦଇତାମାନେ ଭୟରେ "ଗଜଦ୍ୟକ ଗତ ବର୍ଷରୁ ନିଯୁକ୍ତ ଘଣ୍ଟା ବାଜିବାଦ୍ୱାରା ପଡ଼ କାର୍ଯ୍ୟ ଚଳାଇବାର ସ୍ଥାନବେଶ" ହୋଇଥିବା ପ୍ରକାଶ କଲ ଶାନ୍ତ ହେବାରୁ ଗୁଣ୍ଡିଚା ପର୍ଯ୍ୟନ୍ତ ଅବଶିଷ୍ଟ ଦିନମାନଙ୍କର ଉକ୍ତ ବାଲକଦ୍ୱାରା ଗତ ନୀତି ହୋଇଥିଲା । ଏବଂ କ୍ରମାଗତ ଯାତ୍ରୀ ସଂଖ୍ୟା ଦିନ ୨ ବୃଦ୍ଧି ହୋଇ ତା ୧୯ ରଖ ନବଯୌବନ ଦିନ କେବଳ ବଙ୍ଗାଳୀ ଯାତ୍ରୀ ଅନୁମାନିକ ଦ ୧୦।୧୨ ହଜାର ହୋଇଥିଲେ ଏଦିନ ଦ୍ୱିପ୍ରହର ଘ ୫ ଘଣ୍ଟା ଠାରେ ଅନବସର ତାଟି ଫିଟି ଦର୍ଶନ ଆରମ୍ଭ ହେଲା ଏବଂ ପୁଲିସ ମୁତଏନ ରହି ଦର୍ଶନର ସୁବିଧା କରାଇ ଥିଲେ । ଏ ବର୍ଷ ତା ୧୯।୨୦ ରଖ ଦୁଇଦିନ ନେତ୍ରୋତ୍ସବ ହୋଇଥିଲା ଏବଂ ଯେଉଁ ଦିନ ସକାଳଧୂପ ପରେ ରଥରୁ ଅଣାମାଲ ଅସିଷ୍ଟାଂଣ୍ଟ ଇଞ୍ଜିନୀୟର ରଥର ଦୃଢ଼ତା ସମ୍ବନ୍ଧରେ ସାର୍ଟିଫିକେଟ ଦେବାରୁ ପ୍ରାୟ ଘ ୩ ଘଣ୍ଟା ଠାରେ ରଥ ଟଣା ହୋଇ ଠିକ୍ ସନ୍ଧ୍ୟା ସମୟରେ ତିନିରଥ ସିଂହଦ୍ୱାରରେ ଉପସ୍ଥିତ ହେଲେ । ପରଦିନ ତା ୨୧ ରଖ ମଙ୍ଗଳବାର ଶ୍ରୀଗୁଣ୍ଡିଚା ଦିନ ରଥର ଅବଶିଷ୍ଟ କାର୍ଯ୍ୟ ଶେଷ ହେବା ସଙ୍ଗେ ୨ ରଥମଣ୍ଡନ ଓ ପ୍ରତିଷ୍ଠା ଏବଂ ଶାନ୍ତିଙ୍କ ଖେଚଡ଼ ଭୋଗ ଶେଷ ହେବା ପରେ ଅପରାହ୍ଣ ପ୍ରାୟ ଘ ୪ ଘଣ୍ଟା ଠାରେ ପହଣ୍ଡି ବିଜେ ଆରମ୍ଭ ହୋଇ ସନ୍ଧ୍ୟା ସମୟରେ ପ୍ରଭୁମାନେ ରଥସ୍ଥ ହେଲେ । ଦିନରେ ପହଣ୍ଡି ହେବାରୁ ଗତ କେତେକ ବର୍ଷ ଅପେକ୍ଷା ଏ ବର୍ଷ ଯାତ୍ରୀମାନଙ୍କ ଦର୍ଶନରେ ଉତ୍ତମ ସୁବିଧା ହୋଇଥିଲା । ଏବଂ ମେଘର କୌଣସି ଆଡ଼ମ୍ବର ନ ଥାଇ ଆକାଶ ପରିଷ୍କାର ଥିଲା । ଏ ସମୟରେ ଦର୍ଶକ ସଂଖ୍ୟା ଅନ୍ୟୂନ ଦ ୧୫୦୦୦ ହଜାର ଥିବାର ବୋଧ ହୁଏ । ସ୍ଥାନୀୟ ମାଜିଷ୍ଟ୍ରେଟ ପୁଲିସ ଓ ଡାକ୍ତର ସାହେବଙ୍କ ବ୍ୟତୀତ କଟକର ମାଜିଷ୍ଟ୍ରେଟ ପ୍ରଭୃତି କେତେକ ସାହେବ ଓ ମେମ୍ ପହଣ୍ଡି ଦେଖିବା ନିମିତ୍ତ ଉପସ୍ଥିତ ଥିଲେ ।

ତା ୨୨ ରଖ ବୁଧବାର ଦିନ ପୂର୍ବାହ୍ଣରେ ଶ୍ରୀ ବଳଦେବ ଜିଉଙ୍କ ରଥ ଟଣା ହୋଇ ଯୋଗ ଜନକଟରେ ଅବସ୍ଥାପିତ ହେଲା ।

ବଡ଼ ସୁଖର ବିଷୟ ଏପର୍ଯ୍ୟନ୍ତ ଓଲାଉଠା ଆଦୌ ଚିହ୍ନ ଦେଖା ଯାଇ ନାହିଁ । ଯାତ୍ରୀମାନେ ଠାକୁରମାନଙ୍କୁ ରଥରେ ଦେଖି ପଥ ଫେରିବାକୁ ଆରମ୍ଭ କରିଅଛନ୍ତି ।

---

## କଟକ ଯୌଥଭଣ୍ଡାର ।

ଗତ ସପ୍ତାହରେ ଏ ବିଷୟରେ ଯେଉଁ ବିଜ୍ଞାପନ ଏ ପତ୍ରିକାରେ ବାହାର ଥିଲା ତହିଁରୁ ପାଠକମାନେ ଜାଣିଅଛନ୍ତି ଯେ ଏ ନଗରରେ ଯୌଥ-

Digitized by srujanika@gmail.com

Split by PDF Splitter

219



ଭଣ୍ଡାର ଗୋଟିଏ ପିଟ୍ଠାଇବାର ପ୍ରସ୍ତାବ କାର୍ଯ୍ୟରେ ପରିଣତ ହୋଇଅଛି । ଏଥିର ମୂଳଧନ ଟ ୧୫,୦୦୦ ଟଙ୍କା ବର୍ତ୍ତମାନ ଧାର୍ଯ୍ୟ ହୋଇ ୬୦୦୦ ଅଂଶରେ ବିଭକ୍ତ ହୋଇଅଛି । ପ୍ରତ୍ୟେକ ଅଂଶର ମୂଲ୍ୟ ଟ ୫ ଟଙ୍କା । ଯେଉଁମାନେ ଅଂଶ କ୍ରୟ କରିବାକୁ ଇଚ୍ଛା କରିବେ ସେମାନେ ଆସନ୍ତା ସୋମବାର ମଧ୍ୟରେ ଆବେଦନ କଲେ ସଫଳ ହେବେ । ଯେତେବେଳେ ପ୍ରଥମେ ଏହି କଳ୍ପନାର ପ୍ରସଙ୍ଗ ଆମ୍ଭେମାନେ ପ୍ରକାଶ କରିଥିଲୁ ସେତେବେଳେ ବୁଝିଥିଲୁଁ ଯେ ନିତ୍ୟପ୍ରୟୋଜନୀୟ ଦ୍ରବ୍ୟର ଦୁର୍ମୂଲ୍ୟତା ଏବଂ ତହିଁର କ୍ରମଶଃ ବୃଦ୍ଧି ହେତୁ ସାମାନ୍ୟ ବେତନଭୋଗୀ ସରକାରୀ ଅମଲାମାନଙ୍କର ଚଳିବାର କଷ୍ଟ ଲାଘବ ଉଦ୍ଦେଶ୍ୟରେ ଏବଂ ସେମାନଙ୍କ ହିତାର୍ଥେ ବିଲାତର ଆଦର୍ଶରେ ଯୌଥଭଣ୍ଡାର ସ୍ଥାପନର ଚେଷ୍ଟା ହୋଇଅଛି ଏବଂ ତାହା ଏଠାରେ ଇଂରାଜମାନଙ୍କର ବାରବାଟି କ୍ଲବରେ ସ୍ଥାପିତ କ୍ଲବର ଆଦର୍ଶରେ ହେବ । ମାତ୍ର ବିଜ୍ଞାପନରୁ ଜଣାଯାଉଅଛି ଯେ ଭଣ୍ଡାରଟି ସେପରି ଭାବରେ ଗଠିତ ନ ହୋଇ ସାଧାରଣ କମ୍ପାନୀ ବା ଯୌଥ ବ୍ୟବସାୟ ପରି ହୋଇଅଛି । କାରଣ ଅଂଶ ଗ୍ରହଣ କରିବା କମ୍ପାନୀ କାରବାର କରିବା କୌଣସି ବିଶେଷ ସମ୍ପ୍ରଦାୟ ମଧ୍ୟରେ ଆବଦ୍ଧ ନାହିଁ । ଅର୍ଥାତ୍ ଯାହାର ଇଚ୍ଛା ସେ ଅଂଶ ଗ୍ରହଣ କରିପାରିବ ଏବଂ ଭଣ୍ଡାରର ଦ୍ରବ୍ୟସବୁ ଅଂଶୀଦାର ଏବଂ ସର୍ବସାଧାରଣ ଖରିଦ କରିପାରିବେ । ଏପରି ଅବସ୍ଥାରେ ବ୍ୟବସାୟ ଯୌଥଭଣ୍ଡାର ନ ଯାହାକୁ ଇଂରାଜୀରେ co-operative store କହନ୍ତି ତହିଁର ବିଧିସଙ୍ଗେ ସୁସଙ୍ଗତ ହୋଇଅଛି କି ନାହିଁ ଆମ୍ଭେମାନେ କହି ନ ପାରୁଁ । ମାତ୍ର ପ୍ରସ୍ତାବିତ ଭାବରେ କାର୍ଯ୍ୟ ଚଳିଲେ ବଜାର ଦରଠାରେ ଜିନିଷ କ୍ରୟ କରିବାକୁ ହେବ । ସୁତରାଂ ବଜାରର ଉଚ୍ଚା ଉଧାର ଦରରେ ଦ୍ରବ୍ୟ କିଣିଲେ ବଜାରରୁ କିଣିବା ଏବଂ ଭଣ୍ଡାରରୁ କିଣିବା ମଧ୍ୟରେ ପ୍ରଭେଦ କିଛି ରହି ପାରିବ ନାହିଁ । ଅଂଶୀମାନେ ଯେ ଯେତେ ଟଙ୍କା ଦେଇଥିବେ ସେହି ଅନୁସାରେ ଲାଭର ଅଂଶ ପାଇବା ବିନା ଆଉ କିଛି ଫଳ ପାଇବେ ନାହିଁ ମୂଳଧନ ଦୃଷ୍ଟିରେ ଲାଭର ପ୍ରତ୍ୟାଶା ମଧ୍ୟ ଅଳ୍ପ ଜଣା ଯାଏ । ମୋଟ ଏବଂ ଖୁଚୁରା କାରବାର ମଧ୍ୟରେ ଯାହା ପ୍ରଭେଦ ତହିଁରୁ କାର୍ଯ୍ୟ ନିର୍ବାହର ବ୍ୟୟ ଯାଇ ଯାହା ବଳିବ ସେତିକି ମାତ୍ର ଲାଭ । କିନ୍ତୁ ଯେ ସବୁ ଦ୍ରବ୍ୟ ଯୋଗାଇବାର ସ୍ଥିର ହୋଇଅଛି ତହିଁରୁ ବହୁ ପରିମାଣ ଦ୍ରବ୍ୟ ବେପାରୀ ଘରରେ ଯଥାସମୟରେ ସମ୍ବାଦ ରଖିବାକୁ ବଡ଼ବଜାର ଠିକା ନଅଣ୍ଟ ହୋଇପାରେ । ବର୍ତ୍ତମାନ ଦଶହଜାର ଟଙ୍କାରେ ଆରମ୍ଭ ହେଉଅଛି ଏପରି କାର୍ଯ୍ୟର ଅବସ୍ଥା ଦେଖି ମୂଳ ଧନ ବଢ଼ାଇବାର ଆଭାସ ବିଜ୍ଞାପନରୁ ମିଳୁଅଛି । ତାହାହେଲେ ସୁଦ୍ଧା ଆଦ୍ୟରୁ ଯେଉଁ ଅବାରିତ ଉଦ୍ୟମ ହୋଇଅଛି ତହିଁ ପରିବର୍ତ୍ତେ କେବଳ ଅଂଶୀମାନଙ୍କୁ ଦ୍ରବ୍ୟ ଯୋଗାଇବା ଏବଂ ଯାହା ସେମାନଙ୍କ ପ୍ରୟୋଜନରୁ ବଳିପଡ଼ିବ ଅଥବା ବଜାରର ଗତି ଦେଖି ଛଡ଼ାଇଦେବାର ଆବଶ୍ୟକ ହେବ ତାହା ସମୟରେ ସର୍ବସାଧାରଣଙ୍କୁ ବିକ୍ରୟ କରିବାର ଉଦ୍ୟମ ହେଲେ ଆମ୍ଭମାନଙ୍କ ବିବେଚନାରେ ଉତ୍ତମ ହେବ । ବିଶେଷ ଅଂଶୀମାନଙ୍କ ମଧ୍ୟରେ ଆବଦ୍ଧ ରହିଲେ ବଜାର ଦରଠାରୁ ଅପେକ୍ଷାରେ ଖରିଦ ଦର ଓ ଖରଚ ଦୃଷ୍ଟିରେ ଗୋଟିଏ ନିର୍ଦ୍ଦିଷ୍ଟ ଦରରେ ସେମାନେ ଆପଣା ପ୍ରୟୋଜନୀୟ ଦ୍ରବ୍ୟ ପାଇପାରିବେ । ଫସଲ ସମୟରେ କୌଣସି ଗୃହସ୍ଥ ଆପଣାର ପ୍ରୟୋଜନୀୟ ବର୍ଷକର ଦ୍ରବ୍ୟ କିଣି ରଖିଥିଲେ ପଶ୍ଚାତ୍ ବଜାର ଦର ବୃଦ୍ଧି ହେଲେ ତହିଁର ଫଳ ତାହାକୁ ଭୋଗ କରିବାକୁ ହୁଅଇ ନାହିଁ । ମାତ୍ର ପ୍ରତ୍ୟେକ ଗୃହସ୍ଥର ଏକବର୍ଷର ଦ୍ରବ୍ୟ ସଞ୍ଚୟ ରଖିବାର ସଙ୍ଗତି ନାହିଁ ସୁତରାଂ ଦଶଜଣ ମିଶି ଆପଣା ଅବସ୍ଥା ଓ ବ୍ୟୟ ଅନୁସାରେ ଟଙ୍କା ଜମାକରି ତାହା କରିପାରିଲେ ସମସ୍ତଙ୍କର ଭଲ ହୁଏ । ସଂକ୍ଷେପରେ ଯୌଥ ଭଣ୍ଡାରର ଏହି ଅଭିପ୍ରାୟ ଆମ୍ଭେମାନେ ବୁଝୁଅଛୁ ଏବଂ ତଦନୁସାରେ ପରୀକ୍ଷାସ୍ୱରୂପ କାର୍ଯ୍ୟାରମ୍ଭ କରିବା ବାଞ୍ଛନୀୟ । ଅବଶ୍ୟ କାର୍ଯ୍ୟରେ ନ ପଡ଼ିଲେ ତହିଁର ଭଲ ମନ୍ଦ ଜଣା ପଡ଼ିବ ନାହିଁ । ମାତ୍ର ଯେଉଁ ମର୍ଯ୍ୟାଦାବନ୍ତ ଯୋଗ୍ୟ ଲୋକମାନେ ଡାଇରେକ୍ଟରପଦରେ ନିଯୁକ୍ତ ହୋଇଅଛନ୍ତି ତହିଁରୁ ଏତିକି ଭରସା ହେଉଅଛି ଯେ ଯହିଁରେ ଅଂଶୀମାନଙ୍କର ଲାଭ ହେବ ତାହା କରିବାକୁ ସେମାନେ ସର୍ବାନ୍ତଃକରଣରେ ଯତ୍ନବାନ୍ ହେବେ । ସରଳତା ଏବଂ ବିଶ୍ୱାସ ବ୍ୟବସାୟର ମୂଳ ଅଟେ । ଅଂଶୀ ଏବଂ ଡାଇରେକ୍ଟରମାନଙ୍କ ମଧ୍ୟରେ ସେସବୁ ପୂର୍ଣ୍ଣରୂପେ ନ ରହିଲେ କାର୍ଯ୍ୟ ସୁଶୃଙ୍ଖଳରୂପେ ଚଳିବାକୁ କଠିନ ।

ପରିଶେଷରେ ଆମ୍ଭମାନଙ୍କର ବକ୍ତବ୍ୟ ଏହି ଯେ ଦେଶୀୟ ଦ୍ରବ୍ୟ ପ୍ରତି ଭଣ୍ଡାରର ବିଶେଷ ଆସ୍ଥା ଦେଖି ଆମ୍ଭେମାନେ ବଡ଼ ଆନନ୍ଦିତ ହୋଇଅଛୁଁ । ଦେଶୀୟ ଦ୍ରବ୍ୟ ପ୍ରସ୍ତୁତକାରୀମାନଙ୍କୁ ଯଥାସାଧ୍ୟ ଉତ୍ସାହ ଦେବା ଡାଇରେକ୍ଟରମାନଙ୍କର ଗୋଟିଏ ପ୍ରଧାନ କାର୍ଯ୍ୟ ହେବା ବାଞ୍ଛନୀୟ ଏବଂ ଭଣ୍ଡାରର କାର୍ଯ୍ୟ ନିର୍ବାହ ନିମନ୍ତେ ଯେଉଁ ଅମଲା ପ୍ରଭୃତି ନିଯୁକ୍ତ ହେବେ ସେମାନେ ମଧ୍ୟ ସ୍ଥାନୀୟ ଲୋକ ହେବା ଉଚିତ । ତାହାହେଲେ ସେମାନେ ଭଣ୍ଡାରର କାର୍ଯ୍ୟାଳୟରେ ରହି ବ୍ୟବସାୟ ଚଳାଇବାର ବହୁଦର୍ଶିତା ଲାଭ କରିପାରିବେ ଏବଂ ଭବିଷ୍ୟତରେ ନିଜେ କୌଣସି ବ୍ୟବସାୟ ଚଳାଇବାକୁ ସେମାନଙ୍କର ସାହସ ହେବ ।

---

## ପ୍ଲେଗ ଖାତ ।

ମହାମାରୀ ସଞ୍ଚାରରେ ସର୍ବଦା ଲୋକଙ୍କ ମନରେ ବର୍ତ୍ତମାନ ଯେଉଁ ଭାବନା ଓ ଭୟ ଉପସ୍ଥିତ ହୋଇଅଛି ତହିଁର ପ୍ରକୃତ କାରଣ ଯେ ପ୍ଲେଗ ନୁହେଁ ମାତ୍ର ତାହା ନିବାରଣ ନିମନ୍ତେ ସରକାର ଯେ ସବୁ ଉପାୟ ସ୍ଥିର କରୁଅଛନ୍ତି ସେହି ସମସ୍ତ ଅଟେ । ଲୋକଙ୍କର ଧାରଣା ଏହି ଯେ ପ୍ଲେଗନାମରେ ଯେଉଁ ମଡ଼କ ଆସିଅଛି ତାହା ଭଗବାନ ପଠାଇଅଛନ୍ତି । ସେ ଆପଣାର ବଳ ଦେଖାଇ କେତେକଲୋକଙ୍କୁ ଗ୍ରାସ କରିବ ଏବଂ ଯାହାର ଆୟୁ ଶେଷ ହୋଇଅଛି ସେ ମରିବ । ଏହିପରି ଓଲାଉଠା ଏବଂ ବସନ୍ତମଡ଼କରେ କେତେଲୋକ ମରୁଅଛନ୍ତି । ଦୟାବାନ୍ ସରକାର କୌଣସିଠାରେ ଓଲାଉଠା ବା ବସନ୍ତର ପ୍ରବଳ ହେଲେ ଔଷଧ ବାଣ୍ଟିବା ଟୀକା ଦେବା ସ୍ଥାନ ପରିଷ୍କାର କରିବା ଦୂଷିତ ବାୟୁ ସଂଶୋଧନୀ ଦ୍ରବ୍ୟାଦି ବ୍ୟବହାର କରିବା ଇତ୍ୟାଦି ଉପାୟମାନଙ୍କ ଦ୍ୱାରା ଲୋକଙ୍କ ପ୍ରାଣ ରକ୍ଷା କରୁଅଛନ୍ତି ପ୍ଲେଗ ସମୟରେ ସେହିପରି କଲେ କାହାରି ଆପତ୍ତି ନାହିଁ ବରଂ ସମସ୍ତେ ସରକାରଙ୍କୁ ଧନ୍ୟବାଦ ଦେବେ । ମାତ୍ର ପ୍ଲେଗ ହେଲେ ଯାହାପରେ ଜଣଙ୍କୁ ପ୍ଲେଗ ଧରିବ ତାହା ଘରର ସମସ୍ତଙ୍କୁ ସେଠାରୁ ବାହାରକରି ଦେବ ରୋଗୀକୁ ବଳେ ହସପିଟାଲକୁ ନେଇଯିବ ଏବଂ ଘରର ଦ୍ରବ୍ୟାଦି ନାରଖାର କରିଦେବ ଏପରି ବ୍ୟବସ୍ଥା କାହିଁକି? ବାସ୍ତବରେ ପୃଥକ ବାସ ଏବଂ ହାସପତାଲ ଏହି ଦୁଇକଥା ଲୋକଙ୍କର ଭୟର ଯଥାର୍ଥ କାରଣ ଅଟେ । କାରଣ ଏସବୁ ସେମାନଙ୍କର ରୀତି ନୀତି ଭାବ ଓ ବିଶ୍ୱାସର ବିରୁଦ୍ଧ ଅଟେ । ସରକାରଙ୍କର ସାଧୁ ଉଦ୍ଦେଶ୍ୟ ବୁଝି ନ ପାରି କେବଳ

Digitized by srujanika@gmail.com

ଅଞ୍ଚଳେ ଲୋକ ଯେ ପୃଥକ୍ ଆବାସ ଏବଂ ହାସପାତାଲକୁ ଡରୁଅଛନ୍ତି ଏମନ୍ତ ନୁହେ । ଉଚ୍ଚ ନିମ୍ନ ଶିକ୍ଷିତ ଓ ଅଶିକ୍ଷିତ ସମସ୍ତଙ୍କର ସ୍ୱଭାବ ଏ ବିଷୟରେ ଏକ ଅଟେ । ତାହା ନ ହେଲେ କଲିକତାରୁ ଏତେ ଭଦ୍ରଲୋକ ଦିଲ୍ଲୀ କୁଟୁମ୍ବ ନେଇ ମୋଫସଲର ନାନାସ୍ଥାନକୁ ପଳାଇଯାନ୍ତେ କାହିଁକି ? ଯେଉଁ ହାଟଅଜାଡର ସ୍ତ୍ରୀମାନେ ହାଟ ବାଟକୁ ବାହାରିବାର ନିଷେଧ ନାହିଁ ଏବଂ ଦାଣ୍ଡକୁ ବାହାରି କିଣା ବିକା କରନ୍ତି ସେମାନେ ସୁଦ୍ଧା ଭୟାତୁର । ଇଉରୋପୀୟମାନେ ଏହାକୁ ଅନର୍ଥକ କୁସଂସ୍କାର କହି ଗବର୍ଣ୍ଣମେଣ୍ଟଙ୍କୁ ତହିଁ ପ୍ରତି ଆସ୍ଥା ନ ଦେଖାଇବାର ପରାମର୍ଶ ଦେଇପାରନ୍ତି ଏବଂ କେହି କେହି ବିଜାତ ଗୃହସ୍ଥଲୋକ ଏଥିରେ ରାଜଦ୍ରୋହ ଭାବ ଆଛନ୍ନ ଥିବାର କହି ସରକାରଙ୍କର ମନ ଭଙ୍ଗା କରିବାର ଚେଷ୍ଟା କରିପାରନ୍ତି । ମାତ୍ର ଗବର୍ଣ୍ଣମେଣ୍ଟ ଯେପରି ଅନ୍ୟାନ୍ୟ ବିଷୟରେ ଲୋକଙ୍କର ଆଚାର ଏବଂ ଧର୍ମ ପ୍ରତି ହସ୍ତକ୍ଷେପ ନ କରିବାର ନୀତି ଅନୁସରଣ କରୁଅଛନ୍ତି ଉପସ୍ଥିତ ସ୍ଥଳେ ସେହି ପଥ ଦେଖାଇଦେଲେ ଏବଂ ଯହିଁରେ ଉଭୟଦିଗ ରକ୍ଷା ହୁଅଇ ସେପରି ବ୍ୟବସ୍ଥା କଲେ ବର୍ତ୍ତମାନ ଯେତେ ଅଶାନ୍ତି ଦେଖାଯାଉଅଛି ତାହା କିଛି ରହିବ ନାହିଁ । ରୋଗୀକୁ ପୃଥକ ରଖିବାର ବ୍ୟବସ୍ଥା ଏ ଦେଶରେ ନୂତନ ନୁହେ । ବସନ୍ତ ବା ଓଲାଉଠା ହେଲେ ରୋଗୀକୁ ଘରର ଯେଉଁ ବଖରାରେ ରଖନ୍ତି ସେଠାକୁ ଚର୍ଯ୍ୟା କରିବା ଛଡ଼ା ଅନ୍ୟଲୋକ ଯିବା ଆସିବା କରନ୍ତି ନାହିଁ ଏବଂ ସେମାନେ ମଧ୍ୟ ଲୁଗା ବଦଳାନ୍ତି ଏବଂ ସେଘରେ ଧୂପ ଦିଆଯାଏ ପ୍ଲେଗ ରୋଗୀ ସମ୍ବନ୍ଧରେ ସେହି ବ୍ୟବସ୍ଥା ହେଲେ ଯେ କାହାର ଆପତ୍ତି ହେବ ନାହିଁ । ଅନେକ ଗୃହସ୍ଥର ଲମ୍ବା ଦୁଇପ୍ରସ୍ତ ଏବଂ ପ୍ରଶସ୍ତ ଅଗଣା ଓ ବାଡ଼ ଅଛି ପ୍ରୟୋଜନ ହେଲେ ତହିଁରେ ପୃଥକ ରହିବାର ସ୍ଥାନ ହୋଇ ପାରେ । ଏହି ପ୍ରଚଳିତ ରୀତିକୁ ଆବଶ୍ୟକୀୟ ପରିବର୍ତ୍ତନ ସହିତ କାର୍ଯ୍ୟରେ ନ ଲଗାଇ ବସ୍ତିବାସୀଙ୍କ ଏକାବେଳେ ଅନ୍ତର କରି ନେବାର କଠିନ ନିୟମ ଜାରି କରିବାର କୌଣସି କାରଣ ଦେଖାଯାଉ ନାହିଁ । ଏହି କଠୋର ନିୟମ ହେତୁ ଅନେକ ଲୋକ ରୋଗୀମାନଙ୍କୁ ଆପଣା ଆପଣା ଘରେ ଲୁଚାଇ ରଖିବାର ଚେଷ୍ଟା କରୁଛନ୍ତି । ଏବଂ ତଦ୍ୱାରା ପୃଥକ କରିବା ବ୍ୟବସ୍ଥା ବ୍ୟର୍ଥ ହେବ ବମ୍ବେଇରେ ଠିକ ଏହି ଘଟନା ହୋଇଥିଲା । ଯେବେ ଗୋସ୍ୱାମୀ ଦ୍ୱାରା ଘରେ ଘରେ ଖୋଜି ରୋଗୀଙ୍କୁ ହାସପାତାଲ ଏବଂ ଅପର ଲୋକଙ୍କୁ ଅନ୍ୟ ସ୍ଥାନକୁ ନେଇ ଯିବାର ନିୟମ ଦୃଢ଼ରୂପେ ପ୍ରଚଳିତ ହୋଇ ନ ଥାନ୍ତା ତେବେ ରୋଗୀଙ୍କୁ ନାନା ଉପାୟରେ ଲୁଚାଇବାର ଚେଷ୍ଟା ହୋଇ ନ ଥାନ୍ତା ଏବଂ ଅଶାନ୍ତି ଉପଦ୍ରବ ଘଟି ନ ଥାନ୍ତା । ଓଡ଼ିଶାରେ ରୋଗ ଉପସ୍ଥିତ ହୋଇ ନାହିଁ ଏବଂ କଲିକତାରେ ଆମ୍ଭମାନଙ୍କର ସୁବିବେଚକ ବଙ୍ଗେଶ୍ୱରଙ୍କ ଆଦେଶରେ ନିୟମର କଠୋରତା ଅନେକ ପରିମାଣରେ ହ୍ରାସ ହୋଇଅଛି । ମାତ୍ର ବମ୍ବେଇ କଥା ଶୁଣି ଲୋକଙ୍କ ମନରେ ଯେଉଁ ଭୟ ଉଦୟ ହୋଇଅଛି ତାହା ଶୀଘ୍ର ଛାଡ଼ିଯାଉ ନାହିଁ । ଓଡ଼ିଶାକୁ ରୋଗ ଆସି ନାହିଁ ବୋଲି ପୃଥକ ହାସପାତାଲ ଆଦି ନିର୍ମାଣ ବନ୍ଦ କରିବାର ପରାମର୍ଶ ଦେଲେ ଆମ୍ଭମାନଙ୍କର ନୂତନ କମିଶନର ସାହେବ ବଡ଼ ସୁବିବେଚନାର କାର୍ଯ୍ୟ କରିଅଛନ୍ତି ଏବଂ ତଦ୍ୱାରା ଲୋକଙ୍କର ମନ ଅନେକ ଥିର ଧରି ଆସୁଅଛି । ତହିଁ ଉପରେ ଯେବେ ଗବର୍ଣ୍ଣମେଣ୍ଟଙ୍କର ଏମନ୍ତ ଆଦେଶ ହେବ ଯେ ରୋଗ ଉପସ୍ଥିତ ହେଲେ ଲୋକେ ଆପଣା ଆପଣା ଘରେ ରୋଗୀଙ୍କୁ ପୃଥକ ରଖି ପାରିବେ ତେବେ ଆଉ କିଛି ଭାବନା ରହିବ ନାହିଁ ।

## ସାପ୍ତାହିକ ସମ୍ବାଦ ।

### କଲିକତା-ଗଜେଟ ।

କଟକ ଅବକାରୀ ଘରକା ସରପ୍ରାପ୍ତ ଡେପୋଟୀ କଲେକ୍ଟର ବାବୁ ଅଟଲବିହାରୀ ବୋଷ ମା ୧ । ୧୫ ଦିନ ଛୁଟୀ ପାଇଲେ । କଟକର ବା: ମେ: ଓ ବା: କ: ବାବୁ ଗୁରୁଦେବାନନ୍ଦ ଗୋସ୍ୱାମୀ ଚଳିତ ଜୁନମାସ ତା ୨୫ ଦିନରୁ ମା ୩ ସ ଛୁଟୀ ପାଇଲେ ।

କଟକ ଜିଲ୍ଲାର ମାଜିଷ୍ଟ୍ରେଟ ଓ କଲେକ୍ଟର ମିଷ୍ଟର ଇ, ଏଫ ଲାଇସ ସାହେବ ଆଗାମୀ ଜୁଲାଇମାସ ତା ୨୭ ଦିନରୁ ମା ୨।୨୬ ଦିନର ଛୁଟୀ ପାଇଲେ ।

ଓଡ଼ିଶା ବିଭାଗର ଏ: ସେଟଲମେଣ୍ଟ ଅଫିସର ମିଷ୍ଟର ଏଚ ମେକଫରସନ ମିଷ୍ଟର ଇ, ଏଫ ଲାଇସ ସାହେବଙ୍କ ଛୁଟୀ ସମୟରେ କଟକ ଜିଲ୍ଲାର କଲେକ୍ଟର ଓ ମେଜେଷ୍ଟର ନିଯୁକ୍ତ ହେଲେ ।

ସବ ଡେପୋଟୀ କଲେକ୍ଟର ବାବୁ ଶ୍ୟାମାଚରଣ ସେନ ଓଡ଼ିଶା ବିଭାଗ ସେଟେଲମେଣ୍ଟ ଅଫିସର କାର୍ଯ୍ୟରୁ ଅବସର ପାଇବାରୁ ମା ୩ ସ ଛୁଟୀ ପାଇବେ ।

ସବ ଡେପୋଟୀ କଲେକ୍ଟର ବାବୁ ଜଗବନ୍ଧୁ ଘୋଷ ଓଡ଼ିଶା ସେଟଲମେଣ୍ଟ ଅଫିସରୁ ବଦଳି ହୋଇ ଓଡ଼ିଶା ବିଭାଗରେ ଅବସ୍ଥାପିତ ହେଲେ ଏବଂ ୨ୟ ଶ୍ରେଣୀର ମାଜିଷ୍ଟ୍ରେଟ କ୍ଷମତା ପାଇଲେ ।

ଗତ ଶନିବାର ଅପରାହ୍ନରେ ଏ ନଗରରେ ଏକଅଶ୍ରା ଘୋର ବୃଷ୍ଟି ହୋଇଥିଲା । ତହିଁ ଉତ୍ତାରୁ ଖରାପାଣ ଏବଂ ଅସହ୍ୟ ଗ୍ରୀଷ୍ମ ହୋଇଅଛି ।

ଏ ନଗରର ସାଧାରଣ ସ୍ୱାସ୍ଥ୍ୟ ଏ ସପ୍ତାହରେ ଏମନ୍ତ ଉତ୍ତମ ଯେ ଏ ସମୟରେ ଅକାଳ ମୃତ୍ୟୁ କେବଳ ଘଟ ନ ଥାଏ ।

ଶ୍ରୀଯୁକ୍ତ କମିଶନର ସାହେବ ପୁରୀ ଗସ୍ତରୁ କେବଳ ହେଲା ଲେଉଟି ଆସି ଅଛନ୍ତି ।

ଗତ ସପ୍ତାହର ବୃଷ୍ଟିରେ ଏ ଜିଲ୍ଲାର ନଦୀମାନ ସାମାନ୍ୟ ବଢ଼ିବାରୁ ଅଳ ଭଳିଯାଇ ନୌକା ପଡ଼ୁଅଛି ।

ଭଙ୍ଗୋଡ଼ଠାରେ ଦୁଇଜଣ ଦୋକାନୀଠାରୁ ଜଣେ ଲୋକ ବହୁବର ଉଧାରରେ ଲୁଗା କିଣୁଥିଲା । ଅନ୍ୟଦିନ ତଳେ ସେ ଆପଣାର ଝିଅର ଶ୍ରାଦ୍ଧ କ୍ରିୟା ହେତୁ ସେମାନଙ୍କଠାରୁ ଲୁଗା ନ କିଣି ଅନ୍ୟ ଦୋକାନରୁ କିଣିବାରୁ ସେମାନେ ତାହାଠାରୁ ଲୁଗା ଛଡ଼ାଇ ନେଇ ପ୍ରହାର କରନ୍ତେ ପୌଜଦାରୀ ବିଚାରରେ ସେମାନଙ୍କୁ ପ୍ରତ୍ୟେକେ ଦୁଇମାସ ହିସାବ କଠିନ ପରିଶ୍ରମ ସହିତ କାରାଦଣ୍ଡର ଆଦେଶ ହୋଇଅଛି ।

କଲିକତା କେଲଫାର୍ମଠାରେ ପୁଣି ଦଙ୍ଗା ହଙ୍ଗାମା ହୋଇ ୫୦ ଜଣ ପୁଲିସ କର୍ମଚାରୀ ଆଘାତ ପ୍ରାପ୍ତ ହୋଇଥିବାର ସମ୍ବାଦ ମିଳଇ । ଅନେକଙ୍କର ଆଘାତ ଗୁରୁତର ଘଟିଲା ଯେଣୁ ସିପାହୀ ଆସି ଦଙ୍ଗା ନିବାରଣ କରିଥିଲେ ।

ରୁଷିମାନେ ଗ୍ରୀସର ଥେସାଲି ରାଜ୍ୟରୁ ସମ୍ପୂର୍ଣ୍ଣରୂପେ ବାହାରି ଆସିଥିବାର ସମ୍ବାଦ ମିଳଇ ।

ହଙ୍ଗକଙ୍ଗର ଚତୁର୍ଦ୍ଦିଗରେ ୨୦୦ ବର୍ଗ ମାଇଲ ଭୂଖଣ୍ଡ ଚୀନ ଇଂରେଜ ବଣିକଙ୍କୁ ଦେଇଥିବାର ସମ୍ବାଦ ମିଳଇ । କାଉଲୁନର ପଶ୍ଚାଦ୍‌ବର୍ତ୍ତୀ ଭୂଖଣ୍ଡ ମିରଷ ଏବଂ ଡିପ ଉପସାଗର ପର୍ଯ୍ୟନ୍ତ ଏଥି ମଧ୍ୟରେ ରହିଅଛି । ଉକ୍ତ ଉପସାଗରର ଜଳ ଏବଂ ଲାଣ୍ଟାଓ ଦ୍ୱୀପ ମଧ୍ୟ ଇଂରାଜମାନେ ପାଇଅଛନ୍ତି । ଏରୂପେ ଚୀନ ଅଡ୍ଡେ ଉପଯୁକ୍ତ ଉପନିବେଶ ସ୍ଥାପନର ବନ୍ଦୋବସ୍ତ ହୋଇଗଲା ।

ଅଳ୍ପଦିନ ତଳେ ସାହି ଦଙ୍ଗା ହଙ୍ଗାମାରେ ଜାପାନର ସମ୍ପତ୍ତି ନଷ୍ଟ ହୋଇଥିବା ହେତୁ ଜାପାନ ଚୀନଠାରୁ ୧୫୦୦୦ ପାଉଣ୍ଡ କ୍ଷତିପୂରଣ ସ୍ୱରୂପ ଦାବୀ କରି ଉତ୍ତିସଙ୍ଗ ଫୁଚୁ, ହଙ୍ଗ, ସାମି, ଫନଙ୍ଗ, ଯେଂଗେ ଏବଂ ଚିଙ୍ଗଉଥାଙ୍କଠାରେ ଏକାଏକ ଜାପାନୀ ସହର ହେବାର ଦାବୀ କରୁଅଛନ୍ତି । ଚୀନ ସ୍ୱଜ୍ଞ ବୋଧ ହୁଏ ସମ୍ମତ ହେବେ କାରଣ ସେ କୌଣସି ପ୍ରକାର ପ୍ରାର୍ଥନା ଅଗ୍ରାହ୍ୟ କରି ନାହାନ୍ତି । ଦୁର୍ବଳତା ଏଥୁଁ ଅଧିକ ଆଉ କ'ଣ ହୋଇପାରେ ?

Split by PDF Splitter

212



ଘଡ଼ହୋଇଠାରେ ଜଣେ ବ୍ରାହ୍ମଣ ମାଷ୍ଟ ଗୃହରେ କୃତ୍ରିମ ମୁଦ୍ରା ପ୍ରସ୍ତୁତ କରୁଥିବା ଅପରାଧରେ ଧୃତ ହୋଇଅଛି । ଏ ଗୃହରେ ପ୍ରସ୍ତୁତ ହୋଇଥିବା ମୁଦ୍ରା କୃତ୍ରିମ ବୋଲି ଜାଣିବା ଅତି କଠିନ । କେବଳ ଅନୁସନ୍ଧାନ ଦ୍ୱାରା ଲୋକେ ଜାଣିବା ସେବକଙ୍କ ଅନ୍ୟ କେହି ତାହା ଧରି ପାରିବ ନାହିଁ ।

କେନ୍ଦୁଝରରେ ପଙ୍ଗପାଳ ଲୋକେ ଶସ୍ୟ ଦଶେଣ ପରିମାଣରେ ନଷ୍ଟ ହୋଇଥିବାର ସମ୍ବାଦ ମିଳଇ ।

ଅମେରିକା ସଙ୍ଗେ ଲଢ଼ାଇ ସ୍ପେନ ପ୍ରଶାନ୍ତମହାସାଗରସ୍ଥ ଫିଲିପାଇନ ଦ୍ୱୀପପୁଞ୍ଜରେ ଆପଣାର ଅଧିକାର ହରାଇବାକୁ ବସିଅଛି । ମାଞ୍ଜିଲାଠାରେ ବିଦ୍ରୋହୀମାନେ ମାଡ଼ ଘୋଟି କୁଇଟ ନାମକ ନଗର ଅଧିକାର କରିଅଛନ୍ତି ।

ଗତମାସ ତା ୧୩ ରିଖରେ ହରିହରପୁରରେ ଝଡ଼ ତୋଫାନ ହୋଇଥିଲା ତହିଁରେ ଏକ ଦୋମହଲା କୋଠା ଉପରେ ବଜ୍ରାଘାତ ପଡ଼ି କୋଠାଏ ବାଣ୍ଟି ଯାଇଅଛି ଓ ନିକଟବର୍ତ୍ତୀ ଗୃହାଦିରେ ଲାଗି ଥିବା କୋଠାଏ ଲୋକ ନଷ୍ଟ ହୋଇଅଛି । ତୋଫାନ ତହିଁର ଲକ୍ଷଣ ପୂର୍ବେ ଗୃହାଦିରୁ ବାହାରି ଯାଇଥିବାରୁ ବଞ୍ଚିଲା ।

ଗତମାସ ତା ୧୩ ଦିଖ ରାତ୍ର ସାଢ଼େ ଚାରିଘଣ୍ଟା ସମୟରେ ବାଙ୍କିଠାରେ ପ୍ରବଳ ଭୂମିକମ୍ପ ହୋଇଯାଇଥିବାର ସମ୍ବାଦ ମିଳଇ । ଏହା କେବଳ ୧୫ ସେକେଣ୍ଡ କାଳ ସ୍ଥାୟୀ ହୋଇଥିଲା । ସୁଖର ବିଷୟ ଏଥିରେ କିଛି ଅନିଷ୍ଟ ହୋଇ ନାହିଁ ।

ସାକିଗ୍ରାମର ଜଣେ ଫକୀର ଆପଣାର ମୃତ୍ୟୁକାଳ ଅବଧି ଜାଣି ଦେହରେ ଘିଅ ଏବଂ ସୁବାସିତ ଦ୍ରବ୍ୟ ଲେପନ କରି ଆପଣାର କୁଟୀରରେ ନିଆଁ ଲଗାଇ ସେହି ନିଆଁ ମଧ୍ୟରେ ପୋଡ଼ି ମରିଥିବାର ସମ୍ବାଦ ମିଳଇ । ଫକୀରଟି ପାଗଳ ନହେଲେ ବଡ଼ କଠିନ ହୃଦୟର ଅଟେ ।

ଜଣେ ସେକ ନବାବବର୍ତ୍ତୀ ଏକ ଦୋକାନ ଘରେ ଅନେକ ଟଙ୍କା ଥିବାର ଦେଖି ତାହା ନେବା ଉଦ୍ଦେଶ୍ୟରେ ଏକଟି ପଣ ଗଛରେ ଥିବା ମିଶାଇ ତାକୁ ପାଞ୍ଚ ଟଙ୍କାକୁ ଦେଇ ଦୋକାନ ପଣ ତାର ... ହେବାରୁ ତାକୁ ... ଦେଖାଇଲା ସେ ଏକ ଥିବା ଦଶ ପାଞ୍ଚ କରିଅଛି ଅସାମୀ ... ଭିତରକୁ ପୂର୍ବ ଦିଅଲତ ଦଫୋଟି ନେଇଦେଇ ତାକୁ ଦୋଷ ସ୍ୱୀକାର କରିଅଛନ୍ତି ।—ଲୋଭରୁ ପାପ ଓ ପାପରୁ ମୃତ୍ୟୁ ।

ଖିଲତର ନବାବ ବୋଲୁଙ୍କ ନଗରରେ ଏବ ଦୁର୍ଭିକ୍ଷ ଦ୍ୱାରା ପ୍ରାପ୍ତ ଲୋ ୧୫ ହଜାର ଓ ମନୁଷ୍ୟ ନଷ୍ଟ ହେବାରୁ ସେମାନେ ସେହି ଦେଶ ଛାଡ଼ି ଯାଇ ଥିଲେ । ଗତଦେଶରେ ମାନ୍ଦ୍ରାଜ ବନ୍ଦର ୧୬ ସ୍ଥଳ ପତାକ ଜୌଳର ସୁବେଦାର ମହମ୍ମଦ ଖାଁ ଲୋକ ଚୋରିଦ୍ୱାରା ଜଳ ବୃଷ୍ଟିର ନାହିଁ ପଡ଼ାଇଥିବାର ସମ୍ବାଦ ମିଳଇ । ନୌକା ବଦ ବୃଷ୍ଟିର ଉପରୁ ଆସିଥିବାର ଦେଖା ହୋଇଥିଲା ନୌକା ବୁଡ଼ିଯିବାରୁ ଓ ଅନେକ ଲୋକ ସାହାଯ୍ୟରେ ତାହାକୁ ଜଳରୁ ଉଠାଇ ଏବ ସେଠାରୁ ଓ ୫୦ ଣ ଦିପାସ୍ଥ ହେବରେ ବୃଷ୍ଟିର ତାଙ୍କ ଆକୃତିକ ଗତ ହେଲା । ଉକ୍ତ ବର୍ଷାର ଦେହ ଲମ୍ବରେ ଦେଖିବା ବାରଣ ଅନେକ ଚକ୍ଷୁ ଦେଖି ସମାପ୍ତ ହୋଇଥିଲେ । ତାହାର ଓଜନ ୨୨୫ ମହଣରୁ ଅଧିକ ହେବ ।

## ସୁଖ ସମ୍ବାଦ

ଗତ ତା ୧୭ ରିଖ ଠାରୁ ଏଠା ଜିଲ୍ଲା ସ୍କୁଲ ଶୋଧ ଷାଣ୍ମାସିକ ପରୀକ୍ଷା ଆରମ୍ଭ ହୋଇଅଛି । ଏ ବର୍ଷ ଜିଲ୍ଲା ସ୍କୁଲରୁ ଏଣ୍ଟ୍ରାନ୍ସ ପରୀକ୍ଷା ଦେବାକୁ ଯାଇଥିବା ୮ ଜଣ ଛାତ୍ର ପାସ କରିଥିବା ଶୁଣି ଆନନ୍ଦିତ ହେଲୁଁ ।

ଗତ ତା ୧୯ ରିଖ ବେଳା ୨ ଘଣ୍ଟା ଠାରେ ଡୋଲମଣ୍ଡପ ସାହିରେ ଅଗ୍ନି ଲାଗି ଚ ଖଣ୍ଡ ଘର ଜଳି ପୋଡ଼ି ଯାଇଅଛି । ଘଟଣା ବେଳେ ଅଗ୍ନି ସଳଖ ଉଠିବାର ଜଣାଯାଏ ଏ ସମୟରେ ବାୟୁର ପ୍ରକୋପ ଓ ଜଳ ବାହୁଲ୍ୟ ଦୂରରେ ଥିବାରୁ ଅଗ୍ନି ଶାନ୍ତ ହେବାର ବିଳମ୍ବ ହୋଇଥିଲା ।

ପ୍ରାୟ ଏକ ସପ୍ତାହ ହେବ ମେଘ ଅଳ୍ପ ଅଳ୍ପ ବେଳେବେଳେ ସାମାନ୍ୟ ବର୍ଷା ଓ ବେଳେବେଳେ ବା ପ୍ରବଳ ବାୟୁ ବେଗରେ ଉପସ୍ଥିତ ହେଉଅଛି । ଖାଦ୍ୟ ପାଣିର ଅବର୍ଷଣଜନିତ ମହକ୍ଷଲରେ ଜଣା ପଡ଼ୁଅଛି ।

ଅସ୍ଥିର ଜଳ ବୃଷ୍ଟିରେ ଓ ଚାଷୀମାନଙ୍କ ଦରେଶ ଅନ୍ତରରୁ ଅମ ଜଳାନ୍ତ ବର୍ଦ୍ଧନ ହୋଇଅଛି ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ଶ୍ରୀଲଶ୍ରୀଯୁକ୍ତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହୋଦୟ ସମୀପେଷୁ

ମହାଶୟ !

ଅଧୀନର ନିମ୍ନଲିଖିତ କେତୋଟି ପଂକ୍ତିକୁ ଆପଣଙ୍କ ବହୁଳ ପ୍ରଚାରିତ ପତ୍ରିକାରେ ସ୍ଥାନ ଦାନ କରି ଚିରବାଧିତ କରିବା ହେବେ ।

ମହାମହୋପାଧ୍ୟାୟ ପଣ୍ଡିତମାନଙ୍କୁ ବିନୀତ ଭାବେ ପ୍ରାର୍ଥନା ଯେ ପୋଷ୍ୟପୁତ୍ର ବିଷୟକ ନିମ୍ନସ୍ଥ ପ୍ରଶ୍ନମାନଙ୍କର ସଦୁତ୍ତର ସଙ୍କେତ ଲଗାଇ ପତ୍ରରେ ପ୍ରଦାନ କରିବେ ।

୧ । ପୋଷ୍ୟପୁତ୍ର କେଉଁ ସ୍ଥାନରୁ ଗ୍ରହଣ କରା ଯାଇ ପାରେ ।

୨ । ଭଗିନେୟ ଓ ଭଗିନେୟର ପୁତ୍ର ପୋଷ୍ୟପୁତ୍ର ହୋଇ ପାରନ୍ତି କି ନା ।

୩ । ଜ୍ୟେଷ୍ଠ ଭ୍ରାତୃ ଅଥବା କନିଷ୍ଠ ଭ୍ରାତୃର ପୁତ୍ର ଯେ କି ପୋଷ୍ୟପୁତ୍ର ରୂପେ ଗୃହୀତ ହୋଇଅଛନ୍ତି ସେଥିରେ ଯୋଗ୍ୟ କିଏ । ଏବଂ କନିଷ୍ଠ ଭ୍ରାତା ପୋଷ୍ୟପୁତ୍ରରେ ମୁଗ୍ଧ ହେବା ସୁସଙ୍ଗତ ବା ଅସଙ୍ଗତ ।

୧୫।୬।୯୮ — ବଶମ୍ବଦ
ଶ୍ରୀ ଭୂପତିଙ୍କ ଦଲ୍ଲା
ତାଳଚେର

---

To the Editor of the Utkal Dipica.

Dear sir,

I shall be highly obliged by your inserting the following few lines in a corner of your much esteemed paper.

There has been a good deal of talk about the conducting of the last Minor Examination of the Dhenkanal centre. As a member of the Dhenkanal school committee I enquired into the matter and asked the teachers who were guards in the Examination hall and the Sub-Inspector of schools who was the Superintendent of the Examination about the matter, who plainly and honestly admitted the following.

Yes, it is a fact that the questions in mathematics were worked out by the teachers in the presence of Babu Akshoya Chandra Ray, Head master of the school and Joint superintendent of the Examination and Babu Bhabagrahi Biswal the then Sub Inspector of schools who said that this had been done not only in the last Examination but also in previous examinations. They say that their object was not to help the students but simply to satisfy their curiosity for knowing how the students did in the examination, assuring me that no opportunity was ever given to the students to see the results either this year or in previous years. I believe that the students do not get any opportunity to see the answeres worked out by the teachers, but in my humble opinion the practice appears to be objectionable and should be discontinued.

I don't think it has come to the notice of our respected Inspector Rai Radhanath Ray Bahadur and I hope, if he agrees with me, he will issue necessary orders to discontinue this practice.

The second question raised by your correspondent is about the boy Chandramani Dasi's getting higher marks in the examination than what he used to get in annual examinations. And in this respect it is said that the boy obtained 60 marks in the test Examination but the class teacher having suspected that unfair means had been used, requested the Head master to hold a re-examination. Ac-

Digitized by srujanika@gmail.com

Split by PDF Splitter



cordingly a re-examination was held in which the boy obtained a little more than 10 marks although not exactly 10 as stated by year correspondent.

A few other irregularities transpired about the examination on the day of the English paper which I need not mention here. So far I can say that for the prestige of the school and the examination no class-teacher below the rank of 2nd master of the Dhenkanal school should be appointed guards in the examination in future if it can be avoided.

Dhenkanal the 18th June 1898 | Yours truely *B. C. Majumdar.*

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଗୋବିନ୍ଦଚନ୍ଦ୍ର ଦାସ | ବାଲେଶ୍ୱର | ଟ ୩ |
| ,, ଉଦ୍ଧବ ପଟ୍ଟନାୟକ | କଲ୍ୟାଣପୁର | ଟ ୩ |
| ,, ଶ୍ରୀକୃଷ୍ଣ ଦାସ | ପୁରୀ | ଟ ୧୪ |
| ,, ଦାଶରଥି ସାହୁ | ଅଲଣାହାଟ | ଟ ୩ |
| ,, ନୀଳାଚରଣ ଦ୍ୱିବେଦୀ | କଟକ | ଟ ୩ |

## ବିଜ୍ଞାପନ ।

### କଟକ ଯୌଥଭଣ୍ଡାର ।

ଉପର ଲିଖିତ ଭଣ୍ଡାରରେ ଅଂଶ ଗ୍ରହଣ କରିବା କାରଣ ଯେଉଁମାନେ ଆବେଦନ କରିଅଛନ୍ତି ସେହି ଆବେଦନକାରୀମାନେ ଅନୁଗ୍ରହପୂର୍ବକ ସମସ୍ତ ଟଙ୍କା ଶ୍ରୀଯୁକ୍ତ ବାବୁ ଜାନକୀ ନାଥ ବୋଷ ଖଜାଞ୍ଚିଙ୍କ ନିକଟରେ ଦାଖଲ କରିବେ ।

କଟକ ତା ୨୨ ଶେ ଜୁନ ୧୮୯୮ ମସିହା | ଶ୍ରୀ ମଧୁସୂଦନ ଦାସ ଅବୈତନିକ ସମ୍ପାଦକ

### କଟକ ଯୌଥ ଭଣ୍ଡାର ।

କଲେକ୍ଟରୀ ଏବଂ ଦେୱାନୀ ଅଦାଲତର କେତେକଜଣ ଅମଲଙ୍କ ସ୍ୱାକ୍ଷରିତ ନିମ୍ନଲିଖିତ ପତ୍ର ଆମ୍ଭେ ପାଇଅଛୁଁ । ଯଥା—

ମହାଶୟ !

ଆମ୍ଭମାନଙ୍କର କୋ-ଅପରେଟିଭ କାରବାର ପକ୍ଷରେ କେତେକ ଆପତ୍ତି ଥିବାରୁ ଆମ୍ଭେମାନେ ପ୍ରାର୍ଥନା କରୁଅଛୁଁ ଯେ କେବଳ ଆମଲମାନଙ୍କର ସଭା ଆହୂତ କରି ଆପତ୍ତିମାନ ବିଚାର ଓ ନିଷ୍ପତ୍ତି କରିବା ହେବେ । ତା ୨୦ । ୬ । ୯୮ ମସିହା

ସମସ୍ତ ଅମଲଙ୍କୁ ପ୍ରାର୍ଥନା କରୁଅଛୁଁ କି ସେମାନେ ଚଳିତ ମାସ ତା ୨୬ ରଖ ରବିବାର ଅପରାହ୍ନ ଘ ୫ ଟା ବେଳେ ଅନୁଗ୍ରହପୂର୍ବକ ଆମ୍ଭ ଘରଠାରେ ଉପସ୍ଥିତ ହେବେ ।

କଟକ ତା ୨୧ ଶେ ଜୁନ ସନ ୧୮୯୮ ମସିହା | ଶ୍ରୀ ମଧୁସୂଦନ ଦାସ ଅବୈତନିକ ସମ୍ପାଦକ

## ନାମାଙ୍କିତ ରବର ମୋହର ।




ଇଂରାଜୀ, ବଙ୍ଗଳା ଓ ଓଡ଼ିଆ ଅକ୍ଷରରେ ଗ୍ରାହକଙ୍କ ଆଦେଶ ମତେ କଲିକତାଠାରୁ ସୁଲଭ ମୂଲ୍ୟରେ ପ୍ରସ୍ତୁତ ହୋଇ ଭେଲ୍ୟୁପେବଲ ଡାକ ଯୋଗେ ପଠାଇ ଦିଆଯିବ ଯେ ଯେଉଁ ଭାଷାରେ ନେବାକୁ ଇଚ୍ଛା କରିବେ ସ୍ପଷ୍ଟ ଲେଖି ପଠାଇବେ । କାଳି ଓ ପ୍ୟାଡ ଚାହିଁଲେ ତାହା ମଧ୍ୟ ଦିଆଯିବ ।

ରିପ୍ଲାଇ କାର୍ଡ଼ ବା ପୁଷ୍ଟେଜ ଷ୍ଟାମ୍ପ ନ ପଠାଇଲେ କୌଣସି ଉତ୍ତର ଦିଆ ଯିବ ନାହିଁ ।

କଟକ ପ୍ରିଣ୍ଟିଂକମ୍ପାନୀ ଅଫିସ ଦରଜା ନିକଟ ଅଥବା ମୋହର ଲିଖିତ ଠିକଣାକୁ ପତ୍ର ଲେଖିଲେ ପାଇ ପାରିବେ ।

ଶ୍ରୀ ଭଗୀରଥୀ ସାହୁ

## ବିଜ୍ଞାପନ ।

ଶାରଳାଦାସଙ୍କର ଅଷ୍ଟାଦଶପର୍ବ ସହିତ

### ମହାଭାରତ

ଏହା ଓଡ଼ିଶାବାସିଙ୍କର ଅତି [illegible] ଗ୍ରନ୍ଥ ଅଟେ । ଏହାକୁ ଭକ୍ତିପୂର୍ବକ ଶ୍ରବଣ ଓ ପାଠ କରି ଲୋକେ ଅଭିଳଷିତ ସୁଫଳ ପ୍ରାପ୍ତ ହେଉଥିବାରୁ ଏହାର ଆଦର ଯେମନ୍ତ ଅଧିକ ଗ୍ରନ୍ଥ ପ୍ରାପ୍ତିର ଅଭାବ ତତୋଧିକ ଅତଏବ ସୁବର୍ଣ୍ଣପ୍ରକାଶକ ଯନ୍ତ୍ରାଳୟ ଏଥିର ମୁଦ୍ରାଙ୍କନ ବିଷୟରେ ଦୃଢ଼ସଙ୍କଳ୍ପ ହୋଇଅଛନ୍ତି ଅତଏବ ଉକ୍ତ ଅଭାବ ପୂରଣ ହେବାର ସମ୍ଭବ ।

ଏହା ଅତିଶୟ ବୃହତ୍ ଗ୍ରନ୍ଥ ଏଥିର ମୂଲ୍ୟ ସୁଲଭ କରିବାରେ ତ୍ରୁଟି ହେବ ନାହିଁ । ସୁନ୍ଦର ସୁନ୍ଦର ଛବି ମଧ୍ୟ ଦିଆ ଯାଇଅଛି ଓ ପ୍ରତ୍ୟେକ

ଖଣ୍ଡରେ ସ୍ଥାନବିଶେଷରେ ଦିଆ ଯିବ । ସାଧାରଣଙ୍କ ସୁବିଧା ନିମିତ୍ତ ଏକ ଏକ ପର୍ବ ବିକ୍ରୟ ହେବ । କ୍ରମେ୨ କ୍ରୟ କଲେ ମୂଲ୍ୟ ଦିବାକୁ କାହାରିକି ବାଧିବ ନାହିଁ । ବର୍ତ୍ତମାନ ସଭାପର୍ବ ଶଲ୍ୟ, ଗଦା ଓ କାଇଁଶିକାପର୍ବ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

| | | | |
|---|---|---|---|
| କର୍ଣ୍ଣପର୍ବ | ଟ ୦।୶ | ଡାକମାସୁଲ | ଟ ୦୯ |
| ଶଲ୍ୟପର୍ବ | ଟ ୦୷ | ,, | ଟ ୦୯ |
| ଗଦାପର୍ବ | ଟ ୦। | ଡାକମାସୁଲ | ଟ ୦୯ |
| କାଇଁଶିକାପର୍ବ | ଟ ୦।୵ | ,, | ଟ ୦୯ |

## EAST COAST RAILWAY.

## NOTICE.

Opening of Ganjam Station for local booking of coaching and goods traffic—

On and from 1st July 1898, Ganjam Station situated between Chatrapur and Humma will be opened for local booking of passengers and their luggage, parcels and goods. As the extent of 100 maunds per train-all trains will halt there to pick up and set down passengers and goods.

Traffic Supdts office Waltair, 18-6-98. | By order, W. Boyce *Traffic Superintendent.*

ଆମ୍ଭର ଗୋଟିଏ ସଦାବର୍ତ୍ତ ଅଛି ସେଠାରେ ଯେଉଁ ଦୁଃଖୀ ଦରିଦ୍ର ପଥିକ ଓ ସାଧୁ ବୈଷ୍ଣବମାନେ ଉପସ୍ଥିତ ହୁଅନ୍ତି ସେମାନଙ୍କୁ ଭୋଜନସାମଗ୍ରୀ ଏବଂ ରାସ୍ତାଖର୍ଚ୍ଚ ବିବେଚନା ମତେ ଦିଆଯାଏ । ବର୍ତ୍ତମାନ କେତେକଦିନ ହେଲା ଏହି ସଦାବର୍ତ୍ତକୁ ବିଶେଷ ଅଭ୍ୟାଗତ ଆସୁ ନ ଥିବାରୁ ଆମ୍ଭେ ନିତାନ୍ତ ଚିନ୍ତିତ ଅଛୁଁ । ଏତଦ୍ୱାରା ତୀର୍ଥବାସି ସାଧୁ ବୈଷ୍ଣବମାନଙ୍କ ପାଦପଦ୍ମରେ ଜଣାଉଁ ଅଛୁ କି ସେମାନେ ତୀର୍ଥକୁ ଯିବା ସମୟରେ ଆମ୍ଭର ଏହି ସଦାବର୍ତ୍ତକୁ ଆଗମନ କଲେ ଆମ୍ଭର ସାଧ୍ୟ ଅନୁସାରେ ସେମାନଙ୍କର ସେବା କରି ଅସାର ଜୀବନକୁ ଚରିତାର୍ଥ କରିବୁ । ଇତି ୧୦।୬।୯୮

ଶ୍ରୀ ମହାଜନ କାଳି ସାହୁ
। ସା । କଲସର ବ୍ରହ୍ମପୁର । ପ୍ର । ବରୁଆ
ଯାଜପୁର ସବ ଡିଭିଜନ
ଜିଲ୍ଲା କଟକ ।

Digitized by srujanika@gmail.com

ଦ୍ୱିତୀୟ ସଂସ୍କରଣ ।

## ସରଳ-ଶରୀର ରକ୍ଷା ।

ପରିବର୍ତ୍ତିତ ଓ ନୂତନ ଚିତ୍ରଯୁକ୍ତ ।

ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆମ୍ଭ କୃତ ଉପରୋକ୍ତ ପୁସ୍ତକ ବେଙ୍ଗଲଗଭର୍ଣ୍ଣମେଣ୍ଟ ପ୍ରମୁଖ ଶିକ୍ଷାବିଭାଗୀୟ ଡାଇରେକ୍ଟର ସାହେବଙ୍କ କର୍ତ୍ତୃକ ଅନୁମୋଦିତ ହୋଇ ଉତ୍କଳ ଶିକ୍ଷା ବିଭାଗୀୟ ଇନ୍ସପେକ୍ଟର ମହୋଦୟଙ୍କ କର୍ତ୍ତୃକ ସମସ୍ତ ଉତ୍କଳର ଅପରପ୍ରାଇମେରୀ ଏବଂ ଲୋଅର ପ୍ରାଇମେରୀ ବିଦ୍ୟାଳୟ ସମୂହରେ ପାଠ୍ୟ ପୁସ୍ତକରୂପେ ନିର୍ଦ୍ଦିଷ୍ଟ କରାଇ ପ୍ରଚଳିତ ହେଉଅଛି । ଏହି ପୁସ୍ତକ ବର୍ତ୍ତମାନ୍ କଟକ-ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ଶ୍ରୀ ୧୨୦୦୦ ଖଣ୍ଡ ଛପା ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି। ପ୍ରତିଖଣ୍ଡର ମୂଲ୍ୟ ଦୁଇଅଣା ।

ସରଳ ଶରୀରରକ୍ଷାର ପ୍ରଶ୍ନୋତ୍ତର ପ୍ରତିଖଣ୍ଡର ପାଞ୍ଚପଇସା

ଓଡ଼ିଶାମେଡ଼ିକେଲ୍ ସ୍କୁଲ } ଡାକ୍ତର
ମେଡ଼ିକେଲ୍ ହଲ } ଶ୍ରୀ ରାମକୃଷ୍ଣପ୍ରସାଦ
ବାଲୁବଜାରକଟକ }

## ଧ୍ରୁବଲୀଳା ।

ଅଦ୍ୟପର୍ଯ୍ୟନ୍ତ ଯେତେ ପୃଥଗ୍‌ବହି ବାହାର ଅଛି ତନ୍ମଧ୍ୟରେ ଏମନ୍ତ ବହି ଦେଖାଯାଇ ନାହିଁ ଏହା ସର୍ବୋତ୍କୃଷ୍ଟ ବୋଇଲେ ଅତ୍ୟୁକ୍ତି ହେବ ନାହିଁ ୧୦୬ ପୃଷ୍ଠାରେ ଧ୍ରୁବ ଜନ୍ମଠାରୁ ଧ୍ରୁବଲୋକ ଗମନପର୍ଯ୍ୟନ୍ତ ନାନାବିଧ ସୁଅଙ୍ଗ ସୁଲଳିତଛନ୍ଦରେ ପୂର୍ଣ୍ଣ, ପାଠକେ ଥରେ ପାଠ କଲେ ଏହାର ମର୍ମ ଜାଣିପାରିବେ ବିଶେଷ ଲେଖିବା ବାହୁଲ୍ୟ ।

କଟକପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ଏଥିର ମୂଲ୍ୟ ୦ ।୵ ମୋଫସଲ ଗ୍ରାହକଙ୍କୁ ମୂଲ୍ୟାତିରିକ୍ତ ୦ ୧ ୬ ଡାକମାଶୁଲ ପଡ଼ିବ ।

ବାମନଦ୍ୱିବେଦୀ ।



ସିଲଭରକେଶ ମୂଲ୍ୟ ୧୬ ୮

ଗ୍ରାହକେ କଲିକତା ଅପେକ୍ଷା ଏଠାରେ ପାଇ ପାରିବେ ଏହାଛଡ଼ା ନାନାପ୍ରକାର ଘଣ୍ଟା ଆମ୍ଭ ଦୋକାନରେ ବିକ୍ରୀପାଇଁ ମହଜୁଦ ଅଛି ।

ଯାହାଙ୍କର ଯେ ପ୍ରକାର ପ୍ରୟୋଜନ ସେ ଆମ୍ଭ ଦୋକାନରେ ତଲ୍ଲସ କଲେ ସମସ୍ତ ବସ୍ତୁ ପାଇ ପାରିବେ ମୋଫସଲ ଗ୍ରାହକ ଲେଖିଲେ ଭାଲ୍ୟୁପେବଲ ଯାଇ ପାରିବେ ।

ଚୌଧୁରୀବଜାର } ସେଖ ଅବଦୁଲଅଜିଜ
କଟକ } ଓ୍ୱାଚ ମେକର ଓ ଜୁଏଲର

## ବିଜ୍ଞାପନ ।

ଏହି କଟକ ପ୍ରିଣ୍ଟିଂକମ୍ପାନୀ ଦ୍ୱାରାରେ ବହୁକାଳାବଧି ଫାଉଣ୍ଡ୍ରୀ କମ୍ପାନୀଦ୍ୱାରା ଅକ୍ଷରଢାଳିବା କାର୍ଯ୍ୟ ହେଉଅଛି । ଇଂରାଜୀ ଓ ସ୍ମଲପାଇକା ସାଇଜର ଓଡ଼ିଆଅକ୍ଷର ଓ ଇଂରାଜୀ ସ୍ମଲପାଇକା ଅକ୍ଷର ଏବଂ ନାନାପ୍ରକାର ଷ୍ଟିରିଓଟାଇପ ଯେଉଁଣସି ଛାପାଖାନା ପାଇଁ ବାହାର ପ୍ରୟୋଜନ ହେଲେ ସେ ଆମ୍ଭଙ୍କୁ ଜଣାଇ ଦେଲେ ଆମ୍ଭେ ଯୋଗାଇ ପାରିବୁଁ । ଆବେଦନ କଲେ ଅକ୍ଷରର ନମୁନା ଦେଖି ଦର ଜାଣି ପାରିବେ ।

ଦରଘାବଜାର } ଶ୍ରୀ ଗୌରୀଶଙ୍କର ରାୟ
କଟକ } ମାନେଜର

### ବନାରସ ମାଲ ।

ବନାରସରେ ଆମ୍ଭର ଗୋଟିଏ ବାଣିଜ୍ୟ କୋଠି ଅଛି । ଉଚିତ ମୂଲ୍ୟରେ ସର୍ବସାଧାରଣଙ୍କୁ ବନାରସୀ ମାଲ ଯୋଗାଇବା ଆମ୍ଭର କାର୍ଯ୍ୟ ଅନେକ ଭଦ୍ରଲୋକ ନାନାସ୍ଥାନବାସୀ ରଜା, ଜମି-ଦାରଙ୍କ ବିଶ୍ୱସ୍ତ୍ରୀତରେ ବହୁବାର ମାଲ ଯୋଗାଇଅଛୁଁ । ସହିତ କାରବାର କଲେ [illegible] କୌଣସି ପ୍ରକାରେ ପ୍ରତାରିତ ହେବାର [illegible]ମାତ୍ର ଆଶଙ୍କା ନାହିଁ । ବାମଣ୍ଡା, କେନ୍ଦୁଝର, ପାଟନା, ଅଠମଲ୍ଲିକ, ଖଡ଼ିଆଳ, ଗଡ଼ଜାତ । ପ୍ରଭୃତି ରାଜ୍ୟର ମହାରାଜା ବାହାଦୁରମାନଙ୍କ ନିକଟରେ ତଲ୍ଲସ କଲେ ଆମ୍ଭର ଅବ ସ୍ଥିତି ଜାଣି ପାରିବେ ଯାହାଙ୍କର ଯେ ବସ୍ତୁ ଦ୍ରବ୍ୟ ଆବଶ୍ୟକ ହେବ ଲେଖି ପଠାଇଲେ ଅବିଳମ୍ବେ ଭେଲ୍ୟୁପେବଲ ପାର୍ଶ୍ୱଲରେ ପଠାଇ ଦିଆଯିବ । ମାଲ ମନ ନାପସନ୍ଦ ହେଲେ ବା ମୂଲ୍ୟ ଅଧିକ ବୋଧ ହେଲେ ଅନ୍ୟ ମାଲ ବଦଳାଇ ଦିଆଯିବ ବା ଟଙ୍କା ଫେରି ଦିଆଯିବ କେବଳ ମାଲର ମାସୁଲ ଗ୍ରାହକଙ୍କୁ ଦେବାକୁ ପଡ଼ିବ ଆମ୍ଭର ବାଣିଜ୍ୟ କୋଠିରେ ନମୁନାସିଦ୍ଧ ସର୍ବପ୍ରକାର ବସ୍ତ୍ର ସର୍ବଦା ଖଣ୍ଡଖଣ୍ଡ ପ୍ରସ୍ତୁତ ଥାଏ । ଯଥା ବନାରସୀ ଜରିକାମ ଶାଢ଼ୀ, ଧୋତି ଚଦର, ଟୋପି, କୋଟ, ଟେକା, କାଶ୍ମୀର ବାସ୍ତ୍ରା, ଜରି ବୋଟଣା ସାଲ, ଚିକନ କାମ କାର ଫେଟା, ରୁମାଲ, ସାଲ ଏବଂ ନାନା ପ୍ରକାର ଇତ୍ୟାଦି ଜରିର ଅପୂର୍ବ ଦ୍ରବ୍ୟ ।

ଏହା ଛଡ଼ା ସୁନା ରୂପାର ବାସନ, ସୁନା, ରୂପାର ଗିଲ୍‌ଟି କରା କାମର କାରିଦା ପ୍ରସ୍ତୁତ ପଦାର୍ଥ ବରାତ ଅନୁସାରେ ତିଆରି କରାଇ ଦେଉଁ । ବରାତ ଦେବାବେଳେ ଜିନିଷମାନଙ୍କ ମୂଲ୍ୟର ଚତୁର୍ଥାଂଶ ଅଗ୍ରିମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଆମ୍ଭର କର୍ମଚାରୀ ବା ଆମ୍ଭେ ସ୍ୱୟଂ ଯାଇ ପାରିବୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇଲେ ମାଲ ଯେଉଁ ଠିକଣାରେ ଓ ଉପାୟରେ (ଅର୍ଥାତ ଡାକରେ ବା ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଯେଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ତଦନୁସାରେ କାର୍ଯ୍ୟ କରି ପାରିବୁଁ ପତ୍ରର ଲଫାଫା ( ବହିରାବରଣ ) ଉପରେ ଆମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଶୀଘ୍ର ଅଥଚ ନିରାପଦରେ ଆମ୍ଭର ହସ୍ତଗତ ହେବ ।

ଶ୍ରୀ ପାନ୍ନାଲାଲ ଗ୍ରୋଲାନାଥ
ଭୁତ୍ତଗଲି ପାଟକ ବନାରସ ସିଟି

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମଥର ସକାଶେ

| | |
|---|---|
| ପ୍ରଥମପଙ୍କ୍ତି | ୦ ୵ ।୵ |
| ଅଧସ୍ତମ୍ଭ | ୦ ୬ |
| ପୂର୍ଣ୍ଣ ଏକ ସ୍ତମ୍ଭ | ୦ ୮ |

[illegible]

ଉତ୍କଳ ସଭା ୫ ୦ ୧ ରୁ ଉଣା ଦେବ [illegible] ।

[illegible] ବହୁବାର ନିମନ୍ତେ ସର୍ତ୍ତ ପ୍ରଥମ [illegible] ସ୍ଥଳରେ ବହୁବାର ସ୍ଥିର କରିବାକୁ ହେବ ।

[illegible] ସକାଶେ ପ୍ରଥମ [illegible] ହୋଇଥିବ

[illegible] ମୂଲ୍ୟ [illegible] ୫୦ ।୶ କରୁ ହେବ

ଏ ଉତ୍କଳଦୀପିକା [illegible]
[illegible] ଓ [illegible]

Split by PDF Splitter
Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଖଣ୍ଡ ୩ ସଂ ୨୭ ସଂଖ୍ୟା | ତା ୨ ଜୁଲାଇ ଅବ୍ଦେ ଖ୍ରୀଷ୍ଟ ସନ ୧୮୯୮ ମସିହା । ମୁ । ତା ୨୦ ଆଷାଢ ସନ ୧୩୦୫ ସାଲ ଶନିବାର । | ଅଗ୍ରୀମ ମଫସଲ

ଗତପୂର୍ବ ସୋମବାର ରାତ୍ରି ଶେଷ ସମୟରେ ଦାର୍ଜିଲିଂଠାରେ ଭାରି ଭୂମିକମ୍ପ ହୋଇଥିଲା । କମ୍ପନର ବେଗ ଉତ୍ତରରୁ ଦକ୍ଷିଣକୁ ଥିଲା ଏବଂ କମ୍ପିବା ବେଳେ ଘଣ୍ଟିର ଶବ୍ଦ ଏବଂ ଛାତର କଡ କଟ କଟ ଶୁଭିଥିଲା ।

—:*:—

ଏଣି ମୌସୁମିର ମନ୍ଦତା ହେତୁ କାଶ୍ମୀର ଅନ୍ତର୍ଗତ ଲାଦାଖ ବିଭାଗରେ ଏପରି ଅନାବୃଷ୍ଟି ହୋଇଅଛି ଯେ ଦୁର୍ଭିକ୍ଷ ପଡ଼ିବାର ଆଶଙ୍କା ରହିଅଛି । କାଶ୍ମୀର ଦରବାର ପୂର୍ବରୁ ସତର୍କ ହୋଇ ସେ ସ୍ଥାନକୁ ଦଶହଜାର ମହଣ ଗହମ ଯବ ଏବଂ ବାଜରା ପଠାଇବାର ବନ୍ଦୋବସ୍ତ କରିଅଛନ୍ତି ।

---

ପୁନାର ସକଳ ଉପଦ୍ରବ ଶାନ୍ତ ହେଲେହେଁ ପୁନା ବାସୀଙ୍କୁ ଦଣ୍ଡ ଦେବା ନିମନ୍ତେ ଯେଉଁ ଅତିରିକ୍ତ ପୁଲିସ ସେଠାରେ ସ୍ଥାପିତ ହୋଇଅଛି ତାହା ଅଦ୍ୟାବଧି ଉଠିଯାଇ ନାହିଁ । ଗବର୍ଣ୍ଣମେଣ୍ଟ ସେହି ପୁଲିସ ଦଳ ଶୀଘ୍ର ଉଠାଇନେବା ଅଭିପ୍ରାୟରେ ପୁଲିସ ଇନସ୍ପେକ୍ଟରମାନଙ୍କୁ ସ୍ଥାନାନ୍ତରରେ କାର୍ଯ୍ୟ ଦେଇବାର ଆରମ୍ଭ କରିଅଛନ୍ତି ।

---

ସ୍ପେନ ମାର୍କିନଙ୍କ ଯୁଦ୍ଧ ସମ୍ବନ୍ଧରେ ଭବିଷ୍ୟଶରୁ ଯଦି ସ୍ଥଳର ସୈନ୍ୟ ପଠାଇବାର ନୀତ ଛଡ଼ା ଯୁଦ୍ଧର ବିଶେଷ ସମ୍ବାଦ ଆସି ନାହିଁ । କେବଳ ସାମାନ୍ୟ ଯୁଦ୍ଧରେ ସ୍ପେନ ହଟି ଯିବାର ପ୍ରଚାର ହୋଇଅଛି । ସନ୍ଧି ସକାଶେ ଇଉରୋପୀୟ ଶକ୍ତିମାନେ ବିଶେଷ ବ୍ୟସ୍ତ ହେବାର ମଧ୍ୟ ଏ ପର୍ଯ୍ୟନ୍ତ ଦେଖା ଯାଇ ନାହିଁ ।

---

ମାନ୍ୟବର ଫିରୋଜସା ମେହେଟା ପୁଣି ବମ୍ବେର ବାସୀଙ୍କ ପ୍ରତିନିଧି ସ୍ୱରୂପ ବଡ଼ଲାଟଙ୍କ ବ୍ୟବସ୍ଥାପକ ସଭାର ଜଣେ ସଦସ୍ୟ ମନୋନୀତ ହୋଇଅଛନ୍ତି । ଏଥର ଏଡ, ବାବପ୍ରୀସାହେବ ତାହାଙ୍କର ପ୍ରତିଦ୍ୱନ୍ଦୀ ଥିଲେ ମାତ୍ର ହାରିଗଲେ । ମେହେଟାଙ୍କର ନିଯୋଗରେ ସମସ୍ତେ ଆନନ୍ଦିତ କାରଣ ତାହାଙ୍କର ଯୋଗ୍ୟତା ସମସ୍ତେ ଜାଣନ୍ତି । ସେ ପୁନଃ ଶୀଘ୍ରରେ ଧନ୍ୟ କାର୍ଯ୍ୟରେ ଯୋଗ ଦେବାକୁ ସମର୍ଥ ହେବେ ଏହିକି ସମସ୍ତଙ୍କର ପ୍ରାର୍ଥନା ।

---

ହାଏଦରାବାଦର ନିଜାମଙ୍କର ଧନ ଭଣ୍ଡାରରୁ ଦଫା ୨ରେ ଏକଲକ୍ଷ ପଚିଶହଜାର ଟଙ୍କା ଚୋରି ଯିବାର ପ୍ରକାଶ ପାଇବାରୁ ସେହିସମ୍ବନ୍ଧରେ ମୋଗଲାଇ ପୁଲିସ ଅନୁସନ୍ଧାନରେ ଥାଇ ସମ୍ପ୍ରତି ଅନେକ ଲୋକଙ୍କୁ ଧରିଅଛନ୍ତି । ଗିରଫଦାର ଲୋକଙ୍କମଧ୍ୟରେ ରାଜ ପ୍ରାସାଦର ପହରାରେ ଥିବା ଜଣେ ଜମାଦାର ଏବଂ କେତେଜଣ ପହରୀ ବାଲା ଅଛନ୍ତି । ଏପରି ଏହି ଚୋରିରେ ସଂଲିପ୍ତ ଥିବା ପଲଟନର କେତେକ ଲୋକ ଲୁଚିଅଛନ୍ତି ।

---

ଏଠା କଲେକ୍ଟରୀ କଚେରୀର ଅନେକ ବନ୍ଦୋବସ୍ତର ବିଷୟ ଯାହା ଗତ ସପ୍ତାହରେ ଲେଖିଥିଲୁ ତାହା କେତେକ ବଦଳି ଯାଇଅଛି । ମୁନସି ଗଜନଫରି ହୋସେନ କଲେକ୍ଟରୀର ହେଡ କାର୍କ ଏବଂ ତାହାଙ୍କ ସ୍ଥାନରେ ବାବୁ ସୀତାନାଥ ଗୁପ୍ତ ରୋଡସେସ ହେଡ କ୍ଲାର୍କ ହେଲେ । କଲେକ୍ଟର ସାହେବ ମୁନସିଙ୍କର ଉଚ୍ଚ ପଦର ପ୍ରସ୍ତାବ ପ୍ରଥମେ କରିଥିଲେ ଏ ପରିବର୍ତ୍ତନର ଆବଶ୍ୟକ ହୋଇ ନ ଥାନ୍ତା । ଏଠା ସଦର କାନନଗୋଇ ଡାକ୍ତର ହେଡକର୍ମ୍ମ ହେଲେ ।

—※—

ମୌସୁମୀ ବାୟୁ ଭାରତର ପଶ୍ଚିମ ଉପକୂଳକୁ ଦୃଢ଼ରୂପେ ଅଧିକାର କରିଅଛି । ମାତ୍ର ହିମାଳୟର ନିକଟସ୍ଥ ଭୂମିରେ ଅବଧି ଅଫଗାନସ୍ଥାନ ଦଗରୁ ଶୁଷ୍କ ବାୟୁ ବହିବାରୁ ମୌସୁମର ପରାକ୍ରମ ସେ ଅଞ୍ଚଳରେ ପ୍ରକାଶ ହୋଇ ପାରୁ ନାହିଁ । ସମସ୍ତ ପଞ୍ଜାବ, ମାନ୍ଦ୍ରାଜ ଏବଂ ମଧ୍ୟଭାରତ ବୃଷ୍ଟିଶୂନ୍ୟ ରହିଅଛି ଏବଂ ବଙ୍ଗୋପସାଗରରେ ବାତ୍ୟା ହୋଇ ନ ଥିଲେ ବଙ୍ଗଳାର ଅଧିକାଂଶରେ ବୃଷ୍ଟି ହୋଇ ନ ଥାନ୍ତା । ଗତ କେତେକଦିନ ଗୁଳିଅଛେ ବୃଷ୍ଟି ଛାଡ଼ିଯାଇ

ଛୁଆ । ବର୍ତ୍ତମାନ ଜମ୍ବୁଦ୍ୱୀପ ମୌସୁମୀ ବୃଷ୍ଟି ଦୃଢ଼ଅଟେଡ଼ ହେବାର ଲକ୍ଷଣ ଦେଖା ଯାଉଅଛି ।

---

ଗତ ମାଷ ତା ୨୪ ରିଖ ପର୍ଯ୍ୟନ୍ତ କଲିକତାରେ ମହାମାରୀ ପ୍ଲେଗରେ ଜ ୧୩୭ ଣ ପୀଡ଼ିତ ଏବଂ ଜ ୧୦୨ ଣ ମୃତ ହୋଇଥିଲେ । ପ୍ଲେଗର ଆକ୍ରମଣ ଏବଂ ମୃତ୍ୟୁସଂଖ୍ୟା ପୂର୍ବ ସପ୍ତାହମାନଙ୍କ ସହିତ ସମାନ ରହିଅଛି । କଳିବାର କୌଣସି ଚିହ୍ନ ଦେଖା ଯାଉ ନାହିଁ । ଲୋକଙ୍କର ତ୍ରାସ ଅନେକ ପରିମାଣରେ ଊଣା ପଡ଼ିଅଛି ଏବଂ ଟୀକା ନେବାର କ୍ରମଶଃ ବଢ଼ୁଅଛି । ସେହି ସପ୍ତାହରେ ଜ ୩୦୦୦ ଣରୁ ଅଧିକ ଲୋକ ଟୀକା ନେଇଥିଲେ ଏବଂ ଅଦ୍ୟାରମ୍ଭ ୧୫ ତାରିଖ ପର୍ଯ୍ୟନ୍ତ ସର୍ବସୁଦ୍ଧା ଜ ୧୬୦୦୦ ଣ ଟୀକା ନେଇଥିଲେ ।

ବମ୍ବେଇ ଏବଂ କରାଚିରେ ପ୍ଲେଗ କ୍ରମଶଃ ଊଣା ପଡ଼ୁଅଛି । କେବେ ଅଦୃଶ୍ୟ ହେବ ଜଣା ଯାଇ ନାହିଁ ।

---

ଭାରତ ଶ୍ରମଜୀବିର ସମ୍ପାଦକ ବାବୁ ଶଶିପଦ ବନ୍ଦ୍ୟାସ ମଧ୍ୟପ୍ରଦେଶର ଅନ୍ତର୍ଗତ ଖାଣ୍ଡୋୱାରେ ଗୋଟିଏ ବୃହତ୍ ଖେଜୁରବନ ଥିବା ଏବଂ ସେଠା ଲୋକେ ତହିଁର କିଛି ବ୍ୟବହାର ଜାଣୁ ନ ଥିବାର ସମ୍ବାଦ ପାଇ ସମିତିର କାର୍ଯ୍ୟନିର୍ବାହକ ସଙ୍ଗରେ ଖେଜୁରଗୁଡ଼ ଏବଂ ଚିନି ପ୍ରସ୍ତୁତ କରିବାକାରଣ ଗୋଟିଏ କାରଖାନା ସେଠାରେ ଫିଟାଇବାର ପ୍ରସ୍ତାବ କରିବାର ସଙ୍ଗରେ ତାହା ସ୍ଥିର ହୋଇଅଛି । ସେ ଖେଜୁର ବନର ଆୟତନ ୧ ଲକ୍ଷ ୧୫ ହଜାର ବର୍ଗମାଇଲ ସୁତରାଂ ବ୍ୟବସାୟଟି ବୃହଦାକାରରେ ଚଳିବାର ଏବଂ ତହିଁରେ ଅନେକ ଲୋକ ପ୍ରତିପାଳନ ହେବାର ଆଶା କରାଯାଏ । ଓଡ଼ିଶା ଗଡ଼ଜାତରେ ଏତେ ବଡ଼ ନ ହେଉ ପଛକେ ଛୋଟ ଓ ଖେଜୁରର ଜଙ୍ଗଲ ଖୋଜିଲେ ବାହାରନ୍ତ ଏବଂ ଅନାୟାସେ ବ୍ୟବସାୟ ଚଳି ପାରନ୍ତା । କେବଳ ବ୍ୟବସାୟ କରିବାର ମନୁଷ୍ୟର ଅଭାବ ।

---

ମଧ୍ୟ ଏସିଆରେ ରୁଷ ଗବର୍ଣ୍ଣମେଣ୍ଟ ଯେଉଁ ନୂତନ ରେଲବାଟ ନିର୍ମାଣ କରୁଅଛନ୍ତି ତହିଁରୁ ଅଫଗାନିସ୍ଥାନର ସୀମାନ୍ତ ପର୍ଯ୍ୟନ୍ତ ଗୋଟିଏ ଶାଖା ରେଲବାଟ ନିର୍ମାଣ ହେବାର ଆରମ୍ଭ ହୋଇଅଛି । ଏହି ଶାଖା ରେଲରେ ଅଫଗାନିସ୍ଥାନ ଉପତ୍ୟକା ବାଟେ କାବୁଲର ସୀମାକୁ ଯିବ ଏବଂ ସେଠାରୁ ହିରାଟ ନଗର କେବଳ ୨୩୦ ମାଇଲ ଛଡ଼ା ରହିବ । ରେଲବେର ସୀମା ଏବଂ ହିରାଟ ମଧ୍ୟରେ ଏମନ୍ତ କିଛି ନୈସର୍ଗିକ ବାଧା ନାହିଁ କି ଯାହା ରୁଷିୟ ଇଞ୍ଜିନିୟରମାନେ ସେହି ରେଲବାଟ ହିରାଟକୁ ବିସ୍ତାର କରିବାକୁ ଇଚ୍ଛା କଲେ ଅତିକ୍ରମ କରି ନ ପାରିବେ । ଫଳତଃ ଏହି ରେଲବାଟ ଯୋଗେ ହିରାଟ ରୁଷିୟାର ଅଧିକାରରେ ଆସୁଅଛି । ଏବଂ ଏହାରେ ରୁଷିୟାକୁ ଜଗିବା ନିମନ୍ତେ ଆମ୍ଭମାନଙ୍କର ଗବର୍ଣ୍ଣମେଣ୍ଟ କି ଉପାୟ ଚିନ୍ତା କରୁଅଛନ୍ତି ତାହା ଜଣାପଡ଼େ ନାହିଁ । ଅଫଗାନିସ୍ଥାନ ଜୟ କରିବାର ଚେଷ୍ଟା କରିବେ ନାହିଁ ବୋଲି ରୁଷିୟା ପୂର୍ବରୁ ଅଙ୍ଗୀକାର କରିଅଛନ୍ତି ସତ୍ୟ ମାତ୍ର ଏହା ବୋଲି ବ୍ରିଟିଶ ଗବର୍ଣ୍ଣମେଣ୍ଟଙ୍କର ନିଶ୍ଚିନ୍ତ ରହିବା ଉଚିତ ନୁହେ ।

---

ଇଷ୍ଟକୋଷ୍ଟ ରେଲୱେ ସଙ୍ଗେ ଅପଣା ରାଜଧାନୀକୁ ଯୋଗ କରିବା ଅଭିପ୍ରାୟରେ ପାରଲାକିମେଡ଼ିର ରାଜା ନୂଆପଡ଼ା ଷ୍ଟେସନ ପର୍ଯ୍ୟନ୍ତ ଗୋଟିଏ ହାଲୁକା ଛୋଟ ମାପର ରେଲବାଟ ନିର୍ମାଣ କରିବା କାରଣ ଗବର୍ଣ୍ଣମେଣ୍ଟରେ ଆବେଦନ କରିବାରୁ ଗବର୍ଣ୍ଣମେଣ୍ଟ ଉତ୍ତର ଦେଇଅଛନ୍ତି କି ରାଜା ରେଲବାଟ ନିର୍ମାଣ କରି ପାରନ୍ତି ମାତ୍ର ଯେବେ ସରକାର ଅଥବା ଅନ୍ୟ କେହି ଲୋକ ସେହି ବାଟରେ ପ୍ରମାଣ ମାପର ରେଲୱେ ପ୍ରସ୍ତୁତ କରିବାକୁ ଇଚ୍ଛା କରିବେ ତେବେ ରାଜାଙ୍କୁ କିଛି କ୍ଷତିପୂରଣ ଦିଆଯାଇ ତାହାଙ୍କର ନିର୍ମିତ ବାଟ ବନ୍ଦ କରି ଦିଆଯିବ । ଏଥିକୁ ଜ୍ଞାନଜନସୂବ ଯଥାର୍ଥ କହୁଅଛନ୍ତି କି ସରକାର ଯେବେ ଅନ୍ତତଃ ଏପରି କହି ଥାନ୍ତେ କି ପ୍ରମାଣ ମାପରେ ସରକାର ଅଥବା ଅପର ବ୍ୟକ୍ତି ସେହି ବାଟରେ ରେଲୱେ ଫିଟାଇବାକୁ ପ୍ରାର୍ଥନା କଲେ ରାଜାଙ୍କର ଦାବୀ ଅଗ୍ରଗଣ୍ୟ ହେବ ତାହା ହେଲେ ଗୋଟିଏ କଥା ହୁଅନ୍ତା । ମାତ୍ର କେବଳ କ୍ଷତିପୂରଣରେ ରେଲବାଟ ବନ୍ଦ କରି ଦେବାର ସଙ୍କଳ୍ପ କରିବା ଅତ୍ୟନ୍ତ କଠିନ ଅଟେ । ଏପରି ଦୁଃଖଜନକ ଧମକ ଗବର୍ଣ୍ଣମେଣ୍ଟ କରିବା ଏହା କଳ୍ପନାର ବହିର୍ଭୂତ ।

---

ଅମ୍ଭେମାନେ ଗତ ସପ୍ତାହରେ 'କଟକ ଯୌଥଭଣ୍ଡାର' ସମ୍ପର୍କରେ ଯେଉଁ ମନ୍ତବ୍ୟ ପ୍ରକାଶ କରିଥିଲୁଁ ତହିଁକି ଲକ୍ଷ କରି ବାବୁ ମଧୁସୂଦନ ଦାସ ଖଣ୍ଡିଏ ଇଂରାଜୀ ପତ୍ର ପଠାଇଥିଲେ । ପାଠକମାନେ ସ୍ଥାନାନ୍ତରେ ତାହା ପାଠ କରିବେ । ମଧୁବାବୁ ବୁଝାଇ ଦେଇଅଛନ୍ତି କି ଯେଉଁମାନେ ଟଙ୍କା ଜମା ଦେବେ କେବଳ ସେହିମାନେ ଜିନିଷ କ୍ରୟ କରିପାରିବେ ଯୌଥଭଣ୍ଡାରର ଏହା ମୂଳ ନିୟମ ନୁହେ । କେତେକ ଯୌଥଭଣ୍ଡାରରେ ସେପରି ନିୟମ ଅଛି ମାତ୍ର ଅନେକସ୍ଥଳେ ସ୍ଥାନ କଲର କୌଣସି ବିଶେଷ ସତ୍ୱ ନାହିଁ । ଦ୍ରବ୍ୟ ପ୍ରସ୍ତୁତକାରୀ ଅଥବା ବଡ଼ ବେପାରୀ ଏବଂ ଖରିଦ କରିବା ବ୍ୟକ୍ତିଙ୍କ ମଧ୍ୟରେ ନଗଦ ଟଙ୍କାର ସାକ୍ଷାତ କାରବାର ଏବଂ ଦଲାଲି ବନ୍ଦେବାକ ସହିତ ପ୍ରତିଦ୍ୱନ୍ଦ୍ୱୀ ହେତୁ ବଜାରରେ ଯୌଥଭଣ୍ଡାରର ବିଶେଷ ଆଦର । ଭଣ୍ଡାରରେ ବଜାର ଦରରେ ଦ୍ରବ୍ୟ ବିକ୍ରୟ ହୁଏ ନାହିଁ ବରଂ ଭଣ୍ଡାରିକାର ଦ୍ରବ୍ୟ ପ୍ରସ୍ତୁତକାରୀଠାରୁ ନଗଦ ଟଙ୍କା ଦେଇ ଅତ୍ୟନ୍ତ ସୁବିଧା ଦରରେ ଦ୍ରବ୍ୟ ଖରିଦ କରି ଏବଂ ଅନ୍ୟାନ୍ୟ ଉପାୟରେ ବଜାର ଅପେକ୍ଷା ସୁଲଭ ଦରରେ ଦ୍ରବ୍ୟ ବିକ୍ରୟ କରିବାକୁ ସମର୍ଥ ହେବାଦ୍ୱାରା ବଜାରର ଅଧ୍ୟ ଲୁଟିଦିଏ, ମଧୁବାବୁ ସ୍ୱୟଂ ବିଲାତରେ ବିଶେଷ ଦେଖାଶୁଣା ଏବଂ ଅନୁସନ୍ଧାନଦ୍ୱାରା ଯାହା ସ୍ଥିର କରିଅଛନ୍ତି ତହିଁର ପରେ ଆମ୍ଭମାନଙ୍କର ଆଉ କିଛି କହିବାର ନାହିଁ । ସେହି ବହୁଦର୍ଶିତା ଅନୁସାରେ ସେ ଯେଉଁ ବ୍ୟବସାୟର ସୂତ୍ରପାତ କରିଅଛନ୍ତି ତହିଁରେ କୃତକାର୍ଯ୍ୟତା ଲାଭ କରନ୍ତୁ ଏହାହିଁ ଆମ୍ଭମାନଙ୍କର ଏକାନ୍ତ ପ୍ରାର୍ଥନା ।

---

ଭାରତର ସନ ୧୮୯୬।୯୭ ସାଲର ମହାମାରୀ ସମ୍ବନ୍ଧୀୟ ବିବରଣ ଇଣ୍ଡିଆ ଗବର୍ଣ୍ଣମେଣ୍ଟଦ୍ୱାରା ପ୍ରକାଶିତ ହୋଇଅଛି । ଏଥିରେ ପ୍ଲେଗର ଉତ୍ପତ୍ତି, ପ୍ରକାଶ, ବିସ୍ତାର ନିବାରଣ ଉପାୟ ବିସ୍ତାରରୂପେ ବର୍ଣ୍ଣିତ ହୋଇଅଛି । ବମ୍ବେଇ ଓ ସିନ୍ଧୁ ପ୍ରଦେଶରେ ପ୍ଲେଗିମାନଙ୍କ ମଧ୍ୟରେ ଶତକଡ଼ା ୭୮ ଜଣ ମରିପଡ଼ିଥିଲେ । ଯେ ସବୁ ମଡ଼ା ଜାଞ୍ଚ କରିବାକୁ ଡାକ୍ତର ନିମନ୍ତେ ପଠାଯାଇଥିଲେ ସେମାନଙ୍କ ମଧ୍ୟରୁ ବମ୍ବେଇରେ ଜ ୫୩ ଣ ଏବଂ ପୁନାରେ ଜ ୭୫ ଣ ମରିପଡ଼ିଥିଲେ । ହାସପାତାଲର ଚିକିତ୍ସା ଦ୍ୱାରା ଫଳ ଏଥିରୁ ଅନୁମାନ ଜଣାଯାଉଅଛି । ମଡ଼ୁକର ଜାତି ଅଥବା ବ୍ୟବସାୟ ହେତୁ ମୃତ୍ୟୁର ତାରତମ୍ୟ କିଛି ଦେଖାଯାଇ ନାହିଁ । ସୁତରାଂ କୌଣସି ବ୍ୟବସାୟ ଏ ରୋଗ ଜାତ ହେବା ପ୍ରତି ଅନୁକୂଳ ଏପରି ବୁଝାଯାଏ

Digitized by srujanika@gmail.com

ନ ପାରେ । ମାତ୍ର ବୟସ ସଙ୍ଗେ ରୋଗର ବଳ ଊଣା ଅଧିକ ହେବାର ଦେଖାଯାଉଅଛି । ଅର୍ଥାତ୍ ଯୌବନାରମ୍ଭଠାରୁ ୩୦ ବର୍ଷ ବୟସ ପର୍ଯ୍ୟନ୍ତ ଲୋକଙ୍କୁ ଅଧିକ ପରିମାଣରେ ରୋଗ ଧରେ ଏବଂ ତହିଁଉତ୍ତାରୁ ବୟୋବୃଦ୍ଧି ଅନୁସାରେ ରୋଗ ଧରିବାର ଊଣା ପଡ଼େ । ସ୍ତ୍ରୀଅପେକ୍ଷା ପୁରୁଷ ଅଧିକ ପ୍ରାୟ ଦ୍ୱିଗୁଣ ରୋଗାକ୍ରାନ୍ତ ହୁଅନ୍ତି । ମାତ୍ର ଏଥିର ଏହି କାରଣ ଜଣାଯାଏ ଯେ ପୁରୁଷମାନେ ଅଧିକ ବାଣ୍ଡକୁ ବାହାରନ୍ତି ସୁତରାଂ ଭୂଇଁ ଭୂଇଁରେ ରୋଗ ସେମାନଙ୍କ ଦେହରେ ପ୍ରବେଶ କରେ । ପଶ୍ଚାନ୍ତରେ ନଡ୍ମସ୍ଥର ପୁରୁଷଠାରୁ ଅଧିକ ସ୍ତ୍ରୀ ମରା-ପଡନ୍ତି । ସାଧାରଣତଃ ରୋଗର ବୀଜ ଦେହରେ ପ୍ରବେଶ କରିବାର ୫ ଦିନ ମଧ୍ୟରେ ରୋଗ ପ୍ରକାଶ ପାଏ । କେତେକସ୍ଥଳେ ତହିଁରୁ ଅଳ୍ପ ସମୟରେ ରୋଗ ଫୁଟିଉଠେ । ସ୍ଥଳ ବିଶେଷରେ ୫ ଦିନ ଠାରୁ ୧୦ ଦିନ ମଧ୍ୟରେ ରୋଗ ବାହାରିବାର ଦେଖାଯାଇଅଛି ମାତ୍ର ୧୦ ଦିନ ପରେରୁ ରୋଗ ଫୁଟି ବାହାରିବାର ଗୋଟିଏ ଘଟଣା ସୁଦ୍ଧା ଏପର୍ଯ୍ୟନ୍ତ ଦେଖାଯାଇ ନାହିଁ । ଏହି କାରଣରୁ ଅଟକ ରଖିବାର ସମୟ ୧୦ ଦିନ ଧାର୍ଯ୍ୟ ହୋଇଅଛି ।

---

ଗତ ପୂର୍ବ ସପ୍ତାହର ତୋଫାନ ଅଥବା ବର୍ଷା କାଳର ଆଗମନ ମେଦିନୀପୁରଠାରେ ଭାରି ଉତ୍ପାତ କରିଥିଲା । ଅତ୍ୟଧିକ ବୃଷ୍ଟି ହେତୁ ନଦୀ ବଢ଼ି ଏମନ୍ତ ପ୍ରବଳ ହୋଇଥିଲା ଯେ ଚତୁର୍ଦ୍ଦିଗସ୍ଥ ଅନେକ କୋଶ ପର୍ଯ୍ୟନ୍ତ ଭୂମି ଏକାବେଳେ ଧୋଇ ନେଇଗଲା ଏବଂ ଅନେକ ସମ୍ପତ୍ତି ନଷ୍ଟ କରିଦେଲା । ନଦୀର ଜଳ ପୂର୍ବର ସଙ୍କୋଚ ମାପରୁ ବଳି ଯାଇଥିଲା ଏବଂ ପ୍ରଖର ସ୍ରୋତର ବେଗ ଘଣ୍ଟା ପ୍ରତି ୧୬ ମାଇଲ ଥିଲା । ଘାଟ ବୁଡ଼ିଯିବା ଏବଂ ସ୍ରୋତ ପ୍ରବଳ ହେବାରୁ ୪ ଦିନ ପର୍ଯ୍ୟନ୍ତ ନୌକା ଯାତାୟାତ ବନ୍ଦ ରହିଥିଲା ସୁତରାଂ କଲିକତାର ଡାକ ନଦୀର ସେପାରିରେ ପଡ଼ି ରହିବାରୁ ଆମ୍ଭେମାନେ ହିଁ ୫ ଦିନ କଲି-କତା ଡାକ ଅଦୌ ପାଇ ନ ଥିଲୁଁ । ଗତ ଶନିବାର ତହିଁ ପୂର୍ବ ଶନିବାରର କଲିକତା ଡାକ ଏ ନଗରରେ ପହଞ୍ଚିଥିଲା । ତାରଡାକ ବଢ଼ିରେ ବୁଡ଼ିଯିବାରୁ ତାର ସମ୍ବାଦ ମଧ୍ୟ ବନ୍ଦ ହୋଇ ଯାଇଥିଲା । ଶୁଣିବାରେ ଅନେକ ଗୁଡ଼ିଏ ଗ୍ରାମ ସମ୍ପୂର୍ଣ୍ଣରୂପେ ଧୋଇଯାଇଅଛି ଓ ଏବଂ ଲୋକଙ୍କର ଦୁରବସ୍ଥା କହିଲେ ନ ସରେ । ଜଣେ ଲୋକ ଗୋଟିଏ ଗଛ ଅଗ୍ରରେ ସ୍ଥିତି ଯାଉଥିଲା । ପୁଲିସ ତାହାକୁ କୌଣସିମତେ କୂଳକୁ ଆଣି ସେ ଅଚେତନ ଥିବାର ଦେଖି ଅନେକ କଷ୍ଟରେ ଚେତନା କରାଇଲେ । ସେ କହିଲା ଯେ ତାହାର ପରିବାରର ୭ ଜଣ ଲୋକ ଏବଂ ସମସ୍ତ ସମ୍ପତ୍ତି କେଉଁଆଡେ ଭାସିଯାଇ ଅଛି । ଉକ୍ତଦିନ ପର୍ଯ୍ୟନ୍ତ ବାଟ ଘାଟ ନ ମିଳିବାରୁ ସରକାରୀ କର୍ମଚାରୀମାନେ ମୋଫସଲର ସମ୍ବାଦ ପାଇ ନ ଥିଲେ ଏବଂ ପରିଦର୍ଶନ କରିବାକୁ ବାହାରି ପାରି ନ ଥିଲେ । ସୁତରାଂ କି ପରିମାଣ ମନୁଷ୍ୟ ଗୃହପାଳିତ ପଶୁ ଏବଂ ଗୃହାଦି ସମ୍ପତ୍ତି ଏହି ଭୟାନକ ବନ୍ୟାରେ ନଷ୍ଟ ହୋଇ ଅଛି ଅବଧି ଜଣାଯାଇ ନାହିଁ । ସମୟରେ ସରକାରୀ ସମାଚାର ବାହାରିବ । ଅନ୍ୟାନ୍ୟ କ୍ଷତି ପରେ ଫସଲର କ୍ଷତି ଅବଶ୍ୟ ଘଟିଅଛି ମାତ୍ର ଫସଲର ପ୍ରଥମାବସ୍ଥାରେ ତାହା ଘଟିବା ଏବଂ ଜଳ ଶୀଘ୍ର ଛାଡି ଦିବାରୁ ଆଶା ହେଉଅଛି ଯେ ଅନେକ ପରିମାଣରେ କ୍ଷତିପୂରଣ ହୋଇ ପାରିବ । ସନ ୧୮୬୮ ସାଲରେ ସେ ଅଞ୍ଚଳରେ ଭୟଙ୍କର ବନ୍ୟା ହୋଇଥିଲା । ମାତ୍ର ସେ ସମୟରେ ଜଳ ଯେତେ ଉଚ୍ଚକୁ ଉଠିଥିଲା ବର୍ତ୍ତମାନ ବଢ଼ିର ଉଚ୍ଚତା ତହିଁରୁ ୩ ଫୁଟ ଅଧିକ ଥିଲା । ସୁତରାଂ ଏପରି ଭାରି ବନ୍ୟା ପୂର୍ବେ କେବେ ଅତିକାଳ ବୃଦ୍ଧ ଲୋକଙ୍କର ସ୍ମରଣ ହେଉ ନାହିଁ ।

---

କଲିକତା ବିଶ୍ୱବିଦ୍ୟାଳୟର ଗତ ପ୍ରବେଶିକା ପରୀକ୍ଷାରେ ଓଡ଼ିଶାରୁ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ର-ମାନଙ୍କର ନାମ ।

ପ୍ରଥମଶ୍ରେଣୀ ।

| ଛାତ୍ରମାନଙ୍କର ନାମ | ସ୍କୁଲନାମ |
|---|---|
| ଅବଦୁଲରହେମାନଖାଁ | ରେଭେନସାକଲେଜ |
| ନଳିନଚନ୍ଦ୍ରବସୁ | " |
| ଜ୍ଞାନେନ୍ଦ୍ରଚନ୍ଦ୍ରବ୍ରହ୍ମ ✱ | " |
| ବ୍ରଜସୁନ୍ଦର ଦାସ | " |
| ଭୁବନବିହାରୀ ଦାସଗୁପ୍ତ | " |
| ଲୋକନାଥ ପଟ୍ଟନାୟକ ✱ | " |
| ଗୋପବନ୍ଧୁ ଦାସ | ପୁରୀଜିଲାସ୍କୁଲ |
| ଗୋପୀନାଥ ଦାସ ✱ | " |
| ବୈଦ୍ୟନାଥ ମିଶ୍ର ✱ | " |
| ବାଞ୍ଛାନିଧି ପଟ୍ଟନାୟକ | ଖୋର୍ଦ୍ଧା ସ୍କୁଲ |

ଦ୍ୱିତୀୟ ଶ୍ରେଣୀ ।

| | |
|---|---|
| ଦାମୋଦର ଶତପଥି ✱ | ରେଃ କଃ ସ୍କୁଲ କଟକ |
| ଯୋଗେନ୍ଦ୍ରନାଥ ଦତ୍ତ | " " |
| ନେତ୍ରଭୂଷଣ ଘୋଷ | " " |
| ଡମ୍ବରୁଧର ପଟ୍ଟନାୟକ ✱ | " " |

✱ ଏମାନେ ଡ୍ରଇଂରେ ପାସ କରି ଅଛନ୍ତି ।

| | |
|---|---|
| ମଧୁସୂଦନ ପଟ୍ଟନାୟକ | ରେଃ କଃ କଟକ |
| ଲୋକନାଥ କର | ପି, ଏମ୍, ଏକାଡେମୀ " |
| କୈଳାସଚନ୍ଦ୍ର ସେନ | " " |
| ଦାଶରଥି ଜେନା | ମିଶନ ହାଇସ୍କୁଲ " |
| ରଜନୀକାନ୍ତ ଦାସ ଗୁପ୍ତ | " " |
| ଅବଦୁଲଅଜିଜ ଖାଁ | କେନ୍ଦ୍ରାପଡ଼ା ହାଇସ୍କୁଲ |
| କୁଳମଣିଦାସ | " |
| ହୁସେନ ଅଲି | " |
| ସତେନ୍ଦ୍ରନାଥ ରାୟ | " |
| ହରପଦ ସିଂହ | " |
| ଅବଦୁଲଗଫୁରଖାଁ | ଯାଜପୁର ସ୍କୁଲ |
| ତ୍ରୈଲୋକ୍ୟନାଥ ମିଶ୍ର | " |
| ରାମକୃଷ୍ଣ ମହାପାତ୍ର | ଖୋର୍ଦ୍ଧା ହାଇସ୍କୁଲ |
| ଅମୂଲ୍ୟଚରଣ ବନ୍ଦ୍ୟୋପାଧ୍ୟାୟ | ବାଲେଶ୍ୱରଜିଲା ସ୍କୁଲ |
| ଆନନ୍ଦଚନ୍ଦ୍ର ପଟ୍ଟନାୟକ | " |
| ଶାରଦାପ୍ରସାଦ ମୁଖୋପାଧ୍ୟାୟ | ଭଦ୍ରକ ହାଇସ୍କୁଲ |
| ଆନନ୍ଦଚରଣ ଦାସ | ଲକ୍ଷ୍ମଣନାଥ ହାଇସ୍କୁଲ |
| ବାସୁଦେବ ପଟ୍ଟନାୟକ✱ | ଢେଙ୍କାନାଳ ହାଇସ୍କୁଲ |
| ମଧୁସୂଦନ ମିଶ୍ର | ସମ୍ବଲପୁର ହାଇସ୍କୁଲ |

ତୃତୀୟ ଶ୍ରେଣୀ ।

| | |
|---|---|
| ରେବତୀ କାନ୍ତ ଘୋଷ | ରେଃ କଲେଜିଏଟ |
| ଲୋକନାଥ ବିଦ୍ୟାଧର ମହାପାତ୍ର | " |
| ପଦ୍ମଚରଣ ଦାସ | କଟକ ପିଃ ଏମ୍ଃ ସ୍କୁଲ |
| ଆନନ୍ଦଚନ୍ଦ୍ର ଦତ୍ତ | " |
| ପଦ୍ମଚରଣ ଦାସ | କଟକ ମିଃ ହାଃ " |
| ଏମ ଭେଙ୍କେଟ୍ଟଲମ | " |
| ଯୋସଫ ନାୟକ | " |
| ଏକରାମଅଲି ବେଗ | କେନ୍ଦ୍ରାପଡା ହାଇ ସ୍କୁଲ |
| ଏନାଭୁଲା | " |
| ସତୀଶଚନ୍ଦ୍ର ଘୋଷ | ବାଲେଶ୍ୱର ଜିଲା ସ୍କୁଲ |
| ସୁରେନ୍ଦ୍ରନାଥ ଘୋଷ | " |
| ବସନ୍ତକୁମାର ମୁଖୋପାଧ୍ୟାୟ | " |
| ରଜନୀକାନ୍ତ ସେନା | ବାଲେଶ୍ୱର ଷ୍ଟି, ଏଚ, " |
| ଉଦୟଚନ୍ଦ୍ର ନାୟକ | " |
| ଗୋପାଳଚରଣ ମାହାନ୍ତି | ଭଦ୍ରକ ହାଇ " |
| ନଗେନ୍ଦ୍ରନାଥ ଘୋଷାଲ | ଲକ୍ଷ୍ମଣନାଥ ହାଇ ସ୍କୁଲ |
| ଗୋକୁଳପତି ରାୟ | " |
| ସୁଦର୍ଶନ ଦାସ | ଢେଙ୍କାନାଳ ହାଇ ସ୍କୁଲ |
| ଶ୍ୟାମସୁନ୍ଦର ପଟ୍ଟନାୟକ | " |
| ଶ୍ୟାମଚରଣ ପାଣିଗ୍ରାହୀ | ମୟୂରଭଞ୍ଜ ହାଇସ୍କୁଲ |
| ବଳଭଦ୍ର ବହିଦାର | ସମ୍ବଲପୁର ହାଇସ୍କୁଲ |
| ଚିନ୍ତାମଣି ପତି ✱ | " |
| ରବିଚନ୍ଦ୍ର ସାଇଁ | " |

✱ ଏମାନେ ଡ୍ରଇଂରେ ପାସ କରି ଅଛନ୍ତି ।

Split by PDF Splitter
Digitized by srujanika@gmail.com

## ପୁରୀ ରଥଯାତ୍ରା ।

ଗତ ତା ୨୨ ରଖ ବୁଧବାରଠାରୁ ତା ୨୪ ରଖ ଶୁକ୍ରବାର ଅପରାହ୍ନ ସୁଦ୍ଧା ତିନିଦିନ ମଧ୍ୟରେ ତିନିରଥ ଗୁଣ୍ଡିଚା ମନ୍ଦିରରେ ଲାଗିଯିବାରୁ ତା ୨୪ ରଖ ରାତ୍ରି ପ୍ରାୟ ୨ ୧ ଘ ୦ରେ ପହଣ୍ଡି ହୋଇ ୫ ୫ ଘ ପରେ ପ୍ରଭୁମାନେ ଗୁଣ୍ଡିଚାମନ୍ଦିର ରତ୍ନସିଂହାସନାରୂଢ଼ ହେଲେ ।

ତା ୨୫ ରଖ ଶନିବାର ପାଣ୍ଡୁଆମାନେ ସିଂହାସନରେ ଥିବାରୁ ହେଉଥାଏ ଏ ବର୍ଷ ବନ୍ଧନ ହେଲା । ତା ୨୭ ରଖ ମଙ୍ଗଳବାର ପର୍ଯ୍ୟନ୍ତ ଦ ୪ ଜଣ ଲୋକ ହୋଇଥିଲେ । ଅନ୍ୟାନ୍ୟ ବର୍ଷମାନଙ୍କରେ କଲେରାରେ ରଥ ଲାଗିବା ହେତୁ ଦୁଇ ଏକଦିନ ଲୋକ ହେବା ଦେଖା-ଯାଉ ନ ଥିଲା ବରଂ ଏବର୍ଷ ରଥ ଲାଗିଲା ପରେ ଦ ୪ ଜଣ ଲୋକ ହେଲେ ଏହା ଅବଶ୍ୟ ସୁଖର ବିଷୟ । ଏବଂ ପ୍ରତ୍ୟେକ ଉତ୍ସବ ସମୟରେ ପୁଲିସ ଇନ୍‌ସ୍ପେକ୍ଟର ବାବୁ ବୃନ୍ଦାବନଚନ୍ଦ୍ର ବାନାର୍ଜ୍ଜୀ ମହାଶୟଙ୍କର ବିଶେଷ ଯତ୍ନ ଦେଖି ଅମ୍ଭେମାନେ ଅତ୍ୟନ୍ତ ସନ୍ତୁଷ୍ଟ ଅଟୁଁ । ଯାତ୍ରୀ ଓ ଅନ୍ୟାନ୍ୟ ବ୍ୟବସାୟୀଙ୍କ ମଧ୍ୟରେ ବଳବ ହୋଇ ପ୍ରଥମଦିନ ସାଧାରଣ ଲୋକ ନ ହୋଇ କେବଳ କୋଠ ଭୋଗ ହେଉଥିଲା । ଅଦ୍ୟାବଧି ଦ ୭ ଜଣ ସମସ୍ତ ଲୋକ ହୋଇଥିଲେ । ତା ୨୯ ରଖରେ ପ୍ରଭୁମାନେ ସିଂହାସନ ପରିତ୍ୟାଗ କରି ଜଗମୋହନରେ ବି-ରାଜମାନ କରୁଅଛନ୍ତି । ଏଥିମଧ୍ୟରେ ଏକ ରଥର ଦକ୍ଷିଣ ମୂର୍ତ୍ତି ଶେଷ ହୋଇ ଅନ୍ୟ ଏକ ରଥ ମୋଡ଼ ସ୍ଥାନରେ ଅଛି ସମ୍ଭବତଃ ଏ ବର୍ଷ ଠାକୁ-ରମାନେ ଜଗମୋହନରେ ଅଧିକ ଦିନ ଅବସ୍ଥାନ କରିବେ ନାହିଁ ।

---

## ଗୋସ୍ୱାମୀ ଅତ୍ୟାଚାର

ଗତବର୍ଷ ପୌଷ ମହାମାରୀ ରୋଗାକ୍ରାନ୍ତ ବ୍ୟକ୍ତିଙ୍କ ଖୋଜି ବାହାରକରି ଚିକିତ୍ସାଳୟକୁ ନେଇବା କାର୍ଯ୍ୟରେ ବମ୍ବେଇ ଓ ପୁନାରେ ଗୋରାସିପାହୀ-ମାନେ ନିଯୁକ୍ତ ହୋଇଥିଲେ । ଗୋରାସିପାହୀଙ୍କୁ ନିଯୁକ୍ତ କରିବାର ଅଭିପ୍ରାୟ ଏହିକି ସେମାନେ ନିରପେକ୍ଷଭାବରେ କର୍ତ୍ତବ୍ୟ ସାଧନ କରିବେ, କାହାର ଖାତିର ଅନୁରୋଧରେ ଭୁଲିବେ ନାହିଁ । କେହି ଗୋଟିଏ ଶ୍ରେଣୀ ଯେମନ୍ତ କୌଣସିଠାରେ ଲୁଚିରହି ସେ ସକଳ ବା ଧରାଇ ଅପରଲୋକର ସ୍ୱାସ୍ଥ୍ୟ ହାନି କରାଇ ନ ପାରିବ ଏଥିପାଇଁ କର୍ତ୍ତୃ-ପକ୍ଷମାନଙ୍କର ଏତେ ଚେଷ୍ଟା ହୋଇଥିଲା । କିନ୍ତୁ ଗୋରାସିପାହୀମାନେ ଯେ ସମସ୍ତେ ସଚ୍ଚରିତ୍-ତାର ଆଦର୍ଶ ଏବଂ ସେମାନଙ୍କମଧ୍ୟରେ ମନ୍ଦଚରି-ତ୍ର ଲୋକ ନାହିଁ ଏମନ୍ତ ବୁଝିବା ଭ୍ରମ ଲୋକେ ଗୋରାସିପାହୀ ନିଯୋଗ ଅନିଷ୍ଟକାରିତା ବୁଝିପାରି ଆପତ୍ତି କଲେ ମଧ୍ୟ ସ୍ଥାନୀୟ କର୍ତ୍ତୃପକ୍ଷମାନେ ତହିଁରେ ଆସ୍ଥା କଲେ ନାହିଁ । ବରଂ ଗାଦିଲେ ଯେ ବୃଥାରେ ଲୋକେ ଆପତ୍ତି କରୁଅଛନ୍ତି ଏବଂ ଗୋରାସିପାହୀଙ୍କଦ୍ୱାରା କାର୍ଯ୍ୟ ଭଲ ହେଉଅଛି । ଯାହା ସତ୍ୟ ତାହା ଚିରକାଳ ଲୁଚିରହିବାର ନୁହେ । ପ୍ରାୟ ଗତମାସ ହେଲା ବମ୍ବେଇରେ ଗୋରାସି-ପାହୀ ଅତ୍ୟାଚାର ଘଟିତ ଗୋଟିଏ ମୋକଦ୍ଦମା ହୋଇଥିଲା । ସମ୍ପ୍ରତି ତାହା ନିଷ୍ପତ୍ତି ହୋଇଯିବାର ସମ୍ବାଦ ଆସିଅଛି । ମୋକଦ୍ଦମାର ବିବରଣ ଏହିକି ଗ୍ରସ୍ତର ପୁରୁଷୋତ୍ତମଜାନକ ବମ୍ବେଇର ଜଣେ ଭଦ୍ର ହିନ୍ଦୁ ସନ୍ଧ୍ୟାସମୟରେ ଆପଣା ଦାଣ୍ଡ-ଦାରେ ବସିଥିଲେ । ଉଷ୍ଣଶୀତଳ ଏବଂ ବାତ୍ୟେକାମକ ଶ୍ରେଣୀ ପରିଦର୍ଶନ କାର୍ଯ୍ୟରେ ନିଯୁକ୍ତ ଥିବା ଦୁଇ-ଜଣ ଗୋରାସିପାହୀ ହଠାତ୍ ତାହାଙ୍କ ନିକଟକୁ ଆସି ତାହାର ନାଡ଼ି ପରୀକ୍ଷା କଲେ ଏବଂ ସେହି ଅବ-ସରରେ ଶୋଇଥିବା ତାହାର ୧୨ ବର୍ଷ ବୟସର ପୁତ୍ରର ନାଡ଼ି ଦେଖିଲେ । ତହିଁପରେ ସେହି ଘରର ସଦର ଏବଂ ବାହାଦ୍ୱାରମାନଙ୍କର କବାଟ ବନ୍ଦ କରି ମଣ୍ଡକରେ ଦୋମହଲାର ପାହାଚରେ ଚଢ଼ିଗଲେ । ଗ୍ରସ୍ତର ଓ ତାହାର ପୁତ୍ର ଭୟରେ ସେମାନଙ୍କ ପଛେ ପଛେ ଧାଇଁଲେ । ଗ୍ରସ୍ତରର ସ୍ତ୍ରୀ ଦେଖି ବାଇ ଗୋରାସିପାହୀ ସଙ୍ଗେ ପଡ଼ିବାର ଜାଣି ଲୁଚି-ବା ଅନ୍ୟାନ୍ୟ ସ୍ତ୍ରୀଙ୍କସହିତ ଲୁଚିବା ଆଶାରେ ଉପରକୁ ଓହ୍ଲାଇଆସିବାର ଚେଷ୍ଟା କରିବା ସମୟ-ରେ ହଠାତ୍ ଗୋରାଙ୍କ ସମ୍ମୁଖରେ ପଡ଼ିବାରୁ ଜଣେ ଗୋରା ତାହାର ହାତ ବଳପୂର୍ବକ ଧରି ଗୋଟାଏ କୋଠରୀଭିତରକୁ ଘେନିଯାଇ ତଳେ ପକାଇ ଲୁଗା ଓଟାରି ଗୋଲିଷ୍ଟିପଡ଼ିବା ସ୍ଥାନ ଏବଂ ବାହୁମୂଳ ଦେଖି ଅନ୍ୟାନ୍ୟ ସ୍ଥାନମାନଙ୍କୁ ପରୀକ୍ଷା କରିବାକୁ ଉଦ୍ୟତ ହେଲେ ଏବଂ ଗ୍ରସ୍ତର ଘାତ-କ୍ରମ ଅତି ପରୀକ୍ଷାକର ବୋଲି ଯେତେ କହିଲେ ସେମାନେ ଶୁଣିଲେ ନାହିଁ ଏବଂ ଗାଳି ତର୍ଜନ ଗର୍ଜନ ବାହାର କଲେ । ଗ୍ରସ୍ତର ପୁରୁଷୋତ୍ତମ ଅନ୍ୟ ଉପାୟ ନ ଦେଖି କୌଣସିମତେ ଦାଣ୍ଡକୁ ବାହା-ରଆସି ଉଚ୍ଚ କରନ୍ତେ ଦୁଇଜଣ ପୁଲିସ ପହରା-ବାଲା ତାହାର ସାହାଯ୍ୟ କରନ୍ତେ ତାହା ସରକୁ ଗଲେ ଏବଂ ଗୋରାମାନେ ପୁଲିସକୁ ଦେଖି ପଳାଇଗଲେ । ଦେଖା ବାଇଙ୍କ ନାଲିସ ମତେ ବମ୍ବେଇର ପ୍ରେସିଡେନସୀ ମାଜିଷ୍ଟ୍ରେଟ ସବଳ ବିଷୟର ତଦନ୍ତ ପୂର୍ବକ ଗତ ତା ୧୭ ରଖରେ ଉପର୍ଯ୍ୟୁକ୍ତ ଗୋରାଙ୍କୁ ଦୋଷୀ ସାବ୍ୟସ୍ତ କରି ମା ୪ ମାସ ପରିଶ୍ରମ କାରାବାସ ଦଣ୍ଡ ଦେଲେ ଏବଂ ଅନ୍ୟ ଗୋରାଙ୍କ ବିରୁଦ୍ଧରେ ଭଲ ପ୍ରମାଣ ନ ଥିବାରୁ ତାହାକୁ ଖଲାସ ଦେଲେ ।

ପ୍ଲେଗ ନିବାରଣ କଥା ସଂକ୍ରାନ୍ତ ଗୋରାସିପାହୀ-ମାନଙ୍କର ଅତ୍ୟାଚାରର ଅନେକ ଜନରବ ଶୁଣା ଯାଉଥିଲେହେଁ ଅଦାଲତରେ ତାହା ପ୍ରମାଣ ହେବାର ଏହି ଗୋଟିଏ ଘଟଣା ପ୍ରକାଶ ପାଇବା ବଡ଼ତ୍ତ ନୁହେ । ଏଦେଶୀୟ ସ୍ତ୍ରୀମାନଙ୍କର ଲଜ୍ଜା ଓ ମହତ୍ତ୍ୱର ଭୟ ଅତ୍ୟନ୍ତ ପ୍ରବଳ ହେବାରୁ ମୋକଦ୍ଦମା କରିବାକୁ କ୍ୱଚିତ କେହି ବାହାରେ ପଶ୍ଚା-ନ୍ତରେ ଏପରି ଗୋଟିଏ ଘଟଣା ପ୍ରକାଶ ପାଇଲେ ସମସ୍ତେ ବସ୍ତୁର ଥରି ଉଠନ୍ତି । ଗୋଟିଏ ପ୍ରକୃତ ଘଟଣା ହେଲେ ଜନରବରେ ତାହା ଶତଗୁଣ ହୋଇପଡ଼େ ଏବଂ କଳ୍ପନାବଳରେ ତହିଁର ନାନାପ୍ରକାର ପ୍ରଶାଖା ବାହାରି ପଡ଼େ । ଅମ୍ଭେମାନେ ଅନୁମାନ କରୁଁ କି ଏହିପରି ଗୋଟିଏ ଘଟଣାର ମୂଳ ଧରି ସ୍ତ୍ରୀମାନଙ୍କର ଜଙ୍ଘରେ ଟୀକା ଦିଆଯାଉ ଥିବାର ଅତ୍ୟନ୍ତ ଅସମ୍ଭବ ମିଥ୍ୟା ଜନରବ ଉଠି-ଥିଲା ଏବଂ ମୂର୍ଖଲୋକମାନେ ତାହା ଅନାୟାସରେ ବିଶ୍ୱାସ କରୁଥିଲେ । ସୁଖର ବିଷୟ ଯେ କର୍ତ୍ତୃ-ପକ୍ଷମାନେ ଗୋରାସିପାହୀଦ୍ୱାରା ପରିଦର୍ଶନ କାର୍ଯ୍ୟ କରାଇନେବାର ଅନିଷ୍ଟକାରିତା ହୃଦୟଙ୍ଗମ କରି ଏଣିକି ତାହା ରହିତ କରିଅଛନ୍ତି ଏବଂ ତହିଁସଙ୍ଗେ ସଙ୍ଗେ ଅସମ୍ଭବ ଜନରବ ବାହାରିବାର ବନ୍ଦ ହୋଇଅଛି ।

—୦✻୦—

# ସାପ୍ତାହିକ ସମ୍ବାଦ ।

## ବାଲେଶ୍ୱର-ଗେଜେଟ ।

କଟକ ରେଭେନ୍ସା କଲେଜରେ ନିଯୁକ୍ତ ଥିବା ଏଲ ଏ କ୍ଲାସ ଇତିହାସ ବାବୁ ଚନ୍ଦ୍ରଶେଖର ବଳ ଡେପୁଟୀ କଲେକ୍ଟର ପଦ ସମ୍ଭବ ଛୁଟୀ ପାଇଲେ ।

ରେଭେନ୍ସା କଲେଜିଏଟ ସ୍କୁଲ ହିଙ୍ଗସ୍ ମାଷ୍ଟର ବାବୁ ଜେଲେଶ୍ୱର ମହାନ୍ତି ଅସ୍ଥାୟୀଭାବରେ ପର୍ଯ୍ୟନ୍ତ ବାଲେଶ୍ୱର ଜିଲ୍ଲା ସ୍କୁଲର ହେଡମାଷ୍ଟର ହୋଇ ଗଲେ ।

ମୌଲବୀ ଓୟାଜିଦ ଅଲି ରେଭେନ୍ସା କଲେଜିଏଟ ସ୍କୁଲର ଏକଟି ଦ୍ୱିତୀୟ ଶିକ୍ଷକ ହେଲେ ଏବଂ ପୁରୁଣା ଓଷ୍ଠ ଶ୍ରେଣୀରେ ସ୍ଥାନ ପାଇଲେ ।

ଗତ ଏକ ସପ୍ତାହ ମାତ୍ର ତା ୧ ରଖରୁ କଟକ ଜଜର ସୁପରିଣ୍ଟେଣ୍ଡେଣ୍ଟ ଦେପୁଟୀ ଇନ୍‌ସ୍ପେକ୍ଟର ବାବୁ ମଦନମୋହନ

Split by PDF Splitter
Digitized by srujanika@gmail.com

Split by PDF Splitter



219

ସେହି ପଦାସ୍ତ ହେବାରୁ ସେହି କାର୍ଯ୍ୟରେ ମିଃ ନରେନ୍ଦ୍ରଚନ୍ଦ୍ର ମିତ୍ର ବ; ଏ ତାଉତ୍କାର ନିଯୁକ୍ତ ହେଲେ ।

ଗତ ଫେବ୍ରୁୟାରି ମାସ ସଂସ୍କୃତ ଉପାଧି ପରୀକ୍ଷାରେ ଉତ୍କୃଷ୍ଟ ନିମ୍ନ ଲିଖିତ ବ୍ୟକ୍ତିମାନେ ପାସ କରି କାବ୍ୟତୀର୍ଥ ଉପାଧି ପାଇଅଛନ୍ତି ଯଥା;—

କାବ୍ୟ—୨ୟ ଶ୍ରେଣୀ ।

| ପରୀକ୍ଷାର୍ଥୀର ନାମ | ଶିକ୍ଷକର ନାମ |
|---|---|
| କାଳୀଚରଣ ପାଣି, ଶ୍ରୀ ରାମଚନ୍ଦ୍ର ଟୋଲ, ବାଲେଶ୍ୱର | ଚନ୍ଦ୍ରଶେଖର ଷଡ଼ଙ୍ଗୀ |
| ଦାମୋଦର ମିଶ୍ର, ପଦ୍ମନାଭ ଟୋଲ, କଟକ | ମୁକୁନ୍ଦ କାବ୍ୟତୀର୍ଥ |
| ଶ୍ରୀପୋତନ ପାଣି, ଭଗୀରଥ ଟୋଲ, ଦେଲାଙ୍ଗ; ପ୍ରାଣବନ୍ଧୁ ମିଶ୍ର, ଏକକ | ଗୋବିନ୍ଦ ବିଦ୍ୟାଭୂଷଣ |
| ଗୋବିନ୍ଦ ରଥ, ସ୍ମୃତି ବିଦ୍ୟାଳୟ ପୁରୀ; ବୈଦ୍ୟନାଥ ଷଡ଼ଙ୍ଗୀ, ଏକକ; ଶ୍ୟାମସୁନ୍ଦର ଦାସ, ଏକକ; ଚନ୍ଦ୍ରମଣି ମିଶ୍ର, ଏକକ | ହରିହର ଦାସ ଶାସ୍ତ୍ରୀ |

କାଳୀଚରଣ ପାଣି ଗବର୍ଣ୍ଣମେଣ୍ଟରୁ ଟ ୨୦ ୯ ଙ୍କ ଖାଲାସ ପୁରସ୍କାର ଗୌରସ୍ୟମ ସ୍କଲରସିପ ଟ ୪୦ ୯ ଙ୍କା ଦାମୋଦର ମିଶ୍ର ଖାଲାସ ପୁରସ୍କାର ରାଜା ଶ୍ୟାମାନନ୍ଦ ଦେ ବୃତ୍ତି ଟ ୩୦ ୯ ଏବଂ ହରିହରଦାସ ଶାସ୍ତ୍ରୀ ଶିକ୍ଷକ ପଦକ ରୂପେ ଟ ୧୦୦ ପୁରସ୍କାର ପାଇଅଛନ୍ତି ।

---

ଏ ସପ୍ତାହରେ ଗତ ୫ ୪ ହତୁ ମେଘୁଆପାଗ ସହିତ ଅଳ୍ପ ବୃଷ୍ଟି ହେବାରୁ ଗ୍ରୀଷ୍ମ ଊଣା ପଡ଼ିଅଛି । ସାଧାରଣ ସ୍ୱାସ୍ଥ୍ୟ ଭଲ ଅଛି ।

ବର୍ତ୍ତମାନ ମୂଲ୍ୟ କଷ୍ଟ ଊଣା ପଡ଼ିବାରୁ ପର ଛପରବନ୍ଦି କାର୍ଯ୍ୟ ଉତ୍ତମରୂପେ ଚାଲିଅଛି ।

ଅଶାନ୍ତ ସୂଚକ ସହିତ ପ୍ରକାଶ କରୁଅଛୁଁ କି ଏଠା ମିସନ ସ୍କୁଲର ୨ୟ ଶିକ୍ଷକ ବାବୁ ସାଧୁଚରଣ ବସୁ ପୂର୍ବ ବୟସରେ ହଠାତ ମଳମୂତ୍ର ବନ୍ଦ ହେବା ରୋଗରେ ଗତ ବୁଧବାର ଏ ସଂସାରରୁ ବିଦାୟ ହୋଇ ଗଲେ । ସାଧୁବାବୁ ଜଣେ ସଚ୍ଚରିତ୍ରବାନ୍ ଉତ୍ତମ ଶିକ୍ଷକ ଏବଂ ଉତ୍ସାହୀ ବ୍ରାହ୍ମ ଥିଲେ ।

ଫାଷ୍ଟଆର୍ଟସ ଏବଂ ବି, ଏ, ପରୀକ୍ଷାର ଶେଷଫଳ ବାହାର ନାହିଁ । ମାଃ ଏଠା କଲେଜରୁ ସମ୍ବାଦ ଆସିଅଛି ଯେ ଫାଷ୍ଟଆର୍ଟସରେ ନ ୨୯ ଜଣ ଏବଂ ବି, ଏ, ରେ ନ ୭ ଜଣ ଏଠାରୁ ପାସ କରି ଅଛନ୍ତି ।

ସନ ୧୮୯୮ ମସିହାର ଇଂରାଜୀ ଶିକ୍ଷକତା ପରୀକ୍ଷାରେ କଟକ କେନ୍ଦ୍ରରୁ ନିମ୍ନଲିଖିତ ବ୍ୟକ୍ତି ପାସ କରିଅଛନ୍ତି ।

୨ୟ ଶ୍ରେଣୀ ।

ଅବଦୁଲ ହାଫିଜ
ତାରଣୀଚରଣ ଭଟ୍ଟାଚାର୍ଯ୍ୟ

୩ୟ ଶ୍ରେଣୀ ।

ମଦନମୋହନ ଚକ୍ରବର୍ତ୍ତୀ
ସନ୍ତୋଷ ମହାନ୍ତି
ନରେନ୍ଦ୍ର ମହାପାତ୍ର
ତ୍ରିଭୁବନନାଥ

ବାଲେଶ୍ୱରର ଓଡ଼ିଆରୁ ଦୁଃଖର ସହିତ ଅବଗତ ହେଲୁଁ ଯେ ସେଠାରେ ଓଲାଉଠାର ଉପଦ୍ରବ ବିଶେଷ ବଢ଼ିଅଛି ।

ଗତ ସପ୍ତାହର ବୁଧବାରରେ ବାଲେଶ୍ୱର ହିଜଳୀ ଖାଲ' ପଡ଼ାରେ ନ ୧୬।୧୭ ଜଣ ଡକାଏତ କାମୁଡ଼ବାଳ ଓଡ଼ଅରେ ପାଠ କଲେ । ଅତ୍ୟନ୍ତ ଗୋଳ ହେବାରୁ ଡକାଏତମାନେ ଏପରି ମାଡ ଖାଇଲେ କି ?

ବାଲେଶ୍ୱରର ପ୍ରସିଦ୍ଧ ଜମିଦାର ବାବୁ ରାଧାଚରଣ ଦାସଙ୍କର ଭ୍ରାତୁଷ୍ପୁତ୍ର ବାବୁ ରାଧାମୋହନ ଦାସଙ୍କ ପୁତ୍ର ବିବାହ କିମ୍ବା ମହା ସମାରୋହରେ ଗତ ସପ୍ତାହରେ ଶେଷ ପାଇଲା । ଅନେକ ଧନ ଉତ୍ସବ ଲାଗିଥିଲା ।

କଟକଠାର ଜଣେ ମୁସଲମାନ ଜ୍ୱର ହେବା ମଧ୍ୟେ ହାସପାତାଳ ଟିକା ଲଗାଇ ଡାକ୍ତରଙ୍କଠାରୁ ପଳାଇ ଆସିଲା ଏବଂ ସେହି ରାତିରେ ତାହାର ମୃତ୍ୟୁ ହେଲା । ପରବର୍ତ୍ତୀ ପୁଲିସମାନେ ସକାଳେ ସମ୍ବାଦ ପାଇ ଯେଉଁ ଘରେ ସେ ମରିଥିଲା ସେହି ଘରଟିକୁ ପୋଡ଼ିଦେଲେ, ଅଳ୍ପ କିଛି ଗୋଳମାଳ ହେଲା ନାହିଁ ।

ଗତ ପୂର୍ବ ସପ୍ତାହର ଝାଣ ବୃଷ୍ଟିରେ ବମ୍ବେଇର ଗୋଟାଏ ୫ ମହଲା ଘର ଭାଙ୍ଗି ପଡ଼ିଲା ଏବଂ ସେ ଘରତଳେ ଚପା ପଡ଼ି ନ ୩ ଜଣ ଲୋକ ହତ ଏବଂ ନ ୪ ଜଣ ଆହତ ହୋଇଲେ ।

ଭାରତ ପାରଲମେଣ୍ଟ ମହାସଭାର ବର୍ତ୍ତମାନ ଅଧ୍ୟକ୍ଷ ନାମରେ କଳା ପାରରେ ମଦ୍ୟ ବହିଷ୍କ କରିବାର ଅଭି-ଯୋଗରେ ନାଲିସ ହୋଇ ସମନ ବାହାରିଅଛି ।

ଗତ ସପ୍ତାହରେ କଲିକତାରେ ଚୀନ ପଟା ପୁରାଣ ଦର ଟ ୨୪୩ ଏବଂ ରୂପାର ଦର ଶ ୧୦୦ ଦରୁ ଟ ୬୩ ୯ ଙ୍କା ହୋଇଥିଲା ।

ଭାରତବର୍ଷର ବ୍ରହ୍ମଦେଶ ଭିତରେ ପଶି ଚୀନ ପର୍ଯ୍ୟନ୍ତ ଗୋଟିଏ ରେଲୱେ ନିର୍ମାଣର ପ୍ରସ୍ତାବ ହେଉଅଛି । ଏହି ରେଲ ଫିଟିଲେ ଭାରତ ଓ ଚୀନ ମଧ୍ୟରେ ବାଣିଜ୍ୟ ବିସ୍ତାରର ବିଶେଷ ସୁବିଧା ହେବ । ଜଳପଥରେ ସେତେ ସୁବିଧା ହେଉ ନାହିଁ ।

ଇଉରୋପର ସବୁଦେଶରେ ଶତବର୍ଷଜୀବୀ ମନୁଷ୍ୟଙ୍କ ସଂଖ୍ୟାପେକ୍ଷା ଅଧିକ । ସେଠାକାର ଲୋକସଂଖ୍ୟା କୋଟି ୩୦ ଲକ୍ଷ ତହିଁ ମଧ୍ୟରେ ନ ୪୭୫ ଜଣ ବୟସ ବ ୧୦୦ ର୍ଦ୍ଧ ଲୋକ ଓ ଫ୍ରାନସ ଠାରୁ ଇଂଲାଣ୍ଡରେ ଶତାୟୁ ଲୋକସଂଖ୍ୟା ଊଣା, ଜର୍ମାନୀରେ ତହିଁରୁ ଅଧିକ ଊଣା ଏବଂ ସ୍ୱିଜରଲାଣ୍ଡରେ ଆଦୌ ନାହିଁ ।

କୃଷ୍ଣ ନଗରର ଜଣେ ଶିଳ୍ପି ମହର୍ଷି ଦେବେନ୍ଦ୍ରନାଥ ଠାକୁରଙ୍କର ଗୋଟିଏ ସମାସୀନ ପୂର୍ଣ୍ଣାବୟବ ମୂର୍ତ୍ତି ପ୍ରସ୍ତୁତ କରୁଅଛି ।

ଇଂଲଣ୍ଡରେ ଯେତେ ସାଧାରଣଙ୍କର ଇମାରତ ଘର ସେ ସମସ୍ତର ମୂଲ୍ୟ ବାବଶକୋଟି ପାଉଣ୍ଡ, ଏକ ପାଉଣ୍ଡର ମୂଲ୍ୟ ଟ ୧୫ ଙ୍କା ହିସାବ ଧରିଲେ ୩୬୦ କୋଟି ଟଙ୍କା ହେଉଅଛି ।

ଜନ ଫ୍ରେନସିସ, ନେଜାବ୍ରାଇକ ନାମିକା ୧୧ ବରଷ ବୟସ୍କା ସପତ୍ନୀ କନ୍ୟାକୁ ଲୁହା ପୋଡ଼ ଦାଗିଥିବାରୁ ମାଁ ୬ ସ କାରାଦଣ୍ଡ ପାଇଅଛି ।

ଇଂରେଜ ଦାର୍ଶନିକ ହାରବର୍ଟ ସ୍ପେନସର ସାହେବ ୩୯ ବରଷ ପୂର୍ବେ "ପ୍ରିନ୍‌ସିପଲସ ଅଫ ବାୟଲଜି" ନାମକ ଗ୍ରନ୍ଥ ପ୍ରଣୟନ କରିଥିଲେ ବର୍ତ୍ତମାନ ତାଙ୍କ ବୟସ ୭୯ ବରଷ ଏହି ବୃଦ୍ଧ ବୟସରେ ସେହି ଗ୍ରନ୍ଥ ପୁନର୍ମୁଦ୍ରଣ ଅଭିପ୍ରାୟରେ ସଂଶୋଧନାଦ କରୁଅଛନ୍ତି ।

ମେଦିନୀପୁର ଜିଲ୍ଲାର ପାଇଁ ଥାନା ଉଲୁବାର ପାଞ୍ଚଜଣ ଲୋକ ଗବର୍ଣ୍ଣମେଣ୍ଟଙ୍କ ନିଯୁକ୍ତ ପ୍ଲେଗର ଟୀକାଦାର ବୋଲି ପରିଚୟ ଦେଇ ଅର୍ଥାଗମର ଚେଷ୍ଟା କରୁଥିଲେ ଏହି ଅପରାଧରୁ ସେମାନେ ପ୍ରତ୍ୟେକେ ଦୁଇବରଷ ଲେଖାଏଁ ମିଆଦ ପାଇଅଛନ୍ତି ।

ଅଯୋଧ୍ୟାର ଅନ୍ୟତମ ତାଲୁକଦାର ଜାହାଙ୍ଗିରାବାଦର ରାଜା ତସଦ୍ଦକ ରସୁଲଖାଁ ମହିଳାମାନଙ୍କର ଚିକିତ୍ସାଦଦ୍ଧା ଓ ଧାତ୍ରୀକାର୍ଯ୍ୟେ ମେକଡୋନେଲ ସାହେବଙ୍କ ନାମରେ ଏକ ଧନଭଣ୍ଡାର ସ୍ଥାପନ କରି କୋଡ଼ିଏ ହଜାର ଟଙ୍କା ଦାନ କରିଅଛନ୍ତି ।

ଗତ ଅପ୍ରେଲ ମାସରେ ବିଦେଶରୁ ଭାରତବର୍ଷକୁ ୧୧,୨୪,୫୭୯ ଟଙ୍କାର ସୁନା ଏବଂ ୧୧,୭୨,୨୯୮ ଟଙ୍କାର ରୁପା ଆମଦାନି ହୋଇଅଛି ସେହି ମାସରେ କଲିକତାର ଟଙ୍କଶାଳରେ ୩,୩୨,୯୧୭ ଟଙ୍କାର ଏବଂ ବୋମ୍ବେ ଟଙ୍କଶାଳରେ ୭୦,୭୭,୧୬୭ ଟଙ୍କାର ରୌପ୍ୟମୁଦ୍ରା ପ୍ରସ୍ତୁତ ହୋଇଅଛି ।

ବାବୁ ଦ୍ୱିଜେନ୍ଦ୍ରନାଥ ଠାକୁର ପଦ୍ୟରେ ବ୍ରାହ୍ମଧର୍ମ ଗ୍ରନ୍ଥ ଅନୁବାଦ କରିଅଛନ୍ତି । ମହର୍ଷି ଦେବେନ୍ଦ୍ରନାଥଙ୍କ ଅଶୀତିତମ ଜନ୍ମଦିନ ଉପଲକ୍ଷରେ ବିଗତ ଜ୍ୟେଷ୍ଠ ମାସରେ ଏହି ଗ୍ରନ୍ଥ ସାଧାରଣଙ୍କ ନିକଟ ପ୍ରଚାରିତ ହୋଇଅଛି ଦ୍ୱିଜେନ୍ଦ୍ର ବାବୁଙ୍କ ଗ୍ରନ୍ଥ ଧର୍ମ ଓ ସାହିତ୍ୟ ଜଗତରେ ଏକ ଅପୂର୍ବ ବସ୍ତୁ ହୋଇଅଛି ।

Digitized by srujanika@gmail.com

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

To The Editor of Utkal Dipika.

Sir,

I have read with great interest your remarks on the "Co-operative Store" Allow me to point out that the restriction of sales to men, who have invested money in the business is none of the cardinal principles on which the Co-operative institutions of England or of Europe are conducted. Compare the Rochdale with the London stores Every dealer at the former establishment is a shareholder. There are many members of the London Stores who have no vested interest in the concern whatever. There are many Co-operative stores in London which are the enterprises of private companies. The Co-operative Stores in London are not conducted upon one principle. Though the business done by the Army and Navy Stores is professedly of the same character as that of the Civil Service Supply Association there is in the former more of the ordinary trading system. There is a very valuable book on the subject by Mr. Holyoake. It is entitled "The History of Co-operation." I should strongly recommend this book to such of your readers who wish to study the Essentials of the Co-operative system and the secrets of its success in England. At present I should content myself with the remark that direct dealing between the consumer and the producer or wholesale trader, and the introduction of a new element of competition which in England have compelled tradesmen largely to reduce their prices for ready money customers have made the Co-operative principle so popular in England. You say that it is intended to sell the goods of the "Co-operative Stores" at the current market prices. You are misinformed on the subject. The object is to undersell the ordinary individual trader and this can be secured by direct dealings with the producer and other means which I do not like to discuss in a newspaper.

You refer to the stores of the Cuttack Club. The supply and sale of the stores are not regulated on the Co-operative principle. One of the main principles of the Co-operative system is to enforce cash payment.

It is not so in the Cuttack Club. As a matter of fact the prices at the Club Stores are very often higher than the market rate. This is due to the fact that these stores are purchased on credit

CUTTACK } Yours &c.
Dated 29th June 1898 } M. S. Das.

---

To the Editor of the Utkal Dipika.

Sir,

The efforts of the grand old man of Orissa to ameliorate the condition of the Temple of Jagannath are in no way less commendable than his successful combat with a certain official who had only one stroke left to place the Temple under State management. It is I think, a stubborn fact that the State of things has of late grown from bad to worse and the verdict of the public is unanimous that the management has been miserable to the extreme. Pilgrims from the North-West carry talkes to their country that rites which aught to be performed at Sun-down are very often performed at Sun-rise on the following morning. Great hardship is caused to devotics whose daily routine of life is dependant on the rites in the Temple. The visitor grumbles and murmurs and the inhabitants please themselves with the idea that the end of the world is nigh for, the Lord of the world is already on the verge of bankruptcy.

Some people think that it would be uncharitable on the part of Mr. Das to lay the axe at the root of a tree planted by himself. This idea—purely Oriental—proceeds from a sort of peaple who never imagine that Mr. Das is more responsible in the eyes of the public for the Rajah's action than the Rajah himself.

Again, Mr. Das is not the only person with whom the matter rests. The custodian of the Hindu Temple is in every respect subject to the Hindu public. They must sit in judgment upon him of course without bias. Some of them may pity him because the office has been held by his ancestors but the majority will decide that the ruin of a shrine is not preferable to the fall of an individual. I would never allow rats to thrive and spoil my barn. (I speak of rats because in these days of Plague they are in the enjoiyment of good graces of the public and the Government). Confined to the four walls of his room and controlled by unworthy creatures the weak man has seldom time to consult his conscience and discharge his duties. A change is therefore expedient but all that we want is that the Temple should not pass from King Log to King Stork.

It is as the superintendent of the Temple that Mukund Deb has ceased to enjoy the sympathy of the public. As the unfortunate survivor of an illustrious dynasty of our country he will never cease to enjoy it. The functionary is unworthy of the trust but the individual is not altogether without some virtue. He is very kind-hearted. He is not an idiot as he is alleged to be, unfortunately he has inherited all the faults of a prince and cultivated some of them. We must not therefore be harsh on the individual while we strive to save the Temple from ruin.

*No Partyman.*

---

## ମୂଲ୍ୟପ୍ରାପ୍ତି ।

| | | |
|---|---|---|
| ବାବୁ ଧରଣୀଧର ପ୍ରଧାନ | କେନ୍ଦ୍ରାପଡ଼ା | ୫ [illegible] |
| ମେସର୍ସ [illegible] | | ୫ [illegible] |
| ବାବୁ ଗୋପୀନାଥ ପଟ୍ଟନାୟକ | ଅନୁଗୋଳ | ୫ [illegible] |
| " ଭଗବାନ ସାହୁ | କେନ୍ଦ୍ରାପଡ଼ା | ୫ ୧ |
| " ଦଶରଥି ସିଂହ | ପ୍ରେମବାଗ | ୫ [illegible] |

Split by PDF Splitter

Digitized by srujanika@gmail.com

Split by PDF Splitter



# ବିଜ୍ଞାପନ ।

## ଦୀର୍ଘକାଳର ପରୀକ୍ଷିତ ।

## ଯାଦୁର ଅବ୍ୟର୍ଥ ମହୌଷଧ ।

ସର୍ବପ୍ରକାର ଦଦ୍ରୁ ରୋଗର ଏହାପର ଶୀଘ୍ର ଫଳପ୍ରଦ ଔଷଧ ଆଉ ଦ୍ୱିତୀୟ ଦେଖା ଯାଇ ନାହିଁ।

ମୂଲ୍ୟ ଡବାଛିବା ଟ ୦ ।୷ ଛ ଅଣା । ମାଶୁଲ ଓ ଭିଃ ପିଃ ଖର୍ଚ୍ଚା ସ୍ୱତନ୍ତ୍ର । ଏକତ୍ରରେ ଅଧିକ ନେଲେ ବିଶେଷ ସୁବିଧା ଅଛି ।

ଏହି ଔଷଧର ବିଶେଷ ଗୁଣ ଏହିକି ଦଦ୍ରୁ ଯାହା ସର୍ବାଙ୍ଗରେ ଭେକଳ ହୁଏ ତାହା ତିନ ଦିନ ମଧ୍ୟରେ ସେପରି କଠିନ ହେଉ ଥରେ ସମ୍ପୂର୍ଣ୍ଣ ଆରୋଗ୍ୟ ହେବ ନାହିଁ କାହିଁକି; ଫଳ କ ଦେଖାଇ ନାହିଁ । ଏଣୁହିରୁ ଯାଦୁରୋଗଗ୍ରସ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଅନୁରୋଧ କରୁ ଯାଉଅଛି; ଅନ୍ତତଃ ଥରେ ହେଲେ ଏହାକୁ ପରୀକ୍ଷା କରି ଦେଖିବାକୁ କଦାପି ଉପେକ୍ଷା ନ କରନ୍ତୁ। ଏହା କହୁମାତ୍ର ନାହିଁ ବରଂ ଅଶେଷ ଉପକାରର ସମ୍ଭାବନା ଅଛି । ଶତ ଶତ ବ୍ୟକ୍ତି ଏଥିରେ ରୋଗ ମୁକ୍ତ ହୋଇ ସ୍ୱ ଇଚ୍ଛାରେ ଏହାର ଉପକାରିତା ସ୍ୱୀକାର କରି ପ୍ରଶଂସାପତ୍ର ଦେଇଅଛନ୍ତି ।

## ବିଶେଷ ଦ୍ରଷ୍ଟବ୍ୟ ।

ଯେ କେହି ଔଷଧ ପାଇଁ ପ୍ରାର୍ଥୀ ହେବେ ସେ ଯେମନ୍ତ ଆପଣାର ନାମ, ଧାମ ଡାକଘର ଜିଲା ଏବଂ ଔଷଧ କେତେ ଡବା ନେବେ ଏମାନ ସ୍ପଷ୍ଟରୂପେ ଲେଖିବାକୁ କଦାପି ଭୁଲିବେ ନାହିଁ ।

ପ୍ରାପ୍ତିସ୍ଥାନ

ଶ୍ରୀ ସ୍ୱମଚାରକ ସେନ

ଦେକ ଉତ୍କଳପ୍ରେସ, ବାଲେଶ୍ୱର ।

---

Wanted a 2nd Master for the Mission E. High School, Cuttack. Applications with copies of testimonials to be sent to the Secretary of the school.

30-6-98.

---

### ବିଜ୍ଞାପନ ।

ଆମ୍ଭେ ଅବଗତ ହୋଇଅଛୁଁ ଯେ ଅଂଶ ଖରିଦ ନିମନ୍ତେ ଆବେଦନପତ୍ର ପଠାଇବାର ଯେଉଁ ସମୟ ଧାର୍ଯ୍ୟ ହୋଇଥିଲା ତାହା ଅଳ୍ପ ହେବା ଏବଂ ସେ ବିଷୟର ବିଜ୍ଞାପନ ଯଥାସମୟରେ ଲୋକଙ୍କ ହସ୍ତଗତ ନ ହେବା ହେତୁ ଅନେକ ଲୋକ ଅଂଶ ନିମନ୍ତେ ପ୍ରାର୍ଥନା କରି ପାରି ନାହାନ୍ତି । ଅତଏବ ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି କି ପୁନର୍ବାର ବିଜ୍ଞାପନ ବାହାରିବା ପର୍ଯ୍ୟନ୍ତ ଡିମ୍ବ ସ୍ଥାୟୀକାଶୀ ଅଂଶର ଆବେଦନ ପତ୍ର ଗ୍ରହଣ କରିବେ । ଜୁନ ମାସ ତା ୨୭ ରିଖ ଛୁଟିରୁ ଯେ ସବୁ ଆବେଦନପତ୍ର ଆସିବ ଡାଇରେକ୍ଟରମାନଙ୍କର ଆଦେଶର ଅଧୀନରେ ରେଜେଷ୍ଟ୍ରୀ ହେବ ।

କଟକ
ଜୁନ ତା ୩୦ ରିଖ
ସନ ୧୮୯୮ } ଶ୍ରୀମଧୁସୂଦନ ଦାସ
ଅବୈତନିକ ସେକ୍ରେଟରୀ

---

## ନାମାଙ୍କିତ ରବର ମୋହର ।




ଇଂରାଜୀ, ବଙ୍ଗଳା ଓ ଓଡ଼ିଆ ଅକ୍ଷରରେ ଗ୍ରାହକଙ୍କ ଆଦେଶ ମତେ କଲିକତାଠାରୁ ସୁଲଭ ମୂଲ୍ୟରେ ପ୍ରସ୍ତୁତ ହୋଇ ଭେଲ୍ୟୁପେବଲ ଡାକ ଯୋଗେ ପଠାଇ ଦିଆଯିବ ଯେ ଯେଉଁ ଭାଷାରେ ନେବାକୁ ଇଚ୍ଛା କରିବେ ସ୍ପଷ୍ଟ ଲେଖି ପଠାଇବେ । ତାଳ ଓ ଗନ୍ଧ ଚାହିଁଲେ ତାହା ମଧ୍ୟ ଦିଆଯିବ ।

ରିପ୍ଲାଇ କାର୍ଡ୍ ବା ଦୁଇପଇସାର ଷ୍ଟାମ୍ପ ନ ପଠାଇଲେ କୌଣସି ଉତ୍ତର ଦିଆ ଯିବ ନାହିଁ ।

କଟକ ପ୍ରିଣ୍ଟିଂକମ୍ପାନୀ ଅଫିସ ଦରଘାବଜାର ଅଥବା ମୋହର ଲିଖିତ ଠିକଣାକୁ ପତ୍ର ଲେଖିଲେ ପାଇ ପାରିବେ ।

ଶ୍ରୀ ଭଗୀରଥୀ ସାଠିଆ

---

# ବିଜ୍ଞାପନ ।

ଶାରଳାଦାସଙ୍କର ଅଷ୍ଟାଦଶପର୍ବ

ସଚିତ୍ର

## ମହାଭାରତ ।

ଏହା ଓଡ଼ିଶାବାସିଙ୍କର ଅପରିଚିତ ଗ୍ରନ୍ଥ ନୁହେ । ଏହାକୁ ଭକ୍ତିପୂର୍ବକ ଶ୍ରବଣ ଓ ପାଠ କରି ଲୋକେ ଅଭିଳଷିତ ସୁଫଳ ପ୍ରାପ୍ତ ହେଉଥିବାରୁ ଏହାର ଆଦର ଯେମନ୍ତ ଅଧିକ ଗ୍ରନ୍ଥ ପ୍ରାପ୍ତିର ଅଭାବ ତତୋଧିକ ଅତଏବ ପୁସ୍ତକପ୍ରକାଶକ କମ୍ପାନୀ ଏଥିର ମୁଦ୍ରାଙ୍କନ ବିଷୟରେ ଦୃଢ଼ସଙ୍କଳ୍ପ ହୋଇଅଛନ୍ତି ଅଚିରେ ଭକ୍ତ ଙ୍କର ଅଭାବ ପୂରଣ ହେବାର ସମ୍ଭବ ।

ଏହା ଅତିଶୟ ବୃହତ ଗ୍ରନ୍ଥ ଏଥିର ମୂଲ୍ୟ ସୁଲଭ କରିବାରେ ତ୍ରୁଟି ହେବ ନାହିଁ । ସୁନ୍ଦର ସୁନ୍ଦର ଚିତ୍ର ମଧ୍ୟ ଦିଆ ଯାଇଅଛି ଓ ପ୍ରତ୍ୟେକ ଖଣ୍ଡରେ ସ୍ଥାନବିଶେଷରେ ଦିଆ ଯିବ । ସାଧାରଣଙ୍କ ସୁବିଧା ନିମିତ୍ତ ଏକ ଏକ ପର୍ବ ବିକ୍ରୀ ହେବ । କମେ କମ କିଣିଲେ ମୂଲ୍ୟ ବିଷୟ, ତାହାରିକ ବାଧିବ ନାହିଁ । ବର୍ତ୍ତମାନ ସଚିତ୍ର କର୍ଣ୍ଣ ଶଲ୍ୟ, ଗଦା ଓ କାଇଁଶିକାପର୍ବ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

| | | | |
|---|---|---|---|
| କର୍ଣ୍ଣପର୍ବ | ଟ ୦।୷ | ଡାକମାସୁଲ | ଟ ୦୧୬ |
| ଶଲ୍ୟପର୍ବ | ଟ ୦ ।୰ | ,, | ଟ ୦୧୬ |
| ଗଦାପର୍ବ | ଟ ୦। | ଡାକମାସୁଲ | ଟ ୦୧୬ |
| କାଇଁଶିକାପର୍ବ | ଟ ୦ ।୵ | ,, | ଟ ୦୧୬ |

---

## EAST COAST RAILWAY.

# NOTICE.

Opening of Ganjam Station for local booking of coaching and goods traffic—

On and from 1st July 1898, Ganjam Station situated between Chatrapur and Humma will be opened for local booking of passengers and their luggage, parcels and goods. As the extent of 100 maunds per train-all trains will halt there to pick up and set-down passengers and goods.

Traffic Supdts office }
Waltair, 18-6-98. } By order,
W. Boyce
*Traffic Superintendent.*

---

ଆମ୍ଭର ଗୋଟିଏ ସଦାବର୍ତ୍ତ ଅଛି ସେଠାରେ ଯେଉଁ ଦୁଃଖୀ ଦରିଦ୍ର ପଥିକ ଓ ସାଧୁ ବୈଷ୍ଣବମାନେ ଉପସ୍ଥିତ ହୁଅନ୍ତି ସେମାନଙ୍କ ଭୋଜନସାମଗ୍ରୀ ଏବଂ ଯଥାଶକ୍ତି ଦକ୍ଷିଣା ମଧ୍ୟ ଦିଆଯାଏ । ବର୍ତ୍ତମାନ ଜେଜେଙ୍କଦିନ ହେଲା ଏହି ସଦାବର୍ତ୍ତକୁ ବିଶେଷ ଅଭ୍ୟାଗତ ଆସୁ ନ ଥିବାରୁ ଆମ୍ଭେ ନିତାନ୍ତ ଚିନ୍ତିତ ଅଛୁଁ । ଏତଦ୍ୱାରା ତୀର୍ଥ ବାସି ସାଧୁ ବୈଷ୍ଣବମାନଙ୍କ ପାଦପଦ୍ମରେ ଜଣାଉଁ ଅଛୁ କି ସେମାନେ ତୀର୍ଥକୁ ଯିବା ସମୟରେ ଆମ୍ଭର ଏହି ସଦାବର୍ତ୍ତକୁ ଆଗମନ କଲେ ଆମ୍ଭର ସାଧ୍ୟ ଅନୁସାରେ ସେମାନଙ୍କର ଭକ୍ତି କରି ଅପଣାର ଜୀବନକୁ ଚରିତାର୍ଥ କରିବୁ । ଇତି ୧୦।୬।୯୮

ଶ୍ରୀ ମହାଜନ ଦାଶ ଶାହୁ
। ସା । ଜଳସର ବୁଦ୍ଧପୁର । ଥ୍ରୀ । ବରୁଆ
ଯାଜପୁର ସବ ଡିଭିଜନ
ଜିଲ୍ଲା କଟକ ।

Digitized by srujanika@gmail.com

ଦ୍ୱିତୀୟ ସଂସ୍କରଣ।

## ସରଳ-ଶରୀର ରକ୍ଷା।

ପରିବର୍ତ୍ତିତ ଓ ନୂତନ ଚିତ୍ରଯୁକ୍ତ।

ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆମ୍ଭ କୃତ ଉକ୍ତ ପୁସ୍ତକ ବେଙ୍ଗଲ ଗଭର୍ଣ୍ଣମେଣ୍ଟ ପ୍ରମୁଖ ଶିକ୍ଷାବିଭାଗୀୟ ଡାଇରେକ୍ଟର ସାହେବଙ୍କ କର୍ତ୍ତୃକ ଅନୁମୋଦିତ ହୋଇ ଉତ୍କଳ ଶିକ୍ଷା ବିଭାଗୀୟ ଇନ୍ସପେକ୍ଟର ମହୋଦୟଙ୍କ କର୍ତ୍ତୃକ ସମସ୍ତ ସ୍କୁଲର ଅପରପ୍ରାଇମେରୀ ଏବଂ ଲୋଅର ପ୍ରାଇମେରୀ ଛାତ୍ରମାନଙ୍କ ସମ୍ମୁଖରେ ପାଠ୍ୟ ପୁସ୍ତକରୂପେ ନିର୍ଦ୍ଦିଷ୍ଟ ହୋଇ ପ୍ରଚଳିତ ହେଉଅଛି। ଏହି ପୁସ୍ତକ ବର୍ତ୍ତମାନ କଟକ-ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ଶ୍ରୀ ୧୫୦୦୦ ଶ୍ରୀ ଛାପା ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି। ପ୍ରତିଖଣ୍ଡର ମୂଲ୍ୟ ଦୁଇଅଣା।

ସରଳ ସ୍ୱାସ୍ଥ୍ୟରକ୍ଷାର ପ୍ରଶ୍ନୋତ୍ତର ପ୍ରତିଖଣ୍ଡର ଦୁଇପଇସା

ଓଡ଼ିଶାମେଡ଼ିକାଲ } ଡାକ୍ତର
ମେଡ଼ିକେଲ ହଲ } ଶ୍ରୀ ସମ୍ଭୁପ୍ରସାଦ
ଚାନ୍ଦିନୀଚୌକ କଟକ }

---

## ଧ୍ରୁବଲୀଳା।

ଆଜପର୍ଯ୍ୟନ୍ତ ଯେତେ ପୁସ୍ତକ ବାହାରି ଅଛି ତନ୍ମଧ୍ୟରେ ଏମନ୍ତ ବହି ଦେଖାଯାଇ ନାହିଁ ଏହା ସତ୍ୟୋକ୍ତି କୋଲିଲେ ଅତ୍ୟୁକ୍ତି ହେବ ନାହିଁ ୧୦୨ ପୃଷ୍ଠାରେ ଧ୍ରୁବ ଜନ୍ମଠାରୁ ଧ୍ରୁବଲୋକ ଗମନପର୍ଯ୍ୟନ୍ତ ନାନାବିଧ ସୁଅଙ୍ଗ ସୁଲଳିତ ସଙ୍ଗୀତ-ଗଣିତରେ ପୂର୍ଣ୍ଣ, ପାଠକେ ଥରେ ପାଠ କଲେ ଏହାର ମର୍ମ ଜାଣିପାରିବେ ବିଶେଷ ଲେଖିବା ବାହୁଲ୍ୟ।

ନିଉକଟକ ପ୍ରିଣ୍ଟିଂ କୋମ୍ପାନିଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ଏଥିର ମୂଲ୍ୟ ୦ ।୫
ମଫସଲ ଗ୍ରାହକଙ୍କୁ ମୂଲ୍ୟଛଡ଼ା ୦ ୬ ୧୨ ଭିଲିମାସୁଲି ପଡ଼ିବ।

ବାମନଦାସ ତ୍ରିବେଦି।

---



ସିଲଭର୍‌ୱାଚ୍ ମୂଲ୍ୟ ଟ ୬ ୧

ଗ୍ରାହକେ ବନ୍ଧୁଙ୍କା ଘଡ଼ିରେ ଏଠାରେ ପାଇ ପାରିବେ ଏତଦ୍ଭିନ୍ନ ନାନାପ୍ରକାର ଔଷଧ ଅମ୍ଭ ଦୋକାନରେ ବିକ୍ରୀପାଇଁ ପ୍ରସ୍ତୁତ ଅଛି। ଗ୍ରାହକଙ୍କର ଯେ ପ୍ରକାର ପ୍ରୟୋଜନ ସେ ଅମ୍ଭ ଦୋକାନରେ ଆସି ହେଲେ ସମସ୍ତ ବସ୍ତୁ ମିଳି ପାରିବେ ମୋଫସଲ ଗ୍ରାହକ ଇଚ୍ଛାକଲେ ଭେଲ୍ୟୁ-ପେୟବଲ ପାଇ ପାରିବେ।

ଚୌଧୁରୀବଜାର } ଶେଖ ଅବଦୁଲ ଅଜିଜ
କଟକ } ଔଷଧ ମେଡ଼ିକ ଓ କିଟୁଷ୍ଟ୍ରେଲର

---

## ବିଜ୍ଞାପନ।

ଏହି କଟକ ପ୍ରିଣ୍ଟିଂକମ୍ପାନି ଦ୍ୱାରାରେ କଟକଷ୍ଟାଲିଫ ଆକୃଣ୍ଡସ କମ୍ପାନୀଦ୍ୱାରା ଅକ୍ଷରଢାଳିବା କାର୍ଯ୍ୟ ହେଉଅଛି। ଇଂରାଜୀ ଓ ସୁଲପାଇକା ଆଦିକର ଓଡ଼ିଆଅକ୍ଷର ଓ ଇଂରାଜୀ ସୁଲପାଇକା ଅକ୍ଷର ଏବଂ ନାନାପ୍ରକାର ଷ୍ଟାଇଲିଫ କୌଣସି ଛାପାଖାନା ପାଇଁ ଯାହାର ପ୍ରୟୋଜନ ହେଲେ ସେ ଅମ୍ଭଙ୍କୁ ଖବର ଦେବେ ଅମ୍ଭେ ଯୋଗାଇ ପାରିବୁଁ। ଆବେଦନ କଲେ ଅକ୍ଷରର ନମୁନା ଦେଖି ଦର ଜାଣି ପାରିବେ।

ଦରଗାବଜାର } ଶ୍ରୀ ଗୌରୀଶଙ୍କର ରାୟ
କଟକ } ମାନେଜର

---

ବନାରସ ମାଲ।

ବନାରସରେ ଅମ୍ଭର ଗୋଟିଏ ବାଣିଜ୍ୟ କୋଠି ଅଛି। ଉଚିତ ମୂଲ୍ୟରେ ସର୍ବସାଧାରଣଙ୍କୁ ବନାରସୀ ମାଲ ଯୋଗାଇବା ଅମ୍ଭର କାର୍ଯ୍ୟ ଅମ୍ଭେ ଭାରତର ନାନାସ୍ଥାନବାସୀ ରାଜା, ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ। ଅମ୍ଭ ସହିତ କାରବାର କଲେ କେହି କୌଣସି ପ୍ରକାରେ ପ୍ରତାରିତ ହେବାର ଲେଶମାତ୍ର ଆଶଙ୍କା ନାହିଁ। କାମଣ୍ଡା, କେଶ୍ୱର, ପାଟଳୀ, ଅଠମସିକ, ସୁନ୍ଦର, ସଲେଇବଳା ପ୍ରଭୃତି ସ୍ୱଦେଶି ଅଳଙ୍କାର ଗାଡ଼ିପିଙ୍ଗଳଙ୍କ ଇଚ୍ଛାରେ ଉଚ୍ଚ ଦରର ଅମ୍ଭର ଏହି ପ୍ରକାର ସ୍ୱଦେଶୀ ଜଣା ପଡ଼ିବ ଗ୍ରାହକମାନଙ୍କର ଯେ ଦିନ୍ଦୁ ଦ୍ରବ୍ୟ ଆବଶ୍ୟକ ହେବ ଲେଖି ପଠାଇଲେ ଅନତିବିଳମ୍ବେ ଭେଲ୍ୟୁପେୟବଲ ପାର୍ଶ୍ୱେଲରେ ପଠାଇ ଦିଆଯିବ। ମାଲ ମନୋନୀତ ନ ହେଲେ ବା ମୂଲ୍ୟ ଅଧିକ ବୋଧ ହେଲେ ଅନ୍ୟ ମାଲ ବଦଳାଇ ଦିଆଯିବ ବା ଟଙ୍କା ଫେରି ଦିଆଯିବ କିନ୍ତୁ ମାଲର ମାସୁଲ ଗ୍ରାହକଙ୍କୁ ଦେବାକୁ ପଡ଼ିବ। ଅମ୍ଭର ବାଣିଜ୍ୟ କୋଠିରେ ଜମ୍ଭୁଲିଖିତ ପଦାର୍ଥମାନ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥାଏ। ଯଥା ବନାରସୀ ଜରିକାମ ଶାଢ଼ୀ, ଯୋଡ଼ ଚଦର, ଟୋପି, କୋଟ, ଟେମା, ଜାଙ୍ଗିଆ ଚାଦର, ସର୍ଟୀ କୋଟପିସ୍ ମଜଲ, ବିଲରେ ଦାର ବାଇ ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ଉତ୍କୃଷ୍ଟ ଖଦଡ଼ ଅଙ୍ଗରଖା ପ୍ରଭୃତି।

ଏହା ଛଡ଼ା ସୁନା ରୂପାର ବାସନ, ସୁନା, ରୂପାର ଗିଲ୍‌ଟି କରା ବାସନ ଖେଳଣା ପ୍ରଭୃତି ପଦାର୍ଥ ବରାତ ଅନୁସାରେ ତିଆର କରିଦେଉଁ। ବରାତ ଦେବାବେଳେ ଯଥାସମ୍ଭବ ମୂଲ୍ୟର ଏକଚତୁର୍ଥାଂଶ ଅଗ୍ରିମ ଦେବାକୁ ହେବ। କେହି ବେଶୀ ମାଲ କିଣିବାର ଇଚ୍ଛା କରି ପତ୍ର ଲେଖିଲେ ଅମ୍ଭର କର୍ମଚାରୀ ବା ଅମ୍ଭେ ସ୍ୱୟଂ ଯାଇ ପାରୁଁ।

ଡାକରେ ଏହି ପଠାଇ ପଦାର୍ଥ ମଗାଇଲେ ମାଲ ନେବାର ଠିକଣାରେ ଷ୍ଟେସନର (ଅର୍ଥାତ ଡାକରେ କି ରେଲରେ) ପଠାଇବାକୁ ହେବ ଲେଖିବା ଆବଶ୍ୟକ। ଓଡ଼ିଆରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ଚିଠି ଲେଖିଲେ ତଦନୁସାରେ କାର୍ଯ୍ୟ କରି ପାରିବୁଁ ପତ୍ରର ଲଫାପା (ବହିରାବରଣ) ଉପରେ ଅମ୍ଭର ନାମ ଓ ଠିକଣା ହିନ୍ଦୀ ବା ଇଂରାଜିରେ ଲେଖିଲେ ଶୀଘ୍ର ଅଥଚ ନିରାପଦରେ ଅମ୍ଭର ହସ୍ତଗତ ହେବ।

ଶ୍ରୀ ପାଲୁମାଲ ଗୋକୁଳନାଥ
ଠୁଠୀଗଣେଶ ପାଟ୍ଟୁ ବନାରସ ସିଟି

---

ଉତ୍କଳସାହିତ୍ୟର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମଥର ସକାଶେ

ଧାଡ଼ିପ୍ରତି [illegible]

ଅର୍ଦ୍ଧପୃଷ୍ଠା [illegible]

ପ୍ରତି ଏକ ପୃଷ୍ଠା [illegible]

[illegible]

[illegible]

[illegible]

[illegible]

[illegible]

[illegible]

[illegible]

[illegible]

[illegible]

Split by PDF Splitter

# ଉତ୍କଳ ଦୀପିକା

## ସାପ୍ତାହିକ ସମ୍ବାଦପତ୍ରିକା ।

୪୩ ଭାଗ | ୨୮ ସଂଖ୍ୟା

ତା ୯ ଖ ମାହେ ଜୁଲାଇ ସନ ୧୮୯୮ ମସିହା । ମୂ ୨୬ ଆଷାଢ଼ ସନ ୧୩୦୫ ସାଲ ଶନିବାର ।

ଅଗ୍ରୀମ ୩ | ପଶ୍ଚାଦେୟ ଟ ୬

ବଙ୍ଗ ପ୍ରଦେଶର ମାନ୍ୟବର ଲେଫ୍ଟନାଣ୍ଟ ଗବର୍ଣ୍ଣର ଗତ ସୋମବାର ଦାର୍ଜିଲିଂରୁ ଦଳବଳ ସହିତ ଯାତ୍ରା କରି ପରଦିନ କଲିକତାରେ ପହଞ୍ଚିଅଛନ୍ତି ।

---

କଲିକତା ସିମଳାପାଳ ନିବାସୀ ବାବୁ କନେନ ବକାଶ ମଲ୍ଲିକ ଗଣ୍ଡବଲେଦଙ୍କର ପ୍ଲେଗ ହାସପାତାଲ ନିମନ୍ତେ ଟ ୧୦୦୦୦ ଙ୍କା ଦାନ କରିବାରୁ ମାନ୍ୟବର ଲାଟେଶ୍ୱର ତାହାଙ୍କୁ ଧନ୍ୟବାଦ ଦେଇ ସେହି ଟଙ୍କା ମିଉନିସିପାଲିଟିର ଚେଅରମାନଙ୍କ ନିକଟକୁ ପଠାଇଦେବାର ଆଦେଶ ଦେଇଅଛନ୍ତି ।

---

ମୁକ୍ତାର ପରୀକ୍ଷା ଦେବା ବ୍ୟକ୍ତିଙ୍କପ୍ରତି ମାନ୍ୟବର ହାଇକୋର୍ଟ କମିଟି ସଦୟ ହୋଇ ଆଦେଶ ଦେଇଅଛନ୍ତି କି ଯେଉଁମାନେ ମାଇନର ବା ଭର୍ଣ୍ଣାକ୍ୟୁଲର ପାସ କରି ଗତ ମୁକ୍ତାର୍ ପରୀକ୍ଷାରେ ଉପସ୍ଥିତ ହୋଇଥିଲେ ମାତ୍ର ପାସ କରିପାରି ନାହାନ୍ତି କେବଳ ସେହିମାନେ ଆଗାମୀ ମୁକ୍ତାର ପରୀକ୍ଷାରେ ଉପସ୍ଥିତ ହୋଇ ପାରିବେ । ମାତ୍ର ତହିଁ ଉତ୍ତାରୁ ଏଣ୍ଟ୍ରାନ୍ସ ପାସ ନ କଲେ କେହି ପରୀକ୍ଷା ଦେଇ ପାରିବେ ନାହିଁ ।

---

କଲିକତା ମିଉନିସିପାଲିଟି ବାର୍ଷିକ ଶତକରା ଟ ୪୯ ଙ୍କା ସୁଦରେ ୩ଲକ୍ଷ ଟଙ୍କା ଋଣ ନେବାର ସ୍ଥିର କରିଅଛନ୍ତି । ସରକାର ଟ ୩୯ ଙ୍କା ସୁଦରେ ଋଣ ପାଉଥିବାସ୍ଥଳେ ମିଉନିସିପାଲିଟି ଟ ୪୯ ଙ୍କା ଯାଚିବା କିଛି ଅଧିକ ବୋଧ ହେଉଅଛି । ମାତ୍ର ଆଗାମୀ ମାସରେ ସରକାର ୩ କୋଟି ଟଙ୍କା ଋଣ କରିବାର କଥା ଥିବାରୁ କାଳେ ଅଳ୍ପସୁଦରେ ଲୋକେ ମିଉନିସିପାଲିଟିକୁ ଋଣ ଦେବାକୁ ଆଗ୍ରହ କରିବେ ନାହିଁ ଏଥିପାଇଁ ସୁଦର ଦର କିଛିଏ ବୃଦ୍ଧି କରିଅଛନ୍ତି ।

---

ବାଲେଶ୍ୱର ଉତ୍ତରାଞ୍ଚଳ ସୁବର୍ଣ୍ଣରେଖା ନଦୀ ମେଦିନୀପୁରର କସାଇ ନଦୀ ପରି ସେହି ସମୟରେ ହଠାତ୍ ଅତ୍ୟନ୍ତ ବୃଦ୍ଧି ହୋଇ ଅନେକ କ୍ଷତି କରିବାର ଓଡ଼ିଆ ଓ ନବସମ୍ବାଦରୁ ଅବଗତ ହେଲୁଁ । ନୂତନ ରେଲ ସଡ଼କଦ୍ୱାରା ବାଧା ପାଇ ନଦୀ ବଢି କିଛି ଅଧିକ ପ୍ରବଳ ହୋଇଥିଲା । ମାତ୍ର ରେଲ ସଡ଼କକୁ ଠାବେ ଠାବେ ଭାଙ୍ଗି ଦେଇ ପାଣି ଶୀଘ୍ର ବାହାରି ଗଲା । ଆଶା କରୁଅଛୁ ରେଲବାଇମାନେ ସେସବୁ ସ୍ଥାନରେ ବଡ଼ ବଡ଼ ପୁଲ କରି ଆପଣାର ଏବଂ ସେ ଅଞ୍ଚଳର ଲୋକମାନଙ୍କ ସମ୍ପତ୍ତି ବଢ଼ିର ଦୌରାତ୍ମ୍ୟରୁ ରକ୍ଷା କରିବେ ।

---

କଲିକତା ଦିଷ୍ଟ କଲେଜର ଅଧ୍ୟକ୍ଷଙ୍କ ଅନୁରୋଧ ମତେ ଜଣାଉଅଛୁଁ କି ସେହି କଲେଜର ଯେଉଁ ଛାତ୍ରମାନେ ବର୍ତ୍ତମାନ ସମୟରେ କଲିକତାରେ ରହିବାକୁ ରାଜି ନୁହନ୍ତି ସେମାନଙ୍କ ନିମନ୍ତେ ଗୋଟିଏ ସ୍ୱାସ୍ଥ୍ୟପ୍ରଦ ଭୂଲ୍ୟ ପ୍ରକାଣ୍ଡ ଅଟ୍ଟାଳିକା ଦମଦମାର ଗୋଟିଏ ବୃହତ୍ ଉଦ୍ୟାନରେ ସ୍ଥିର ହୋଇଅଛି । ଛାତ୍ରମାନେ କଲେଜର କର୍ତ୍ତୃପକ୍ଷଙ୍କ ତତ୍ତ୍ୱାବଧାନରେ ବିନା ଭଡ଼ାରେ ସେଠାରେ ବାସ କରି ପାରିବେ ଏବଂ ଦମଦମାରୁ କଲିକତାକୁ ମାଲାଯୃତର ମାସିକ ଭଡ଼ା ଜଣପ୍ରତି ଦୁଇଟଙ୍କାରୁ ଅଧିକ ହେବ ନାହିଁ । ଦିଷ୍ଟ କଲେଜର ଛାତ୍ର ବିନା ଅନ୍ୟ କେହି ସେଠାରେ ରହି ପାରିବେ ନାହିଁ । ସେଠାରେ ବାସ କରି ରହିବାକୁ ଯେଉଁମାନେ ଇଚ୍ଛା କରନ୍ତି ସେମାନେ ଅବିଳମ୍ବେ କଲେଜର ଅଧ୍ୟକ୍ଷଙ୍କ ନିକଟକୁ ଆବେଦନ ପତ୍ର ପଠାଇବେ ।

—※—

ବାମଣ୍ଡାରେ ଜ୍ୱର ରୋଗରେ ଅନେକ ଲୋକ ମରି ପଡ଼ିବାର ଦେଖି ସମ୍ବଲପୁର ହିତୈଷିଣୀ ସମ୍ପାଦକ ବ୍ୟଥିତ ହୋଇ ଜ୍ୱର ଚିକିତ୍ସା ପୁସ୍ତକ ପ୍ରଣୟନ କରିବାକୁ ପ୍ରବୃତ୍ତ ହେଲେ । ଆମ୍ଭେମାନେ ତହିଁ ସଙ୍ଗେ ସ୍ୱାସ୍ଥ୍ୟୋନ୍ନତିର ପ୍ରସଙ୍ଗ ଉଲ୍ଲେଖ କଲୁଁ । ଏଥିରୁ ସହଯୋଗୀ କହୁଅଛନ୍ତି କି ଓଡ଼ିଶାଠାରୁ ବାମଣ୍ଡାରେ ଜ୍ୱରର ପ୍ରକୋପ ଅଧିକ ନୁହେ ଏବଂ "ଆହାର ବହ୍ୱାସ୍ୱଦ ଦୋଷରୁ ସକଳ ସ୍ଥାନରେ ଲୋକେ ପୀଡ଼ିତ ହୋଇ ପ୍ରାଣତ୍ୟାଗ କରୁଅଛନ୍ତି ନଚେତ୍ ଯେଉଁଠାରେ ସ୍ୱାସ୍ଥ୍ୟୋନ୍ନତି ନିମନ୍ତେ ଶତ ଶତ ଲୋକ ନିଯୁକ୍ତ

Digitized by srujanika@gmail.com

Split by PDF Splitter



ଏବଂ ସହସ୍ର ମୁଦ୍ରା ବ୍ୟୟିତ ହେଉଅଛି ସେଠାରେ ପ୍ଲେଗ ବ୍ୟାଧିରେ କେହି ପୀଡ଼ିତ ବା ମୃତ ହେଉ ନ ଥିଲେ" ଏ ଯୁକ୍ତିଠାରେ ଆମ୍ଭେମାନେ ଅବଶ୍ୟ ପରାସ୍ତ ହେବାର ସ୍ୱୀକାର କରୁଅଛୁଁ । ଏଥିଦ୍ୱାରା ସମସ୍ତଙ୍କର ବୁଝିବାର ଉଚିତ ଯେ ଏକଶ୍ରୀ ପ୍ରସ୍ତୁତ ଯଷ୍ଟି ଉଚିତ ଔଷଧ ପ୍ରୟୋଗ କଲେ ସମସ୍ତେ ଅମର ହେବେ ।

---

ସନ ୧୮୯୭ ସାଲରେ ବଙ୍ଗଳା ପାଗଳଖାନା ମାନଙ୍କରେ ଜ ୨୦୧ ଣ ଭରତିହୋଇଥିଲେ ଏବଂ ଜ ୭୪ ଣ ଆରୋଗ୍ୟ ହେଲେ, ଜ ୩୧ ଣ ଅନ୍ୟାନ୍ୟ କାରଣରୁ ଓ ଜ ୯୦ ଣ ମୃତ୍ୟୁଦ୍ୱାରା ଗାଏବ ଜ ୧୯୬ ଣ ଖଲାସ ହୋଇଥିଲେ । ବର୍ଷଶେଷରେ ଜ ୯୬୨ ଣ ରହିଥିଲେ । ତହିଁ ପୂର୍ବ ବର୍ଷଶେଷରେ ଜ ୯୧୮ ଣ ଥିଲେ । ଅତଏବ ଗତ ଦୁଇବର୍ଷମଧ୍ୟରେ ପ୍ରଭେଦ ସାମାନ୍ୟ । ଭରତିହେବା ଜ ୨୦୧ ଣ ମଧ୍ୟରୁ ଜ ୧୨ ଣର ରୋଗର କାରଣ ଜଣାପଡ଼ି ନାହିଁ । ଜ ୨୪ ଣ ଶାରୀରିକ କାରଣରୁ ପାଗଳ ହୋଇଥିଲେ ଯେ ସେମାନଙ୍କମଧ୍ୟରେ ଜ ୨୬ ଣ ଗଞ୍ଜେଇ ଖାଇ ଜ ୩ ଣ ମଦ ଖାଇ ଏବଂ ଜ ୧ ଣ ଭାଙ୍ଗ ଖାଇ ପାଗଳ ହେବାର ଜଣାପଡ଼ୁଅଛି । ଗଞ୍ଜେଇଖିଆଙ୍କ ମଧ୍ୟରେ ଅଫିମ ଓ ମଦଖୋର ମଧ୍ୟ ଅଛନ୍ତି । ଜ ୨୬ ଣର ରୋଗ ପୈତ୍ରିକ ବୋଲି ଜଣାଯାଇଅଛି । ଅନେକଙ୍କର ରୋଗର କାରଣ ଗଞ୍ଜେଇ ନ ହେଲେହେଁ ସେହି ମାଦକ ବାତୁଳତାର ଗୋଟିଏ ପ୍ରଧାନ କାରଣ ଏ ବିଷୟରେ ସନ୍ଦେହ ନାହିଁ ।

— ※ —

ବାବନ ପଧାନ ନାମକ ଶଣ୍ଡି ଏଠାକାର ଜଣେ ଗୃହୀଙ୍କ ଦଶହଜା ଅପଣା ଘରଠାରୁ ଏକ ସଗଡ଼ିରେ କାଣ୍ଟ୍ରା ଗୃହର ଗତ ମଇମାସ ତା ୨୦ ଋଣରେ ଆଣିଥିଲା ତାହା ସାହେବିନ୍ଦ ଓରଫ କଣା ସାହେବଙ୍କ ଗୋଦାମ ସାମନାରେ ହେବା କାଳରେ ସେହି ଗୋଦାମର କର୍ମୀ ଅବଦୁଲ ଖାଲେକ, ଦଣ୍ଡିଦାର ବୃନ୍ଦାବନ ସାହୁ ସେହି ଗୋଦାମର କର୍ମଚାରୀ ନୂର ମହମ୍ମଦ ପ୍ରଭୃତି କେତେକ ଲୋକ ମିଶି ଜବରଦସ୍ତ ଗୃହୀର ଛଡ଼ାଇ ନେଲେ ଏହି ମର୍ମରେ ଉକ୍ତ ବାବନ ପଧାନ ପୁଲିସରେ ନାଲିସ କରିବାରେ କିଛିଦିନ ତଦନ୍ତ ହୋଇ ମୋକଦମା ଫଉଜଦାରୀ ଅଦାଲତରେ ଦାଏର ହେଲା ଏବଂ ଡେପୁଟୀ ମେଜିଷ୍ଟ୍ରେଟ ଶ୍ରୀ ବାବୁ ହରିହରଚନ୍ଦ୍ର ସାମନ୍ତଙ୍କ ନିକଟରେ ଗତ ଜୁନମାସ ତା ୨୨ ଋଣରେ ଗୋଦାମର ଉପରଲିଖିତ ଅବଦୁଲ ଖାଲେକ, ବୃନ୍ଦାବନ ସାହୁ ଓ ନୂର ମହମ୍ମଦ ଏହି ତିନିଜଣ ଦୋଷୀ ସାବ୍ୟସ୍ତ ହୋଇ ପ୍ରତ୍ୟେକ ଆସାମୀ ପ୍ରତି ୫୦ ଟଙ୍କା ଲେଖାଏ ଅର୍ଥଦଣ୍ଡ ନ ଦେଲେ ଏକ ମା ୧ ସ କାରାଦଣ୍ଡ ଅଦେଶ ହେଲା । ବର୍ତ୍ତମାନ ଏଥିର ଅପିଲ ମୋକଦମା ଶ୍ରୀଯୁକ୍ତ ମାଜିଷ୍ଟ୍ରେଟ ସାହେବଙ୍କ ନିକଟରେ ଦାଏର ଅଛି ।

---

ଗତ ସପ୍ତାହରେ ଆମ୍ଭେମାନେ ଓଡ଼ିଶାର ପ୍ରବେଶିକା ପରୀକ୍ଷାର ଫଳ ପ୍ରକାଶ କରିଥିଲୁଁ । ତହିଁରେ ନିମ୍ନ ଲିଖିତ ଛାତ୍ରଙ୍କର ନାମ ଛାଡ଼ି ଯାଇଥିବାରୁ ଏଠାରେ ଭ୍ରମ ସଂଶୋଧନ କଲୁଁ । ପାଠକମାନେ କ୍ଷମା କରିବେ ।

୨ୟ ଶ୍ରେଣୀ ।

ଅର୍ତ୍ତବନ୍ଧୁ ମହାନ୍ତି — ଖୋରଧା

୩ୟ ଶ୍ରେଣୀ ।

ଶ୍ୟାମସୁନ୍ଦର ସିଂହ — କେନ୍ଦ୍ରାପଡ଼ା

ସୁର୍ଜିତଚନ୍ଦ୍ରଦାସ ଗୁପ୍ତ
କୃଷ୍ଣଚରଣ ଘୋଷ
ଭଗୀରଥି ମୂର୍ତ୍ତି
} ଏମାନେ ବାହାର ଛାତ୍ର କଟକରେ ପରୀକ୍ଷା ଦେଇଥିଲେ

---

କଟକ ରେଭେନସା କଲେଜର ନିମ୍ନ ଲିଖିତ ଛାତ୍ରମାନେ ଏଫ୍, ଏ, ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଯଥା —

| | |
|---|---|
| ୧ମ | ଲକ୍ଷ୍ମୀନାଥ କର |
| ଅଜିତ ଚନ୍ଦ୍ର ଘୋଷ | ଭଗବାନ ମହାପାତ୍ର |
| ୨ୟ | ଲକ୍ଷ୍ମୀଧର ଚରଣ ମହାନ୍ତି |
| ଶ୍ୟାମପ୍ରସନ୍ନ ଦାସଗୁପ୍ତ | ହରେକୃଷ୍ଣ ନାୟକ |
| କୃଷ୍ଣପ୍ରସାଦ ଦାସ ସିଂହ | ମଧୁ ଚରଣ ନାୟକ |
| ୩ୟ | ହରଚନ୍ଦ୍ରନୋହନ ଦାସ |
| ଲଲିତକୃଷ୍ଣ ବନ୍ଦୋପାଧ୍ୟାୟ | ଜଗମୋହନ ପଟ୍ଟନାୟକ |
| ଶରତଚନ୍ଦ୍ର ଚକ୍ରବର୍ତ୍ତୀ | ନିମାଇ ଚରଣ ଚୌଧୁରୀ ନାୟକ |
| ହରଦାସ ଦାସ | ପଞ୍ଚାନନ ପାଣି ଧୃବ |
| ଶ୍ୟାମସୁନ୍ଦର ଦାସ | ଶଶିଭୂଷଣ ଦାସ |
| ଏକାଦଶି ତ୍ରିବେଦୀ | ଲକ୍ଷ୍ମୀବନ୍ଧୁ ସିଂହ |
| ଅତୁଳବେହାରି ଗୋସ୍ୱାମୀ | ବ୍ରଜଭୂଷଣ ସିଂହ |
| ଅକ୍ଷୟପ୍ରସାଦଗୁପ୍ତ | |

---

ଗତମାସ ତା ୧ ଋଣରେ କଲିକତାରେ ମହାମାରୀ ପ୍ଲେଗ ଧରିଥିଲା ଜ ୫ ଣଙ୍କୁ ଏବଂ ସେହିରୋଗରେ ମଲେ ଜ ୭୪ ଣ । ଏହାପରେ ସଂଖ୍ୟା ପୂର୍ବାପେକ୍ଷା କଥଞ୍ଚିତ ଅଧିକ ହେଲେହେଁ ଅଦ୍ୟାବଧି ସେହି ତାରିଖପର୍ଯ୍ୟନ୍ତ ମୋଟରେ ଜ ୧୬୨ ଣ ପୀଡ଼ିତ ଏବଂ ମୃତ୍ୟୁ ସଂଖ୍ୟା ୧୨୩ ହୋଇଅଛି । ସୁତରାଂ ରୋଗର ପ୍ରବଳତା ପୂର୍ବପ୍ରାୟ ରହିଅଛି କମିବାର କୌଣସି ଲକ୍ଷଣ ଦେଖାଯାଉ ନାହିଁ । ସରକାରୀ କାଗଜ ଅନୁସାରେ ବର୍ଷାକାଳ ପ୍ଲେଗ ରୋଗ ବୃଦ୍ଧିର ସମୟ ନୁହେ । ବରଂ ହ୍ରାସ ହେବାର ଅନୁକୂଳ ଅଟେ ଅତଏବ ଆଶା କରୁଅଛୁ ଯେ ଏଥର ଭଲ ଜଣା ପଡ଼ିବ । କେହି କେହି ସନ୍ଦେହ କରନ୍ତି ଯେ ସରକାରଙ୍କୁ ନିଯୁକ୍ତ ହେବା ଡାକ୍ତରମାନେ ଠିକ ନ ପାଇ କେତେକସ୍ଥଳେ ଅନ୍ୟ ରୋଗୀଙ୍କୁ ପ୍ଲେଗ ରୋଗୀ ବୋଲି ହାସପାତାଲକୁ ପଠାଉଅଛନ୍ତି ଏବଂ କଟକରେ ମାଜିଷ୍ଟ୍ରେଟଙ୍କ ହାସପାତାଲରୁ କେତେଜଣ ଖଲାସ ପାଇବାରୁ ଏ ସନ୍ଦେହର ପୋଷକତା ହୋଇଅଛି । ଏହା ମଧ୍ୟ ଆଶ୍ଚର୍ଯ୍ୟ ଯେ କଲିକତାରେ ଏତେ ଦିନ ପ୍ଲେଗ ରହିଥିବା ଏବଂ ସେଠାରୁ ଚତୁର୍ଦ୍ଦିଗସ୍ଥ ମଫସଲକୁ ସର୍ବଦା ଲୋକ ଯାତାୟାତ କରୁଥିବାସ୍ଥଳେ ମଫସଲର କୌଣସି ସ୍ଥାନରେ ଏପର୍ଯ୍ୟନ୍ତ ପ୍ଲେଗ ଉଦୟ ହେବାର ପ୍ରକାଶ ପାଇ ନାହିଁ । ଏଥିରୁ ଅନୁମାନ ହେଉଅଛି କି କଲିକତାର ପ୍ଲେଗ ରୋଗ ସଂକ୍ରାମକ ନୁହେ ଅଥବା ମଫସଲରେ ରୋଗୀମାନଙ୍କୁ ଖୋଜି ବାହାରକରିବାର ସେପରି କଟକଣା ନାହିଁ ।

---

ଆମ୍ଭମାନଙ୍କର କେନ୍ଦ୍ରାପଡ଼ା ସମ୍ବାଦ ଦାତା ଲେଖିଅଛନ୍ତି କି ଗତ ପୂର୍ବ ରବିବାର ସକାଳବେଳେ ସେଠାରୁ ନବସ୍ଥାପିତ ଯୁବକ ପୁସ୍ତକାଳୟର ପ୍ରଥମ ବାର୍ଷିକ ଅଧିବେଶନ ମହାସମାରୋହରେ ହୋଇଥିଲା । ସଭାଟି ସବଡିଭିଜନ କଟକର ବଡ଼ାଙ୍କର ଗୋଟିଏ ସୁନ୍ଦର ସାମିଆନାତଳେ ରଚିତ ହୋଇଥିଲା କି ଯେଉଁ ସାମିଆନା ପ୍ରାୟ ୨୦୦ ଟଙ୍କା ବ୍ୟୟରେ ଅନେକ ସୁନ୍ଦର ପ୍ରସ୍ତୁତ କରି ପୁସ୍ତକାଳୟକୁ ଦାନ କରିଅଛନ୍ତି ଏବଂ ତାହା ଫୁଲ ପତ୍ରାଦିରେ ସୁନ୍ଦରରୂପେ ସୁସଜ୍ଜିତ ହୋଇଥିଲା । ନଗରବାସି ଅନେକ ଭଦ୍ରଲୋକ ଉପସ୍ଥିତ ଥିଲେ ଏବଂ ସବଡିଭିଜନ ଅଫିସର ବାବୁ ତାରାପ୍ରସନ୍ନ ଆଚାର୍ଯ୍ୟ ସଭାପତିର ଆସନ ଗ୍ରହଣ କରିଥିଲେ । ଯଥାମତେ ବାର୍ଷିକ ବିବରଣ ପଠିତ ହେଲାପରେ ପୁସ୍ତକାଳୟର ନିୟମାବଳୀ ବ୍ୟବସ୍ଥିତ ଏବଂ ଆଗାମୀ ବର୍ଷ ନିମନ୍ତେ ଗୋଟିଏ କାର୍ଯ୍ୟ ନିର୍ବାହକ କମିଟି ଓ ସମ୍ପାଦକ ଉପୁଲି ହୋଇ ସଭା ଭଙ୍ଗ ହେଲା । ସେଦିନ ସନ୍ଧ୍ୟାକାଳରେ ପୁସ୍ତକାଳୟର ସମସ୍ତ ଗ୍ରାହକ ଏବଂ ଅପର ଭଦ୍ର-

Digitized by srujanika@gmail.com

Split by PDF Splitter



ଲେଖକଙ୍କର ଶ୍ରେଣୀ ଏବଂ ପ୍ରାପ୍ୟ ସମସ୍ତ ଗ୍ରନ୍ଥ ସମ୍ବଳ ଯାହା ହୋଇଥିଲା ।

ପୁସ୍ତକାଳୟର ଅବଧାରିତ ଗୋଟିଏ ନିୟମ ସମସ୍ତଙ୍କ ମନକୁ ନ ଘେନିବାର ଜଣାଯାଏ । ତାହା ଏହି କି ମାସିକ ଚାରିଅଣା ଚାନ୍ଦା ଦେବା ଶ୍ରେଣୀର ଗ୍ରାହକଙ୍କୁ କେବଳ ବଙ୍ଗଳା ଏବଂ ଓଡ଼ିଆ ପୁସ୍ତକମାନ ଦିଆଯିବ ମାତ୍ର ଇଂରାଜୀ ପୁସ୍ତକ ଆଦୌ ଦିଆଯିବ ନାହିଁ । ଚାନ୍ଦାର ପରିମାଣ ଅନୁସାରେ ଅଧିକାରର ତାରତମ୍ୟ ହେବା ଅସଙ୍ଗତ ନୁହେ । ମାତ୍ର ଚାରିଅଣାରୁ ଅଧିକ ଦେବାର ସମର୍ଥ ନାହିଁ ବୋଲି ଇଂରାଜୀ ପୁସ୍ତକ ପଢ଼ିବାର ଆଗ୍ରହ ଥିଲେ ତାହାଙ୍କୁ ବଞ୍ଚିତ କରିବା କଠୋର ନିୟମ ଅଟେ । ଆମ୍ଭମାନଙ୍କ ବିବେଚନାରେ ସେମାନଙ୍କୁ ଏକାବେଳେ ବଞ୍ଚିତ ନ କରି ପୁସ୍ତକାଳୟରେ ବସି ଇଂରାଜୀ ପୁସ୍ତକ ପଢ଼ିବାର ଅଧିକାର ଦେଲେ ଆଉ ଅସନ୍ତୋଷର କାରଣ ରହିବ ନାହିଁ ।

---

## ପୁରୀ ରଥଯାତ୍ରା ।

ଗତମାସ ତା ୩୦ ରିଖ ବଡ଼ ଏକାଦଶୀ-ସୁଦ୍ଧା ଉତ୍ତରଥର ଦର୍ଶନମୂର୍ତ୍ତି ହୋଇଯିବାରୁ ତା ୧ ରିଖ ଶୁକ୍ରବାର ଅପରାହ୍ନରେ ପ୍ରଭୁମାନେ ପାହୁଡ଼ା ବିଜେ କରି ରଥାରୂଢ଼ ହେଲେ ଏ ସମୟରେ ବୃଷ୍ଟିର ଅନ୍ତରାୟ ହେତୁ ରଥ ଟଣା-ଯାଇଲା ନାହିଁ । ତା ୨ ରିଖ ଶନିବାରଠାରୁ ତା ୫ ରିଖ ମଙ୍ଗଳବାରସୁଦ୍ଧା ଦିନ ୪ ମଧ୍ୟରେ ତିନିରଥ ସିଂହଦ୍ୱାରରେ ଲାଗିଲେ ଏବଂ ଏହି ମଙ୍ଗଳବାରଦିନ ଲକ୍ଷ୍ମୀନାରାୟଣ ଭେଟ ଓ ରଥ-ମାନଙ୍କର ଶେଷଦିବସ ଯେଉଁ ପଞ୍ଚକ୍ରୋଶୀ ଓ ମାତ୍ରାର ଶେଷଦିବସ ଯେଉଁ ପଞ୍ଚକୋଶୀ ଓଡ଼ିଆ ଯାତ୍ରୀରେ ବଡ଼ଦାଣ୍ଡ ପୂର୍ଣ୍ଣ ହୋଇଯାଇ-ଥିଲା । ଏବଂ ତା ୬ ରିଖ ବୁଧବାର ଅପରାହ୍ନ ଘ ୪॥ ଟାରେ ପହଣ୍ଡି ଆରମ୍ଭ ହୋଇ ରାତ୍ରିସ୍ତବ୍ଧ ପ୍ରଭୁମାନେ ଶ୍ରୀମନ୍ଦିର ରତ୍ନସିଂହାସନାଧିଷ୍ଠିତ ହେଲେ ।

ଏବର୍ଷ ମୂର୍ତ୍ତି ଦ ୧୦ ଦିନରେ ଗୁଣ୍ଡିଚା ଯାତ୍ରା ଶେଷ ହେଲା । ଜଏଣ୍ଟ ମାଜିଷ୍ଟ୍ରେଟ ମହୋଦୟଙ୍କ ଆଦେଶ ଓ ଡି: ମା: ବାବୁ ରାସବିହାରୀ ନାୟକଙ୍କ ତତ୍ତ୍ୱାବଧାରଣ ଓ ପୁଲିସ ଇନସ୍ପେକ୍ଟର ରୁଦ୍ରଦେବ ବାବୁଙ୍କ ରଥଚଳାଇବା ବନ୍ଦୋବସ୍ତ-ରେ ବିଶେଷ ପାରଦର୍ଶିତାଦ୍ୱାରା ଏପରି ସୁଫଳ ଫଳିବା ଦେଖି ସର୍ବସାଧାରଣ ଅତ୍ୟନ୍ତ ସନ୍ତୁଷ୍ଟ ଅଛନ୍ତି । ଭରସାକରୁଁ ଏଣିକି ରଥ-ଯାତ୍ରାରେ ଅଯଥା ବିଳମ୍ବ ଘଟିବ ନାହିଁ ।

—※—

## ରେଭେନସା କଲେଜର ସଭା ।

ଗତ ମଇ ତା ୨୧ ରିଖରେ ଏଠା ରେଭେନସା କଲେଜ ଗୃହରେ ଯେଉଁ ସଭା ହୋଇଥିଲା ତହିଁର ଇଂରାଜୀ ବିବରଣ ସଭାପତିଙ୍କଠାରୁ ପାଇବାର କୃତଜ୍ଞତା ସହିତ ସ୍ୱୀକାର କରି ଉତ୍କଳ ଭାଷାରେ ତହିଁର ମର୍ମ ସର୍ବ ସାଧାରଣଙ୍କ ଗୋଚରାର୍ଥେ ନିମ୍ନେ ପ୍ରକାଶ କଲୁଁ । ଯଥା;—

ରେଭେନସା କଲେଜ ସଂଲଗ୍ନ ଛାତ୍ରାବାସକୁ ଚିରସ୍ଥାୟୀ କରିବା ଉଦ୍ଦେଶ୍ୟରେ କେତେକ ପ୍ରସ୍ତାବ ବିବେଚନା କରିବା କାରଣ ଗତ ମଇ ମାସ ତା ୨୧ ରିଖ ଅପରାହ୍ନ କାଳରେ ସଭା ହୋଇଥିଲା । ତହିଁରେ ଶ୍ରୀଯୁକ୍ତ ପ୍ରାଇସ ସାହେବ ସଭାପତି, ରାୟ ଯୋଗେଶ୍ୱରଚନ୍ଦ୍ର ବାହାଦୁର, ବାବୁ ଗୋପାଳବଲ୍ଲଭ ଦାସ, ବାବୁ ସୁଦାମଚନ୍ଦ୍ର ନାୟକ ଏବଂ ବାବୁ ନୀଳକଣ୍ଠ ମଜୁମଦାର ଉପ-ସ୍ଥିତ ଥିଲେ । ନିମ୍ନ ଲିଖିତ ନିର୍ଦ୍ଧାରଣମାନ ଧାର୍ଯ୍ୟ ହେଲା, ଯଥା;—

୧ । ଛାତ୍ରାବାସର ମରାମତି ନିମନ୍ତେ ଗୋଟିଏ ପାଣ୍ଠି ଗଠିତ ହେଉ ଏବଂ ସାଧାରଣ ଚାନ୍ଦାଦ୍ୱାରା ତହିଁ ନିମନ୍ତେ ଅର୍ଥ ସଂଗୃହୀତ ହେଉ ।

ଏହି ନିର୍ଦ୍ଧାରଣ ସମ୍ବନ୍ଧରେ ନିମ୍ନ ଲିଖିତ କଥା ଏବଂ ଅଙ୍କମାନ ସଭାରେ ଆଗତ ହେଲା ଯଥା।

(କ) ଛାତ୍ରାବାସ ଗୃହମାନ ପ୍ରାୟ ଟ ୧୩୦୦୦ ଙ୍କାରେ ନିର୍ମିତ ହୋଇଅଛି । ସେ ସବୁର ବାର୍ଷିକ ମରାମତି ନିମନ୍ତେ ନିତାନ୍ତ ପକ୍ଷେ ଟ ୩୨୫ ଙ୍କା ଆବଶ୍ୟକ ।

(ଖ) ଛାତ୍ରାବାସରେ ରହିବା ଛାତ୍ରମାନଙ୍କଠାରୁ ଘରଭଡ଼ା ଜରିମାନା ଇତ୍ୟାଦି ପ୍ରାୟ ଟ ୩୦୦ ଙ୍କା ବାର୍ଷିକ ଆଦାୟ ହୁଏ . ଜଣେ ଚୌକିଦାରର ବେତନ ଟ ୬୦ ଙ୍କା, ଝାଡ଼ୁଦାର ଟ ୧୦ ଙ୍କା, ସୁପରିଣ୍ଟେଣ୍ଡେଣ୍ଟଙ୍କ ମାସିକ ବେତନ ଟ ୩୦ ଙ୍କା ମଧ୍ୟରୁ ସରକାରରୁ ମିଳିବା ଟ ୨୫ ଙ୍କା ଯାଇ ଅବଶିଷ୍ଟ ବର୍ଷକୁ ଟ ୬୦ ଙ୍କା ଓ ବାକି ବ୍ୟୟ ଟ ୨୦ ଙ୍କା ଏଥିର ବାର୍ଷିକ ବ୍ୟୟ ଟ ୧୫୦ ଙ୍କା । ସୁତରାଂ ଛାତ୍ରାବାସ ବା ହୋଷ୍ଟେଲର ଆୟରୁ ବାର୍ଷିକ ଟ ୧୫୦ ଙ୍କା ବଳିବାର ସମ୍ଭାବନା ।

(ଗ) ବର୍ତ୍ତମାନ ଟ ୪୦୧୦ ଙ୍କା ଜମା ଅଛି ସେ ତହିଁମଧ୍ୟରୁ ପ୍ରାୟ ଟ ୧୫୦୦ ଙ୍କାରେ ଗୋ-ଟିଏ ରୋଷାଇଘର, ଗୋଟିଏ ପାଇଖାନା, ଗୋଟିଏ କୂଅ ଏବଂ ଗୋଟିଏ ପାଣିମାଦାସ୍ତ, ନିର୍ମାଣ ହେବା ନିତାନ୍ତ ପ୍ରୟୋଜନ । ଅବଶିଷ୍ଟ ଟ ୨୫୧୦ ଙ୍କା ବାର୍ଷିକ ଟ ୩॥ ସୁଧର ପ୍ରମିସରି ନୋଟରେ ଗଚ୍ଛିତ ହେଲେ ବାର୍ଷିକ ଟ ୮୭॥ ଆୟ ହେବ

(ଘ) ଛାତ୍ରାବାସର ସୁରକ୍ଷା ନିମନ୍ତେ ଆବଶ୍ୟକ ଥିବା ଟ ୩୨୫ ଙ୍କା ମଧ୍ୟରୁ ଉପରଲିଖିତ ମତେ ଭଡ଼ା ଇତ୍ୟାଦିର ନିଟ ଆୟ ଟ ୧୫୦ ଏବଂ ସୁଧ ବାବତ ଟ ୮୭॥ ସାଏ ଟ ୨୩୭॥ ଆୟର ବନ୍ଦୋବସ୍ତ ହୋଇଅଛି । ଅତଏବ ଯେବେ ସାଧାରଣ ଚାନ୍ଦାଦ୍ୱାରା ଆଉ ଟ ୨୫୦୦ ଙ୍କା ସଂଗୃହୀତ ହୋଇ ପାରିବ ତେବେ ସେହି ଟଙ୍କାକୁ ଟ ୩॥ ସୁଧର ସରକାରୀ କାଗଜରେ ଜମା ଦେଲେ ଅବଶିଷ୍ଟ ଟ ୮୭॥ ବାର୍ଷିକ ସୁଧଦ୍ୱାରା ଆଦାୟ ହେବ ।

୨ । ଆବଶ୍ୟକୀୟ ବ୍ୟୟ ନିର୍ବାହ ଉତ୍ତାରୁ ଯେଉଁ ଟ ୨୫୦୦ ଙ୍କା ଅବଶିଷ୍ଟ ରହିବ ତାହାକୁ ସରକାରୀ ଅଥବା କଲିକତା ମିଉନିସିପାଲିଟି ଲୋ-ନରେ ଗଚ୍ଛିତ କରାଯାଉ ଏବଂ ସାଧାରଣ ଚାନ୍ଦା ଦ୍ୱାରା ଆଉ ଯେଉଁ ଟ ୨୫୦୦ ଙ୍କା ସଂଗୃହୀତ ହେବ ତାହା ମଧ୍ୟ ସେହିପ୍ରକାର ଲୋନରେ ଗଚ୍ଛିତ ହେଉ । ତାହା ହେଲେ ଛାତ୍ରାବାସ ସୁରକ୍ଷା ନିମନ୍ତେ ଟ ୫୦୦୦ ଙ୍କା ପାଣ୍ଠି ହେବ ।

୩ । କୁମାର ଦଗଦର ନାଥ ପଣ୍ଡିତ ମାସିକ ଟ ୧୦ ଙ୍କା ଚାନ୍ଦା ଦେବାକୁ ଅଙ୍ଗୀକାର କରି-ଥିଲେ । ସେ ବାବଦରେ ତାହାଙ୍କଠାରେ ଯେତେ ବାକି ପାଉଣା ଅଛି ତାହା ଏବଂ ଏଣିକି ପ୍ରତିମାସ ନିୟମିତରୂପେ ଚାନ୍ଦା ଦେବା କାରଣ ତାହାଙ୍କୁ ପ୍ରାର୍ଥନା କରାଯାଉ ।

୪ । ସୁପରିଣ୍ଟେଣ୍ଡେଣ୍ଟଙ୍କର ବେତନ ନିମନ୍ତେ ମାସିକ ଟ ୨୫ ଙ୍କା ଦେବାର ମଞ୍ଜୁର କାରଣ ଶିକ୍ଷାବିଭା-ଗର ଡାଇରେକ୍ଟରଙ୍କ ନିକଟକୁ ପତ୍ର ଲେଖା ଯାଉ ଏବଂ କଲେଜର ଜଣେ ଶିକ୍ଷକ ବା ଅଧ୍ୟା-ପକଙ୍କୁ ଛାତ୍ରାବାସର ସୁପରିଣ୍ଟେଣ୍ଡେଣ୍ଟ କାର୍ଯ୍ୟ ମାସିକ ଟ ୩୦ ଙ୍କା ବେତନରେ ଗ୍ରହଣ କରିବା କାରଣ ଅନୁରୋଧ କରାଯାଉ ।

୫ । ଏପର୍ଯ୍ୟନ୍ତ ଯାହା ହୋଇଅଛି ତହିଁର ସଂକ୍ଷେପ ହିସାବ ସହିତ ଏହି କାର୍ଯ୍ୟ ବିବରଣ ଛପା ହୋଇ ସର୍ବସାଧାରଣଙ୍କ ନିକଟକୁ ପଠା ଯାଉ ଏବଂ ସେମାନଙ୍କୁ ଅନୁରୋଧ କରାଯାଉ କି ଛାତ୍ରାବାସର ହିତାର୍ଥେ ସେମାନେ ଯେପରି ବଦାନ୍ୟତା ସହକାରେ ଚାନ୍ଦା ଦେଇଅଛନ୍ତି

Digitized by srujanika@gmail.com

ଖିଁ ଉପରେ ଆଉ କଣ୍ଟ୍ରାକ୍ଟ ଦାନ କରି ଏହାକୁ ଚିରସ୍ଥାୟୀ କରିବାକୁ ଯତ୍ନବାନ୍ ହେଉନ୍ତୁ ।

ସ୍ୱାକ୍ଷର ଇ, ଏସ୍, ଗ୍ରାଉସ୍
ସଭାପତି ।
କୋଡ଼ପତ୍ର ।

ଛାତ୍ରାବାସ କରାଇବା ନିମନ୍ତେ ଏପର୍ଯ୍ୟନ୍ତ ଦାନଦ୍ୱାରା ପ୍ରାପ୍ତ ହୋଇଥିବା ଟଙ୍କାର ଆୟ ବ୍ୟୟ ହିସାବ ।

ଆୟ ।

| ଦାତାମାନଙ୍କର ନାମ | ଦେବାର ପରିମାଣ |
|---|---|
| ଶ୍ରୀଯୁକ୍ତ ଗ୍ରାଉସ ସାହେବ କଲେକ୍ଟର | ଟ ୫୦ |
| „ ହଲଓ୍ୱାର୍ଡ ପ୍ରିନ୍ସିପଲ | ଟ ୫୦ |
| „ ଏଫ୍, ଇ, ପାର୍ଜିଟର ଜଜ | ଟ ୨୫ |
| „ ବାବୁ ରାମଶଙ୍କର ରାୟ ଉକିଲ | ଟ ୨୦ |
| „ ରାୟ ଯୋଗେଶ୍ୱର ଚନ୍ଦ୍ରବାହାଦୁର | ଟ ୫୦ |
| „ ବାବୁ ଯୋଗେଶ ଚନ୍ଦ୍ର ରାୟ ପ୍ରୋଫେସର | ଟ ୧୦ |
| „ ବାବୁ ମଧୁସୂଦନ ରାଓ | ଟ ୧୦ |
| „ „ ଜାନକୀନାଥ ବୋଷ ଉକିଲ | ଟ ୩୦ |
| „ ରାୟ ହରିବଲ୍ଲଭ ବୋଷ ବାହାଦୁର | ଟ ୧୦୦୦ |
| „ କନକାଇ ନାବାଲଗ ରାଜା | ଟ ୧୦୦୦ |
| „ ମଧୁପୁର ନାବାଲଗ ରାଜା | ଟ ୨୦୦ |
| „ ଶ୍ରୀଯୁକ୍ତ ମହାରାଜା ଦୁର୍ଗାଚରଣ ଲାହା କଲିକତା | ଟ ୧୦୦ |
| ବାବୁ ଗୋପାଳଚନ୍ଦ୍ର ମହାନ୍ତି ନାଗଣପୁର | ଟ ୫ |
| „ ବିଦ୍ୟାଧର ସାନ୍ତ | ଟ ୧୦ |
| „ ଦାମୋଦର ମହାପାତ୍ର | ଟ ୫ |
| „ ରାଧାଶ୍ୟାମ ଦାସ | ଟ ୧ |
| „ ରାଧାଚରଣ ଦାସ ବାଲେଶ୍ୱର | ଟ ୫୦ |
| „ ଆର୍, ସି, ଦତ୍ତ କମିଶନର | ଟ ୧୦୦ |
| „ ଦୁର୍ଗାପ୍ରସନ୍ନ ଦାସ ଉକିଲ | ଟ ୨ |
| „ ମୁରଲୀଧର ବାନୁର୍ଜ୍ଜୀ ପ୍ରୋଫେସର | ଟ ୧୦ |
| „ ରାଜେନ୍ଦ୍ରନାଥ ବାନୁର୍ଜ୍ଜୀ ହେଡ୍‌ମାଷ୍ଟର | ଟ ୧୦ |
| „ ନରସିଂହ ପ୍ରହରାଜ ଜମିଦାର | ଟ ୧୦ |
| ରାଜା ବୈଦ୍ୟନାଥ ପଣ୍ଡିତ ଦର୍ପଣ | ଟ ୩୦୦୦ |
| ବାବୁ ଜଇରାମ ଦାସ ଦିଷଙ୍କ କଣିକା | ଟ ୫ |
| „ ବନମାଳୀ ହିଙ୍ଗ | ଟ ୧୦ |
| „ ବିଶ୍ୱନାଥ ସିଂହ ଉକିଲ | ଟ ୧୦ |
| ଶ୍ରୀଯୁକ୍ତ ଅଳ ରାଜା | ଟ ୨୦୦୦ |
| ବାବୁ ବ୍ରଜରାଜ ଭଉଥିଆ ଉକିଲ | ଟ ୨ |
| „ ଶରତ୍ ଚନ୍ଦ୍ର ମୁଖର୍ଜି „ | ଟ ୪ |
| „ ହରିଶ୍ଚନ୍ଦ୍ର ଦତ୍ତ | ଟ ୫ |
| ଶ୍ରୀଯୁକ୍ତ ରାଜା ମୟୂରଭଞ୍ଜ | ଟ ୧୦୦ |
| ବାବୁ ବଳଭଦ୍ର ଦେ | ଟ ୫୦ |
| ବାବୁ ମାଯ୍ୟାଧର ଦାସ | ଟ ୫ |
| „ ମନମୋହନ ଚକ୍ରବର୍ତ୍ତୀ | ଟ ୫୦ |
| ମୌଲବୀ ଅବଦୁସ୍ ସମଦ | ଟ ୫ |
| ଶ୍ରୀଯୁକ୍ତ ରାଜା ବଡ଼ାମ୍ବା | ଟ ୧୦ |
| ବାବୁ ମଧୁସୂଦନ ମହାପାତ୍ର | ଟ ୧୦ |
| „ ଉମେଶ ଚନ୍ଦ୍ର ବୋଷ ହେଡ୍‌ମାଷ୍ଟର | ଟ ୧୦ |
| „ ହରିଶ୍ଚନ୍ଦ୍ର ଦତ୍ତ, ପ୍ରୋଫେସର | ଟ ୫ |
| ଶ୍ରୀଯୁକ୍ତ ଏମ୍, ଏସ୍, ଦାସ | ଟ ୨୫୦ |
| „ ରାଜା ଢେଙ୍କାନାଳ | ଟ ୧୫୦୦ |
| „ „ ତାଳଚେର | ଟ ୨୫୦ |
| „ „ ନରସିଂହପୁର | ଟ ୧୫୦ |
| „ „ ପାଲଲହରା | ଟ ୨୫ |
| „ „ ନୀଲଗିରି | ଟ ୫୦୦ |
| „ „ ବଡ଼ାମ୍ବା | ଟ ୨୫ |
| ସୁଧରୁ ପ୍ରାପ୍ତ | ଟ ୪୫୨।୵ |
| ମୋଟ | ଟ ୧୧୨୭୨।୵ |

ବ୍ୟୟ ।

| | |
|---|---|
| ଡାକମାସୁଲ କାଗଜ ଲଫାଫା ଇତ୍ୟାଦି | ଟ ୨୧।୵୯ |
| ମନିଅର୍ଡର କମିଶନ | ଟ ୦ ୳୵ |
| କାର୍ଯ୍ୟ ବିବରଣ, ଚିଠି ଇତ୍ୟାଦି ଛାପା ଖରଚ | ଟ ୧୮୫ |
| ଗୃହ ନିର୍ମାଣ ନିମନ୍ତେ ପୂର୍ତ୍ତବିଭାଗ ହଳଗ୍ସ କଣ୍ଟ୍ରାକ୍ଟରଙ୍କୁ ଦେବାରେ | ଟ ୭୧୫୦ |
| ମୋଟ | ଟ ୭୧୮୬୳୵ |

| | |
|---|---|
| ଜମା | ଟ ୧୧୨୭୨।୵ |
| ଖରଚ | ଟ ୭୧୮୬୳୵ |
| ବାକି | ଟ ୪୦୮୬ ୳୵ |

ଉପର ଲିଖିତ ବିବରଣ ସମ୍ବନ୍ଧରେ ଅଧିକ କିଛିବୁଝାଇ ଦେବାର ଆବଶ୍ୟକ ନାହିଁ ତାହା ଯଥୋଚିତ ବିଶଦରୂପେ ବର୍ଣ୍ଣିତ ହୋଇଅଛି । କେବଳ କୁମାର ବୈକୁଣ୍ଠନାଥ ପଣ୍ଡିତଙ୍କ ପ୍ରତିଶ୍ରୁତ ମାସିକ ଦେବା କୌଣସି ହିସାବରେ ଆସି ନ ଥିବାରୁ ତାହା ଆଦାୟ ନିମନ୍ତେ ତାହାଙ୍କୁ ଅନୁରୋଧ ହୋଇଥିଲେ ସୁଦ୍ଧା ଜଣା ଯାଉଅଛି ଯେମନ୍ତ କମିଟି ତାହାଙ୍କ ଉପରେ ନିର୍ଭର କରି ନାହାନ୍ତି ଅଥବା ଅତି ସାମାନ୍ୟ ବୋଲି ଗଣି ଦେଇଅଛନ୍ତି । ମାସିକ ଦେବା ନିୟମିତରୂପେ ଆଦାୟ ହେବା ସୁବିଧା ଜନକ ନୁହେ ଏବଂ ସେସ୍ଥଳେ ଏହି କାର୍ଯ୍ୟ ନିମନ୍ତେ କୁମାରଙ୍କ ଦାନ ଅଲ୍ପ କେହି ମାସିକ ଦେବା ବିଷୟରେ ଅଙ୍ଗୀକାର କରି ନାହାନ୍ତି ଏବଂ ସେ ଯାହା ଅଙ୍ଗୀକାର କରିଅଛନ୍ତି ତାହା ନ ଦେବାର ଲୋକ ନୁହନ୍ତି ସେ ସ୍ଥଳେ ଆମ୍ଭମାନେ ବିଚାର କରୁଁ ଯେବେ କୁମାର ମହୋଦୟ ମାସିକ ଦେବା ପରିବର୍ତ୍ତରେ ଏକଥରେ ଟ ୫୦୦ ଙ୍କା ଦାନ କରନ୍ତି ତାହାହେଲେ ତାହାଙ୍କୁ ଓ ଛାତ୍ରାବାସକୁ ପ୍ରତିମାସ ଦେବା ଆଦାୟର ଅସୁବିଧା ଭୋଗ କରନ୍ତୁ ହେବାକୁ ହେବ ନାହିଁ ଏବଂ ଉଭୟ ପକ୍ଷର ସୁବିଧା ହେବ । ଦେବା ସଂଗ୍ରହ ସମ୍ବନ୍ଧରେ ଆମ୍ଭମାନଙ୍କ ବକ୍ତବ୍ୟ ଏହି କି ବର୍ତ୍ତମାନ୍ ପ୍ରୟୋଜନ ଥିବା ଟ ୨୫୦୦ ଙ୍କା ଅଧିକ ନୁ ହେଲେହେଁ କେବଳ ବିଜ୍ଞାପନ ପଢି ଦେବା ଦେବାର ଆବଶ୍ୟକତା ଅନୁଭବ କରି ଇଚ୍ଛା ବା ଶକ୍ତି ଅନୁସାରେ ଦେବା ପଠାଇ ଦେବାର ଲୋକ ଅତ୍ୟନ୍ତ ବିରଳ । ତହିଁ ପାଇଁ ଅନ୍ୟ ଚେଷ୍ଟା ଓ ଯତ୍ନର ଆବଶ୍ୟକ । ସଙ୍ଗେ କରାଇ ଲୋକଙ୍କର ମନ ମନାଇ ଦେବା ସଂଗ୍ରହର ଚେଷ୍ଟା ହେଲେ ଯେମନ୍ତ ଫଳପ୍ରଦ ହୁଏ ପ୍ରାର୍ଥନା ପତ୍ରଦ୍ୱାରା ତେମନ୍ତ ହୁଏ ନାହିଁ । ଅନ୍ତତଃ ପ୍ରାର୍ଥନାପତ୍ର ପଛେ ପଛେ କେହି୨ ଭଦ୍ରଲୋକ ଦେବା ବହି ଘେନି ନ ବୁଲିଲେ ଉଦ୍ଦେଶ୍ୟ ସଫଳ ହେବା କଠିନ ।

---

# ସାପ୍ତାହିକ ସମ୍ବାଦ ।

## କଲିକତା-ଗେଜେଟ୍ ।

ଫର୍ଲୋ ହୁଟିରେ ଥିବା ପୋଷ୍ଟମାଷ୍ଟରର କର୍ମଚାରୀ ମି, ଟାଇନବ ସାହେବ ଉକ୍ତ ରେଲଓଏର ବୋର୍ଜିନ ଦେଇଥିବା କର୍ମ ରେ ବଦଳି ହେଲେ ।

ଡି, ଆର ମାଲୁଫିନ ସାହେବ ମୃତ ବ୍ଲକସାହେବଙ୍କ ସ୍ଥାନରେ ଦଶମାସ କର୍ମକ୍ଷେତ୍ର ପଦରେ ନିଯୁକ୍ତ ହେଲେ ।

ଅଗ୍ନିତାଡ଼ନେ ବେନ ସାହେବ ଦିନସ୍ ଦେଣୀର ଚିଫ ଏବଂ ସେକ୍ରେଟରୀ ପଦରେ ବାହାଲ ହେଲେ ।

ଜି, ଟେ ଜେନଫର୍ଡନ ସାହେବ ସି. ଏସ. ର ପ୍ରଥମ ଶ୍ରେଣୀର ମାଜିଷ୍ଟ୍ରେଟ ଓ କଲେକ୍ଟର ହେଲେ ।

ଜି, ଆର, ହେଣ୍ଡେରସନ ସାହେବ ଛୁଟି ନେବାରୁ ଡେପୁଟି ଇନ୍ସପେକ୍ଟର ଜେନେରଲ ପୋଲିସ୍ ହବନିଇ, ଭୀ ପ୍ରାଇସ ସାହେବ ପୁଲିସ ଏକ୍ଟିଂ ଇନ୍‌ସ୍ପେକ୍ଟର ଜେନେରଲ ହେଲେ ।

ପ୍ରେସିଡେନ୍ସି କଲେଜର ପ୍ରୋଫେସର ମି: ଏଚ, ଏମ, ପର୍ସିଭାଲ ଢାକା କଲେଜକୁ ବଦଳି ହେଲେ ।

ହୁଗଲି କଲେଜିଏଟ୍ ସ୍କୁଲର ହେଡ଼ମାଷ୍ଟର ବାବୁ ଶ୍ରୀନାଥ ଚନ୍ଦ୍ର ରାୟ ଚୌଧୁରୀ ମି: ଉଇଲସନ୍ କଲେଜଙ୍କ ଛୁଟିକାଳରେ ଉକ୍ତ କଲେଜର ପ୍ରିନ୍ସିପଲ କର୍ମରେ ମୁକରର ହେଲେ ।

Split by PDF Splitter
Digitized by srujanika@gmail.com

Split by PDF Splitter



ସିଭିଲ ଅଫିସର ବାବୁ ଗୌରଶ୍ୟାମ ମହାନ୍ତି ଛୁଟିରେ ବାବୁ ଦେବେନ୍ଦ୍ରନାଥ ବୋଷ ଓ ମୌଲବି ସୟଦ ତାଜମୁଲ ଅଲି ଓଭରସୀୟରେ ପାସ କରିଅଛନ୍ତି ।

ବାଲେଶ୍ୱରର ଡେପୁଟୀ ମାଜିଷ୍ଟ୍ରେଟ ବାବୁ ଭବତାରଣ ଚକ୍ରବର୍ତ୍ତୀ ଫୌଜଦାରୀ କାର୍ଯ୍ୟବିଧିର ଧା ୧୧୦ ଓ ୧୪୪ ଧାର କ୍ଷମତା ପାଇଲେ ।

ବାବୁ ଅଦ୍ୱୈତ ପ୍ରସାଦ ଦେ ଦ୍ୱିତୀୟ ଶ୍ରେଣୀର ମୁନସଫ କାର୍ଯ୍ୟରେ ବାହାଲ ହେଲେ ।

ବାବୁ ଗଗନବେହାରୀ ଚୌଧୁରୀ ବ, ଏଲ ବାଲେଶ୍ୱର କାର୍ଯ୍ୟରେ ମୁତସ୍ତଳ ହେଲା ପରେ ଚତୁର୍ଥଶ୍ରେଣୀର ସବ ପ୍ରୋଟେମ୍ପୋର ମୁନସଫିକର୍ମରେ ସ୍ଥାୟୀ ହେଲେ ।

ନବଲଙ୍ଗର ମୁନସଫ ବର୍ତ୍ତମାନ ଘାଟାଲ ଏବଂ ଝର୍ଜନ ବାବୁ ମନ୍ମଥନାଥ ମୁଖାର୍ଜୀ କଟକଜଜର ଅତିରିକ୍ତ ମୁନସଫ ହେଲେ ମାତ୍ର ବାବୁ ମନ୍ମଥ ନାଥ ମୁଖାର୍ଜୀଙ୍କ ଅନୁପସ୍ଥିତ କାଳରେ ବାବୁ ଗଗନବେହାରୀ ଚୌଧୁରୀ ବ, ଏଲ କଟକ ଜଜର ଅତିରିକ୍ତ ମୁନସଫ ହେଲେ ସେ ବର୍ତ୍ତମାନ ବାଲେଶ୍ୱରରେ କାର୍ଯ୍ୟ କରିବେ ।

କଟକଜଜର ଆଡ଼ିସନାଲ ମୁନସଫ ବାବୁ ବୈଦ୍ୟନାଥ ଘଟକ ମୟମନସିଂହକୁ ବଦଳି ହେଲେ ।

---

ଏ ସପ୍ତାହରେ ବୃଷ୍ଟିର ପରିମାଣ ହଠାତ୍ ଊଣା ଏବ ଅଧିକାଂଶ ସମୟ ପ୍ରକାଶ ନିର୍ମେଘଥିଲା । କଳ ଚାଷମାନେ ବୁଣିବାର ସୁବିଧା ଉପସ୍ଥିତ ହୋଇଥିଲା ସତ ଶୁଷ୍କତାଉପର ଲକ୍ଷ ଦୃଷ୍ଟି ହୋଇଅଛି ।

ଏ ନଗରର ସାଧାରଣ ସ୍ୱାସ୍ଥ୍ୟ ଏ ସପ୍ତାହରେ ଭଲ । ପାନ୍ଦେ ଜ୍ୱର ଏବ ବସନ୍ତ ରୋଗ ଦେଖାଯାଏ ।

ବାଲେଶ୍ୱର ସହରର ଚାରିଦେ ଓଲାଉଠାର ପ୍ରାଦୁର୍ଭାବ ରହିଅଛି ।

କଟକ ଟାଉନ ସ୍କୁଲ ସମୂହର [ଡେପୁଟୀ ଇନସ୍ପେକ୍ଟର ଜ୍ଞାନେନ୍ଦ୍ରଚନ୍ଦ୍ର ନାଗ ସାହେବ ଏହି ମାସ ପ୍ରଥମ ତାରିଖରେ ଗୁରୁଜ ନେଇଅଛନ୍ତି । ଏ ମହାଶୟ ଜଣେ ବାରିଷ୍ଟର । ଏପରି ଯୋଗ୍ୟ ଲୋକ ଏ ପଦରେ କେବେ ଆସି ନ ଥିଲେ । ସମ୍ଭବତଃ ସେ ସର୍ବକାଳ ରହିବେ ନାହିଁ ।

ଗତମାସ ତା ୧୩ ରାତ୍ରରେ ମୁଲତାନଠାରୁ ମା ୨୪ ଗଲ ଦୂରବର୍ତ୍ତୀ ଟିଲବାଇ ନାମକ ରେଲଷ୍ଟେସନଠାରେ ଦୁଇ ରେଲଗାଡ଼ି ଧକ୍କା ଖାଇବାରୁ ନ ୨ ଣ ବ୍ୟକ୍ତି ମୃତ୍ୟୁମୁଖରେ ପତିତ ହୋଇଅଛନ୍ତି । ଟ୍ରେନ୍‌ଗୁଡ଼ିକ କ୍ରମେ ଅଧିକ ଅନିଷ୍ଟ ଘଟନା ହୋଇ ନାହିଁ ।

ବମ୍ବେରୁ ଆସିଥିବା ସମ୍ବାଦରୁ ପ୍ରକାଶ ଯେ ଅଲବନ୍ତ୍ୱାନ ଓ ସ୍ୱଜଦ୍ୱାନମାନଙ୍କ ମଧ୍ୟରେ ଯୁଦ୍ଧ ହୋଇ ଅନେକ ହତ ହୋଇଅଛନ୍ତି । ତୁରସ୍କ ଜାର ସୀମାନ୍ତ ସ୍ଥିତ ବୋଇଟ ପର୍ଯ୍ୟନ୍ତ ସ୍ୱଜଦ୍ୱାନମାନେ ଅଲବନ୍ତ୍ୱାନମାନଙ୍କୁ ତଡ଼ି ନେଇ ଯାଇଥିଲେ ମାତ୍ର ତୁର୍କି ସୀମାରେ ତୁରସ୍କର ଫୌଜ ସେମାନଙ୍କୁ ତଡ଼ିଦେବାରୁ ଯୁଦ୍ଧ ସମାପିତ ହେଲା ।

କ୍ୱେଟାଠାରେ ଜଣେ ପଠାଣ ଜଣେ ଇଂରେଜଙ୍କୁ ବନ୍ଧୁକ ଦ୍ୱାରା ପତ୍ନୀଙ୍କର ହାତ କାଟିଦେଇଥିବାର ସମ୍ବାଦ ମିଳଇ । ପଠାଣ ସାହେବଙ୍କ ଅଧୀନରେ ଚାକିରି କରୁଥିଲା । ମାତ୍ର ତାକୁ ସାହେବ ବରଖାସ୍ତ କରିବାରୁ ଏପରି ଭୟାନକ କାଣ୍ଡ କରିଥିବାର କଥିତ ହୁଏ ।

ପେଶୱାର ଡେପୁଟୀ କମିସନର ସାହେବଙ୍କ କଚେରୀର ହେଡ଼ କିରାଣୀ ଭସ ସାହେବ ନଗର ମାଜିଷ୍ଟ୍ରେଟ ସମ୍ମୁଖରେ ବନ୍ଦ ହୋଇଥିବାରୁ ତାଙ୍କର ଦଶହଜାର ପର୍ଯ୍ୟନ୍ତ ମାସିକ ଏକଶତ ଟଙ୍କା ପେନସନ ପାଉଥିବାର ଶ୍ରୀମତୀ ମହାରାଣୀ ମଞ୍ଜୁର କରିଅଛନ୍ତି । ଭସ ସାହେବ ଯେତେ ପେନସନ ପାଇବା ଯୋଗ୍ୟ ହୋଇଥିଲେ ଏହା ତହିଁ ଅଧିକ ଅଟଇ ।

ମୂଲତାନଠାରେ ଗ୍ରୀଷ୍ମ ଅଧିକ ହୋଇଥିବା ହେତୁ ସେଠାରେ ଏକ ଗୋରା ସିପାହୀ ଗ୍ରୀଷ୍ମ ସହ୍ୟ କରି ନ ପାରି କ୍ଷୁରଦ୍ୱାରା ଆତ୍ମହତ୍ୟା କରିଥିବାର ସମ୍ବାଦ ମିଳଇ । ଗରମି ଯୋଗେ ଆତ୍ମହତ୍ୟା କରିବାର ବୋଧ ହୁଏ ଏହା ପ୍ରଥମ ଉଦାହରଣ ଅଟଇ ।

ବାଇକ ପ୍ରଗଣାର ସରକାରୀ ଉଦ୍ୟାନ ରକ୍ଷକ ବାବୁଙ୍କ ଘରେ ନ ୭ ଣ ଡକାଏତ ପଶି ଲୁଟ କରି ନେବାକୁ ଉଦ୍ୟୋଗ କରୁଥିବା ଅବସ୍ଥାରେ ବାବୁ ସେମାନଙ୍କୁ ତଡ଼ିଦେବା କାରଣ ପ୍ରଥମେ ବନ୍ଧୁକ ଫାଏର କରିଥିଲେ ମାତ୍ର ଡକାଏତମାନେ ତାହା ନ ମାନି ନିକଟବର୍ତ୍ତୀ ହେବାରୁ ବାବୁ ତରବାରି ବ୍ୟବହାର କରିବାରୁ ତଦ୍ଦ୍ୱାରା ଜଣେ ଲୋକ ଆଘାତ ପ୍ରାପ୍ତ ହୋଇ ମୃତ୍ୟୁମୁଖରେ ପତିତ ହୋଇଅଛି ।

ମହାମାରୀ ସମ୍ବନ୍ଧୀୟ ଏକ ସାଧାରଣ ସଭା ହୋଇଥିଲା । ରେଲ କମ୍ପାନୀର ଜଣେ ମିସ୍ତ୍ରୀ ସେଠାରେ ମିଥ୍ୟାରେ ପ୍ଲେଗ ଡାକ୍ତର ପୁଲିସ ସାହାଯ୍ୟରେ ଜଣେ ରୋଗୀ ଲୋକକୁ ବଳପୂର୍ବକ ହାସପାତାଳକୁ ଧରି ନେବାର ଦେଖିଥିବା କଥା ପ୍ରକାଶ କରିବାରୁ ସେହି ମିଥ୍ୟା ଘଟନା ହେବାରୁ ଦଣ୍ଡବିଧି ଆଇନର ୨ ୫ ୫ ଦଫା ମତେ ଅଭିଯୁକ୍ତ ହୋଇ ବିଚାର-ଧୀନରେ ଅଛି ।

ମହାମାରୀ ରୋଗ ଉଦ୍ଭବ କଲିକତାରେ ୪ ହଜାରରୁ ଅଧିକ ଲୋକଙ୍କୁ ଟୀକା ଦେଇଥିବାର ସମ୍ବାଦ ମିଳଇ । ଟୀକା ଦେବାଦ୍ୱାରା ସେଠାରେ ବ ଉପକାର ସାଧିତ ହୋଇଅଛି: ତହିଁର ଏକ ତାଲିକା ପ୍ରସ୍ତୁତ ହେଉଅଛି ।

## କେନ୍ଦ୍ରାପଡ଼ା-ସମ୍ବାଦ ।

ଏଠା ସବ୍‌ରେଜିଷ୍ଟ୍ରାର ଅଫିସର ମୋହରର ରମ୍ଭାନାଥ ମହାନ୍ତି ଏକ ଜାଲ ମୋକଦ୍ଦମାରେ ଅଭିଯୁକ୍ତ ହୋଇ ଦଶବର୍ଷ କାରାବାସ ଦଣ୍ଡପ୍ରାପ୍ତ ହୋଇଥିଲା । ଗତ ସପ୍ତାହରେ କଟକ ଜେଲଖାନାରେ ତାହାର ମୃତ୍ୟୁ ହୋଇଅଛି ।

ଏଠା ହାଇସ୍କୁଲର ହେଡ଼ମାଷ୍ଟର ମଉଲବି ଓୟାଇସଅଲି କଟକ କଲେଜିଏଟ ସ୍କୁଲର ଦ୍ୱିତୀୟ ଶିକ୍ଷକ ନିଯୁକ୍ତ ହେବାରେ ଏଠା ଦ୍ୱିତୀୟ ଶିକ୍ଷକ ମଉଲବି ଜମିରୁଦ୍ଦିନ ମହମ୍ମଦ ହେଡ଼ମାଷ୍ଟର ନିଯୁକ୍ତ ହୋଇଅଛନ୍ତି । ଦ୍ୱିତୀୟ ଶିକ୍ଷକର କର୍ମ ସମ୍ବନ୍ଧେ ଅଦ୍ୟାପି କୌଣସି ବନ୍ଦୋବସ୍ତ ହୋଇ ନାହିଁ ।

ଗତ ସପ୍ତାହରେ ଏଠାରେ ଏକ ଅଦ୍ଭୁତ ଚୋରି ହୋଇଥିଲା । କୌଣସି ଲୋକ ରାତ୍ରିକାଳେ ଏକ ବ୍ରାହ୍ମଣ ଘରେ ପ୍ରବେଶ କରି ସେଠାରେ ଶୋଇଥିବା ଏକମାତ୍ର ବ୍ୟକ୍ତିର ବକ୍ଷସ୍ଥଳ ଉପରେ ଏକଖୋଣ୍ଟା ପଥର ମାଡ଼ିଦେଇ ତାହାର କାର୍ଯ୍ୟ ସମ୍ପନ୍ନ କରିଥିଲା । ତାହାମଧ୍ୟରେ ଅଲ୍ପ ଏକ ଦୋକାନଦାରର ଦୋକାନଘରୁ ପ୍ରାୟ ଏକହସ୍ତ ଟଙ୍କାରୁ ଊର୍ଦ୍ଧ୍ୱ ଚୋରି ହୋଇଥିଲା । ଚୋର ଧୃତ ହୋଇ ଏକବର୍ଷ କାରାବାସ ପ୍ରାପ୍ତ ହୋଇଅଛି ।

ଏଠାର ରଥଯାତ୍ରା ସନ୍ତୋଷଜନକ ରୂପେ ନିର୍ବାହ ହୋଇଅଛି । ପାଗ ଭଲ ଥିବାରୁ ଅନେକ ଯାତ୍ରୀ ହୋଇଥିଲେ । ଗାଡ଼ିଭଡ଼ାରେ ବୃଷ୍ଟିହେତୁ ପାଣିର ଅଭାବ ଊଣା ପଡ଼ିଥିଲା ।

---

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକାସମ୍ପାଦକ ମହାଶୟ ଉଦାରଚରିତେଷୁ ।

ମହାଶୟ !

### ବିଷାଦେ ।

ଛଡ଼ ଆଜ କହ ବାଳା
ପ୍ରାଣର ଅସୀମ ଜ୍ୱାଳା
ହୃଦର ଦାରୁଣ ବ୍ୟଥା ଭୁଲିବୁ କିପରି ?
ଏହି ଶୋକ ଅଶ୍ରୁଧାର,
ଏହି ଦୁଃଖ ହାହାକାର
ଥିଲା କରେ ଅଭାଗିନୀ ! କପାଳେ ଲୋଡ଼ିଲୁ ।
ଏ ସଂସାର ସୁଖ ଦୁଃଖେ,
ଯାହାଙ୍କୁ ଧରିଣ ବକ୍ଷେ;
ଭାବିଥିଲି ପ୍ରାଣ ମନ ସୁଖ-ସିନ୍ଧୁ ଜଳେ; !
ଏବ ଅକ ଅକସ୍ମାତ,
ସେ ସୁଖରେ ବଜ୍ରପାତ
ଦାରୁଣ ଅନଳ ଆଜି ସେ ହୃଦୟେ ଜ୍ୱଳେ ।
ଏ ନୁହେ ଯେ ଲିଭିବାର,
ଜଳୁଥିବ ଅନିବାର,
ଯେତେଦିନ ଥିବ ପ୍ରାଣ ଏ ମର୍ତ୍ତ୍ୟ-ଭୁବନେ;
ହେବ ତେବେ ନିର୍ବାପିତ
ଯେବେ ହୋଇବି ନିଦ୍ରିତ
ଶେଷଦିନେ ଚିର ଶୋଇ ତାଙ୍କ ଅଙ୍କାସନେ ।
(କିନ୍ତୁ) ଯେତେଦିନ ଥିବ ପ୍ରାଣ,
କରିବ ତାଙ୍କର ଧ୍ୟାନ,
ଯଥା ସେ ସାଧକ ଭକ୍ତ ଧ୍ୟେୟ ଦେବତାଙ୍କୁ;
ଜବାନଦି ଅବିରାମ,
ଡାକେ ତାର ପ୍ରାଣାରାମ
ଭେଟିବେ ତାଙ୍କ ମୋର ଏ ପ୍ରାଣ ତାହାଙ୍କୁ ।

ଶ୍ରୀମତୀ ରେବାରାୟ
କଟକ ।

---

ମହାଶୟ !

ହିନ୍ଦୁଜାତିର ବିପୁଳ କୀର୍ତ୍ତି ଏହି ଭୁବନେଶ୍ୱରସ୍ଥ କେଦାରଗୌରୀ କ୍ଷେତ୍ରର ସ୍ୱଚ୍ଛସଲିଳ ନିର୍ଝର ବିଶିଷ୍ଟ ପ୍ରାଚୀନ ପାଞ୍ଚଗୋଟି କୁଣ୍ଡର ବହୁକାଳ ସଂସ୍କାରାଭାବରୁ ପଙ୍କିଲ ଓ ଭଗ୍ନକଳେବରାବସ୍ଥା ଅବଲୋକନ କରି ପୁରୀର ଭୂତପୂର୍ବ ଡେପୁଟି ମାଜିଷ୍ଟ୍ରେଟ ବାବୁ ଶ୍ରୀଶଶୀଭୂଷଣ ମୁଖାର୍ଜି ମହାଶୟ ନିଜ ଉଦାରତାରେ ବହୁ ଉଦ୍ୟମ ସହିତ କେତେକ ଟଙ୍କା ଚାନ୍ଦା ସଂଗ୍ରହ କରିଥିଲେ । କିନ୍ତୁ ଟଙ୍କା ମାନ୍ୟବର ଶ୍ରୀଯୁକ୍ତ ହରଚନ୍ଦ୍ର ଘୋଷ ବାଃ ଏଃ ଉକିଲ ମହାଶୟଙ୍କ ଜିମ୍ମାଧୀନରେ ଅଛି । ସଂସ୍କାର କାର୍ଯ୍ୟରେ ବିଶେଷ ଅର୍ଥ ବ୍ୟୟର ଆବଶ୍ୟକ ହେତୁ ଯଥେଷ୍ଟ

Digitized by srujanika@gmail.com

ଅର୍ଥାଭାବରୁ ଅବଶ୍ୟ ଉକ୍ତ ସଂସ୍କାର କାର୍ଯ୍ୟ ଆରମ୍ଭ ହୋଇ ନ ଥିଲା । ମାତ୍ର ଗତତ ସନ ବଗତ ବସନ୍ତପଞ୍ଚମୀ ଦିବସ ମାନ୍ୟବର ଶ୍ରୀଯୁକ୍ତ ହରଚନ୍ଦ୍ର ଘୋଷ ବାଃ ଏଃ ମହାଶୟ ଏ ଭୁବନେଶ୍ୱର କ୍ଷେତ୍ରକୁ ଆଗମନ କରି ଉପରୋକ୍ତ କୁଣ୍ଡମାନଙ୍କର ସଂସ୍କାର କାର୍ଯ୍ୟ ଆରମ୍ଭ କରିବା ସକାଶେ ଅହିଟଦ୍ୟ କାନୁନଗୋ ବାବୁ ଶ୍ରୀ ବନମାଳୀ ଦାସ, ସ୍କୁଲ ହେଃ ପଣ୍ଡିତ ବାବୁ ନୀଳକଣ୍ଠ ମିଶ୍ର ଓ ପୁଲିସ ସଃ ଇଃ ବାବୁ ନାରାୟଣମହାନ୍ତି ମହାଶୟମାନଙ୍କ ହସ୍ତରେ ଉକ୍ତ କାର୍ଯ୍ୟର ଭାର ଦେଇ ଯାଇଅଛନ୍ତି । ଶ୍ରୀଯୁକ୍ତ ହରଚନ୍ଦ୍ର ଘୋଷ ମହାଶୟଙ୍କର ଯଶୋରାଶି ଅଛ ଏ ଉତ୍କଳରେ ଅବିଦିତ ନାହିଁ, ଏହି ମହାତ୍ମାଙ୍କ ଯତ୍ନ ଓ ପରିଶ୍ରମରେ ବହୁ କାର୍ଯ୍ୟମାନ ସାଧିତ ହୋଇଅଛି ଓ ହେଉଅଛି, ପୁରୀର ଶ୍ରୀମନ୍ଦର ସଂସ୍କରଣ ଓ ସନ୍ଧ୍ୟବାଗ ମନ୍ଦିରର ସୁବନ୍ଦୋବସ୍ତାଦି କରଣ କାର୍ଯ୍ୟମାନ ଏ ମହାତ୍ମାଙ୍କର ଯତ୍ନର ଅକ୍ରାନ୍ତ ପରିଶ୍ରମର ଓ ଜ୍ୱଳନ୍ତ ଉଦାହରଣ ଅଟେ । ଜଗଦୀଶ୍ୱର ତାହାଙ୍କୁ ଦୀର୍ଘଜୀବୀ କରିବାଦ୍ୱାରା ଉତ୍କଳର ଏତାଦୃଶ ମହତ୍ କାର୍ଯ୍ୟମାନ ସାଧନ କରନ୍ତୁ ଏହାହିଁ ଏକାନ୍ତ ପ୍ରାର୍ଥନା ।

ପ୍ରଥମତଃ ଶ୍ରୀଯୁକ୍ତ କାନୁନଗୋ ବାବୁ ବନମାଳୀଦାସ ମହାଶୟଙ୍କ ଯତ୍ନରୁ ଉକ୍ତ କେଦାର ଗୌରୀଙ୍କର ଜୀର୍ଣ୍ଣୋଦ୍ଧାର ସଂସ୍କାର କାର୍ଯ୍ୟ ଆରମ୍ଭ ହୋଇ ଏକକୋଟି କୁଣ୍ଡର ପଙ୍କୋଦ୍ଧାର ଓ ଜୀର୍ଣ୍ଣ ସଂସ୍କରଣ କାର୍ଯ୍ୟ କରାଯାଇ ଅପର ଏକକୁଣ୍ଡର କାର୍ଯ୍ୟାରମ୍ଭ ହୋଇଥିଲା ଏହି ସମୟରେ ଉକ୍ତ କାନୁନଗୋ ବାବୁ ମହାଶୟ ପୁରୀର ସ୍ପେଶାଲ କାନୁନଗୋ କାର୍ଯ୍ୟରେ ନିଯୁକ୍ତ ହୋଇ ପୁରୀ ମୁକାମକୁ ବାହାରିଯିବାରୁ ଉକ୍ତ ସଂସ୍କାର କାର୍ଯ୍ୟ ବର୍ତ୍ତମାନ ଉକ୍ତ ହେଃ ପଣ୍ଡିତ ବାବୁ ନୀଳକଣ୍ଠ ମିଶ୍ର ଓ ସଃ ଇଃ ବାବୁ ନାରାୟଣ ମହାନ୍ତି ମହାଶୟମାନଙ୍କ ତତ୍ତ୍ୱାଧୀନରେ ନିର୍ବାହିତ ହେଉଅଛି । ମାତ୍ର ଯଥେଷ୍ଟ ଅର୍ଥାଭାବ ହେତୁ ପ୍ରୋକ୍ତ କାର୍ଯ୍ୟଟି ପୂର୍ଣ୍ଣାଙ୍ଗରୂପେ ନିର୍ବିଘ୍ନେ ନିର୍ବାହ ହେବାର ଆଶା କରାଯାଇ ପାରୁନାହିଁ । ଏଣୁ ଉତ୍କଳର ସମସ୍ତ ସହୃଦୟ ମହାତ୍ମାମାନଙ୍କ ନିକଟରେ ପ୍ରାର୍ଥନା ଏହି ଯେ ଉକ୍ତ କୀର୍ତ୍ତିର ସଂରକ୍ଷଣପକ୍ଷେ କିଛି୨ ଚାନ୍ଦା ଦାନ କରି ଉକ୍ତ ସଂସ୍କାର କାର୍ଯ୍ୟଟି ପୂର୍ଣ୍ଣାଂଶରେ ନିର୍ବାହିତ କରାଇ ସ୍ୱଦେଶ ପ୍ରେମିକତାର ପରିଚୟ ଦାନରେ କୃତାର୍ଥ ହେଲେ ଉପରୋକ୍ତ ମହତ୍ କାର୍ଯ୍ୟ ନିର୍ବିଘ୍ନେ ସମ୍ପାଦିତ ହୋଇପାରିବ ।

ଚାନ୍ଦାଦାତାମାନେ ଯେ ଯାହା ଦାନ କରିବେ ତାହା ମାନ୍ୟବର ପୁସ୍ତକ ଉକ୍ତ ବାବୁ ଶ୍ରୀ ହରଚନ୍ଦ୍ର ଘୋଷ ବାଃ ଏଃ ମହାଶୟ ଅଥବା ସବଡିଭିଜନ କାନୁନଗୋ ବାବୁ ବନମାଳୀଦାସ ମହାଶୟ କମ୍ବା ଏହି ଭୁବନେଶ୍ୱର ସ୍କୁଲ ହେଃ ପଣ୍ଡିତ ବାବୁ ନୀଳକଣ୍ଠ ମିଶ୍ର ମହାଶୟଙ୍କ ନିକଟକୁ ପ୍ରେରଣ କରିବେ ।

ଉକ୍ତ ସଂସ୍କାର କାର୍ଯ୍ୟ ସକାଶ ବର୍ତ୍ତମାନ ଯେତେ ଟଙ୍କା ସଂଗ୍ରହ ହୋଇ କାର୍ଯ୍ୟ କରାଯାଉଅଛି ତାହା ନିମ୍ନେ ପ୍ରକଟିତ ହେଲା ।

ଉକ୍ତ ପଞ୍ଚୀବରୁ ମହାଶୟଙ୍କ ଉକ୍ତ ଚାନ୍ଦା ବାବଦରୁ ହରଚନ୍ଦ୍ର ବାବୁ ମହାଶୟ ନିଜ ହସ୍ତରୁ ଓ ପ୍ରିୟନାଥ ବାବୁ ମହାଶୟଙ୍କଠାରୁ ଦେବାର ଟ ୨୦୦ କା ୯ ( ଦୁଇଶତ ଟଙ୍କା )

ଉକ୍ତ ପଞ୍ଚୀବାବୁଙ୍କ ଚାନ୍ଦା ବ୍ୟତୀତ ବର୍ତ୍ତମାନ ସହୃଦୟ ବ୍ୟକ୍ତିମାନେ ଦେଇଥିବା ଚାନ୍ଦା ନିମ୍ନେ ପ୍ରକଟିତ ହେଲା । ଯଥା—

ବାବୁ ବନମାଳୀ ଦାସ ସଦର
କାନୁନଗୋ ପୁରୀ ଟ ୫
„ ପଣ୍ଡିତ ବ୍ରଜସୁନ୍ଦର ଦାଳଗଳୀ କଟକ ଟ ୫
„ ଭକ୍ତାମଣି ପଟ୍ଟନାୟକ ଭଣ୍ଡାହାଟ୍ଟା ଟ ୨
„ ଅନନ୍ତ ଚରଣ ମହାନ୍ତି
ଇଂଲିଜ ଟ୍ରେନିଂ ମୋହରିର ଟ ୧
„ ନୀଳକଣ୍ଠ ମିଶ୍ର ହେଃ ପଣ୍ଡିତ
ଭୁବନେଶ୍ୱର ସ୍କୁଲ ଟ ୧
„ ମିତ୍ରୁ ନନ୍ଦ ହେଃ ପଣ୍ଡିତ କଟକ
ଟ୍ରେନିଂ ସ୍କୁଲ ଟ ୧
„ କାଳିନ୍ଦୀ କୁମାର ଦାସ କନେଷ୍ଟବଲ
ଭୁବନେଶ୍ୱର ଟ ୧
„ ଅର୍ଜ୍ଜୁନ ଦାସ ହେଃ ପଣ୍ଡିତ
ଭଣ୍ଡାହାଟ୍ଟା ସ୍କୁଲ ଟ ୦ ୪
„ ଭୁବନାନନ୍ଦ ପଟ୍ଟନାୟକ ସଙ୍ଗରକାର ଟ ୦ ୪
„ ରତ୍ନାକର ଗର୍ଗବଡୁ ଭୁବନେଶ୍ୱର ଟ ୦ ।

ସର୍ବମୋଟ ଟ ୨୧୬ ।

ସଂଗ୍ରହ ହୋଇ କାର୍ଯ୍ୟ କରା ଯାଉଅଛି ।

ଆଉ କେତେକ ସହୃଦୟ ମହାତ୍ମାମାନେ ଯାହା୨ ଚାନ୍ଦା ଟଙ୍କା ସ୍ୱାକ୍ଷର କରିଅଛନ୍ତି ତାହା ସବୁ ଆଦାୟ ହୋଇ ନ ଥିବାରୁ ପ୍ରକାଶିତ ହେଲା ନାହିଁ । ଆଦାୟ ପରେ ଯଥା ସମୟରେ ସେସବୁ ଏହି ଉତ୍କଳଦୀପିକା ପତ୍ରିକାରେ ପ୍ରକାଶିତ ହେବ ।

ପ୍ରକାଶ ଥାଉ ଯେ ମାନ୍ୟବର ସବଡିଭିଜନାଲ ଅଫିସର ମହାଶୟ ସପରିବାରରେ ଏହି ଭୁବନେଶ୍ୱର ମୋକାମକୁ ଆସି ଉକ୍ତ କୁଣ୍ଡମାନଙ୍କର ଜୀର୍ଣ୍ଣସଂସ୍କାର କାର୍ଯ୍ୟ ହେଉଥିବାର ପରିଦର୍ଶନ କରି ନିଜେ କେତେକ ଟଙ୍କା ଚାନ୍ଦା ସ୍ୱଜଧାନୀଠାରୁ ପଠାଇବାକୁ କହି ଯାଇଅଛନ୍ତି ।

ଭୁବନେଶ୍ୱର } ନିବେଦନ
୨୮ । ୬ । ୯୮ } ଶ୍ରୀ ରତ୍ନାକର ଗର୍ଗବଡୁ

## ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ କାଳୁଚରଣ ଦାସ | ଟ ୩ ୯ |
| „ ଗୋପବନ୍ଧୁ ଦାସ | ଟ ୩ ୯ |
| „ ଚନ୍ଦ୍ରମୋହନ ମହାରଣା | ଟ ୧ ୯ |
| କ୍ଲେରକେଣ୍ଡ ଣ୍ଟା, ବେଲ ସାହେବ | ଟ ୩ ୪ |
| ବାବୁ ଦାମୋଦର ପାତ୍ର,ସ୍ୱ | ଟ ୧ ୯ |
| „ ସୁଧାକର ଘୋଷ | ଟ ୧ ୯ |
| „ ଚନ୍ଦ୍ରଶେଖର ଦାସ | ଟ ୧ ୯ |
| „ ଲମ୍ବୋଦର ପଟ୍ଟନାୟକ ଟେଲାଙ୍ଗ | ଟ ୩ ୯ |


## ବିଜ୍ଞାପନ ।

କେନ୍ଦ୍ରାପଡ଼ା ଥାନାର ଅନ୍ତର୍ଗତ ଶ୍ରୀ ଶ୍ରୀ ବଳଦେବ ଜୀଉଙ୍କ ମଠରେ ଟୋଲ ସକାଶେ ଏକଜଣ ଅଧ୍ୟାପକ ପଣ୍ଡିତର ଆବଶ୍ୟକ ବ୍ୟାକରଣ, କାବ୍ୟ, ସ୍ମୃତି, ନ୍ୟାୟ, ଅଲଙ୍କାର ବେଦାନ୍ତ, ସାଙ୍ଖ୍ୟ ଇତ୍ୟାଦି ପଢ଼ାଇବାକୁ ହେବ ବେତନ ମାସିକ ଟ ୨୫ ୯ କାଠାରୁ ତିରିଶ ଟଙ୍କା । ମଠରେ ଅହାର ଓ ବସା କରିବାର ସ୍ଥାନ ଦିଆ ଯିବ । ଆବେଦନ କାରୀମାନେ ଉପରି ଉକ୍ତ ବିଷୟମାନର ପାରଦର୍ଶିତା ବିଷୟର ପ୍ରଶଂସାପତ୍ର ସହିତ ନିମ୍ନ ଲିଖିତ ସ୍ୱାକ୍ଷରକାରୀଙ୍କଠାରୁ ଆପଣା ଆବେଦନପତ୍ର ପଠାଇବେ ଏବଂ ସେମାନଙ୍କ ଆବେଦନପତ୍ର ଗତତ ଜୁଲାଇ ମାସ ତା ୧୫ ରିଖ ପର୍ଯ୍ୟନ୍ତ ଗୃହୀତ ହେବ । ସ୍ୱାକ୍ଷର

ତା ୨୭ ଇଙ୍ଗ ଜୁଲାଇ } ଶ୍ରୀ ଶଶିଭୂଷଣ ଚଟ୍ଟୋପାଧ୍ୟାୟ
ସନ ୧୮୯୮ ମସିହା } ଶ୍ରୀ ବଳଦେବ ଜୀଉଙ୍କ । କମେଷ୍ଟୀ ମେମ୍ବର କେନ୍ଦ୍ରାପଡ଼ା ଡାକଘର । ଜି କଟକ

କର୍ମଖାଲି—

ଆଠମଲ୍ଲିକ ଜିଲ୍ଲା ମଣ୍ଡାପଡ଼ା ଆଉଟ ପୋଷ୍ଟର ହେଡ଼ କାଃ ପଦ କାର୍ଯ୍ୟ ଖାଲି ଅଛି । ମାସିକ ବେତନ ଟ ୧୦ ୯ ନିମ୍ନ ସ୍ୱାକ୍ଷରକଙ୍କ ନିକଟରେ ଗତତ ମାସ ତା ୨୦ ରିଖ ମଧ୍ୟରେ ଆବେଦନ କରିବାକୁ ହେବ ।

ଆଠମଲ୍ଲିକ } ଶ୍ରୀମନ୍ ମହାରାଜ
୫।୭।୯୮ } ବ ଆଠମଲ୍ଲିକ


Digitized by srujanika@gmail.com

ଏତଦ୍ଦ୍ୱାରା ସମସ୍ତ ପଠନେଚ୍ଛୁକ ମାନଙ୍କୁ ଜଣାଇ ଦିଆଯାଉଅଛି ଯେ କେନ୍ଦ୍ରାପଡ଼ା ଥାନାର ଅନ୍ତର୍ଗତ ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ମଠ ଟୋଲରେ ବ୍ୟାକରଣ, କାବ୍ୟ, ସ୍ମୃତି, ନ୍ୟାୟ, ଅଲଙ୍କାର, ବେଦାନ୍ତ, ସାଂଖ୍ୟ ଇତ୍ୟାଦି ଶିକ୍ଷା ଦିଆଯିବ ପଠନେଚ୍ଛୁକମାନେ ଆଗତ ଅଗଷ୍ଟ ମାସରେ ଉପସ୍ଥିତ ହେବେ ।

ସ୍ୱାକ୍ଷର

ତା୨ରଣ ଜୁଲାଇ ସନ୧୮୯୮ ମସିହା | ଶ୍ରୀ ଶ୍ରୀକୃଷ୍ଣ ଚଟ୍ଟୋପାଧ୍ୟାୟ ଶ୍ରୀ ବଳଦେବ ଜୀଉଙ୍କ କମେଟୀ ମେମ୍ବର କେନ୍ଦ୍ରାପଡ଼ାଥାନା । ଜି । କଟକ

ଯେହେତୁ କଟକଜିଲ୍ଲା ଅନ୍ତର୍ଗତ ସଦରଥାନା । ବ । ଛମପଡ଼ା ଅନ୍ତର୍ଗତ । ମୌ । ଭଗିପୁରରେ ଏକଗୋଟା ନୂତନ କାଞ୍ଜିହାଉସ ହେବାର ମଞ୍ଜୁର ହୋଇଅଛି ଉକ୍ତ କାଞ୍ଜିହାଉସ ସନ ୧୮୯୮ ମସିହା ଯୁଲାଇ ମାସର ତା ୧୦ରଖ ଠାରୁ ସନ ୧୯୦୧ ମସିହା ମାର୍ଚ୍ଚମାସ ତା ୩୧ ରଖ ପର୍ଯ୍ୟନ୍ତ ୨୬୮।୧୫ ଦିନ ନିମନ୍ତେ ସନ ୧୮୯୮ ମସିହା ଯୁଲାଇ ମାସ ତା ୧୩ ରଖ ରୋଜ ବୁଧବାର ଦିବା ଘ ୧୨ ଟା ସମୟରେ କଟକ ସଦର ଲୋକେଲବୋର୍ଡ଼ ଅଫିସରେ ଶ୍ରୀଯୁକ୍ତ ଚେୟାରମେନ ବାହାଦୂରଙ୍କ ସମ୍ମୁଖରେ ଡିକାଗିୟ ଡାକନିଲାମଦ୍ୱାରା ଏ ଇଜରା ବନ୍ଦୋବସ୍ତ କରାଯିବ ଅତଏବ ଏତଦ୍ଦ୍ୱାରା ଏ ସର୍ବସାଧାରଣଙ୍କୁ ଜଣାଇ ଦିଆ ଯାଉଅଛି ଯେ ଯେଉଁମାନେ ଡାକନିଲାମରେ ଇଜାରା ନେବାକୁ ଇଚ୍ଛା କରନ୍ତି ସେମାନେ ଉକ୍ତ ଉପରଲିଖିତ ନିରୂପିତ ତାରିଖରେ ନିଲାମସ୍ଥାନରେ ଉପସ୍ଥିତ ହୋଇ ଡାକନିଲାମରେ ଇଜାରା ନେଇପାରିବେ ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ହେବ ଓ ଯାହାପ୍ରତି କୌଣସି ଆପତ୍ତି ନ ଥିଲେ ତାଙ୍କର ଡାକରେ ନିଲାମ ସ୍ଥିର କରାଯିବ ନିଲାମ ଗୃହୀତା ତତ୍କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ସ୍ଥିର ହେଲାକ୍ଷଣି ନିଲାମୀ ଜରସଂ ନକଦ ଚତୁର୍ଥାଂଶ ଜାମିନସ୍ୱରୂପ ଅବିଲମ୍ବେ ଦାଖଲ କରିବେ ବାକି ଜରସମନ ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବାମାତ୍ରେ ଦାଖଲ ନ ହେଲେ ସ୍ଥାନ ନିଲାମ ଚଢ଼ାଯିବ ଓ ପ୍ରତ୍ୟେକ ଦ୍ୱାଂଃରର ଖଜଣା ସେହି ଦ୍ୱାଂରର ପ୍ରଥମ ତାରଖରେ ଅଗ୍ରୀମ ଦେବାକୁ ହେବ ନ ଦେଲେ ତହିଁର ଯେ କ୍ଷତି ହେବ ତାହା ଇଜାରଦାରଙ୍କୁ ଦେବାକୁ ହେବ ନିଲାମ

ସ୍ଥିର ହେଲାରୁ ଗୃହୀତା ନମୁନିଆ ଷ୍ଟାମ୍ପ କାଗଜରେ ବୋର୍ଡ ଚେୟାରମେନଙ୍କ ନିରୂପିତ ସର୍ତ୍ତଅନୁସାରେ ସ୍ୱଇଚ୍ଛାମତ କବୁଲିୟତ ଲେଖିଦେଇ ରେଜଷ୍ଟାରୀ କରି ଦେବେ ଉପରୋକ୍ତ ନିଲାମ ଆଦି ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲବୋର୍ଡ଼ ଅଫିସରେ ହାଜର ହୋଇ ବୁଝିପାରିବେ ।

M. Das.
*Vice Chairman*
*Sudder Local Board.*

---

## ଦୀର୍ଘକାଳର ପରୀକ୍ଷିତ ।

# ଯାଦୁର ଅବ୍ୟର୍ଥ ମହୌଷଧ ।

ସର୍ବପ୍ରକାର ଦଦ୍ରୁ ରୋଗର ଏହାପରି ତୀକ୍ଷ୍ଣ ଫଳପ୍ରଦ ଔଷଧ ଆଉ ଦ୍ୱିତୀୟ ଦେଖାଯାଇ ନାହିଁ।

ମୂଲ୍ୟ ପ୍ରତିଡ଼ବା ଟ ୦ ।୵ ଛଅଣା । ମାଶୁଲ ଓ ଭିଃ ପିଃ ଖର୍ଚ୍ଚା ସ୍ୱତନ୍ତ୍ର । ଏକତ୍ରରେ ଅଧିକ ନେଲେ ବିଶେଷ ସୁବିଧା ଅଛି ।

ଏହି ଔଷଧର ବିଶେଷ ଗୁଣ ଏହିକି ବନା ଜ୍ୱାଳା ଯନ୍ତ୍ରଣାରେ କେବଳ ଦୁଇ ତିନି ଦିନ ମଧ୍ୟରେ ଯେତେ କଠିନ ଅସାଧ ଦଦ୍ରୁରୋଗ ହେଉ ନା କାହିଁକି; ଫଳ ନ ଦେଖାଇ ଛାଡ଼ିବ ନାହିଁ । ଏହେତୁ ଯାଦୁରୋଗଗ୍ରସ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କୁ ସାହସ କରି କୁହାଯାଇପାରେ; ଅନ୍ତତଃ ଥରେ ହେଲେ ଏହାକୁ ପରୀକ୍ଷା କରି ଦେଖିବାକୁ କଦାପି ଉପେକ୍ଷା ନ କରନ୍ତୁ। କ୍ଷତି କିଛିମାତ୍ର ନାହିଁ ବରଂ ଅଶେଷ ଉପକାରର ସମ୍ଭାବନା ଅଛି । ଶତ ଶତ ବ୍ୟକ୍ତି ଏଥିରେ ରୋଗ ମୁକ୍ତ ହୋଇ ସ୍ୱ ଇଚ୍ଛାରେ ଏହାର ଉପକାରିତା ସ୍ୱୀକାର କରି ପ୍ରଶଂସା ପତ୍ରମାନ ଦେଉଅଛନ୍ତି ।

### ବିଶେଷ ଦ୍ରଷ୍ଟବ୍ୟ ।

ଯେ କେହି ଔଷଧ ପାଇଁ ପ୍ରାର୍ଥୀ ହେବେ ସେ ଯେମନ୍ତ ଆପଣାର ନାମ, ଧାମ ଡାକଘର ଜିଲ୍ଲା ଏବଂ ଔଷଧ କେତେ ଡବା ନେବେ ଏମାନ ସ୍ପଷ୍ଟରୂପେ ଲେଖିବାକୁ କଦାପି ଭୁଲିବେ ନାହିଁ ।

ପ୍ରାପ୍ତିସ୍ଥାନ
ଶ୍ରୀ ରାମତାରକ ସେନ
ଦେଶ ଉତ୍କଳପ୍ରେସ, ବାଲେଶ୍ୱର ।

---

# ବିଜ୍ଞାପନ ।

ଶୂଦ୍ରମୁନି ଶାରଳାଦାସଙ୍କର ଅଷ୍ଟାଦଶପର୍ବ ସଚିତ୍ର

## ମହାଭାରତ ।

ଏହା ଓଡ଼ିଶାବାସିଙ୍କର ଅପରିଚିତ ଗ୍ରନ୍ଥ ନୁହେ । ଏହାକୁ ଭକ୍ତିପୂର୍ବକ ଶ୍ରବଣ ଓ ପାଠ କରି ଲୋକେ ଅଭିଳଷିତ ସୁଫଳ ପ୍ରାପ୍ତ ହେଉଥିବାରୁ ଏହାର ଆଦର ଯେମନ୍ତ ଅଧିକ ଗ୍ରନ୍ଥ ପ୍ରାପ୍ତିର ଅଭାବ ତତୋଽଧିକ ଅତଏବ ପୁସ୍ତକବିକ୍ରେତା ଶକ କମ୍ପାନୀ ଏଥିର ମୁଦ୍ରାଙ୍କନ ବିଷୟରେ ଦୃଢ଼-ସଙ୍କଳ୍ପ ହୋଇଅଛନ୍ତି ଅତଏବ ଉକ୍ତ ଅଭାବ ପୂରଣ ହେବାର ସମ୍ଭବ ।

ଏହା ଅତଏବ ବୃହତ ଗ୍ରନ୍ଥ ଏଥିର ମୂଲ୍ୟ ସୁଲଭ କରିବାରେ ତ୍ରୁଟି ହେବ ନାହିଁ । ସୁନ୍ଦର ସୁନ୍ଦର ଚିତ୍ର ମଧ୍ୟ ଦିଆ ଯାଇଅଛି ଓ ପ୍ରତ୍ୟେକ ଖଣ୍ଡରେ ସ୍ଥାନବିଶେଷରେ ଦିଆ ଯିବ । ସାଧାରଣଙ୍କ ସୁବିଧା ନିମିତ୍ତ ଏକ ଏକ ପର୍ବ ବିକ୍ରୟ ହେବ । କମେ‌ଠ କ୍ରୟ କଲେ ମୂଲ୍ୟ ଦେବାର କାହାରିକି ବାଧିବ ନାହିଁ । ବର୍ତ୍ତମାନ ସଚିତ୍ର କର୍ଣ୍ଣ, ଶଲ୍ୟ, ଗଦା ଓ କାଇଁଶିକାପର୍ବ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ।

| | | | |
|---|---|---|---|
| କର୍ଣ୍ଣପର୍ବ | ଟ ୦ ।୵ | ଡାକମାସୁଲ | ଟ ୦୧୬ |
| ଶଲ୍ୟପର୍ବ | ଟ ୦ ।୵ | ,, | ଟ ୦୧୬ |
| ଗଦାପର୍ବ | ଟ ୦ । | ଡାକମାସୁଲ | ଟ ୦୧୬ |
| କାଇଁଶିକାପର୍ବ | ଟ ୦ ।/ | ,, | ଟ ୦୧୬ |
| ନାରୀ ଓ ଶାନ୍ତିପର୍ବ | ଟ ୦ ।୵ | ,, | ଟ ୦୧୬ |

---

ଆମ୍ଭର ଗୋଟିଏ ସଦାବର୍ତ୍ତ ଅଛି ସେଠାରେ ଯେଉଁ ଦୁଃଖୀ ଦରିଦ୍ର ପଥିକ ଓ ସାଧୁ ବୈଷ୍ଣବମାନେ ଉପସ୍ଥିତ ହୁଅନ୍ତି ସେମାନଙ୍କ ଭୋଜନସାମଗ୍ରୀ ଏବଂ ସ୍ତ୍ରାଖର୍ଚ୍ଚ ବିବେଚନା ମତେ ଦିଆଯାଏ । ବର୍ତ୍ତମାନ କେତେକଦିନ ହେଲା ଏହି ସଦାବର୍ତ୍ତକୁ ବିଶେଷ ଅଭ୍ୟାଗତ ଆସୁ ନ ଥିବାରୁ ଆମ୍ଭେ ନିତାନ୍ତ ଚିନ୍ତିତ ଅଟୁଁ । ଏତଦ୍ଦ୍ୱାରା ତୀର୍ଥବାସି ସାଧୁ ବୈଷ୍ଣବମାନଙ୍କ ପାଦପଦ୍ମରେ ଜଣାଉଅଛୁ କି ସେମାନେ ତୀର୍ଥକୁ ଯିବା ସମୟରେ ଆମ୍ଭର ଏହି ସଦାବର୍ତ୍ତକୁ ଆଗମନ କଲେ ଆମ୍ଭର ସାଧ ଅନୁସାରେ ସେମାନଙ୍କର ଚର୍ଚ୍ଚା କରି ଅପଣାର ଜୀବନକୁ ଚରିତାର୍ଥ କରିବୁ । ଇତି ୧୦।୭।୯୮

ଶ୍ରୀ ମହାଜନ ଦାନ ସାହୁ
। ସା । ଜଳସର ବ୍ରହ୍ମପୁର । ଥ୍ରୀ । ବରୁଆ
ଯାଜପୁର ସଃ ଡିବିଜନ
ଜିଲ୍ଲା କଟକ

---

ବିଶେଷ ସ୍ମରଣ ।

## ସବଳ-ଶରୀର ରକ୍ଷା ।

ପରିବର୍ତ୍ତିତ ଓ ନୂତନ ଚିତ୍ରପ୍ରଦତ୍ତ ।

ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଅମ୍ଭ ଲୁତ ଉପରୋକ୍ତ ପୁସ୍ତକ, ବେଙ୍ଗଲଗଭର୍ଣ୍ଣ

Split by PDF Splitter



ମେଣ୍ଟ ପ୍ରମୁଖ ଶିକ୍ଷାବିଭାଗୀୟ ଡାଇରେକ୍ଟର ସାହେବଙ୍କ କର୍ତ୍ତୃକ ଅନୁମୋଦିତ ହୋଇ ଉତ୍କଳ ଶିକ୍ଷା ବିଭାଗୀୟ ଇନ୍ସପେକ୍ଟର ମହୋଦୟଙ୍କ କର୍ତ୍ତୃକ ସମସ୍ତ ଉତ୍କଳର ଅପରପ୍ରାଇମେରୀ ଏବଂ ଲୋଅର ପ୍ରାଇମେରୀ ବିଦ୍ୟାଳୟ ସମୂହରେ ପାଠ୍ୟ ପୁସ୍ତକରୂପେ ନିର୍ଦ୍ଦିଷ୍ଟ ହୋଇ ପ୍ରଚଳିତ ହେଉଅଛି । ଏହି ପୁସ୍ତକ ବର୍ତ୍ତମାନ କଟକ-ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ଶ ୧୫୦୦୦ ଖଣ୍ଡ ଛପା ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ପ୍ରତିଖଣ୍ଡର ମୂଲ୍ୟ ଦୁଇଅଣା ।

ସରଳ ଶରୀରରକ୍ଷାର ପ୍ରଶ୍ନୋତ୍ତର ପ୍ରତିଖଣ୍ଡର ଛଅପଇସା

ଓଡ଼ିଶ୍ୟାସ୍କୁଲ ମେଡିକେଲ ହଲ ବାଲୁବଜାରକଟକ } ଡାକ୍ତର ଶ୍ରୀ ସମ୍ଭୁପ୍ରସାଦ

## ଧ୍ରୁବଲୀଳା ।

ଅଦ୍ୟପର୍ଯ୍ୟନ୍ତ ଯେତେ ପୁଥିଙ୍ଗବନ୍ଧ ବାହାରି ଅଛି ତନ୍ମଧ୍ୟରେ ଏମନ୍ତ ବହି ଦେଖାଯାଇ ନାହିଁ ଏହା ସର୍ବୋତ୍କୃଷ୍ଟ ବୋଇଲେ ଅତ୍ୟୁକ୍ତି ହେବ ନାହିଁ ୧୦୬ ପୃଷ୍ଠାରେ ଧ୍ରୁବ ଜନ୍ମଠାରୁ ଧ୍ରୁବଲୋକ ଗମନପର୍ଯ୍ୟନ୍ତ ନାନାବିଧ ସୁଅଙ୍ଗ ସୁଲଳିତ ରାଗରେ ଗଣିତରେ ପୂର୍ଣ୍ଣ, ପାଠକେ ଥରେ ପାଠ କଲେ ଏଥିର ମର୍ମ ଜାଣିପାରିବେ ବିଶେଷ ଲେଖିବା ବାହୁଲ୍ୟ ।

କଟକପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ଏଥିର ମୂଲ୍ୟ ଟ ୦ ।୶

ମୋଫସଲ ଗ୍ରାହକଙ୍କୁ ମୂଲ୍ୟ ଟ ୦ ।୬ ଡାକମାସୁଲ ପଡ଼ିବ ।

ବାମନଦ୍ୱିବେଦ ।



ସିଲଭରକେଶ ମୂଲ୍ୟ ଟ ୧୬ ୧

ଗ୍ରାହକେ କଲିକତା ସହରରେ ଏଠାରେ ଆଣି ପାରିବେ ଏହାଛଡ଼ା ନାନାପ୍ରକାର ଘଡ଼ି ଅମ୍ଭ ଦୋକାନରେ ବିକ୍ରୀପାଇଁ ମହଜୁଦ ଅଛି ।

ଯାହାଙ୍କର ଯେ ପ୍ରକାର ପ୍ରୟୋଜନ ସେ ଅମ୍ଭ ଦୋକାନରେ ତତ୍ତ୍ୱ କଲେ ସମସ୍ତ ବିଷୟ ବୁଝି ପାରିବେ ମୋଫସଲ ଗ୍ରାହକ ଇଚ୍ଛାକଲେ କେଟ-ଲଗ ପାଇ ପାରିବେ ।

ଚୌଧୁରୀବଜାର କଟକ } ସେଖ ଅବଦୁଲଅଜିଜ ଘଡ଼ି ମେକର ଓ ଜୁଏଲର

## ବିଜ୍ଞାପନ ।

ଏହି କଟକ ପ୍ରିଣ୍ଟିଂକମ୍ପାନୀ ଦ୍ୱାରାରେ କଟକଷ୍ଟାଲିପ ଫାଉଣ୍ଡ୍ରୀ କମ୍ପାନୀଦ୍ୱାରା ଅକ୍ଷରଢାଳିବା କାର୍ଯ୍ୟ ହେଉଅଛି । ଇଂରାଜି ଓ ସ୍ମଲପାଇକା ସାଇଜର ଓଡ଼ିଆଅକ୍ଷର ଓ ଇଂରାଜୀ ସ୍ମଲପାଇକା ଅକ୍ଷର ଏବଂ ନାନାପ୍ରକାର ଷ୍ଟାଲିଷ୍ଟଲିନଦ୍ୱାରା କୌଣସି ଛାପାଖାନା ପାଇଁ କାହାର ପ୍ରୟୋଜନ ହେଲେ ସେ ଅମ୍ଭକୁ ବରାଦ ଦେଲେ ଅମ୍ଭେ ଯୋଗାଇ ପାରିବୁଁ । ଆବେଦନ କଲେ ଅକ୍ଷରାଦିର ନମୁନା ଦେଖି ଦର ଜାଣି ପାରିବେ ।

ଦରଘାବଜାର କଟକ } ଶ୍ରୀ ଗୌରୀଶଙ୍କର ରାୟ ମାନେଜର

## ବନାରସ ମାଲ ।

ବନାରସରେ ଅମ୍ଭର ଗୋଟିଏ ବାଣିଜ୍ୟ କୋଠି ଅଛି । ଉଚିତ ମୂଲ୍ୟରେ ସର୍ବସାଧାରଣଙ୍କୁ ବନାରସୀ ମାଲ ଯୋଗାଇବା ଅମ୍ଭର କାର୍ଯ୍ୟ ଅମ୍ଭେ ଭାରତର ନାନାସ୍ଥାନବାସୀ ରାଜା, ଜମିଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ଅମ୍ଭ ସହିତ କାରବାର କଲେ କେହି କୌଣସି ପ୍ରକାରେ ପ୍ରତାରିତ ହେବାର ସମ୍ଭାବନା ନାହିଁ । ବାନାରସୀ, ଜେନ୍ତର, ପାଟନା, ଅଠମାଇଡ, ସପୁରଡ଼ା, ସଲେଇକନା ପ୍ରଭୃତି ସ୍ଥାନର ମହାସ୍ତାନ ବାହାଦୁରମାନଙ୍କ ନିକଟରେ ତତ୍ତ୍ୱ କଲେ ଅମ୍ଭର ଥିବା ପ୍ରବୃତ୍ତି ଥିବାର ଜଣା ପଡ଼ିବ ଯାହାଙ୍କର ଯେ ବସ୍ତୁ ଦ୍ରବ୍ୟ ଆବଶ୍ୟକ ହେବ ଲେଖି ପଠାଇଲେ ଅବିଳମ୍ବେ ଭେଲ୍ୟୁପେବଲ ପାର୍ସଲରେ ପଠାଇ ଦିଆଯିବ । ମାଲ ମନୋନୀତ ନ ହେଲେ ବା ମୂଲ୍ୟ ଅଧିକ ବୋଧ ହେଲେ ଅନ୍ୟ ମାଲ ବଦଳାଇ ଦିଆଯିବ ବା ଟଙ୍କା ଫେରି ଦିଆଯିବ କେବଳ ମାଲର ମାସୁଲ ଗ୍ରାହକଙ୍କୁ ଦେବାକୁ ପଡ଼ିବ ଅମ୍ଭର ବାଣିଜ୍ୟ କୋଠିରେ ନିମ୍ନଲିଖିତ ପଦାର୍ଥମାନ ବିକ୍ରୟ ସକାଶେ ସର୍ବଦା ପ୍ରସ୍ତୁତ ଥାଏ । ଯଥା ବନାରସୀ ଜରିବାର ଶାଢ଼ୀ, ଯୋଡ଼ ଉଡ଼ଣି, ଟୋପି, କୋଟ, ମେଖଳା, କିଂଖାପ ଦାଣ୍ଡା, ସଲ୍ମା ଚୋପଟା ମଣ୍ଡଳ, ଜରିରେ ବାନ୍ଧିବାର ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ଜହ୍ରାଦ ଖଚିତ ଅଙ୍ଗରଖା ପ୍ରଭୃତି ।

ଏହା ଛଡ଼ା ସୁନା ରୂପାର ବାସନ, ସୁନା, ରୂପାର ଗିଲଟି ଦିଆ ହୀରାର ହାଉଦା ପ୍ରଭୃତି ପଦାର୍ଥ ବରାଦ ଅନୁସାରେ ତିଆର କରୁଅଛୁ । ବରାଦ ଦେବାବେଳେ ଗଣନ୍ତିରେ ମୂଲ୍ୟର ଚତୁର୍ଥାଂଶ ଅଗ୍ରିମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଅମ୍ଭର କର୍ମଚାରୀ ବା ଅମ୍ଭେ ସ୍ୱୟଂ ଯାଇ ପାରିବୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ନମାଇ-ଲେ ମାଲ କେଉଁ ଠିକଣାରେ କି ପ୍ରକାରେ (ଅର୍ଥାତ ଡାକରେ କି ରେଲରେ ) ପଠାଇବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ତଦନୁସାରେ କାର୍ଯ୍ୟ କରି ପାରିବୁଁ ପତ୍ରର ଲଫାପା ( ବହିରାବରଣ ) ଉପରେ ଅମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଶୀଘ୍ର ଅଥଚ ନିରାପଦରେ ଅମ୍ଭର ହସ୍ତଗତ ହେବ ।

ଶ୍ରୀ ପାଲୁମାଲ ଗୋଲାନାଥ

ଭୁତ୍ତଗଡ଼ ଫାଟକ ବନାରସ ସିଟି

ଉତ୍କଳଦୀପିକାର କି ଶ୍ରେଣୀ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମଥର ସକାଶେ

ଧାଡ଼ିପ୍ରତି ଟ ୦ ୶

ଦ୍ୱିତୀୟବାର ଟ ୦ ୬

ତୃତୀୟ ଏବଂ ସମସ୍ତ ଟ ୦ ୬

ମାତ୍ର କୌଣସି ବିଜ୍ଞାପନ ପାଇଁ ଟଙ୍କା ଦେବେ ... ଟ ୦ ୧ ରୁ କମ ଦେବେ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଶର୍ତ୍ତ ଅଧିକ ... ସମ୍ପାଦକଙ୍କ ସହିତ ହେବ

ଅଧିକ ଦିନର ସକାଶେ ମୂଲ୍ୟ ... ହୋଇପାରେ

ବିଜ୍ଞାପନର ମୂଲ୍ୟ ବିଜ୍ଞାପନଦାତା ପଠାଇବାକୁ ହେବ

ଏହି ... ସର ... ମଦନ ଓ ...

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

| | | |
|---|---|---|
| ଖଣ୍ଡ ୩୩ ଶ<br>ସଂ ୨୯ ସଂଖ୍ୟା | ତା ୧୭ ଶଶ ମାହେ ଜୁଲାଇ ସନ ୧୮୯୮ ମସିହା । ମୃ । ୫ ?ଶ ଶ୍ରାବଣ ସନ ୧୩୦୫ ସାଲ ଶନିବାର । | ଅଗ୍ରୀମ ୪ ୦<br>ପଶ୍ଚାଦେୟ ୫ ୬ |

ଅନୁଗୁଳର ଡେପୁଟି କମିଶନରଙ୍କ ଅଫିସ ସକାଶ ଦୁଇଜଣ ଆପ୍ରେଣ୍ଟିସ ଦରକାର ଥିବାରୁ ଜୁଲାଇ ମାସ ତା ୭ ଋଖର କଲିକତା ଗେଜେଟରେ ଏକ ନୋଟିସ ଦିଆ ହୋଇଅଛି । ସ୍ଥାନୀୟ ସମ୍ବାଦ ପତ୍ରରେ ନୋଟିସ ଦିଆ ହୋଇଥିଲେ ଓଡ଼ିଆବାସୀଙ୍କର ଜାଣିବାର ବିଶେଷ ସୁବିଧା ହୋଇଥାନ୍ତା । ସାହେବ ମହୋଦୟ ବଙ୍ଗଦେଶରୁ ଆପ୍ରେଣ୍ଟିସ ଆଣିବାର ଅଭିଳାଷ ରଖନ୍ତି କି ?

---

ଭାରତର ଯେ ଯେ ସ୍ଥାନରେ ମହାମାରୀ ରୋଗ ରହିଅଛି କୌଣସିଠାରେ ଏ ସପ୍ତାହରେ ମାତ୍ର ନାହିଁ ବରଂ ଊଣା ଉପରେ ଅଛି । ରୋଗପ୍ରଚାର ନାରେ ପ୍ରାୟ ନାହିଁ । ବମ୍ବେଇ ଓ କରାଚିରେ ଊଣା ପଡ଼ୁଅଛି, କଲିକତାରେ ବଢ଼ି ନାହିଁ । କଲିକତା ମିଉନିସିପାଲିଟିର ଚେୟାରମାନ ଜଣେ କମିଶନରଙ୍କ ପ୍ରଶ୍ନର ଉତ୍ତରରେ କହୁଅଛନ୍ତି କି ପ୍ଲେଗ ଭୟରେ ଯେଉଁମାନେ କଲିକତାରୁ ପଳାଇ ଯାଇଥିଲେ ସେମାନେ ନିର୍ଭୟରେ ଫେରି ଆସି ପାରନ୍ତି । ରୋଗର ଚେମନ୍ତ କୋପ ଥିଲେ ସେ ଏମନ୍ତ ଉତ୍ତର କଦାଚ ଦିଅନ୍ତେ ନାହିଁ ।

---

ଲଣ୍ଡନ ନାସେନେଲ ହାସପାତାଲର ରେହିଡେଣ୍ଟ ମେଡିକେଲ ଅଫିସର ଡାକ୍ତର ଖରହ ଚନ୍ଦ୍ର ମଲ୍ଲିକଙ୍କର କାର୍ଯ୍ୟ କାଳ ଶେଷ ହେବାରୁ ପୁନର୍ବାର ସେହି ପଦ ନିମନ୍ତେ ମନୋନୀତ ହୋଇଅଛନ୍ତି । ଉକ୍ତ ହାସପାତାଲର ଇତିହାସରେ ଏପ୍ରକାର ପୁନର୍ନିର୍ବାଚନ ପୂର୍ବେ କେବେ ଘଟି ନ ଥିଲା । ଡାକ୍ତର ମଲ୍ଲିକଙ୍କ ବିଶେଷ ଯୋଗ୍ୟତା ସହିତ ଆପଣା କାର୍ଯ୍ୟ ନିର୍ବାହ କରିବାରୁ ହାସପାତାଲର କର୍ତ୍ତୃପକ୍ଷମାନେ ତାହାଙ୍କୁ ଧନ୍ୟବାଦ ପ୍ରଦାନ ପୂର୍ବକ ପୁନର୍ବାର ସେହି କାର୍ଯ୍ୟରେ ନିଯୁକ୍ତ କରିଅଛନ୍ତି । ଏହା ଭାରତବର୍ଷର ଗୌରବର ବିଷୟ ଅଟେ ।

---

ପଞ୍ଜାବ ଅନ୍ତର୍ଗତ ଫରିଦକୋଟର ରାଜାଙ୍କର ଏକମାତ୍ର କନ୍ୟାର ଶୁଭ ବିବାହ ଉତ୍ତରପଶ୍ଚିମର ଏକ ରାଜକୁମାରଙ୍କ ସହିତ ଗତ ମାସ ତା ୨୪ ରିଖରେ ମହା ସମାରୋହରେ ସମ୍ପନ୍ନ ହେଲା । କନ୍ୟାର ପିତା ଯୌତୁକ ସ୍ୱରୂପ ନଗଦ ଗୁଇ ଲକ୍ଷ ଟଙ୍କା, ଏକ ଲକ୍ଷ ଟଙ୍କାର ଅଲଙ୍କାର ରୂପା ହାଉଦା ସହିତ ଘ ୨ ଇ ହାତୀ, ,ଘୋଡ଼ା ଗାଈ ଏବଂ ମହିଷ ଗୋ ୩୦୦ ଟି ଏବଂ ଅନେକ ଟଙ୍କାର ଲୁଗାପଟା ପ୍ରଦାନ କଲେ । ଏପରି କନ୍ୟା ନିମନ୍ତେ ଭୂମି ସମ୍ପତ୍ତି କିଣି ଦେବା କାରଣ ଏଗାର ଲକ୍ଷ ଟଙ୍କା ପୃଥକ୍ କରି ରଖିଅଛନ୍ତି । ଫରିଦକୋଟ ରାଜାଙ୍କର ବ୍ୟୟ ପ୍ରାୟ ଷୋଳ ଲକ୍ଷ ଟଙ୍କା ପଞ୍ଜାବର ଲୋକମାନେ କହୁଅଛନ୍ତି ଏତେ ବଡ଼ ବାହାଘର ସେମାନେ ଆଉ କେବେ ଦେଖି ନାହାନ୍ତି ।

---

ଆଲିପୁରର ପୁଲିସ ମେଜେଷ୍ଟ୍ରେଟ ମୌଲବୀ ସିରାଜୁଲ ହକ ମହାଶୟଙ୍କ ଅଦାଲତରେ ଏକ କୌତୁକଜନକ ମୋକଦ୍ଦମା ନିଷ୍ପତ୍ତି ପାଇଥିବାର ସମ୍ବାଦ ମିଳଇ । ଜଣେ ପଶ୍ଚିମା ମୁସଲମାନ ଗୟାଠାରୁ ଭବାନୀପୁରକୁ ବିବାହ ହେବା ସକାଶେ ଆସିଥିଲା । ବିବାହଦିନ ରାତିରେ ବର କନ୍ୟା ଗୋଟିଏ ଘରେ ଶୋଇବାକୁ ଗଲେ । ସକାଳୁ ଦେଖାଗଲା ଯେ କନ୍ୟାର ପ୍ରାୟ ଟ ୫୫୦ ଙ୍କାର ଅଲଙ୍କାର ଘେନି ବର ପଳାୟନ କରିଅଛି । ପୋଲିସ ଗୟାଠାକୁ ଯାଇ ବରକୁ ଧରିଆଣିଲେ । ଆସାମୀ ଜବାବ ଦେଲା ଯେ ତାହାକୁ ଯେ ଯୌତୁକ ଦେବା ସକାଶେ କନ୍ୟାର ପିତା ପ୍ରତିଶ୍ରୁତ ହୋଇଥିଲା ତାହା ଦେଇ ନ ଥିବାରୁ ସେ ଅଲଙ୍କାରମାନ ଘେନି ଚାଲିଗଲା । ବିଚାରରେ ଆସାମୀ ପ୍ରତି ମା ୩ ସ କଠିନ ପରିଶ୍ରମ ସହିତ କାରାବାସର ଦଣ୍ଡ ହୋଇଅଛି ।

---

ନୂତନ ଫଉଜଦାରୀ କାର୍ଯ୍ୟବିଧିର ଧା ୫୫୭ ରେ ବିଧାନ ହୋଇଅଛି କି ଯେଉଁ ଓକିଲମାନେ ଫଉଜଦାରୀ ଅଦାଲତରେ ଓକାଲତି କରିବେ

Split by PDF Splitter



ସେମାନେ ଅନରେରି ମାଜିଷ୍ଟ୍ରେଟ ହୋଇ ପାରିବେ ନାହିଁ । ବଙ୍ଗଳା ଗବର୍ଣ୍ଣମେଣ୍ଟଙ୍କ ଅଦେଶାନୁସାରେ ଗତମାସ ତା ୧ ରିଖରୁ ତାହା ଜାରି ହୋଇ ଅଛି । ଏ ନଗରର ଦୁଇଜଣ ଉକିଲ ଅନରେରି ମାଜିଷ୍ଟ୍ରେଟଙ୍କ ମଧ୍ୟରୁ ସ୍ୱୟଂ ଯୋଗେଶ୍ୱର ଭଦ୍ର ବାହାଦୁର ଫଉଜଦାରିରେ ଓକିଲାତି କରନ୍ତି ନାହିଁ ବୋଲି ସ୍ଥିର ରହିଲେ ମାତ୍ର ସ୍ୱୟଂ ହରିବଲ୍ଲଭ ବୋଷ ବାହାଦୁରଙ୍କ ଫଉଜଦାରି ଅଦାଲତରେ ଅନେକ ସମୟରେ ଓକାଲତି କରିବାକୁ ହୁଅଇ ବୋଲି ଅନରେରି କାର୍ଯ୍ୟ ପରିତ୍ୟାଗ କରିଅଛନ୍ତି । ଅନେକ ସ୍ଥାନର ଅନେକ ଉକିଲ ଏହିପରି ଇସ୍ତଫା ଦେଇଥିବେ । ଏଥିରେ ଜନସାଧାରଣଙ୍କର ବିଶେଷ ଲାଭ ହେଲା କି ?

—୦✻୦—

କଲିକତାସ୍ଥ ଭାରତୀୟ ଷ୍ଟେଟ ସେକ୍ରେଟରୀଙ୍କ ଭାରତ ଗବର୍ଣ୍ଣମେଣ୍ଟଙ୍କର ପ୍ରୟୋଜନ ନିମନ୍ତେ ଏକକୋଟି ପାଉଣ୍ଡ ନାମକ ସ୍ୱର୍ଣ୍ଣମୁଦ୍ରା ବିଲାତରେ ଋଣ କରିବାର ଯେ ମତା ପ୍ରଦାନ ସମୟରେ ପାର୍ଲିଆମେଣ୍ଟରୁ ଅଇନ ଜାରି ହେବାରୁ ତଦନୁସାରେ ଭାରତୀୟ ଷ୍ଟେଟ ସେକ୍ରେଟେରୀ ସମ୍ପ୍ରତି ୭୦ ଲକ୍ଷ ପାଉଣ୍ଡ (ଏକ ପାଉଣ୍ଡର ମୂଲ୍ୟ ଟ ୧୫ ଙ୍କା) ବାର୍ଷିକ ଶତକଡ଼ା ଟ ୬ ୧ ଙ୍କା ଲେଖାଏ ସୁଦରେ ଋଣ ନେବାର ଘୋଷଣା ଦେଇଅଛନ୍ତି । କଲିକତାର ଲୋକଙ୍କ ପାଖେ ଏତେ ଅର୍ଥ ଅଛି ଯେ ଏତେ ଉଣା ସୁଦରେ ତାହା ଖଟାଇବାକୁ ପ୍ରସ୍ତୁତ ହେଲେ ଏତେ ଟଙ୍କା ଋଣ ହେବାରୁ ଭାରତବର୍ଷରେ ଏ ବର୍ଷ ଗବର୍ଣ୍ଣମେଣ୍ଟ କୋ ୩ ଟ ଙ୍କା ଋଣ କରିବାର ଯାହା କଥା ଥିଲା ତାହା ହେବ ନାହିଁ । ସେ ଦିନ ବିମଲ ଠାରେ ବଜେଟଙ୍କ ବ୍ୟବସ୍ଥାପକ ସଭାରେ ମାନ୍ୟବର ଧନସଚିବ ପ୍ରକାଶ କଲେକି ଅଗାମୀ ଅଗଷ୍ଟ କିମ୍ବା ସେପ୍ଟମ୍ବର ମାସରେ ଗବର୍ଣ୍ଣମେଣ୍ଟ କେବଳ ଏକକୋଟି ୬୦ ଲକ୍ଷ ଟଙ୍କା ଋଣ କରିବେ । ସୁଦର ଦର ଅବଶ୍ୟ ଶତକଡ଼ା ବାର୍ଷିକ ଟ ୩ ୧ ଙ୍କା ହେବ ।

———

ଖୁଦ୍ଧଦାହଦ୍ୱାସ ବିପନ୍ନ ବ୍ୟକ୍ତିମାନଙ୍କ ସାହାଯ୍ୟ ନିମନ୍ତେ ବିଶେଷ ନିୟମାନୁସାରେ ଗୋଟିଏ ପାଣ୍ଠି ସ୍ଥାପିତ ହେବା ବାଞ୍ଛନୀୟ ବୋଲି ସମ୍ବଲପୁର ହିତୈଷିଣୀ ପ୍ରକାଶ କରିବାରୁ ଓଡ଼ିଆ ଓ ନବସମ୍ବାଦ ତହିଁର ପୋଷକତା କରି ଅନ୍ଦୋଳ କରିଅଛନ୍ତି ଦେଶର କ୍ଷମତାପନ୍ନ ବ୍ୟକ୍ତିମାନେ ଏ ବିଷୟରେ ମନୋଯୋଗୀ ହେଉ ନାହାନ୍ତି ଘୋର ଅଲକ୍ଷ୍ୟତା ସେମାନଙ୍କୁ ଅଚେତନ କରି ରଖିଅଛି । ଅମ୍ଭେମାନେ ଦେଶର ସମ୍ପତ୍ତିପନ୍ନ ବ୍ୟକ୍ତିମାନଙ୍କୁ ଏପରି କତ୍ତବ ମନେ କରୁ ନା । ଯେତେବେଳେ ଯେଉଁଠାରେ ସାହାଯ୍ୟ କରିବାର ଆବଶ୍ୟକତା ପ୍ରବର୍ତ୍ତିତ ହେଉଅଛି ସେତେବେଳେ ସେମାନେ ଅଗ୍ରସର ହେଉଅଛନ୍ତି । ମାତ୍ର ସକଳ ବିଷୟ ଅନ୍ୟର ସାହାଯ୍ୟ ଲୋଡ଼ିଲେ ଏତେ ଉଣ୍ଣାଳ ଅଦୈବ କେଉଁଠି ? ଆପଣାକୁ ଆପେ ସାହାଯ୍ୟ କରିବା ପାଇଁ ଚେଷ୍ଟିତ ହେବା ଆବଶ୍ୟକ । କଲିକତାରେ ଗୃହଦାହ ଯନ୍ତ୍ର ଦୂର କରିବାର ବ୍ୟବସାୟୀ ଦଳ (Fire insurence Comany) ଅଛନ୍ତି । ଚେଷ୍ଟା କଲେ ଏ ଦେଶରେ ତାହା ହୋଇ ପାରନ୍ତା ନାହିଁ କି ? କେବଳ ବ୍ୟବସାୟ ବୁଦ୍ଧିର ଅଭାବ । ଅମ୍ଭେମାନେ ଅପଣାର ଅବସ୍ଥା ଭଲ କରି ପାରୁନାହୁଁ ।

—✻—

ଇଉରୋପୀୟ ଏବଂ ଫିରିଙ୍ଗିପିଲାଙ୍କ ବିଦ୍ୟାଶିକ୍ଷା ନିମନ୍ତେ କଲିକତାରେ ସେଣ୍ଟଜାଭିଅର୍ସ ଏବଂ ଡବ୍‌ଟନକଲେଜମାନ ବହୁକାଳରୁ ସ୍ଥାପିତ ଅଛି ଏବଂ ଖ୍ରୀଷ୍ଟୀୟାନ ପାଦ୍ରୀମାନଙ୍କର ଏକସ୍ଥାୟୀ ଦାନଦ୍ୱାରା ଏମାନଙ୍କର କାର୍ଯ୍ୟ ନିର୍ବାହ ହୋଇ ଆସୁଅଛି । ଏହିକ ଅନ୍ୟାନ୍ୟ ସ୍ଥାନରେ ଇଉରୋପୀୟଙ୍କ ନିମନ୍ତେ ସ୍କୁଲମାନ ସ୍ଥାପିତ ହେବାରୁ ଏହି ବିଦ୍ୟାଳୟ ଦ୍ୱୟର ଛାତ୍ର ବେତନ ଉଣା ପଡ଼ିଅଛି ଏବଂ ପଶ୍ଚାତ୍‌ଲେ ଗବର୍ଣ୍ଣମେଣ୍ଟ ଦାନର ସୁଦ ଉଣା ହେବା ଏବଂ ଘର ମରାମତି ଓ ଟିକସ ଆଦି ବୃଦ୍ଧି ହେବାରୁ ଉକ୍ତ ବିଦ୍ୟାଳୟ ଏହାଠାରେ ଅପଣାର ବ୍ୟୟ ନିର୍ବାହ କରିବାକୁ ଅକ୍ଷମ ହୋଇଅଛନ୍ତି । ସୁତରାଂ ଶିକ୍ଷା ଦାନର ସୁବନ୍ଦୋବସ୍ତ ହୋଇପାରୁ ନାହିଁ । ଏହି ଦୁଇବିଦ୍ୟାଳୟ ଏକତ୍ର ମିଶିଗଲେ ସୁବିଧାରେ କାର୍ଯ୍ୟ ଚଳିବ ଗବର୍ଣ୍ଣମେଣ୍ଟ ଏପରି ପ୍ରସ୍ତାବ କରିବାରେ ଉଭୟ ବିଦ୍ୟାଳୟର କର୍ତ୍ତୃପକ୍ଷମାନେ ତହିଁରେ ସମ୍ମତ ହୋଇଅଛନ୍ତି ଏବଂ ତଦନୁସାରେ ତୁହିଙ୍କି ମିଶାଇଦେବାର ବନ୍ଦୋବସ୍ତ ନିୟମମାନ ସ୍ଥିର କରିବା କାରଣ ଗୋଟିଏ କମିଟି ଗଠିତ ହୋଇଅଛି । ମାନ୍ୟବର ବମ୍ବର ପଉ ଷ୍ଟିଭନସସାହେବ ଏହି କମିଟିର ସଭାପତି ହୋଇଅଛନ୍ତି । କମିଟିର ରିପୋର୍ଟ ବାହାରିଲେ ଗବର୍ଣ୍ଣମେଣ୍ଟ ବିବେଚନା ମତେ କାର୍ଯ୍ୟକାରକ ହେବେ ।

———

କଲିକତାରେ ଭାରତୀୟ ବୀର ପାଣ୍ଠି ନାମରେ ଗୋଟିଏ ପାଣ୍ଠି ସ୍ଥାପିତ ହୋଇଅଛି । ଏ ଦେଶୀୟ ସୈନ୍ୟ ମଧ୍ୟରେ ଯେଉଁମାନେ ସରକାରୀ ଚାକରୀ କରୁ୨ ଅକ୍ଷମ ହେବେ ସେମାନଙ୍କୁ ଯେଉଁମାନେ ପ୍ରାଣ ହରାଇବେ ସେମାନଙ୍କ ପରିବାରମାନଙ୍କୁ ଏହି ପାଣ୍ଠିରୁ ସାହାଯ୍ୟ ଦିଆଯିବ । ପାଠକମାନେ ଜାଣନ୍ତି ଯେ ଗତ ସୀମାନ୍ତ ଯୁଦ୍ଧରେ ଦେଶୀୟ ସୈନ୍ୟମାନେ ଅସାଧାରଣ ବୀରତ୍ୱ ଦେଖାଇବାକୁ ବିଲାତର ଗୁଣଗ୍ରାହୀ ମହୋଦୟମାନେ ଅତ୍ୟନ୍ତ ପ୍ରୀତ ହୋଇ ଏହି ପାଣ୍ଠିର ସୃଷ୍ଟି କରିଅଛନ୍ତି । ଯେଉଁ ଦିନ ଏଥିପାଇଁ ସଭା ହୋଇଥିଲା ଭାରତର ଭୂତପୂର୍ବ ସେନାପତି ଲର୍ଡ ରବର୍ଟ ବାହାଦୁର ସଭାପତିର ଆସନ ଗ୍ରହଣ କରିଥିଲେ। ସେ କହିଲେ କି ଦେଶୀୟ ସେନା ବେତନଭୋଗୀ ଏବଂ ଜାତି ଧର୍ମ ଓ ସଭ୍ୟତାରେ ଅମ୍ଭମାନଙ୍କ ଠାରୁ ଭିନ୍ନ ହେଲେହେଁ ସେମାନଙ୍କ ଠାରେ ଏତେ ଗୁଣ ଅଛି ଯାହା କି ପୃଥିବୀରେ ବିରଳ ଅଟେ । ସେମାନେ ଦୀର୍ଘ ଯୁଦ୍ଧରେ ବରଫ ଭୂମି ଉପରେ ଦର୍ପ ସହିତ ଯୁଦ୍ଧ କରିଅଛନ୍ତି ଏବଂ ସ୍ୱଦେଶ ପୁତ୍ରଦାରାଠାରୁ ଦୂରରେ ମୃତ୍ୟୁ ପର୍ଯ୍ୟନ୍ତ ଯୁଝିବାର ମହତ୍ୱ ବୁଝି ଅଛନ୍ତି । ଅନ୍ୟାନ୍ୟ ସୈନ୍ୟପରି ସେମାନେ ବେତନ ଓ ପେନସନର ଅବଶ୍ୟ ଆଦର କରନ୍ତି ମାତ୍ର ସେମାନେ ଇଂରାଜ ଗବର୍ଣ୍ଣମେଣ୍ଟଙ୍କ ନୁକରିକୁ ଅଧିକ ଆଦର କରନ୍ତି ଏବଂ ଭକ୍ତ ଓ ବିଶ୍ୱାସୀ ହେବା ଅନ୍ୟାନ୍ୟ କର୍ତ୍ତବ୍ୟ କାର୍ଯ୍ୟଠାରୁ ଶ୍ରେଷ୍ଠତର ଜ୍ଞାନ କରନ୍ତି । ସେମାନେ ବାସ୍ତବରେ ଭାରତରେ ଇଂରାଜ ସ୍ଥିତିର ପ୍ରଧାନ ସହାୟ । ସେମାନଙ୍କର ଏ ସବୁ ପ୍ରଂଶସନୀୟ ଗୁଣର ସ୍ୱୀକାର ନିମନ୍ତେ ସେମାନଙ୍କ ମନରେ ଏହି ବିଶ୍ୱାସ ଜନ୍ମାଇବା ଆବଶ୍ୟକ ଯେ ଇଂଲଣ୍ଡର ରାଜା ଏବଂ ଜନସାଧାରଣ ସେମାନଙ୍କ କାର୍ଯ୍ୟର ଅତ୍ୟନ୍ତ ସମାଦର କରନ୍ତି ଏବଂ ସେମାନଙ୍କ ଠାରେ ଅତ୍ୟନ୍ତ ସନ୍ତୁଷ୍ଟ । ବିଲାତବାସୀମାନେ କେମନ୍ତ ଗୁଣଗ୍ରାହୀ ଏବଂ ତାହା ଦେଖାଇବାପାଇଁ କେମନ୍ତ ଅଗ୍ରସର ଏଥିରୁ ପାଠକମାନେ ବୁଝି ପାରିବେ ।

—୦✻୦—

'ପୁରୀ ନଗରର ସଂକ୍ଷିପ୍ତ ଇତିହାସ' ନାମରେ ଖଣ୍ଡିଏ କ୍ଷୁଦ୍ର ପୁସ୍ତକ ପୁରୀର କଲେକ୍ଟର ଶ୍ରୀଯୁକ୍ତ ଉବନଉ, ଏଚ, ଇ ସାହେବ ଏଠା ମିସନ ପ୍ରେସରେ ଛାପା କରାଇ ପ୍ରକାଶ କରିଅଛନ୍ତି

Digitized by srujanika@gmail.com

ସାହେବ ମହୋଦୟ ପୁସ୍ତକ ଖଣ୍ଡିକ ଇଂରାଜୀରେ ଲେଖି ତହିଁର ଓଡ଼ିଆ ଏବଂ ସେଠା ସ୍କୁଲ ଡେପୁଟୀ ଇନସ୍ପେକ୍ଟର ବାବୁ ଭଗବତୀଚରଣ ସେନଙ୍କଦ୍ୱାରା ତାହା ବଙ୍ଗଳା ଏବଂ ଓଡ଼ିଆରେ ଅନୁବାଦ କରାଇ ଅଛନ୍ତି ଏବଂ ପୁରୀ ନଗରର ଖଣ୍ଡିଏ ମାନଚିତ୍ର ସହିତ ସେହି ତିନ ଭାଷାରେ ଏ ପୁସ୍ତକ ଛାପା ହୋଇଅଛି । ପୁସ୍ତକର ଆକାର କ୍ଷୁଦ୍ର ଏବଂ ପୃଷ୍ଠାସଂଖ୍ୟା ପ୍ର ୬୦ ଶ୍ରୀରୁ ଅଧିକ ନୁହେଁ । ପ୍ରତ୍ୟେକ ଖଣ୍ଡର ମୂଲ୍ୟ ଟ ୦ ⁄ । ଏହି ସଂକ୍ଷିପ୍ତ ଇତିବୃତ୍ତର ସଂକ୍ଷେପ ମର୍ମ ଏହି କି ଅତିପ୍ରାଚୀନ କାଳରେ ପୁରୀ ଶବର ଓ କନ୍ଧ ପ୍ରଭୃତି ଆରଣ୍ୟ ବର୍ବର ଜାତିର ଆବାସଭୂମି ଥିଲା କି ଯେମାନେ ଆଧୁନିକ ହାଡ଼ି, ପାଣ, ଡମ ପ୍ରଭୃତିଙ୍କ ପୂର୍ବପୁରୁଷ ସଙ୍ଗେ ସମ୍ପର୍କ ରଖୁଥିଲେ । ସେଠାର ସ୍ୱାସ୍ଥ୍ୟକର ଜଳ ବାୟୁ ଓ ସମୁଦ୍ରର ସାନ୍ନିଧ୍ୟ ନିବନ୍ଧନ ଆର୍ଯ୍ୟମାନେ ରାଜ୍ୟ ସ୍ଥାପନ କରି ଶବରମାନଙ୍କର ପ୍ରତିଷ୍ଠିତ ନୀଳପ୍ରସ୍ତର ପୂଜା ଦେଖି ଜଗନ୍ନାଥ ନାମରେ କାଷ୍ଠ ପ୍ରତିମା ପ୍ରତିଷ୍ଠା କରି ଲୋକମାନଙ୍କର ଭକ୍ତି ଏତେଦୂର ଆକର୍ଷଣ କରିଥିଲେ ଯେ ତଦ୍ୱାରା ପ୍ରଚୁର ଅର୍ଥ ଅର୍ଜନ କରି ଗୋଟିଏ ମନ୍ଦିର ନିର୍ମାଣ କଲେ । ଏବଂ ଓଡ଼ିଶା ମହା ପୁଣ୍ୟ ଭୂମି ବୋଲି ପରିଗଣିତ ହେଲା । ଖ୍ରୀଷ୍ଟାବ୍ଦ ପୂର୍ବ ୫୩୮ ଠାରୁ ୪୨୧ ବର୍ଷ ମଧ୍ୟରେ ଉତ୍ତର ଦିଗରୁ ଯବନମାନେ ଆସି ବାରମ୍ବାର ଓଡ଼ିଶାକୁ ଆକ୍ରମଣ କଲେ ଏବଂ ସେହିମାନଙ୍କ ସଙ୍ଗରେ ବୌଦ୍ଧଧର୍ମ ଓଡ଼ିଶାରେ ପ୍ରବେଶ କଲା । ଖ୍ରୀଷ୍ଟାବ୍ଦ ପୂର୍ବ ୫୪୩ ସାଲରେ ବୁଦ୍ଧ ଦନ୍ତ ପୁରୀରୁ ଆନୀତ ହୋଇ କଣ୍ଟକାନ ପରେ ସିଂହଳ ଦ୍ୱୀପକୁ ପ୍ରେରିତ ହେଲା । ତହିଁର ଏକଶତ ବର୍ଷ ଉତ୍ତାରୁ ରକ୍ତବାହୁ ସେନାପତିଙ୍କ ଅଧୀନରେ ନାବିକ ଦସ୍ୟୁମାନେ ପୁରୀ ଆକ୍ରମଣ କରି କ୍ରମେ ସେହି ଦସ୍ୟୁମାନେ ଯବନ ନାମରେ ସ୍ଥାୟୀ ଭାବରେ ବାସ କଲେ । ପରେ ୪୭୪ ଖ୍ରୀଷ୍ଟାବ୍ଦରେ ଯଯାତିକେଶରୀ ନାମକ ଏକଜଣ ସ୍ୱଦେଶାନୁରାଗୀ ଯୋଦ୍ଧା ଅଭ୍ୟୁଦିତ ହୋଇ ଯବନମାନଙ୍କୁ ତଡ଼ି ଦେଇ ରାଜତ୍ୱ ସ୍ଥାପନ କଲେ । ଏହି ବଂଶର ରାଜତ୍ୱ ସନ ୧୧୩୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ଥିଲା ଏବଂ ଏଥି ମଧ୍ୟରେ ଭୁବନେଶ୍ୱର ଏବଂ ପୁରୀ ମନ୍ଦିରମାନ ନିର୍ମାଣ ହୋଇଥିଲା । କେଶରୀ ବଂଶ ଉତ୍ତାରୁ ଗଙ୍ଗାପୁତ୍ରବଂଶ ରାଜତ୍ୱ କଲେ । ଅନଙ୍ଗ ଭୀମଦେବ ସନ ୧୧୭୫ ସାଲଠାରୁ ସନ ୧୨୦୨ ସାଲ ପର୍ଯ୍ୟନ୍ତ ରାଜତ୍ୱ କରି ପୁରୀର ବର୍ତ୍ତମାନ ମନ୍ଦିର ନିର୍ମାଣ କରାଇ ଥିଲେ । ପରେ ମୋଗଲମାନେ ଓଡ଼ିଶା ଅଧିକାର କରିବାରୁ ସନ ୧୫୩୪ ସାଲରେ ଓଡ଼ିଶାର ନରପତିମାନେ ଖୋର୍ଦ୍ଧାର ରାଜବଂଶରେ ପରିଣତ ହେଲେ ଏବଂ ସନ ୧୭୫୬ ସାଲରେ ମରହଟ୍ଟାମାନେ ଓଡ଼ିଶା ଜୟ କଲେ । ମରହଟ୍ଟାମାନେ ପୁରୀ ଯାତ୍ରୀକର ବସାଇବା ଭିନ୍ନ ଆଉ କିଛି ବିଶେଷ କାର୍ଯ୍ୟ କରିବାର ଜଣା ନାହିଁ । ପରିଶେଷରେ ସନ ୧୮୦୩ ସାଲରେ ଇଂରାଜ ସୈନ୍ୟ ଗଞ୍ଜାମରୁ ନରସିଂହପଟ୍ଟଣାବାଟେ ପୁରୀରେ ପ୍ରବେଶ କଲେ । ବ୍ରିଟିଷ ଆଗମନ ଜଗନ୍ନାଥ ମନ୍ଦିରର ପଣ୍ଡାମାନଙ୍କୁ ରକ୍ତବାହୁର ଆକ୍ରମଣର ପୁନରାବୃତ୍ତି ସଦୃଶ ବୋଧ ହେବାରୁ ଆକ୍ରମଣକାରୀଙ୍କ କୋପ ଶାନ୍ତି ନିମନ୍ତେ ପୁରୀମନ୍ଦିର ତାହାଙ୍କ ହସ୍ତରେ ଅର୍ପଣ କରିବାକୁ ପଣ୍ଡାମାନେ ସଂକଳ୍ପ କଲେ । ସମସ୍ତଙ୍କର ସତ୍ତ୍ୱ ଏବଂ ଧର୍ମସଂସ୍କାର ପ୍ରତି ଯଥୋଚିତ ଦୃଷ୍ଟି ରଖିବାପାଇଁ ବ୍ରିଟିଷ ସେନାପତିଙ୍କର ଦୃଢ଼ ଆଦେଶ ଥିବାରୁ ମନ୍ଦିରର କୌଣସି ଅନିଷ୍ଟ ହୋଇ ନ ଥିଲା । ବାସ୍ତବରେ ବ୍ରିଟିଷ ସେନା ରକ୍ଷକ ସ୍ୱରୂପ ସାଦରେ ଗୃହୀତ ହେଲେ । ପାଇକ ବିଦ୍ରୋହ ପରେ ଖୋର୍ଦ୍ଧାର ରାଜାମାନେ ପୁରୀରେ ରାଜା ହେଲେ ।

ଉପରଲିଖିତ ସଂକ୍ଷିପ୍ତ ବିବରଣ କି ଅଭିପ୍ରାୟରେ ପ୍ରକାଶିତ ହୋଇଅଛି ପାଠକମାନେ ବୁଝି ନେବେ ଏବଂ ସାମାନ୍ୟ ମୂଲ୍ୟର ପୁସ୍ତକ ଥିବାରୁ ଖଣ୍ଡେ ୨ କିଣି ନେଇ ପାଠ କଲେ କୌତୂହଳପୂର୍ଣ୍ଣ ହେବ ।

---

## ଡେପୁଟି ପରୀକ୍ଷାର ଫଳ ।

ଗତ ମାର୍ଚ୍ଚମାସ ତା ୩୦ ରିଖଠାରୁ ଅପ୍ରେଲମାସ ତା ୨ ରିଖ ପର୍ଯ୍ୟନ୍ତ କି ୪ ଦିନ ଡେପୁଟୀକଲେକ୍ଟରୀ ପଦ ପ୍ରାର୍ଥୀମାନଙ୍କର ପରୀକ୍ଷା ଗୃହୀତ ହୋଇଥିଲା । ପରୀକ୍ଷକଙ୍କ ନିକଟରୁ ତହିଁର ଫଳାଫଳ ପ୍ରାପ୍ତ ହୋଇ ମାନ୍ୟବର ବଙ୍ଗେଶର ଗତମାସ ତା ୧ ରିଖରେ ଯେଉଁ ଆଦେଶ ପ୍ରଦାନ କରିଅଛନ୍ତି ତାହା କଲିକତା ଗେଜେଟରେ ପ୍ରକାଶିତ ହୋଇଅଛି । ପରୀକ୍ଷା ଦେବା କାରଣ ଜ ୮୫ ଣ ଆବେଦନ କରିଥିଲେ ମାତ୍ର ପ୍ରକୃତରେ ଜ ୮୪ ଣ ଉପସ୍ଥିତ ହୋଇ ଉତ୍ତର କାଗଜମାନ ପଠାଇଲେ । ଏମାନଙ୍କ ମଧ୍ୟରୁ ଜ ୩ ଣ ଛଡ଼ା ଆଉ ସମସ୍ତେ ବିଶ୍ୱବିଦ୍ୟାଳୟର ଉପାଧିଧାରୀ ଏବଂ ଜ ୫ ଣ ମୁସଲମାନ, ଜ ୧୧ ଣ ବିହାର ନିବାସୀ ହିନ୍ଦୁ, ଏବଂ ଜ ୧ ଣ ଓଡ଼ିଆ ଥିଲେ । ସର୍ବସୁଦ୍ଧା ଜ ୨୧ ଏକ ତୃତୀୟାଂଶ ଅଙ୍କ ପାଇବାଦ୍ୱାରା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ । ଡେପୁଟୀ ଏବଂ ସବ୍‌ଡେପୁଟୀ କାର୍ଯ୍ୟରେ ବହୁ ସଂଖ୍ୟକ ଲୋକ ବର୍ତ୍ତମାନ ନିଯୁକ୍ତ ଥିବା ଏବଂ ଭବିଷ୍ୟତ ଉନ୍ନତିର ବାଧା ନିବାରଣାର୍ଥେ ନୂତନ ଲୋକ ଭର୍ତ୍ତି କରିବାର ସଂଖ୍ୟା ଊଣା କରିବା ଦୃଷ୍ଟିରେ କେବଳ ଜ ୩ ଣ ଡେପୁଟୀ ଏବଂ ଜ ୪ ଣ ସବଡେପୁଟୀ ନିଯୁକ୍ତ ଆବଶ୍ୟକ ଥିବାର ବିଜ୍ଞାପନ ଦିଆ ଯାଇଥିଲା । ସେଥିରୁ ଅଧିକ କର୍ମଚାରୀ ପ୍ରୟୋଜନ ନ ହେବାରୁ ମାନ୍ୟବର ବଙ୍ଗେଶ୍ୱର ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତିଙ୍କ ମଧ୍ୟରେ ସର୍ବୋଚ୍ଚସ୍ଥାନ ପାଇଥିବା ନିମ୍ନଲିଖିତ ବ୍ୟକ୍ତିଙ୍କୁ ମାନ୍ୟବର ବଙ୍ଗେଶ୍ୱର ଶିକ୍ଷାଧୀନ ଡେପୁଟୀକଲେକ୍ଟର ନିଯୁକ୍ତ କଲେ ଯଥା—

ବାବୁ ପୂର୍ଣ୍ଣଚନ୍ଦ୍ର ମୌଲିକ ଏମ, ଏ, ବି, ଏଲ
,, ଶ୍ରୀଶଚନ୍ଦ୍ର ବସୁ ବି, ଏ

ଏ ପର ପରୀକ୍ଷାର ଅଙ୍କ ଭିନ୍ନ ୨ ଜାତିର ସତ୍ତ୍ୱ ଏବଂ ସରକାରୀ ବୃତ୍ତି ପାଇବା ବିଷୟରେ ପାରିବାରିକ ଦାବୀ ଦୃଷ୍ଟିରେ ନିମ୍ନଲିଖିତ ବ୍ୟକ୍ତିଙ୍କ ମଧ୍ୟ ଶିକ୍ଷାଧୀନ ଡେପୁଟୀ କଲେକ୍ଟର ନିଯୁକ୍ତ କରା ଗଲା ଯଥା—

ମୌଲବି ଅବୁନାସର ମହମ୍ମଦ ଅଲି ବି, ଏ

ଉପରଲିଖିତ ଜ ୩ ଣ ପ୍ରତ୍ୟେକ ଟ ୫୦ ଙ୍କା ଲେଖାଏଁ ମାସକୁ ଖୋରାକ ପାଇ କାର୍ଯ୍ୟ ଶିକ୍ଷା କରିବେ ଏବଂ ଯେ ଯେଉଁ ଜିଲ୍ଲାରେ କାର୍ଯ୍ୟ ଶିକ୍ଷା କରିବେ ସେ ଜିଲ୍ଲା ହାକିମଙ୍କ ରିପୋର୍ଟ ଅନୁକୂଳ ହେଲେ କାର୍ଯ୍ୟ ଖାଲି ହେବା ମାତ୍ରେ କାର୍ଯ୍ୟରେ ନିଯୁକ୍ତ ହେବେ । ଏକ ତୃତୀୟାଂଶ ଅଙ୍କ ପାଇଥିବା ବ୍ୟକ୍ତିଙ୍କ ମଧ୍ୟରୁ ମାନ୍ୟବର ବଙ୍ଗେଶ୍ୱର ସବଡେପୁଟୀ କାର୍ଯ୍ୟ ନିମନ୍ତେ ନିମ୍ନଲିଖିତ ବ୍ୟକ୍ତିଙ୍କ, ପସନ୍ଦ କଲେ । ଯଥା—

ବାବୁ ନୀରଦକୃଷ୍ଣ ରାୟ ବି, ଏ,
,, ଶିଶିର କୁମାର ଚଟ୍ଟୋପାଧ୍ୟା ବି, ଏ,
,, କାଳୀସାହାୟ୍ୟ ବି, ଏ,
ମୈଷ୍ଟର ସି, ସି ପେଟର୍ସ

ଏମାନେ ମାସିକ ଟ ୩୦ ଙ୍କା ଲେଖାଏଁ ଖୋରାକ ପାଇ କାର୍ଯ୍ୟ ଶିକ୍ଷା କରିବେ ଏବଂ ସନ୍ତୋଷଜନକ ରୂପେ ଶିକ୍ଷା କଲେ ଯେମନ୍ତ ପଦ-

Split by PDF Splitter
Digitized by srujanika@gmail.com

Split by PDF Splitter



ଟ୍ରେନ୍ୟ ଲୋକ ଯେମନ୍ତ ଚତୁର୍ଥଶ୍ରେଣୀର ସବଡେପୁଟୀ ପଦରେ ନିଯୁକ୍ତ ହେବେ । ଏଥିରୁ ପାଠକମାନେ ଦେଖିବେ ଯେ ଏ ବର୍ଷ ଓଡ଼ିଶା ଗ୍ରାଜ୍ୟୁଏଟରେ ଖଣ୍ଡି ଏ ଶୂନ୍ୟ ଗ୍ରହଣ ଘଟିଲା ନାହିଁ । ଯେ ସ୍ଥଳେ ଏକଜଣରୁ ଅଧିକ ପରୀକ୍ଷା ଦେବାକୁ ବାହାର ନ ଥିଲେ ସେସ୍ଥଳେ ଏମନ୍ତ ଘଟିବା ଆଶ୍ଚର୍ଯ୍ୟ ନୁହେ । ଏଥର ବିଶ୍ୱବିଦ୍ୟାଳୟର ପରୀକ୍ଷାରେ ଅନେକ ଲୋକ ଉତ୍ତୀର୍ଣ୍ଣ ହୋଇଥିବାରୁ ଆଶା ହେଉଅଛି ଭବିଷ୍ୟତରେ ଅଧିକ ଲୋକ ପରୀକ୍ଷା ଦେବାକୁ ଅଗ୍ରସର ହେବେ ।

---

### ସ୍ପେନ ଆମେରିକା ଯୁଦ୍ଧ ।

ଗତ ଅପ୍ରେଲ ମାସ ଶେଷ ଭାଗରେ ଏ ଯୁଦ୍ଧର ଘୋଷଣା ହୋଇଥିଲେହେଁ କେବଳ ଉଦ୍‌ଯୋଗ ଏବଂ ଜାହାଜ ଧସ୍ତଧର ଇତ୍ୟାଦି ସାମାନ୍ୟ ଦଳ ଲଢ଼ନାରେ ଦୁଇମାସ ବାହାର ଯାଇ ଚଳିତ ମାସ ପ୍ରଥମ ଦିନରୁ ଭୟଙ୍କର ମହାଯୁଦ୍ଧ ହୋଇ ଯିବାର ସମ୍ବାଦ ଆସିଅଛି । କ୍ୟୁବାଦ୍ୱୀପ ବାସିଙ୍କୁ ସ୍ପେନର ଅତ୍ୟାଚାରରୁ ରକ୍ଷା କରିବାପାଇଁ ଆମେରିକା ଯୁଦ୍ଧରେ ପ୍ରବୃତ୍ତ ହୋଇଅଛି । କ୍ୟୁବାର ପ୍ରଧାନନଗର ହାଭେନା ୮୦ ହଜାର ସ୍ପେନ ସେନାଦ୍ୱାରା ସୁରକ୍ଷିତ । ସୁତରାଂ ଏକାବେଳେ ସେ ନଗର ଆକ୍ରମଣ କରିବା ଯୁକ୍ତିସଙ୍ଗତ ବିବେଚନା ନ କରି ଅନ୍ୟତର ସାଣ୍ଟିଆଗୋ ନାମକ ଅନ୍ୟ ନଗରକୁ ଆକ୍ରମଣ କରିବା ମାର୍କିନ ସ୍ଥିର କଲେ । ଏକାବେଳେ ଜଳେ ଓ ସ୍ଥଳେ ଯୁଦ୍ଧ ଆରମ୍ଭ ହେଲା । ସ୍ପେନର ନୌସେନାପତି ସେରଭେରା ୬ ଖଣ୍ଡ ଉତ୍କୃଷ୍ଟ ଯୁଦ୍ଧ ଜାହାଜ ଏକ ସୁଦୃଢ଼ ସ୍ଥାନରେ ସ୍ଥାପନ କରିଥିଲେ । ମାର୍କିନର ନୌସେନାପତି ସାମସନ ଶ ୧୪ ଖଣ୍ଡ ଯୁଦ୍ଧ ଜାହାଜ ସହିତ ସେଠାରେ ଉପସ୍ଥିତ ହେଲେ । ସାଣ୍ଟିଆଗୋର ଶାସନକର୍ତ୍ତା ୨୭ ହଜାର ସ୍ପେନ ସେନା ପ୍ରସ୍ତୁତ ରଖି ସେମାନଙ୍କର ସେନାପତି ହୋଇଥିଲେ । ମାର୍କିନ ସ୍ଥଳ ସେନାର ସେନାପତିର ନାମ ଜେନରଲ ସାଫ୍‌ଟର । ପ୍ରଥମେ ମାର୍କିନ ଯୁଦ୍ଧ ଜାହାଜ ପ୍ରକାଣ୍ଡ ଗୋଳାମାନ ଚାରିଆଡ଼କୁ ବୃଷ୍ଟି କରିବାଦ୍ୱାରା ଯୁଦ୍ଧାରମ୍ଭ କଲେ । ସେ ଗୋଳା ବୃଷ୍ଟିରେ ନଗର ରକ୍ଷାର କ୍ଷୁଦ୍ର ଦୁର୍ଗ ଏବଂ ତୋପଖାନାମାନ ଚୂର୍ଣ୍ଣୀଭୂତ ହୋଇଗଲା । ଗୋଳା ସବୁର ବସ୍ତୁକର ପ୍ରଭାବ ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଥିଲେ । ସ୍ପେନର ବିଚକ୍ଷଣ ସେନାପତି ମାର୍କିନ ଜାହାଜକୁ ଲକ୍ଷ କରି ଏମନ୍ତ କୌଶଳରେ ଗୋଳା ବୃଷ୍ଟି କଲେ ଯେ ମାର୍କିନ ସେନାପତି ସାମସନ ଅସ୍ଥିର ହୋଇଗଲେ । କଥିତ ଅଛି ସରଭେରାଙ୍କର ଏକ ଗୋଳା ମାର୍କିନ ଜାହାଜରେ ପଡ଼ି ପ୍ରାୟ ଦୁଇଶତ ସୈନ୍ୟ ନଷ୍ଟ କରିଥିଲା । ସ୍ଥଳରେ ଜେନରଲ ସାଫ୍‌ଟର କନ୍ତୁସଙ୍ଗୀନ ସୈନ୍ୟ ସଙ୍ଗ ନଗରାଭିମୁଖେ ଯାତ୍ରା କଲେ ମାତ୍ର ସ୍ପେନୀୟ ସେନା ଏମନ୍ତ ବିକ୍ରମରେ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଲଢ଼ିଲେ ଯେ ମାର୍କିନ ସେନା ଅଗ୍ରସର ହୋଇ ପାରିଲେ ନାହିଁ । ୨ୟ ଦିନ ସକାଳୁ ପୁନର୍ବାର ଯୁଦ୍ଧ ଆରମ୍ଭ ହୋଇ ସନ୍ଧ୍ୟା ପର୍ଯ୍ୟନ୍ତ ଲାଗି ରହିଲା । ଏ ଦିନର ଯୁଦ୍ଧ ଅତ୍ୟନ୍ତ ଭୀଷଣ ଥିଲା ଏବଂ ସ୍ପେନ ସେନା ଅସାଧାରଣ ବୀରତ୍ୱ ଦେଖାଇ ଏମନ୍ତ ଦର୍ପରେ ଯୁଝିଲେ ଯେ ମାର୍କିନ ସେନାପତି ପଛକୁ ହଟିବାକୁ ବାଧ୍ୟ ହେଲେ ଏବଂ ଶେଷରେ ସସୈନ୍ୟେ ଏକ ଶୈଳ ଉପରେ ଆଶ୍ରୟ ଗ୍ରହଣ କରି ରହିଲେ । ଯେବେ ସେହି ସ୍ଥଳରେ ସ୍ପେନ ସେନା ଆକ୍ରମଣ କରିଥାନ୍ତେ ତେବେ ମାର୍କିନ ସୈନ୍ୟ କେହି ରକ୍ଷା ପାଆନ୍ତେ ନାହିଁ । ମାତ୍ର ମାର୍କିନର ଭାଗ୍ୟକୁ ତାହା ଘଟିଲା ନାହିଁ । ସେମାନଙ୍କୁ ହଟାଇ ଦେଇ ସ୍ପେନ ସେନାପତି ଆପଣା ଦଳ ସହିତ ନଗରକୁ ଫେରି ଗଲେ । ଏହି ଦୁଇଦିନର ଯୁଦ୍ଧରେ ମାର୍କିନର ଦୁଇହଜାର ଏବଂ ଅନ୍ୟ ପକ୍ଷର ଦୁଇହଜାର ସୈନ୍ୟ ମରି ପଡ଼ିଥିଲେ ଏବଂ ରଣକ୍ଷେତ୍ରରେ ରକ୍ତନଦୀ ବହିଯାଇଥିଲା । ୩ୟ ଦିନ ପ୍ରାତଃକାଳରେ ନୌସେନାପତି ସରଭେରା ସମ୍ଭବତଃ ସାଣ୍ଟିଆଗୋ ରକ୍ଷା ପାଇବା ଅସମ୍ଭବ ମନେ କରି ଆପଣା ଜାହାଜମାନ ରକ୍ଷାର୍ଥେ ସମୁଦ୍ରକୁ ବାହାର ଯିବାର ଆଦେଶ ଦେଲେ । ମାର୍କିନ ସେନାପତି ଏହି ସୁଯୋଗ ପାଇ ପଛ ଧରି ଏମନ୍ତ ଯୁଦ୍ଧ କଲେ ଯେ ପରିଶେଷରେ ସରଭେରାଙ୍କର ସମସ୍ତ ରଣତରୀ ଧ୍ୱଂସ ହେଲା ଏବଂ ସେ ସ୍ୱୟଂ ମାର୍କିନ ହସ୍ତରେ ବନ୍ଦୀ ହେଲେ । ସରଭେରା ଯେବେ ୨।୩ ଘଣ୍ଟା ବିଳମ୍ବ କରିଥାନ୍ତେ ତେବେ ମାର୍କିନ ଜାହାଜମାନ ପଳାଇ ଥାନ୍ତେ । ସେ ଏତେବଡ଼ ରଣପଣ୍ଡିତ ହୋଇ ଏମନ୍ତ ଭ୍ରମରେ ପଡ଼ିଗଲେ ଏହା ଦୈବ ବିଡ଼ମ୍ବନା ଭିନ୍ନ ଆଉ କି ବୋଲିଯିବ ? ସ୍ପେନ ବାସୀମାନେ ଏ ସମ୍ବାଦ ପାଇ ଉନ୍ମତ୍ତ ପ୍ରାୟ ହୋଇଅଛନ୍ତି ମାତ୍ର ସେମାନଙ୍କର ଏତେ ଦମ୍ଭ ଯେ ଏହି ପରାଜୟରେ ହତାଶ ନ ହୋଇ ଯୁଦ୍ଧ କରିବାର ସ୍ଥିର କରିଅଛନ୍ତି । ସନ୍ଧିର ପ୍ରସ୍ତାବ ଶୁଣନ୍ତି ନାହାନ୍ତି । ଏକଜଣ ସିପାହୀ ଜୀବିତ ଥିବା ପର୍ଯ୍ୟନ୍ତ ଯୁଦ୍ଧ ଛାଡ଼ିବେ ନାହିଁ ବୋଲି କହୁଅଛନ୍ତି । ଏହି ବ୍ୟାପାର ଭିତରୁ ଜେନରଲ ସାଫ୍‌ଟର ସାଣ୍ଟିଆଗୋ ସମର୍ପଣ କରିବାପାଇଁ ସମ୍ବାଦ ପଠାଇ ଥିଲେ ମାତ୍ର ଜେନରଲ ଟ୍ରାଲୋ ଉତ୍ତର ଦେଲେ କି ସେ ପ୍ରାଣତ୍ୟାଗ କରିବା ପର୍ଯ୍ୟନ୍ତ ଯୁଦ୍ଧରୁ ଶାନ୍ତ ହେବେ ନାହିଁ । ପ୍ରକୃତରେ ସ୍ପେନର ରଣତରୀ ନଷ୍ଟ ହେଲେହେଁ ସାଣ୍ଟିଆଗୋ ନେବା ସହଜ ହେବ ନାହିଁ । ଅତଏବ ଅନୁମାନ ହୁଏ ଅନ୍ତର ଭୀଷଣ ଯୁଦ୍ଧ ହେବ ।

---

## ସାପ୍ତାହିକ ସମ୍ବାଦ ।

### କଲିକତା-ଗେଜେଟ ।

ଡେପୁଟୀକଲେକ୍ଟର ବାବୁ ନନ୍ଦମୋହନ ବାନାର୍ଜି ଷଷ୍ଠ-ଶ୍ରେଣୀରେ ବାହାଲ ହେଲେ ।

ରେଭେନସା କଲେଜିଏଟ ସ୍କୁଲର ହେଡ଼ମାଷ୍ଟର ବାବୁ ହରିଦାସ ବାନାର୍ଜି ଏକମାସ ଛୁଟୀ ନେବାରୁ ତାଙ୍କ ସ୍ଥାନରେ କଟକ ଟ୍ରେନିଂ ସ୍କୁଲର ଅସିଷ୍ଟାଣ୍ଟ ମାଷ୍ଟର ବାବୁ ଚନ୍ଦ୍ରମୋହନ ମହାରଣା ନିଯୁକ୍ତ ହେଲେ ।

ଓଡ଼ିଶା ବିଭାଗର ଅଃ ସ୍କୋ ଇନ୍‌ସ୍ପେକ୍ଟର ବାବୁ ଗୋବିନ୍ଦଚନ୍ଦ୍ର ଦାସ ଗୁପ୍ତ ଡେପୁଟିକଲେକ୍ଟର ଏବଂ ଡେପୁଟିମାଜିଷ୍ଟ୍ରେଟ ତିନିମାସର ଛୁଟୀ ପାଇଲେ ।

ନିମ୍ନ ସଡ଼କକୁ ବଢ଼ିଲୁ ରକ୍ଷାକରିବା କାରଣ । ଠ । କଟକ । ଗ୍ରା । କନ୍ଥପୁରା । ମୌ । ବୁଲିଙ୍କାରେ ପ୍ରାୟ ମା ୦।୧୯ ଏବଂ ଜେଲାର ଏଗ୍ରକାର ପାଣିମାହାର ସହାଣେ । ଗ୍ରା । ପଦ୍ମପୁର । ମୌ । ମହାପଡ଼ା ମା ୨ ଣ । ଗ୍ରା । ଅଲଗ । ମୌ । ଗୋପାଳପୁର ମା ୧ ଣ । ଗ୍ରା । ବାଲୁବଣି । ମୌ । ସାହେବନଗରରେ ପ୍ରାୟ ମା ୦ । ୨୦ ପୁଣ୍ଟ ଜମି ସରକାର ଗ୍ରହଣ କରିବାର ଘୋଷଣା ହୋଇଅଛି ।

---

ଏ ସପ୍ତାହରେ ପ୍ରଚୁର ବର୍ଷା ହେଲେହେଁ ପରିମାଣ ଅନୁସାରେ ଉଣା ଏବଂ କୃଷିକାର୍ଯ୍ୟ ନିମନ୍ତେ ଯଥେଷ୍ଟ ନୁହେ । ଶୀଘ୍ର ଭଲ ବର୍ଷା ହେବାର ଆଶା ଅଛି ।

ଏ ନଗରରେ ଏ ସପ୍ତାହରେ ଜ୍ୱରରୋଗର ଅଧିକ୍ୟ ହୋଇଅଛି । ଅନ୍ୟ କୌଣସି ରୋଗର ଭୟ ନାହିଁ ।

ଏପର୍ଯ୍ୟନ୍ତ ଚାଉଳର ଦର ପ୍ରାୟ ଏକଇ ପଡ଼ୁଅଛି । କାଲିଠାରୁ ଦାମ ବଢ଼ିବାର ଦେଖାଗଲା ।

ଗତ ଶନିବାର ଏଠା କମିଶନର ସାହେବଙ୍କ ଭବନରେ ପ୍ରଜାମାନଙ୍କ ପକ୍ଷରେ ଖାଜଣା ଓ ବନ୍ଦୋବସ୍ତ ସମ୍ବନ୍ଧ ମଧ୍ୟରେ ସ୍ଥିର ହୋଇଅଛି । ଅନେକ ତର୍କ ହୋଇଅଛି ।

କଟକର ନିକଟର ମାଲଗୁଜାରୀ ସମ୍ବନ୍ଧରେ ଗୋଟାଏ ଭୂମିର କରଦାନ ଶତକରେ ଅଗ୍ନିସମ ପ୍ରାୟ ଦେଇଥିବାର ପ୍ରତ୍ୟକ୍ଷ ହୋଇଅଛି ।

Digitized by srujanika@gmail.com

Split by PDF Splitter



ବଙ୍ଗୀୟ ବ୍ୟବସ୍ଥାପକ ସଭାର ଅଧିବେଶନ ଅସାମୀ ଶନିବାର ହେବ ।

ଚନ୍ଦନଗର ଅପଣା ରାଜଧାନୀରେ ଉଭସ୍ଲେପର ଆଦର୍ଶରେ ଗୋଟିଏ ବିଶ୍ୱବିଦ୍ୟାଳୟ ସ୍ଥାପନ କରିବାର ଆଦେଶ ଦେଇଅଛନ୍ତି ।

ଦୁଇଜଣ ଜର୍ମାନ ଦେଶୀୟ ବଣିକ କାବୁଲର ଅମିରଙ୍କ ଅନୁଗ୍ରହରେ ଅଫଗାନ ସ୍ଥାନକୁ ଯାଇ ସେଠାରେ ଗୋଟିଏ କାଚର କାରଖାନା ବସାଇବାର ବନ୍ଦୋବସ୍ତ କରୁଅଛନ୍ତି ।

ମଧ୍ୟପ୍ରଦେଶର ଚିଫ୍ କମିଶନର ସାର ମ୍ୟାକନେ ଥିଲ କାର୍ଯ୍ୟ ତ୍ୟାଗ କରି ସ୍ୱଦେଶକୁ ବାହାରିବାରୁ ଶ୍ରୀଯୁକ୍ତ ଫ୍ରେଜର ଉଦନ୍ତମାନ ସାହେବ ତାହାଙ୍କ କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି ।

ଗତମାସ ତା ୧ ଦିନରେ ବୋମ୍ବାଇଠାରେ ଗୋଟିଏ ଧୂମକେତୁ ଦେଖାଯାଇଥିଲା । ରାତ୍ରି ୧ ଘଣ୍ଟା ବାଜିବା ପରେ ତାହା ଦେଖାଯାଏ ଏବଂ ତାହା ଦେଖିବାର ବହୁତ ଚେଷ୍ଟା କରାଗଲା ମାତ୍ର କିଛି ଫଳ ହେଲା ନାହିଁ । ଏବଂ ଏହି ଜନ୍ୟ ଆମ୍ଭେ ଜଣେକ ମହିଳା ଏତଦ୍ୱାରା ଯୋଗ୍ୟ ମନେ ଅଛନ୍ତି ।

ସ୍ପେନ ମାର୍କିନ ଯୁଦ୍ଧରେ ମାର୍କିନମାନେ ବ୍ୟୋମଯାନଦ୍ୱାରା ଆକାଶମାର୍ଗରେ ଉଡ୍ଡୀୟମାନ ହୋଇ ଶତ୍ରୁପକ୍ଷର ଗତିବିଧି ପରିଦର୍ଶନ କରୁଥିବାର ସମ୍ବାଦ ମିଳଇ । ସେମାନେ ଏତେ ଉଚ୍ଚକୁ ଯାଉଅଛନ୍ତି ଯେ ଶତ୍ରୁପକ୍ଷୀୟ ଗୋଳି ସେମାନଙ୍କୁ ସ୍ପର୍ଶ କରି ପାରୁ ନାହିଁ ।

ସିମଲାଠାରେ ସରକାରୀ ଦପ୍ତରର ବୈଦେଶିକ ବିଭାଗରୁ ଅନ୍ୟାୟରୂପେ ସମ୍ବାଦ ଗ୍ରହଣ କରିବାକୁ ଚେଷ୍ଟା କରୁଥିବା ଅଭିଯୋଗରେ ଗୁଲଫର୍‌ଲାଲ ନାମକ ଜଣେ ବ୍ୟକ୍ତି ଧୃତ ହୋଇଥିଲେ । ସେ ବର୍ତ୍ତମାନ ସରକାରଙ୍କ ନାମରେ ଟ ୩,୮୧,୪୮,୦୦୦ ଙ୍କା ଦାବିରେ ନାଲିଶ ଦାୟର କରୁଥିବାର ସମ୍ବାଦ ମିଳଇ ।

ପର୍ତ୍ତୁଗାଲର ରାଜା ତାଙ୍କର ଦରବାରୀୟ ଶାସିତ ପ୍ରଜା ଗୋଆବାସୀ ମାଣିକଜୀ ମହାଶୟଙ୍କୁ ନାଇଟହୁଡ ଉପାଧି ପ୍ରଦାନ କରିଥିବାର ସମ୍ବାଦ ମିଳଇ । ଏ ମହାଶୟ ପର୍ତ୍ତୁଗାଲ ପ୍ରଜାମାନଙ୍କର ମହାମାରୀ ରୋଗ ଜନିତ ଭୟ ନିବାରଣ ଏବଂ ସେମାନେ ଟୀକା ନେବାପାଇଁ ବିଶେଷ ଯତ୍ନ କରିଥିବା ହେତୁ ଏ ସମ୍ମାନ ପ୍ରାପ୍ତ ହୋଇଅଛନ୍ତି ।

ମହୀଶୂର ମହାରାଣୀଙ୍କ ହସ୍ପିଟାଲରେ ଗୋ ୭ ଟି ବ୍ରାହ୍ମଣ ମହିଳା ଡାକ୍ତରୀ ବିଦ୍ୟା ଶିକ୍ଷା କରୁଥିବାର ସମ୍ବାଦ ମିଳଇ । ବର୍ତ୍ତମାନ ଏମାନେ ମାସିକ ଟ ୭ ଙ୍କା ବୃତ୍ତି ପାଉଅଛନ୍ତି । ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ ଉକ୍ତ ହସ୍ପିଟାଲରେ ପ୍ରଥମତଃ ମାସିକ ଟ ୧୦ ଙ୍କା ବେତନରେ କାର୍ଯ୍ୟ ପାଇବେ ।

ଅଧିକ ବୃଷ୍ଟିହେତୁ କଲିକତାରେ କେତେଗୁଡ଼ିଏ କୋଠା ଘର ଭାଙ୍ଗି ପଡ଼ିଥିବାର ସମ୍ବାଦ ମିଳଇ । ଏଥିରେ ଅନେକ ମାଲ ଯେ ଚାପି ପଡ଼ି ନଷ୍ଟ ହୋଇଅଛି ମାତ୍ର କୌଣସି ଲୋକ ନଷ୍ଟ ହୋଇ ନାହାନ୍ତି ।

କଲିକତାଠାରେ ଜଣେ କେରାଣୀ ହଠାତ୍ ଅପଣା ମଶାରିରେ ନିଆଁ ଲଗାଇଦେବାରୁ ପରକୁ ନିଆଁ ତାହାର ଲୁଗାରେ ଲାଗି ଏମନ୍ତରୂପରେ ସେ ପୋଡ଼ିଗଲା ଯେ ଅଳ୍ପକ୍ଷଣ ପରେ ତାହାର ମୃତ୍ୟୁ ଘଟଣା ହେଲା ।

ଉତ୍ତରପଶ୍ଚିମ ପ୍ରଦେଶରେ ଗ୍ରୀଷ୍ମର ତାପ ଏତେ ଅଧିକ ହୋଇଥିଲା ଯେ ଜଣେ ସାହେବର ଶରୀର ଘର୍ମ ହେତୁରେ ମରି ପଡ଼ିଥିଲା ।

## ଜଗତ୍‌ସିଂହପୁର-ସମ୍ବାଦ ।

ମୌସୁମୀ ବୃଷ୍ଟିର ପରିମାଣ ଅନେକ ନ୍ୟୂନ ହେଲେହେଁ ଉପସ୍ଥିତ ବର୍ଷା ୫ ଦିନରୁ ଫସଲ ପକ୍ଷରେ ଉତ୍ତମ ଲାଭ ହୋଇଅଛି ।

ବସନ୍ତଦେବୀ ଅଳସୁଆ ଏ ଉଗ୍ରତା ପରିତ୍ୟାଗ ନ କରି ସୁବିଧାମତେ ନିଜ ଉଦର ପୂରଣରେ ନିଷ୍ଠ କରୁଅଛନ୍ତି ।

ଡାକାତ ଏବର୍ଷ ଏତେ ଅଧିକ ବ୍ୟାପିଅଛି ଯାହା ଅଙ୍କ ଶ୍ରାବଣମାସ ଉପସ୍ଥିତ ହେଲେ ମଧ୍ୟ ଶେଷ ହୋଇ ନାହିଁ ।

ଗାଳିବୃତ୍ତା ବ୍ରାଞ୍ଚ ପୋଷ୍ଟଅଫିସରୁ ମନିଅର୍ଡ୍ଡର ଇତ୍ୟାଦି କେତେକ ମାସହେଲା ଉଠି ଯାଇଥିଲା ଅନନ୍ତର ବିଷୟ ଯେ ସେହି କାର୍ଯ୍ୟମାନ ସେ ଡାକଘରକୁ ଫେରି ଆସିଅଛି ।

## ଢେଙ୍କାନାଳ-ସମ୍ବାଦ ।

ଏ ବର୍ଷର ଶ୍ରୀ ଜଗନ୍ନାଥଙ୍କର ରଥଯାତ୍ରା ନିର୍ବିଘ୍ନରେ ନିର୍ବାହ ହୋଇଅଛି ମେନେଜର ଓ ଇନ୍ସପେକ୍ଟର ମହାଶୟମାନେ ଥାଇ ରଥ ଗୁଣ୍ଡିଚା ବାହାରିବାର ଉତ୍ତମ ବେଳ ମନୁଷ୍ୟ ଟଣାଇବାର ସୁବନ୍ଦୋବସ୍ତ ଓ ଜଳଦ୍ୱାର କେବଳ ଶୁଦ୍ଧାଯାତ୍ରୀ ମାନ ରଥ ଦଉଡ଼ି ଓ ସୁବିଧାର ଉପାୟମାନ ଅବଲମ୍ବନ କରିଥିଲେ । ଗୁଣ୍ଡିଚାକୁ ପାଞ୍ଚହଜାର ଓ ବାହୁଡ଼ାକୁ ଦୁଇହଜାର ଯାତ୍ରୀ ହୋଇଥିଲେ । ଲୋକମାନେ ଯାତ୍ରା ଦେଖି ଖଜା, ମୁଆଁ ମିଠାଇ ଖାଇ ବାବୁମାନଙ୍କୁ ଶତ ଧନ୍ୟବାଦ ଦେଇ ଗୃହ ଯାଉଥିଲେ ।

ଶୁଣାଯାଏ ମେନେଜର ବାବୁଙ୍କ ଯତ୍ନରେ ବଲ୍ଲଭପୁର ଗ୍ରାମରେ ( ଯହିଁରେ କି ଅନେକ ହାଟୁଆଙ୍କ ବସତି ) ତହିଁରେ ଏକ ହାଟ ବସାଇବାରୁ ଲୋକମାନଙ୍କର ବିଶେଷ ସୁବିଧା ହୋଇଅଛି ।

ପୂର୍ବୋକ୍ତ ମହାବଳ ବ୍ୟାଘ୍ରମାନେ ମଧ୍ୟ ହୋଇ ବାଣୁଆମାନେ ଟ ୪୦ ଙ୍କା ପୁରସ୍କୃତ ହୋଇଅଛନ୍ତି ।

ବଡ଼ ଦୁଃଖର ବିଷୟ ଯେ ବନ୍ଧାପାଳ ପ୍ରଭୃତି କେତେକ ଗ୍ରାମରେ ଏକ ରୋଗ ପ୍ରବେଶ ହୋଇଅଛି ଯାହାକୁ ଆମ୍ଭମାନଙ୍କ ଷ୍ଟେଟର ଡାକ୍ତର ମହାଶୟ ଟାଇଫଏଡ୍ ଓ ଲଠ୍ୟବାତା ମହାମାରୀ ଟାଇଫସ୍ ଫିଭର ବୋଲି ନିଶ୍ଚୟ କରିଅଛନ୍ତି । ରୋଗର ଲକ୍ଷଣ ଗୋଡ଼ କମ୍ପିବା ଝାଳ ବୋହିବା ଘଣ୍ଟି ପୀଡ଼ା ଅକ୍ଷି ନାଲ ବର୍ଣ୍ଣ ବାନ୍ତି ହୁଅଇ ନାହିଁ ସ୍ତ୍ରୀ ପୁରୁଷ ବାଳକ ବାଳିକା ସମସ୍ତଙ୍କୁ ହେଉଅଛି । ପାଞ୍ଚ ପନ୍ଦରଦିନ ଓ ଦୁଇଟା ହାଇମାର ମରୁଥିବା ମୃତ୍ୟୁସଂଖ୍ୟାପରେ ମରୁଥିବା ଗଣାହେଲେ ସ ୭ଶ୍ୟା ପଞ୍ଚେଇଶ ହୋଇ ପାରିଅଛି ।

ଶୁଣାଗଲା ଯେ ଶ୍ରୀ ବନମାଳୀ ସିଂହ ନାବାଳଗ ରାଜାଙ୍କ ମହାଫିଜ କାର୍ଯ୍ୟ ତ୍ୟାଗ କରି ମହା ମାନ୍ୟାସ୍ପଦା ରାଣୀଙ୍କଠାରେ ଅର୍ପଣ କଲେ । ଶରୀର ଭଲ ନ ରହିବା ଏହାର ହେତୁ ଅଟେ ।

ଆମ୍ଭମାନଙ୍କ ମେନେଜର ବାବୁଙ୍କ ସହିତ ମୁକାମରେ ବନ୍ଦୋବସ୍ତ କାର୍ଯ୍ୟର ତଦାରଖାରଣରେ ଗଲେ । ପ୍ରଜାମାନେ ସନ୍ତୋଷପୂର୍ବକ ନୂତନ ଜମା ଦେଉଅଛନ୍ତି ।

ହାଇସ୍କୁଲରୁ ପରୀକ୍ଷାର୍ଥୀ ମଧ୍ୟରୁ ଜଣେ ପାସ କରିଥିବା ବଡ଼ ଆନନ୍ଦର ବିଷୟ ଅଟଇ !

## ଧର୍ମପ୍ରେରକଙ୍କ ପତ୍ର ।

ଧୀନବନ୍ଧୁ ମହାନ୍ତି—ବହୁକାଳରୁ ଜାଜ୍ୱଲ୍ୟ ଜଟିଳ ବ୍ୟାଧିଗ୍ରସ୍ତ ନାନା ଉପାୟରେ ବିଫଳ ହୋଇ ଜୀବନର ଆଶା ଛାଡିଥିଲେ । ଜଗତ୍‌ସିଂହପୁରରେ ଡାକ୍ତରଖାନା ଥିବାର କୌଣସି ବନ୍ଧୁଠାରୁ ଶୁଣି ସେଠାରେ ଆଶ୍ରୟ ନେବାରୁ ଡାକ୍ତର କାମିନୀ ବାବୁଙ୍କ ଯତ୍ନରେ ସମ୍ପୂର୍ଣ୍ଣରୂପେ ଆରୋଗ୍ୟ ହୋଇ ତାହାଙ୍କୁ ଧନ୍ୟବାଦ ଦେଇଅଛନ୍ତି ।

ଶ୍ରୀ ଅପର୍ଣ୍ଣାପଣ୍ଡା ପାରଳା ଖେମଣ୍ଡିରୁ ଲେଖିଅଛନ୍ତି କି ଶ୍ରୀ କାବୁଲର ଟାଉନହଲ ସମାଜ ଶ୍ରୀ ଦିବସ୍ତ ଓ ପଣ୍ଡିତ ରାୟ ବାହାଦୁର ପଦ ପାଇବାରୁ ତାହାଙ୍କୁ ସଙ୍କୁଳବାନିମନ୍ତେ ଗୋଟିଏ ସଭା କରି ପାରଳାଖେମଣ୍ଡିର ୨ୟ ରାଜକୁମାରଙ୍କୁ ତହିଁର ସଭାପତି ହେବା କାରଣ ବହୁ ସମ୍ମାନପୂର୍ବକ ଆମନ୍ତ୍ରଣ କରିବାରେ ରାଜକୁମାର ମହୋଦୟ ସ୍ୱବାନ୍ଧବେ ସେଠାରେ ଉପସ୍ଥିତ ହୋଇ ସଭାର କାର୍ଯ୍ୟ ଉତ୍ତମରୂପେ ନିର୍ବାହ କରିଥିଲେ, ସମାଜର ଆମନ୍ତ୍ରଣମତେ ଅନ୍ୟାନ୍ୟ ସ୍ଥାନର କେତେକ ପଣ୍ଡିତ ଓ ଭଦ୍ରଲୋକ ଏ କାର୍ଯ୍ୟରେ ଯୋଗ ଦେଇଥିଲେ ଏବଂ ସମାଜ ସମସ୍ତଙ୍କର ଯଥାବିହିତ ସମାଦର କରିଥିଲେ ।

ଶ୍ରୀ ସତ୍ୟେନ୍ଦ୍ର ମହାପାତ୍ର ମିଶନସ୍କୁଲ ଛାତ୍ର—ମୃତ ସାଧୁଚରଣ ରାୟଙ୍କ ସ୍ମରଣାର୍ଥ ପଦ୍ୟ ସ୍ଥାନାନ୍ତରକୁ ପ୍ରକାଶ କରି ନ ପାରି ଦୁଃଖିତ ହେଲୁ ।

## ପ୍ରେରିତପତ୍ର ।

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ପରମ ମାନ୍ୟବର ଶ୍ରୀଯୁକ୍ତ ଶ୍ରୀ ଉତ୍କଳଦୀପିକା ସମ୍ପାଦକ ମହୋଦୟ ସମୀପେଷୁ ।

ମହାଶୟ !

ଅନୁକମ୍ପାପୂର୍ବକ ଅଧଃପ୍ରକଟିତ ବିଷୟକୁ ଭବଦୀୟ ଜଗତ୍‌ବିଖ୍ୟାତ ପତ୍ରିକାରେ ସ୍ଥାନଦାନ କରି ଚରିତାର୍ଥ କରାଇବା ହେବେ ।

ବିଷୟ ଏହି

ଅବସ୍ଥି ଶ୍ରୀଯୁକ୍ତ ଶ୍ରୀରାଜା । ତ । ବଳରାମପୁର ଅଧିପତି ମହୋଦୟ ଶ୍ରୀଯୁକ୍ତ ଶ୍ରୀ ରାଜା କର୍ଣ୍ଣେଲ ରେଢ଼ାଖୋଲ ଅଧିପତିଙ୍କର ପୌତ୍ରୀଙ୍କ ସହ ସ୍ୱୟଂ ଶୁଭମଙ୍ଗଳ ବିବାହୋପଲକ୍ଷେ ବିଶେଷ ସୈନ୍ୟସାମନ୍ତ ଓ ଯାନାଦି ସହିତ ସୁସମାରୋହରେ ତା ୧୬।୬।୯୮ ରଖେ ଅତ୍ର ନିଜ ଦୁର୍ଗଠାରୁ ଶୁଭକ୍ଷଣେ ଯାତ୍ରା କରିଥିଲେ । ପରମେଶ୍ୱରଙ୍କ କୃପାରୁ ରାଜା ମହୋଦୟ ନିରୂପିତସ୍ଥାନେ ନିର୍ଦ୍ଦିଷ୍ଟ କାର୍ଯ୍ୟକୁ ସୁସମ୍ପନ୍ନରୂପେ ନିର୍ବାହପୂର୍ବକ ପୁନଶ୍ଚ ପ୍ରତ୍ୟା-

Digitized by srujanika@gmail.com

ବର୍ତ୍ତନ କରି ତା ୨୪।୬।୯୮ ରଙ୍ଗେ ସ୍ୱଗସ୍ଥଙ୍କର ନିଜ ଦୁର୍ଗରେ ପ୍ରବେଶ ହୋଇଥିଲେ । ଅନନ୍ତର ନିଜଦୁର୍ଗଠାରେ ପ୍ରତ୍ୟହ ମଙ୍ଗଳସରେ ନାଚତମାସା ଓ ବିଷ୍ଣମନ୍ତେ ବ୍ରାହ୍ମଣ ବୈଷ୍ଣବ ଏବଂ ସମ୍ଭ୍ରାନ୍ତାଦିଙ୍କୁ ଭୋଜ ଇତ୍ୟାଦ ଦେଇ ସାଧାରଣଙ୍କର ଧନ୍ୟବାଦର ପାତ୍ର ହୋଇ ରାଜା ମହୋଦୟ ନିଜ ଗୁଣଲୁ ବିଖ୍ୟାତ କରୁଅଛନ୍ତି । କୃତାଞ୍ଜଳିପୂର୍ବକ ଜଗଦୀଶ୍ୱରଙ୍କୁ ଏହି ପ୍ରାର୍ଥନା କରୁଅଛି ଯେ ଶ୍ରୀମାନ୍ ବଳରାମପୁରାଧିପତିଙ୍କର ଉଦ୍ଦେଶ୍ୟ ଫଳ ସାଧନ କରାଇଲେ ମୋର ସମସ୍ତ ଦୁଃଖ ମୋଚନ ହେବ । ବିଶେଷତଃ ସାଧାରଣଙ୍କର ମହା ଆନନ୍ଦସ୍ରୋତ ଚିରକାଳକୁ ପ୍ରବାହିତ ହେବ । ଇତି ।

ବଶମ୍ବଦ
ଶ୍ରୀ ଚିନ୍ତାମଣି ମହାନ୍ତି ହୃ ପୂ ବୈଷ୍ଣବ
। ବ । ବଳରାମପୁର ଉଃ ପ୍ରାଃ ସ୍କୁଲ ।

---

ମହାଶୟ !

କିଛୁଦିନ ପୂର୍ବେ କନିକାଲର ଶ୍ରୀଯୁକ୍ତ ଦୀନବନ୍ଧୁ ବାବୁ ଓ ଖୋର୍ଦ୍ଧାର ଶ୍ରୀଯୁକ୍ତ ଗୋବିନ୍ଦ ମହାନ୍ତି ରାୟ ବାହାଦୂର ପଦ ନିଜ ନିଜ କାର୍ଯ୍ୟକାରିତା ଯୋଗେ ରାଜ ପ୍ରତିନିଧି ମାନନୀୟ କମିଶନର ମହୋଦୟଙ୍କ ସୁପୋଷ କ୍ରମେ ସୁଯୋଗ୍ୟ ପ୍ରଜା ପାଳକ ଗବର୍ଣ୍ଣମେଣ୍ଟଙ୍କ କର୍ତ୍ତୃକ ପ୍ରାପ୍ତ ହୋଇଥିଲେ । ତତ୍ପରେ ଯୋଗ୍ୟତା ଅବ ସଦ୍ଗୁଣର ଆଧାର ହେବରୁ କଟକର ଶ୍ରୀଯୁକ୍ତ ରାଧାନାଥ ବାବୁ ଓ ଯୋଗେନ୍ଦ୍ର ବାବୁ ରାୟ ବାହାଦୂର ଖେତାବ ପ୍ରାପ୍ତ ହୋଇଅଛନ୍ତି । ଅଧୁନା ଢେଙ୍କାନାଳର ଶ୍ରୀଯୁକ୍ତ ବଙ୍କିମ ବାବୁ ମାନନୀୟ କମିଶନର ଲୁକ୍ ସାହେବ ମହୋଦୟଙ୍କ ସୁପୋଷ କ୍ରମେ ଗବର୍ଣ୍ଣମେଣ୍ଟରୁ ରାୟ ସାହେବ ଖେତାବ ପ୍ରାପ୍ତ ହୋଇଅଛନ୍ତି । ଏହା ବିଶେଷ ପ୍ରଶଂସାର କଥା ସନ୍ଦ୍ୟ କାରଣ ବାବୁ ମହୋଦୟ ଉଦ୍ଯୋଗୀ, ସାହାସୀ ଓ କାର୍ଯ୍ୟଦକ୍ଷ ମାତ୍ର ଅନ୍ୟ ଉଚ୍ଚପଦସ୍ଥଗଣଙ୍କ ଏହିପରି ସୁବିଧା ଓ ଅର୍ଥର ବଳ ମିଳିଥିଲେ ଯେ ଏମନ୍ତ ରାସ୍ତା ଘାଟରେ ସୁଗମ ପଥ କରି ପାରି ଥାଆନ୍ତେ କି ନାହିଁ ତାହା ନିଶ୍ଚୟ କରି କହିବା ସୁକଠିନ । ମାତ୍ର ଏ ଅତ୍ୟନ୍ତ କାର୍ଯ୍ୟପ୍ରିୟ ।

ଖେତାବ ପ୍ରାପ୍ତ ମହାତ୍ମାଗଣଙ୍କ ମଧ୍ୟରେ ମାନ୍ୟବର ରାୟ ନନ୍ଦକିଶୋର ଦାସ ବାହାଦୁର ଏବଂ ପୂଜ୍ୟତମ ରାୟ ରାଧାନାଥ ରାୟ ବାହାଦୁରଙ୍କର ଯେମନ୍ତ ଅଗ୍ରହାୟଣସ୍ୟର ଅପୂର୍ବ ଭାବ ଦେଖାଯାଇଥିଲା ସେମନ୍ତ ଅପର କୌଣସି ମହାତ୍ମାଙ୍କ ଠାରେ ଦେଖିବାକୁ ବା ଶୁଣିବାକୁ ପାଇ ନାହୁଁ । ଏଣୁ ସେହି ମହାତ୍ମାମାନେ ଏ ସମସ୍ତ ଖେତାବ ସମ୍ବନ୍ଧେ ଯେଉଁ ଯେଉଁ ମତ ବ୍ୟକ୍ତ କରିଅଛନ୍ତି ବା କରନ୍ତି ତାହା ପାଳନୀୟ ଓ ଗ୍ରହଣୀୟ ଅଟେ ।

ଯେ ଯାହାହେଉ ରାଜଦତ୍ତ ଖେତାବମାନ ଯେବେ ବଡ଼ ବଡ଼ କାର୍ଯ୍ୟଦକ୍ଷ ଓ ଗୁଣୀ ବ୍ୟକ୍ତିଗଣଙ୍କର ସମ୍ମାନ ବମ୍ବା ଶାନ୍ତ ପ୍ରଦାନ ସୂଚକ ଅଟେ ତେବେ ବହୁ ନ୍ୟାୟବାନ୍ କାର୍ଯ୍ୟକାରୀ, ଦେଶ ହିତୈଷୀ, ସଦାଶୟ, ଅଧ୍ୟବସାୟୀ, କାର୍ଯ୍ୟଦକ୍ଷ, ସୁଗୁଣୀ ବିଖ୍ୟାତ ଶ୍ରୀଯୁକ୍ତ ଜଗମୋହନ ବାବୁ, ଶ୍ରୀଯୁକ୍ତ ମଧୁସୂଦନ ବାବୁ, ଶ୍ରୀଯୁକ୍ତ ଗୌରିଶଙ୍କର ବାବୁ, ଶ୍ରୀଯୁକ୍ତ ନାରାୟଣ ବାବୁ, ଶ୍ରୀଯୁକ୍ତ ବନମାଳୀ ବାବୁ ଆଦି ମହୋଦୟଗଣ କି ହେତୁ ଅଦ୍ୟାବଧି ଉକ୍ତ ସମ୍ମାନ ସୂଚକ ଖେତାବମାନ ପ୍ରାପ୍ତ ହୋଇ ନାହାନ୍ତି ତାହାର ଚିନ୍ତା ଦୂର ନିମନ୍ତେ ପାଠକମାନଙ୍କୁ ଜଣାଉଁ । ଯେବେ ମହାମାନ୍ୟ ସୁବିଜ୍ଞ ରାଜପ୍ରତିନିଧି ମହୋଦୟ ଉପରୋକ୍ତ ସଦାଶୟ ବ୍ୟକ୍ତିଗଣଙ୍କ ଉତ୍ସାହ ବର୍ଦ୍ଧନାର୍ଥ ଉପଯୁକ୍ତ ବିବେଚନାରେ ଯଥୋପଯୁକ୍ତ ସମ୍ମାନ ସୂଚକ ରାଜ ଖେତାବ ପ୍ରଦାନ କରନ୍ତି ତେବେ ଉତ୍କଳ ଗୌରବାନ୍ୱିତ ହେବ ମଧ୍ୟ ଅପର ଉପଯୁକ୍ତ ବ୍ୟକ୍ତିମାନେ ଉତ୍ସାହଯୁକ୍ତ ହୃଦୟରେ ନିଃସ୍ୱାର୍ଥ ଭାବରେ କାର୍ଯ୍ୟ କରିବାକୁ କଦାପି ତ୍ରୁଟି କରିବେ ନାହିଁ । ଏହି ମହାତ୍ମାମାନଙ୍କ ଗୁଣାବଳି ବର୍ଣ୍ଣନ କରି ଯେବେ କୌଣସି ଉପଯୁକ୍ତ କୃତବିଦ୍ୟ ଦେଶହିତୈଷୀ ମହୋଦୟ ମହାମାନ୍ୟ ରାଜପ୍ରତିନିଧି ମହୋଦୟଙ୍କ ଛାଡ ସାଇରେ ଆସିବା ନିମନ୍ତେ ସୁପଥ ପରିଷ୍କାର ରୂପ ଅର୍ପଣ କରନ୍ତି ତେବେ ସେ ଚିରସ୍ମରଣୀୟ ହୋଇ ଧନ୍ୟବାଦର ପାତ୍ର ହେବେ । ତାହା ନ ହେଲେ ଆମ୍ଭମାନଙ୍କର ଏ ଲେଖା ଅରଣ୍ୟ ରୋଦନ ଭିନ୍ନ ଅନ୍ୟ କିଛି ନୁହେ ଏ ହେତୁ ଶାନ୍ତ ରହିଲୁଁ । ମାତ୍ର ପରେ ସମୟ ଉପସ୍ଥିତ ହେଲେ ଏତତ୍ସମ୍ବନ୍ଧେ କିଞ୍ଚିତ ଲେଖିବାକୁ ମାନସ ରହିଲା । ଇତି ।

ଶ୍ରୀ —

---

# ବିଜ୍ଞାପନ ।

---


## WANTED

A Graduate strong in English for the Second Master of the Mayurbhanj H. E. School on a salary of Rs. 50 per mensem. Preference will be given to one with Honours in Mathematics.

Apply sharp to the Superintendent of Public Instruction, Mayurbhanj, Tributary State.

Baripada
The 8th July 1898

BRUNDABAN CHANDER PANDA
*Head Master.*

---

## NOTICE

Wanted a Head Master and Head Pundit for the Middle English School at Garpadda, thana Basta District Balasore on Rs. 20 and Rs. 10 respectively.

None need apply who has not passed the Entrance Examination for the former and the 3rd Yearly Punditship Examination for the latter.

Applications will be received by the undersigned upto the 31st July 1898.

Abdusubhan Khan
*President of Garpadda*
*M. E. School, Balasore.*

---

Notice is hereby given that the undermentioned scholarships under the Cuttack District Board have fallen vacant for the current year. Candidates are invited to apply to the undersigned before the 25th Instant in the following form.

NAME OF VACANT SCHOLARSHIPS.

2 Mayo scholarships at Rs. 10 each a month tenable for 2 years.
2 Dhenkanal scholarships @ Rs. 8 each a month for 2 years.
2 Do. do. @ Rs. 4 each a month for 2 years.
1 Maurbhanj scholarship @ Rs. 7 each a month for 2 years.
1 Talcher Do. @ Rs. 2 each a month for 2 years.

FORM OF APPLICATION.

1 Name of the candidate
2 Name of his father and his father's occupation.
3 Residence temporary or permanent. If the candidate be domiciled in Orissa, for how many generations he has been so domiciled.


Split by PDF Splitter
Digitized by srujanika@gmail.com

Split by PDF Splitter



4 What examination the canditate has passed, and the division in which he has passed, and whether in the 1st chance or otherwise.

5 The name of the school and the class of the school in which he is reading.

6 Certificate from respectable persons about the character and circumstances of the candidate.

7 Remarks giving other particulars which the candidate may wish to give.

Cuttack District Board Office.
The 9th July 1898.

J. C. CHUNDER
Vice Chairman.

ଯେହେତୁ କଟକ ଜିଲ୍ଲା ଅନ୍ତର୍ଗତ ସଦରଥାନା । ପ । ଡମପଡ଼ା ଅନ୍ତର୍ଗତ । ମୌ । ଭଗିପୁରରେ ଏକଗୋଟା ନୂତନ କାଞ୍ଜିହାଉସ ହେବାର ମଞ୍ଜୁର ହୋଇଅଛି ଉକ୍ତ କାଞ୍ଜିହାଉସ ସନ ୧୮୯୮ ମସିହା ଯୁଲାଇ ମାସର ତା୧୦ ଖରଖ ଠାରୁ ସନ ୧୯୦୧ ମସିହା ମାର୍ଚ୍ଚ ମାସ ତା୩୧ ଖରଖ ପର୍ଯ୍ୟନ୍ତ ବ୬।୮।୧୫ ଦର ନିମନ୍ତେ ସନ ୧୮୯୮ ମସିହା ଯୁଲାଇ ମାସ ତା ୧୩ ଖରଖ ସୋମ ବୁଧବାର ଦିବା ସ ୧୨ ଘଣ୍ଟା ସମୟରେ କଟକ ସଦର ଲୋକେଲବୋର୍ଡ ଅଫିସରେ ଶ୍ରୀଯୁକ୍ତ ଚେୟାରମେନ ସାହେବଙ୍କ ହଜୁରରେ ପ୍ରକାଶ୍ୟ ଡାକ ନିଲାମଦ୍ୱାରା ଏ ଇଜାରା ବନ୍ଦୋବସ୍ତ କରାଯିବ ଅତଏବ ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଯେଉଁମାନେ ଡାକନିଲାମରେ ଇଜାରା ନେବାକୁ ଇଚ୍ଛାକରନ୍ତି ସେମାନେ ଉକ୍ତ ଉପରଲିଖିତ ନିରୂପିତ ତାରିଖରେ ନିଲାମସ୍ଥାନରେ ଉପସ୍ଥିତ ହୋଇ ଡାକନିଲାମରେ ଇଜାରା ନେଇ ପାରିବେ ଯାହାଙ୍କ ଡାକ ସର୍ବାପେକ୍ଷା ଉଚ୍ଚ ହେବ ଓ ଯାହାପ୍ରତି କୌଣସି ଆପତ୍ତି ନ ଥିଲେ ତାଙ୍କର ଡାକରେ ନିଲାମ ସ୍ଥିର କରାଯିବ ନିଲାମ ସମାପ୍ତ ତତ୍କ୍ଷଣାତ୍ ଅର୍ଥାତ୍ ନିଲାମ ଡାକ ସ୍ଥିର ହେଲାକ୍ଷଣି ନିଲାମୀ ଇଜାରାନିଲାମ ମନର ଚତୁର୍ଥାଂଶ ଜାମିନସ୍ୱରୂପ ଅଗ୍ରିମ ଦାଖଲ କରିବେ ବାକି ନିୟମମତ ନିରୂପିତ କିସ୍ତି ଅନୁସାରେ ଦାଖଲ କରିବାକୁ ହେବ ଉକ୍ତ ଚତୁର୍ଥାଂଶ ଟଙ୍କା ନିଲାମ ଶେଷ ହେବାମାତ୍ରେ ଦାଖଲ ନ ହେଲେ ପୁନଃ ନିଲାମ କରାଯିବ ଓ ପ୍ରତ୍ୟେକ ବ୍ୟକ୍ତିର ଜଣେ ଜଣେ ସେହି ବ୍ୟକ୍ତିର ପ୍ରଥମ ତାରିଖରେ ଅଗ୍ରିମ ଦେବାକୁ ହେବ ନ ହେଲେ ତହିଁର ଯେ କ୍ଷତି ହେବ ତାହା ତ୍ରୁଟିକାରିଙ୍କୁ ଦେବାକୁ ହେବ ନିଲାମ ସ୍ଥିର ହେଲାରୁ ତହିଁରା ଲିଖିତ ଷ୍ଟାମ୍ପ କାଗଜରେ ବୋର୍ଡ ଚେୟାରମେନଙ୍କ ନିରୂପିତ ସର୍ତ୍ତ ଅନୁସାରେ ଶ୍ରୀଭମତ କବୁଲିୟତ୍ ଲେଖିଦେଇ ରେଜେଷ୍ଟାରୀ କରି ଦେବେ ଉପରୋକ୍ତ ନିଲାମ ଆଦି ସମ୍ବନ୍ଧୀୟ କୌଣସି ସମ୍ବାଦ ବୁଝିବାକୁ ଆବଶ୍ୟକ ହେଲେ ସଦର ଲୋକେଲବୋର୍ଡ ଅଫିସରେ ହାଜର ହୋଇ ବୁଝିପାରିବେ ।

M. DAS
*Vice Chairman.*
*Sudder Local Baard*

---


## ଦୀର୍ଘକାଳର ପରୀକ୍ଷିତ ।

# ଯାଦୁର ଅବ୍ୟର୍ଥ ମହୌଷଧ ।

ସର୍ବପ୍ରକାର ଦଦ୍ରୁ ରୋଗର ଏହାପରି ଶୀଘ୍ର ଫଳପ୍ରଦ ଔଷଧ ଆଉ ଦ୍ୱିତୀୟ ଦେଖା ଯାଇ ନାହିଁ ।

ମୂଲ୍ୟ ପ୍ରତିଡବା ଟ ୦।୬ ଛ ଅଣା । ମାଶୁଲ ଓ ଭିଃ ପିଃ ଖର୍ଚ୍ଚା ସ୍ୱତନ୍ତ୍ର । ଏକତ୍ରରେ ଅଧିକ ନେଲେ ବିଶେଷ ସୁବିଧା ଅଛି ।

ଏହି ଔଷଧର ବିଶେଷ ଗୁଣ ଏହି ଯେ ଏହା ଲଗାଇବା ମାତ୍ରେ କେବଳ ଦୁଇ ତିନି ଦିନ ମଧ୍ୟରେ ଯେତେ କଠିନ ଅସାଧ ଦଦ୍ରୁରୋଗ ହେଉ ନା କାହିଁକି ଫଳ ନ ଦେଖାଇ ଛାଡ଼ିବ ନାହିଁ । ଏହେତୁ ଯାଦୁରୋଗଗ୍ରସ୍ତ ପ୍ରତ୍ୟେକ ବ୍ୟକ୍ତିଙ୍କ ସାହସ କରି ବୋଲା ଯାଇଅଛି: ଅନ୍ତତଃ ଥରେ ହେଲେ ଏହାକୁ ପରୀକ୍ଷା କରି ଦେଖିବାକୁ କଦାପି ଉପେକ୍ଷା ନ କରନ୍ତୁ, ଶତ ଶତମାନ ନାହିଁ ବରଂ ଅଶେଷ ଉପକାରର ସମ୍ଭାବନା, ଅଛି । ଶତ ଶତ ବ୍ୟକ୍ତି ଏଥିରେ ରୋଗମୁକ୍ତ ହୋଇ ସ୍ୱ ଇଚ୍ଛାରେ ଏହାର ଉପକାରିତା ସ୍ୱୀକାର କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ।

## ବିଶେଷ ଦ୍ରଷ୍ଟବ୍ୟ ।

ଯେ କେହି ଔଷଧ ପାଇଁ ପ୍ରାର୍ଥୀ ହେବେ ସେ ଯେମନ୍ତ ଆପଣାର ନାମ, ଧାମ ଡାକଘର ଜିଲ୍ଲା ଏବଂ ଔଷଧ କେତେ ଡବା ନେବେ ଏମାନ ସ୍ପଷ୍ଟରୂପେ ଲେଖିବାକୁ କଦାପି ଭୁଲିବେ ନାହିଁ ।

ପ୍ରାପ୍ତିସ୍ଥାନ
ଶ୍ରୀ ରାମତାରକ ସେନ
ହେଡ ଉତ୍କଳପ୍ରେସ, ବାଲେଶ୍ୱର ।


---


# ବିଜ୍ଞାପନ ।

ଶୂଦ୍ରମୁନି ଶାରଳାଦାସଙ୍କର ଅଷ୍ଟାଦଶପର୍ବ
ସଚିତ୍ର

## ମହାଭାରତ ।

ଏହା ଓଡ଼ିଶାବାସିଙ୍କର ଅପରିଚିତ ଗ୍ରନ୍ଥ ନୁହେ । ଏହାକୁ ଭକ୍ତିପୂର୍ବକ ଶ୍ରବଣ ଓ ପାଠ କରି ଲୋକେ ଅଭିଳଷିତ ସୁଫଳ ପ୍ରାପ୍ତ ହେଉଥିବାରୁ ଏହାର ଆଦର ଯେମନ୍ତ ଅଧିକ ତାହା ପ୍ରାପ୍ତିର ଅଭାବ ତଦ୍ରୂପ ଅତଏବ ଧର୍ମପ୍ରାଣ ପାଠକ ମଣ୍ଡଳୀ ଏଥିର ମୁଦ୍ରାଙ୍କନ ବିଷୟରେ ଦୃଢ଼ସଂକଳ୍ପ ହୋଇଅଛନ୍ତି ଅତଏବ ଉକ୍ତ ଅଭାବ ପୂରଣ ହେବାର ସମ୍ଭବ ।

ଏହା ଅତିଶୟ ବୃହତ୍ ଗ୍ରନ୍ଥ ଏଥିର ମୂଲ୍ୟ ସୁଲଭ କରିବାରେ ତ୍ରୁଟି ହେବ ନାହିଁ । ସୁନ୍ଦର ସୁନ୍ଦର ଚିତ୍ର ମଧ୍ୟ ଦିଆ ଯାଇଅଛି ଓ ପ୍ରତ୍ୟେକ ଖଣ୍ଡରେ ସ୍ଥାନବିଶେଷରେ ଦିଆ ଯିବ । ସାଧାରଣଙ୍କ ସୁବିଧା ନିମନ୍ତେ ଏକ ଏକ ପର୍ବ ବିକ୍ରୟ ହେବ । କ୍ରମେ କ୍ରୟ କଲେ ମୂଲ୍ୟ ବିଷୟ କାହାରିକି ବାଧିବ ନାହିଁ । ବର୍ତ୍ତମାନ ସଚିତ୍ର କର୍ଣ୍ଣ, ଶଲ୍ୟ, ଗଦା, କାଇଁଶିକା ଓ ଶାନ୍ତି ଓ ନାଶ୍ରି ପର୍ବ ଛପା ହୋଇ କଟକ ପ୍ରିଣ୍ଟିଂକମ୍ପାନିଙ୍କ ଯନ୍ତ୍ରାଳୟ ବିକ୍ରୟ ହେଉଅଛି ।

| | | |
|---|---|---|
| କର୍ଣ୍ଣପର୍ବ | ଟ ୦।୬ | ଡାକମାସୁଲ ଟ ୦୧୬ |
| ଶଲ୍ୟପର୍ବ | ଟ ୦।୦ | " ଟ ୦୧୬ |
| ଗଦାପର୍ବ | ଟ ୦। | ଡାକମାସୁଲ ଟ ୦୧୬ |
| କାଇଁଶିକାପର୍ବ | ଟ ୦।/ | " ଟ ୦୧୬ |
| ନାଶ୍ରି ଓ ଶାନ୍ତିପର୍ବ | ଟ ୦।୦ | " ଟ ୦୧୬ |


---

ଅମ୍ଭର ଗୋଟିଏ ସଦାବର୍ତ୍ତ ଅଛି ସେଠାରେ ଯେଉଁ ଦୁଃଖୀ ଦରିଦ୍ର ପଥିକ ଓ ସାଧୁ ବୈଷ୍ଣବମାନେ ଉପସ୍ଥିତ ହୁଅନ୍ତି ସେମାନଙ୍କ ଭୋଜନସାମଗ୍ରୀ ଏବଂ ରାସ୍ତାଖର୍ଚ୍ଚ ବିବେଚନା ମତେ ଦିଆଯାଏ । ବର୍ତ୍ତମାନ କେତେକ ଦିନ ହେଲା ଏହି ସଦାବର୍ତ୍ତକୁ ବିଶେଷ ଅଭ୍ୟାଗତ ଆସୁ ନ ଥିବାରୁ ଆମ୍ଭେ ନିତାନ୍ତ ଚିନ୍ତିତ ଅଛୁଁ । ଏତଦ୍ଦ୍ୱାରା ତୀର୍ଥବାସି ସାଧୁ ବୈଷ୍ଣବମାନଙ୍କ ପାଦପଦ୍ମରେ ଜଣାଉଅଛୁଁ କି ସେମାନେ ତୀର୍ଥକୁ ଯିବା ସମୟରେ ଆମ୍ଭର ଏହି ସଦାବର୍ତ୍ତକୁ ଆଗମନ କଲେ ଆମ୍ଭର ସାଧ୍ୟ ଅନୁସାରେ ସେମାନଙ୍କର ଚର୍ଚ୍ଚା କରି ଆପଣାର ଜୀବନକୁ ଚରିତାର୍ଥ କରିବୁ । ଇତି ୧୦।୬।୯୮

ଶ୍ରୀ ମହାଜନ ଦାଳ ସାହୁ
। ଥା । ଜଳସର ବ୍ରହ୍ମପୁର । ପ୍ର । ବରୁଆ
ଯାଜପୁର ସଃ ଡିବିଜନ
ଜିଲ୍ଲା କଟକ

---

ଦ୍ୱିତୀୟ ସଂସ୍କରଣ ।

## ସବଳ-ଶରୀର ରକ୍ଷା ।

ପରିବର୍ତ୍ତିତ ଓ ନୂତନ ଚିତ୍ରପ୍ରଦତ୍ତ ।

ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି ଯେ ଆମ୍ଭ ଦ୍ୱାରା ଉପରୋକ୍ତ ପୁସ୍ତକ, ବେଙ୍ଗଲଗଭର୍ଣ୍ଣ-

Digitized by srujanika@gmail.com

ମେଣ୍ଟ ପ୍ରଭୃତି ଶିକ୍ଷାବିଭାଗୀୟ ଡାଇରେକ୍ଟର ସା- ହେବଙ୍କ କର୍ତ୍ତୃକ ଅନୁମୋଦିତ ହୋଇ ଉତ୍କଳ ଶିକ୍ଷା ବିଭାଗୀୟ ଇନ୍ସପେକ୍ଟର ମହୋଦୟଙ୍କ କର୍ତ୍ତୃକ ସମଗ୍ର ଉତ୍କଳର ଅପରପ୍ରାଇମେରୀ ଏବଂ ଲୋଅର ପ୍ରାଇମେରୀ ବିଦ୍ୟାଳୟ ସମୂହରେ ପାଠ୍ୟ ପୁସ୍ତକରୂପେ ନିର୍ଦ୍ଦିଷ୍ଟ ହୋଇ ପ୍ରଚଳିତ ହେଉଅଛି । ଏହି ପୁସ୍ତକ ବର୍ତ୍ତମାନ କଟକ- ପ୍ରିଣ୍ଟିଂକୋମ୍ପାନୀଙ୍କ ଯନ୍ତ୍ରାଳୟରେ ୧୫୦୦୦ ଶ୍ରେଣୀ ହୋଇ ବିକ୍ରୟାର୍ଥେ ପ୍ରସ୍ତୁତ ଅଛି । ପ୍ରତିଖଣ୍ଡର ମୂଲ୍ୟ ଦୁଇଅଣା ।

ସରଳ ଶିକ୍ଷାଲିପିସାର ଦ୍ୱିତୀୟଭାଗ ପ୍ରତିଖଣ୍ଡର ପାଞ୍ଚପଇସା

ଔଷଧାଳୟ ମେଡିକେଲ ହଲ ବାଲୁବଜାର କଟକ } ଡାକ୍ତର ଶ୍ରୀ ସ୍ୱର୍ଣ୍ଣକୃଷ୍ଣପ୍ରସାଦ

## ଧ୍ରୁବଲୀଳା ।

ଆଜପର୍ଯ୍ୟନ୍ତ ଯେତେ ପୁଥିଙ୍ଗି ବାହାର ଅଛି ତନ୍ମଧ୍ୟରେ ଏମନ୍ତ ବହି ଦେଖାଯାଇ ନାହିଁ ଏହା ସର୍ବୋତ୍କୃଷ୍ଟ ବୋଇଲେ ଅତ୍ୟୁକ୍ତି ହେବ ନାହିଁ ୧୦୬ ପୃଷ୍ଠାରେ ଧ୍ରୁବ ଜନ୍ମଠାରୁ ଧ୍ରୁବଲୋକ ଗମନପର୍ଯ୍ୟନ୍ତ ନାନାବିଧ ସୁଆଙ୍ଗ ସୁଲଳିତ ରାଗରେ ଲେଖିଅଛନ୍ତି, ପାଠକେ ଥରେ ପାଠ କଲେ ଏଥି- ର ମର୍ମ ଜାଣିପାରିବେ ବିଶେଷ ଲେଖିବା ବାହୁଲ୍ୟ ।

କଟକପ୍ରିଣ୍ଟିଂ କମ୍ପାନୀଙ୍କ ଯନ୍ତ୍ରାଳୟରେ ବିକ୍ରୟ ହେଉଅଛି ଏଥିର ମୂଲ୍ୟ ଟ ୦।୵ ମୋଫସଲ ଗ୍ରାହକଙ୍କୁ ମୂଲ୍ୟଇତ୍ୟାଦି ଟ ୦।୭ ଡାକମାସୁଲ ପଡିବ ।

ବାମନଦ୍ୱିବେଦୀ ।



ସିଲ୍‌ଭରକେଶ ମୂଲ୍ୟ ଟ ୬।୯

ଗ୍ରାହକେ କଲିକତା ଠାରୁ ଏଠାରେ ପାଇ ପାରିବେ ଏହାଛଡ଼ା ନାନାପ୍ରକାର ଔଷଧ ଅମ୍ଭ ଦୋକାନରେ ବିକ୍ରୀପାଇଁ ପହଞ୍ଚି ଅଛି ।

ଯାହାଙ୍କର ଯେ ପ୍ରକାର ପ୍ରୟୋଜନ ସେ ଅମ୍ଭ ଦୋକାନରେ ତତ୍ତ୍ୱ କଲେ ସମସ୍ତ ବିଷୟ ବୁଝି ପାରିବେ ମୋଫସଲ ଗ୍ରାହକ ଲେଖାକଲେ ଡେଲି- ଭରୀ ପାଇ ପାରିବେ ।

ଔଷଧ୍ୱବଜାର କଟକ } ସେଖ ଅବଦୁଲ୍‌ଅଜିଜ ଔଷଧ ମେକର ଓ ଡ୍ରଗିଷ୍ଟ

## ବିଜ୍ଞାପନ ।

ଏହି କଟକ ପ୍ରିଣ୍ଟିଂକମ୍ପାନୀ ଦ୍ୱାରାରେ କଟକଟାଇପ ଫାଉଣ୍ଡ୍ରୀ କମ୍ପାନୀଦ୍ୱାରା ଅକ୍ଷରଢାଳିବା କାର୍ଯ୍ୟ ହେଉଅଛି । ଇଂଲିସ ଓ ସ୍କୁଲପାଇକା ସାଇଜର ଓଡ଼ିଆଅକ୍ଷର ଓ ଇଂରାଜୀ ସ୍କୁଲପାଇକା ଅକ୍ଷର ଏବଂ ନାନାପ୍ରକାର ଷ୍ଟାଇଟଲ ନଲ୍‌ସ କୌଣସି ଛାପାଖାନା ପାଇଁ କାହାର ପ୍ରୟୋଜନ ହେଲେ ସେ ଅମ୍ଭଙ୍କୁ ବରାଦ ଦେଲେ ଅମ୍ଭେ ଯୋଗାଇ ପାରିବୁଁ । ଆବେଦନ କଲେ ଅକ୍ଷରର ନମୁନା ଦେଖି ଦର ଜାଣି ପାରିବେ ।

ଦରଘାବଜାର କଟକ } ଶ୍ରୀ ଗୌରୀଶଙ୍କର ରାୟ ମାନେଜର

## ବନାରସ ମାଲ ।

ବନାରସରେ ଅମ୍ଭର ଗୋଟିଏ ବାଣିଜ୍ୟ କୋଠି ଅଛି । ଉଚିତ ମୂଲ୍ୟରେ ସର୍ବସାଧାର- ଣଙ୍କୁ ବନାରସୀ ମାଲ ଯୋଗାଇବା ଅମ୍ଭର କାର୍ଯ୍ୟ ଅମ୍ଭେ ଭାରତର ନାନାସ୍ଥାନବାସୀ ରାଜା, ଜମି- ଦାରମାନଙ୍କୁ ବିଶ୍ୱସ୍ତଭାବରେ ବହୁକାଳ ମାଲ ଯୋଗାଇ ଆସୁଅଛୁଁ । ଅମ୍ଭ ସହିତ କାରବାର କଲେ କେହି କୌଣସି ପ୍ରକାରେ ପ୍ରତାରିତ ହେବାର ଚିହ୍ନମାତ୍ର ଆଶଙ୍କା ନାହିଁ । ବାମଣ୍ଡା, ଢେଙ୍କାନାଳ, ପାଟନା, ଅଠମଲ୍ଲିକ, ସମ୍ବଲପୁର, ଝଲେଇକଲା ପ୍ରଭୃତି ରାଜ୍ୟର ମହାରାଜ ବାହାଦୁରମାନଙ୍କ ନିକଟରେ ତତ୍ତ୍ୱ କଲେ ଅମ୍ଭର ଥିବା ସୁଖ୍ୟାତି ଥିବାର ଜଣା ପଡ଼ିବ ଯାହାଙ୍କର ଯେ ବସ୍ତୁ ଦ୍ରବ୍ୟ ଆବଶ୍ୟକ ହେବ ଲେଖି ପଠା- ଇଲେ ଅବିଳମ୍ବେ ଭେଲ୍ୟୁପେବଲ ପାର୍ସଲରେ ପଠାଇ ଦିଆଯିବ । ମାଲ ମନୋନୀତ ନ ହେଲେ ବା ମୂଲ୍ୟ ଅଧିକ ବୋଧ ହେଲେ ଅନ୍ୟ ମାଲ ବଦଳାଇ ଦିଆଯିବ ବା ଟଙ୍କା ଫେରି ଦିଆଯିବ ଏହିଠାରୁ ମାଲଗୁଡ଼ିକ ସୁଲଭ ମୂଲ୍ୟରେ ଗ୍ରାହକଙ୍କୁ ଦେବାକୁ ପଡ଼ିବ

ଅମ୍ଭର ବାଣିଜ୍ୟ କୋଠିରେ ନିମ୍ନଲିଖିତ ପଦାର୍ଥମାନ ବିକ୍ରୟ ନିମନ୍ତେ ସର୍ବଦା ପ୍ରସ୍ତୁତ ଥାଏ । ଯଥା ବନାରସୀ ଜରିକାମ ଶାଢ଼ୀ, ଯୋଡ଼ ଚଦର, ଟୋପି, କୋଟ, ପଗଡ଼ି, ବିଂଶାଣ କାମ୍ବା, ସୁନ୍ଦର ଦୋପଟ୍ଟା ମଖମଲ, ଜରିରେ କାମ କରା ଫେଟା, ରୁମାଲ, ଶାଲ ଏବଂ ନାନା ପ୍ରକାର ରଙ୍ଗୀନ ଛିଟ ଅଙ୍ଗୀ ପ୍ରଭୃତି ।

ଏହା ଛଡ଼ା ସୁନା ରୂପାର ବାସନ, ସୁନା, ରୂପାର ଗିଲଟି କରା ହାରର ଗହଣା ପ୍ରଭୃତି ପଦାର୍ଥ ବରାଦ ଅନୁସାରେ ତିଆର କରାଇ ଦେଉଁ । ବରାଦ ଦେବାବେଳେ ନ୍ୟୁନମାନରେ ମୂଲ୍ୟର ଚତୁର୍ଥାଂଶ ଅଗ୍ରିମ ଦେବାକୁ ହେବ । କେହି ବେଶୀ ମାଲ କ୍ରୟ କରିବାର ଇଚ୍ଛା କରି ପତ୍ର ଲେଖିଲେ ଅମ୍ଭର କର୍ମଚାରୀ ବା ଅମ୍ଭେ ସ୍ୱୟଂ ଯାଇ ପାରୁଁ ।

ଡାକରେ ପତ୍ର ପଠାଇ ପଦାର୍ଥ ମଗାଇ- ଲେ ମାଲ କେଉଁ ଠିକଣାରେ ବା ଉପାୟରେ (ଅର୍ଥାତ୍ ଡାକରେ ବା ରେଲରେ) ପଠାଇ- ବାକୁ ହେବ ଲେଖିବା ଆବଶ୍ୟକ । ଉତ୍କଳରେ ବିଶେଷ କାରବାର ଥିବାରୁ ଜଣେ ଓଡ଼ିଆ ମୋହରିର ରଖିଅଛୁଁ ସୁତରାଂ ଓଡ଼ିଆରେ ପତ୍ର ଲେଖିଲେ ତଦନୁସାରେ କାର୍ଯ୍ୟ କରି ପାରିବୁଁ ପତ୍ରର ଲଫାଫା (ବହିରାବରଣ) ଉପରେ ଅମ୍ଭର ନାମ ଓ ଠିକଣା ହିନ୍ଦି ବା ଇଂରାଜୀରେ ଲେଖିଲେ ଶୀଘ୍ର ଅଥଚ ନିରାପଦରେ ଅମ୍ଭର ହସ୍ତଗତ ହେବ ।

ଶ୍ରୀ ପାଲୁମାଲ ଭୋଲାନାଥ
ଭୁତ୍ତଗଲି ପାଟକ ବନାରସ ସିଟି

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | [illegible] |
| ଅନ୍ୟୁନ [illegible] | ୮ [illegible] |
| [illegible] ଏକ ସମୁଦ୍ର | ୫ [illegible] |

ମାତ୍ର କୌଣସି ବିଜ୍ଞାପନ [illegible] ଅଧିକ ହେଲେ ଶତକରା ଟ ୨ ୫ ରୁ ଦିଆଯିବ [illegible] ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଶତକରା [illegible] ଅଧିକ ବେଳା ଓ ତୃତୀୟ ଥର ଠାରୁ [illegible]

ଅଧିକ ଥର ସକାଶେ ମୂଲ୍ୟ [illegible] ହୋଇଥାଏ

ବିଜ୍ଞାପନର ମୂଲ୍ୟ [illegible] ଅଗ୍ରିମ ଦେବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ପ୍ରିଣ୍ଟି ଦରଘାବଜାର କମ୍ପାନୀର ଯନ୍ତ୍ରାଳୟରେ ମୁଦ୍ରିତ ଓ ପ୍ରକାଶିତ ହେଲା ।

Split by PDF Splitter
Digitized by srujanika@gmail.com